# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧/୨୦୨୪ (୧୬ ପୃଷ୍ଠା) Bhubaneswar, Tuesday, October 1/2024 Page 16 ₹ 7.00

୫୦ଶ ଭାଗ ୩୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 308 ମୂଲ୍ୟ ₹୭/-




**କୋହଲି ବିଶ୍ୱର ଚତୁର୍ଥ**

ଟେଷ୍ଟ କ୍ରିକେଟରେ ୨୭,୦୦୦ ରନ ପୂରଣ କରିବାରେ ବିଶ୍ୱର ୪ର୍ଥ ଖେଳାଳି ହୋଇପାରିଛନ୍ତି ଭାରତୀୟ ବ୍ୟାଟର ବିରାଟ କୋହଲି।

୧୪

୧୩

**ପ୍ରଥମ ପ୍ରଯୋଜିତ ଫିଲ୍ମକୁ ନେଇ ଆଶାବାଦୀ କ୍ରିତି**

ଅଭିନେତ୍ରୀ କ୍ରିତି ସାନନଙ୍କ ପ୍ରଡକ୍ସନ ହାଉସ୍‌ର ପ୍ରଥମ ଫିଲ୍ମ 'ଦୋ ପତି'କୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି।






କୋଲକାତାରେ ଏକ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ଏକ ଅଭିନବ ତୋରଣ।

# ଭଗବାନ୍‌ଙ୍କୁ ରାଜନୀତିରୁ ଦୂରେଇ ରଖ

## ତିରୁପତି ଲଡ୍ଡୁ ବିବାଦରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୩୦।୯(ପି.ଟି.)

ତିରୁପତି ଲଡ୍ଡୁ ବିବାଦ ମାମଲାରେ ସୁପ୍ରିମକୋର୍ଟ ସୋମବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଅଭିଯୋଗ ଉପରେ ପ୍ରଶ୍ନ ଉଠାଇଛନ୍ତି। ଲଡ୍ଡୁ ପ୍ରସ୍ତୁତିରେ ପ୍ରାଣୀ ଚର୍ବି ବ୍ୟବହାର ହେଉଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ଅଦାଲତ ପ୍ରମାଣ ମାଗିବା ସହ ଅନ୍ତତଃ ଭଗବାନଙ୍କୁ ରାଜନୀତିଠାରୁ ଦୂରେଇ ରଖିବା ଉଚିତ ବୋଲି କହିଛନ୍ତି।

ଜଗନମୋହନ ରେଡ୍ଡୀଙ୍କ ସରକାର ଅମଳରେ ତିରୁପତି ଲଡ୍ଡୁ ପାଇଁ ବ୍ୟବହୃତ ଘିଅରେ ଗୋରୁ ଚର୍ବି, ମାଛ ତେଲ ଆଦି ଅପମିଶ୍ରଣ ହେଉଥିବା ନେଇ ଚନ୍ଦ୍ରବାବୁ ସେପ୍ଟେମ୍ବର ୧୮ରେ ଅଭିଯୋଗ ଆଣିଥିବାବେଳେ ୨୫ରେ ଏତଲା ଦାଏର ହୋଇଥିଲା ଓ ଏହାର ତଦନ୍ତ ପାଇଁ ୨୬ରେ ଏସ୍‌ଆଇଟି ଗଠନ କରାଯାଇଥିଲା। ଏହାକୁ ନେଇ ରାଜନୈତିକ ବିବାଦ ଜୋର ଧରିଥିବାବେଳେ ନିଜର ଫାଇଦା ପାଇଁ ଚନ୍ଦ୍ରବାବୁ ଏଭଳି ଜଘନ୍ୟ ଅଭିଯୋଗ ଅଣିଥିବା ଜଗନ କହିଥିଲେ। ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ଜଣେ ବ୍ୟକ୍ତିଙ୍କ ପକ୍ଷେ ବିନା ପ୍ରମାଣରେ ଅନେକ କୋଟି ଲୋକଙ୍କ ଭାବାବେଗକୁ ପ୍ରଭାବିତ କଲାଭଳି ମନ୍ତବ୍ୟ ସର୍ବସାଧାରଣରେ ଦେବା ଉଚିତ ନ ଥିଲା ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି। ଉକ୍ତ ମାମଲା ରାଜ୍ୟ ସରକାରଙ୍କ ନିଯୁକ୍ତ ଏସ୍‌ଆଇଟି ଦ୍ୱାରା ଜାରି ରହିବା ଉଚିତ ନା ନିରପେକ୍ଷ ସଂସ୍ଥା ଦ୍ୱାରା କରାଯିବ, ସେନେଇ ନିଷ୍ପତ୍ତି ନେବାରେ ସହଯୋଗ କରିବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପଚାରିଛନ୍ତି। ଲଡ୍ଡୁ ତିଆରିରେ ପ୍ରାଣୀ ଚର୍ବି ବ୍ୟବହାର ଅଭିଯୋଗର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଇବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଏକାଧିକ ପିଟିଶନ ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ଶୁଣାଣି ବେଳେ ଖଣ୍ଡପୀଠ ଲଡ୍ଡୁରେ ବ୍ୟବହୃତ ଅପମିଶ୍ରିତ ଘିଅର ପ୍ରମାଣ ମାଗିଛନ୍ତି।

ମେହେଟ୍ଟା କହିଥିଲେ, ଏହା ବିଶ୍ୱାସର ପ୍ରସଙ୍ଗ। ତିରୁପତି ଲଡ୍ଡୁ ପ୍ରସ୍ତୁତିରେ ଯଦି ଅପମିଶ୍ରିତ ଘିଅ ବ୍ୟବହାର ହେଉଥାଏ, ତାହା ଗ୍ରହଣୀୟ ନୁହେଁ। ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩କୁ ଧାର୍ଯ୍ୟ କରାଯାଇଛି।

**ଆଜିର ମନ୍ତବ୍ୟ**

"ଗରିବଙ୍କଠାରୁ ଟଙ୍କା ଛଡ଼ାଇନେଇ କେତେଜଣ ବିଲିଅନେୟାରଙ୍କୁ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାଭାରତ ଭଳି 'ଚକ୍ରବ୍ୟୂହ' ନିର୍ମାଣ କରିଛନ୍ତି।

– ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

**୪୮୯ କଇଁଛ ଜବତ, ୨ ଗିରଫ**

**ସେବାୟତଙ୍କ ଘର ମାଟିତଳୁ ମିଳିଲା ସୁନା ମୂର୍ତ୍ତି, ଅଳଙ୍କାର**

ପୃଷ୍ଠା-୩






**ଆଜିର ସମ୍ପାଦକୀୟ**

ଏକ ନମ୍ବର ପଛରେ

# ସୁକିନ୍ଦାରେ ଅନରକିଲିଂ

## ଅନ୍ୟ ଜାତିର ଝିଅକୁ ବାହାହେବାରୁ ପୁଅକୁ ହତ୍ୟା

**ଅନ୍ୟ ଜାତିର ଝିଅକୁ ଭଲ ପାଇବସିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ପ୍ରେମିକାଙ୍କୁ ବାହାହେଲେ। ଫଳରେ ସମ୍ମାନହାନିଜନିତ ଗ୍ଲାନିରେ ଜର୍ଜରିତ ପରିବାରବର୍ଗ ପୁଅକୁ ଘରୁ ବାହାର କରିଦେଲେ। ହେଲେ ବାହାଘରର ପ୍ରାୟ ୫ ବର୍ଷ ପରେ ମଧ୍ୟ ପୁଅ ପ୍ରତି ସେମାନଙ୍କ ଘୃଣା କମି ନ ଥିଲା। ଶେଷରେ ଦେଇଥିବା ଟଙ୍କା ବାପାଙ୍କୁ ଫେରସ୍ତ ମାଗିବାରୁ ପୁଅକୁ ପରିବାର ଲୋକେ ହତ୍ୟା କରିଦେଇଥିବା ଯାଜପୁର ଜିଲା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକଙ୍କ ସ୍ତ୍ରୀ ଗତ ୧୯ ତାରିଖରେ ଏଭଳି ଅନରକିଲିଂ ଅଭିଯୋଗ ଆଣିଛନ୍ତି। ଘଟଣାକୁ ଚାପିଦେବାକୁ ଉଦ୍ୟମ ହୋଇଥିବାବେଳେ ଏବେ ଏ ବିଷୟ ଜଣାପଡ଼ିଛି।**



ସୁଶୀଲ ଓ ବିଜୟଲକ୍ଷ୍ମୀ

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ ଶୁଭାଶିଷ ରାଉତ),୩୦।୯

ସୁକିନ୍ଦା ଗାଁର ଦେବରଞ୍ଜନ ସିଂ ସାମନ୍ତଙ୍କ ପୁଅ ସୁଶୀଲମୟ ସିଂ ସାମନ୍ତ କଳିଙ୍ଗନଗର ଥାନା ଡୁବୁରୀ ଅଞ୍ଚଳର ନୀଳମଣି ସାହୁଙ୍କ ଝିଅ ବିଜୟଲକ୍ଷ୍ମୀ ସାହୁଙ୍କୁ ପ୍ରେମ ବିବାହ କରିଥିଲେ। ବିଜୟଲକ୍ଷ୍ମୀ ଓବିସି ଏବଂ ସୁଶୀଲ କ୍ଷତ୍ରିୟ ଜାତିର। ତେଣୁ ସୁଶୀଲଙ୍କ ପରିବାର ଲୋକେ ସେମାନଙ୍କୁ ଘରୁ ବାହାର କରି ଦେଇଥିଲେ। ଫଳରେ ସୁଶୀଲ ଓ ବିଜୟଲକ୍ଷ୍ମୀ ସୁକିନ୍ଦା ଅଞ୍ଚଳର ଏକ ଭଡ଼ା ଘରେ ରହି ଆସୁଥିଲେ। ତାଙ୍କର ୪ ବର୍ଷର ଶିଶୁପୁତ୍ର ମଧ୍ୟ ରହିଛି। ସୁଶୀଲ ବାଙ୍ଗାଲୋରରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିବାବେଳେ କିଛି ମାସ ହେବ ଘରକୁ ଆସିଥିଲେ। ବିଜୟଲକ୍ଷ୍ମୀଙ୍କ ଅଭିଯୋଗ ଅନୁଯାୟୀ, ପରିବାର ଲୋକେ ପୂର୍ବରୁ ବିଭିନ୍ନ ସମୟରେ ସୁଶୀଲଙ୍କଠାରୁ ଉଧାର ଆକାରରେ ଲକ୍ଷାଧିକ ଟଙ୍କା ନେଇଥିଲେ। ଘର ତିଆରି କରିବାକୁ ଟଙ୍କା ଆବଶ୍ୟକ ପଡ଼ିବାରୁ ସୁଶୀଲ ତାଙ୍କ ବାପାଙ୍କୁ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ତାହାକୁ ନେଇ ମତଭେଦ ଆରମ୍ଭ ହୋଇଥିଲା। ଟଙ୍କା ନ ଦେଇ ବିଭିନ୍ନ ଆଳ ଦେଖାଉଥିଲେ ପରିବାର ଲୋକେ। ତେବେ ସୁଶୀଲ ପୁଣି ବାଙ୍ଗାଲୋର ଯିବା ପାଇଁ ଟଙ୍କା ଆବଶ୍ୟକ ପଡ଼ିବାରୁ ଗତ ୧୬ ତାରିଖରେ ☞ପୃଷ୍ଠା-୪

ଭରତପୁର ଥାନାରେ ନିର୍ଯାତନା ଘଟଣା

# ବିଚାରବିଭାଗୀୟ ତଦନ୍ତ ଆରମ୍ଭ

ଭୁବନେଶ୍ୱର,୩୦।୯(ସତ୍ୟଜିତ୍ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ସୋମବାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଏନେଇ କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସର୍କିଟ୍ ହାଉସରେ ପ୍ରଥମ ବୈଠକ ବସିଛି। ବୈଠକରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ, ଏସ୍‌ସିଆର୍‌ବି ଓ ଏସ୍‌ଏଫ୍‌ଏସ୍‌ଏଲ୍‌ର ନିର୍ଦ୍ଦେଶକ ସନ୍ତୋଷ ବାଲା, କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ☞ପୃଷ୍ଠା-୪

## ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ନିଲମ୍ବିତ ୫ ଅଧିକାରୀ

କଟକ,୩୦।୯(କାର୍ତ୍ତିକ ସାହୁ)

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କ ସହ ଘଟିଥିବା ପୋଲିସ ନିର୍ଯାତନା ଘଟଣାରେ ନିଲମ୍ବିତ ୫ ପୋଲିସ ଅଧିକାରୀଙ୍କୁ ଗିରଫଦାରୀ ଭୟ ଘାରିଛି। ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଯେକୌଣସି ସମୟରେ ନିଲମ୍ବିତ ପୋଲିସ ଅଧିକାରୀମାନଙ୍କୁ ଗିରଫ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯଦ୍ୱାରା ☞ପୃଷ୍ଠା-୪

# ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ

ନୂଆଦିଲ୍ଲୀ,୩୦।୯(ପି.ଟି.)

ବର୍ଷୀୟାନ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ ପାଇଁ ସୋମବାର ମନୋନୀତ କରାଯାଇଛି। ଏହି ସମ୍ମାନ ସିନେମା କ୍ଷେତ୍ରରେ ସରକାରଙ୍କ ସର୍ବୋଚ୍ଚ ସ୍ୱୀକୃତି। ମିଥୁନ୍‌ଙ୍କୁ ଦାଦାସାହେବ ଫାଲ୍‌କେ ମିଳିବା ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ୍ସ ଯୋଗେ ଘୋଷଣା କରିଛନ୍ତି। ତାଙ୍କ ଅଭିନୟ ବହୁ ପିଢ଼ିଙ୍କୁ ଅନୁପ୍ରାଣିତ କରିବ। ଭାରତୀୟ ସିନେମାକୁ ଅନନ୍ୟ ଅବଦାନ ପାଇଁ କିମ୍ବଦନ୍ତୀ ଅଭିନେତା ମିଥୁନ୍‌ଙ୍କୁ ଦାଦାସାହେବ ଫାଲ୍‌କେରେ ପୁରସ୍କୃତ କରିବା ନିମନ୍ତେ ଜୁରି ନିଷ୍ପତ୍ତି ନେଇଥିବା ବୈଷ୍ଣବ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୪



## ମୃଗୟା ମିଥୁନ୍‌ଙ୍କ ପ୍ରଥମ ଚଳଚ୍ଚିତ୍ର

୧୯୭୬ରେ ମୃଣାଳ ସେନ୍‌ଙ୍କ ନିର୍ଦ୍ଦେଶିତ ହିନ୍ଦୀ ଚଳଚ୍ଚିତ୍ର 'ମୃଗୟା' ମିଥୁନ୍‌ଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା। ଏଥିପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବେ ପ୍ରଥମ ଜାତୀୟ ପୁରସ୍କାର ପାଇଥିଲେ। କେ. ରାଜେଶ୍ୱର ରାଓ ଉକ୍ତ ଚଳଚ୍ଚିତ୍ରର ନିର୍ମାତା। ସ୍ୱନାମଧନ୍ୟ ଓଡ଼ିଆ ଗାଳ୍ପିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପ ଆଧାରରେ ମୃଗୟା ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ☞ପୃଷ୍ଠା-୪


DSPL - 129





**ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ**

୧ ଅକ୍ଟୋବର ୨୦୨୪

**ରାଜ୍ୟ ରକ୍ତ ସଂଞ୍ଚାରଣ ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

- ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା
- ନିରାପଦ ରକ୍ତ ସଂଞ୍ଚାରଣ ସୁନିଶ୍ଚିତ କରିବା
- ରକ୍ତ କେନ୍ଦ୍ରଗୁଡିକୁ ଆବଶ୍ୟକ ଭିତ୍ତିଭୂମି, ସାମଗ୍ରୀ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବା
- ଜାତୀୟ ରକ୍ତ ନୀତିକୁ ଅନୁସରଣ କରି କାର୍ଯ୍ୟକାରୀ କରିବା

**ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର;**

- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡିର ଗତି ପ୍ରତି ମିନିଟ ୬୦ରୁ ୧୦୦ ମଧ୍ୟରେ ଅଛି ଓ ନିୟମିତ ଅଛି
- ରକ୍ତଚାପ ସିଷ୍ଟୋଲିକ ୧୦୦ରୁ ୧୪୦ ମି.ମି. ଓ ଡାୟାଷ୍ଟୋଲିକ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ଅତି କମରେ ୧୨.୫ ଗ୍ରା.ରୁ ଅଧିକ ଅଛି
- ପାଟିର ତାପମାତ୍ରା ୩୭ ଡିଗ୍ରି ସେଲସିୟସରୁ ଅଧିକ ନାହିଁ

ଥାଲାସିମିଆ, ସିକିଲ୍‌ସେଲ୍, ହେମୋଫିଲିଆ ଆଦି ରୋଗୀମାନଙ୍କୁ ଚିକିତ୍ସାଳୟକୁ ଯାତାୟାତ ନିମନ୍ତେ ମାସିକ ୫୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ ଭଣ୍ଡାର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0078/2425

# କଶ୍ମୀର ନିର୍ବାଚନରେ ହେଜ୍‌ବୋଲ୍ଲା ତାତି

**ଆଜି ୪୦ ଆସନରେ ଭୋଟ**



ଶ୍ରୀନଗରରେ କଶ୍ମୀରୀ ଶିୟା ମୁସଲମାନ ଇସ୍ରାଏଲ ଓ ଆମେରିକା ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।



ହେଜ୍‌ବୋଲ୍ଲାର ମୃତ ନେତା ହସନ୍ ନସ୍‌ରଲ୍ଲାଙ୍କୁ ସମର୍ଥନ କରିଥିବାରୁ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କ ବିରୋଧରେ ଅମୃତସରରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଜମ୍ମୁ/ଶ୍ରୀନଗର,୩୦।୯**

ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ମଧ୍ୟରୁ ପ୍ରଥମ ୨ଟି ପର୍ଯ୍ୟାୟରେ ୫୦ ଆସନରେ ନିର୍ବାଚନ ଶେଷ ହୋଇଥିବାବେଳେ ମଙ୍ଗଳବାର ଅବଶିଷ୍ଟ ୪୦ ଆସନରେ ଭୋଟ ଗ୍ରହଣ କରାଯିବ। ରବିବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହୋଇଥିଲେ ହେଁ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲାଙ୍କ ହତ୍ୟାକୁ ନେଇ ଉପତ୍ୟକାରେ ଉତ୍ତେଜନା ଲାଗିରହିଛି। ଏହାକୁ ନେଇ ପୋଲିସ ପ୍ରଶାସନ ଓ ସେନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଦିନକ ପରେ ୭ ଜିଲାର ୪୦ ଆସନରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଥିବାରୁ ୨୦,୦୦୦ ପୋଲିଂ ଷ୍ଟାଫ୍‌ଙ୍କୁ ସୋମବାର ନିୟୋଜିତ କରାଯାଇଛି। ୩୯.୧୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ମଇଦାନରେ ଥିବା ୨ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରା ଚାନ୍ଦ ଓ ମୁଜାଫର ବେଇଗ୍‌ଙ୍କ ସମେତ ୪୧୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ଜମ୍ମୁ ଅଞ୍ଚଳର ଜମ୍ମୁ, ଉଧମପୁର, ସାମ୍ବା ଓ କଠୁଆ ଏବଂ କଶ୍ମୀର ଅଞ୍ଚଳର ବାରାମୁଲା, ବାନ୍ଦିପୋରା, କୁପ୍‌ୱାରା ଓ ଉତ୍ତର କଶ୍ମୀରର ୫,୦୬୦ ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଆତଙ୍କବାଦମୁକ୍ତ ଓ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ଅତିରିକ୍ତ ପୋଲିସ ଡିଜି (ଜମ୍ମୁ) ଆନନ୍ଦ ଜୈନ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୮ ଏବଂ ୨୬ରେ ଅନୁଷ୍ଠିତ ପ୍ରଥମ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୬୧.୩୮% ଓ ୫୭.୩୧% ମତଦାନ ହୋଇଥିଲା।



ଜମ୍ମୁ-କଶ୍ମୀରରେ ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣର ଅବ୍ୟବହିତ ପୂର୍ବରୁ ଏକ ଇଭିଏମ୍ ବଣ୍ଟନ କେନ୍ଦ୍ର ବାହାରେ ସୁରକ୍ଷା ବଳର କଡ଼ା ପ୍ରହରା।

## ନେତାନ୍ୟାହୁ ହିଟ୍‌ଲରଙ୍କ ପରେ ସବୁଠୁ ବଡ଼ ଆତଙ୍କବାଦୀ: ମେହବୁବା



ଲେବାନନ୍‌ରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରଲ୍ଲା ନିହତ ହେବା ପରେ ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ତୃତୀୟ ଦିନ ଧରି ବିକ୍ଷୋଭ ଜାରି ରହିଛି। ବହୁ ସଂଖ୍ୟକ ମହିଳା, ପୁରୁଷ ଓ ଛୋଟ ପିଲା ରାସ୍ତାକୁ ଓହ୍ଲାଇ କଳା ପତାକା ଓ ନସ୍‌ରଲ୍ଲାଙ୍କ ଫଟୋ ଥିବା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଇସ୍ରାଏଲ୍ ତଥା ଆମେରିକା ବିରୋଧୀ ସ୍ଲୋଗାନ ଦେଉଛନ୍ତି। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ଓ ଶ୍ରୀନଗର ଏମ୍‌ପି ଆଗା ରୁହୁଲ୍ଲା ଇସ୍ରାଏଲ୍‌ର ଆକ୍ରମଣକୁ ନିନ୍ଦା କରିଛନ୍ତି। ଶ୍ରୀନଗରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଡୋଲ୍ଫ ହିଟ୍‌ଲରଙ୍କ ପରେ ସବୁଠୁ ବଡ଼ ଆତଙ୍କବାଦୀ। ଏହି ଇହୁଦୀ ନେତା ପାଲେଷ୍ଟାଇନ୍ ଓ ଲେବାନନ୍‌କୁ ଗ୍ୟାସ୍ ଚ୍ୟାମ୍ବରରେ ପରିଣତ କରିଦେଲେଣି। ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ ନେତାନ୍ୟାହୁଙ୍କ ବିରୋଧରେ ରାୟ ଦେଇଛନ୍ତି। ଲେବାନନ୍ ଆକ୍ରମଣ ପ୍ରମାଣିତ କରିଛି ଯେ, ସେ ପ୍ରକୃତରେ ଜଣେ ଆତଙ୍କବାଦୀ, ଯିଏକି ପାଲେଷ୍ଟାଇନ୍‌ରେ ଅନେକ ହଜାର ନିରୀହଙ୍କୁ ହତ୍ୟା କରିବା ପରେ ଏବେ ଲେବାନନ୍‌ରେ ସମାନ କାର୍ଯ୍ୟ ଦୋହରାଉଛନ୍ତି। ତାଙ୍କୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ ବୋଲି ପିଡିପି ଅଧ୍ୟକ୍ଷା କହିଛନ୍ତି। ଶେଷ ମୁହୂର୍ତ୍ତରେ ମୁସଲମାନ ଭୋଟରଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ ମେହବୁବା ଧ୍ରୁବୀକରଣ ରାଜନୀତି କରୁଥିବା ଭାଜପା ଅଭିଯୋଗ ଆଣିଛି।

**ଲେବାନନ୍‌ରେ ଇସ୍ରାଏଲ୍‌ର ଘନ ଘନ ଆକ୍ରମଣ**

## ସିରିଆକୁ ଲକ୍ଷାଧିକ ବିସ୍ଥାପିତଙ୍କ ପଳାୟନ

**ବେରୁଟ୍/ଜେରୁଜେଲମ୍,୩୦।୯**

ଇସ୍ରାଏଲ୍‌ର ହେଜ୍‌ବୋଲ୍ଲା ଦମନ ଅଭିଯାନ 'ଅପରେଶନ୍ ନ୍ୟୁ ଅର୍ଡର' ଲେବାନନ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଆକାଶମାର୍ଗରୁ ଘନ ଘନ ରକେଟ ମାଡ଼ ଯୋଗୁ ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗିଯାଇଛି। ଲୋକେ ପ୍ରାଣ ବିକଳରେ ପଡ଼ୋଶୀ ସିରିଆକୁ ପଳାୟନ କରିବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷରୁ ଅଧିକ ଲେବାନନ୍ ବାସିନ୍ଦା ସିରିଆକୁଯାଇ ଆଶ୍ରୟ ନେଇଥିବା ଜାତିସଂଘ ଶରଣାର୍ଥୀ ସଂସ୍ଥା (ୟୁଏନ୍‌ଏଚ୍‌ସିଆର୍) ପକ୍ଷରୁ ସୂଚନା ଦିଆଯାଇଛି। ଲେବାନନ୍ ଓ ସିରିଆ ନାଗରିକଙ୍କ ପଳାୟନ ଜାରି ରହିଥିବା ୟୁଏନ୍‌ଏଚ୍‌ସିଆର୍ ମୁଖ୍ୟ ଫିଲିପ୍ପୋ ଗ୍ରାଣ୍ଡି ସୋମବାର ଏକ୍ସ'ରେ କହିଛନ୍ତି। ଜାତିସଂଘ ଅଧିକାରୀଙ୍କ ତଥ୍ୟ ମୁତାବକ ବିସ୍ଥାପିତଙ୍କ ମଧ୍ୟରୁ ଗଣପଳାୟନ କରିଥିବା ଲୋକଙ୍କ ସଂଖ୍ୟା ଗତ ୨ ଦିନ ମଧ୍ୟରେ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୪ଟି କ୍ରସିଂ ପଏଣ୍ଟରେ ୟୁଏନ୍‌ଏଚ୍‌ସିଆର୍ ଅଧିକାରୀମାନେ ନିୟୋଜିତ ରହିଛନ୍ତି। ପିଲାଛୁଆଙ୍କୁ ଧରି ସୀମା ଅତିକ୍ରମ କରୁଥିବା ମହିଳାଙ୍କ ପଳାୟନ ଦୃଶ୍ୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ସିରିଆ ୧୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ହିଂସା ଓ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ଲେବାନନ୍‌ବାସୀଙ୍କ ସେଠାକୁ ମଧ୍ୟ ପଳାୟନ କରିବାକୁ ବାଧ୍ୟ ହେବା ସମ୍ପୃକ୍ତ ଅଞ୍ଚଳରେ ଯୁଦ୍ଧର ଭୟାବହତାକୁ ଦର୍ଶାଉଛି।

ସେପ୍ଟେମ୍ବର ୨୩ରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ଗାଜାରୁ ଲେବାନନ୍‌କୁ ମୁହାଁଇବା ପରେ ଯୁଦ୍ଧ ପ୍ରଭାବିତ ସିରିଆକୁ ଗଣପଳାୟନ ଆରମ୍ଭ ହୋଇଥିଲା। ଶୁକ୍ରବାର ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲା ଓ ତାଙ୍କ ଅନେକ କମାଣ୍ଡର ନିହତ ହେବା ପରେ ଇରାନ୍ ସମର୍ଥିତ ଏହି ସଶସ୍ତ୍ର ଗୋଷ୍ଠୀର ଅଣ୍ଟା ଭାଙ୍ଗିଯାଇଛି। ଲେବାନନ୍ ଆକାଶରେ ଇସ୍ରାଏଲୀ ସେନାର ଯୁଦ୍ଧବିମାନ ଉଡ଼ୁଛି। ଆକ୍ରମଣରେ ୨୪ ଘଣ୍ଟା ମଧ୍ୟରେ ୧୦୫ ଜଣ ନିହତ ହୋଇଥିବା ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ ବେରୁଟ୍ ଉପରେ ଇସ୍ରାଏଲ୍ ପ୍ରଥମ ଥର ପାଇଁ ଆକ୍ରମଣ କରିଛି। କୋଲା ଅଞ୍ଚଳରେ ଏୟାରଷ୍ଟ୍ରାଇକ୍‌ରେ ଲିବରେଶନ୍ ଅଫ୍ ପାଲେଷ୍ଟାଇନ୍ ଗ୍ରୁପ୍ ଅଧୀନ ପପୁଲାର ଫ୍ରଣ୍ଟର ୩ ସଦସ୍ୟ ନିହତ ହୋଇଛନ୍ତି। ସପ୍ତାହକ ମଧ୍ୟରେ କେବଳ ଲେବାନନ୍‌ରେ ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରେ ୧୪ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ସେପଟେ ୟେମେନ୍‌ର ବନ୍ଦର ସହର ହୋଦେଇଦା ଓ ରାସ୍ ଆଇସାରେ ଇସ୍ରାଏଲୀ ଏୟାର ଫୋର୍ସର ରକେଟ ମାଡ଼ରେ ଅନ୍ୟୂନ ୪ ଜଣ ନିହତ ହୋଇଛନ୍ତି। ହମାସ୍‌ର ସହଯୋଗୀ ହୁତି ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଇସ୍ରାଏଲ୍ ଏହି ଏୟାରଷ୍ଟ୍ରାଇକ୍ କରିଛି। ଇତିମଧ୍ୟରେ ଇସ୍ରାଏଲ୍ ଓ ଅନ୍ୟ ପକ୍ଷମାନଙ୍କୁ ବ୍ରିଟେନ୍ ଅସ୍ତ୍ରବିରତି ପ୍ରସ୍ତାବ ଦେଇଛି। ସୋମବାର ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମରଙ୍କ ଜଣେ ମୁଖପାତ୍ର କହିଛନ୍ତି, ଇସ୍ରାଏଲ୍‌କୁ ଆତ୍ମରକ୍ଷା ପାଇଁ ସମର୍ଥନ ଦେବାରେ ଆମେ ଦୃଢ଼ ନିଶ୍ଚିତ। କିନ୍ତୁ ବର୍ତ୍ତମାନ ସମସ୍ତ ପକ୍ଷଙ୍କୁ ସଂଯମ ହେବାକୁ ସ୍ପଷ୍ଟ ସନ୍ଦେଶ ଦେଉଛୁ। ଅସ୍ତ୍ରବିରତି ଜରିଆରେ ରାଜନୈତିକ ସମାଧାନ ହୋଇପାରିବ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳକୁ ଶାନ୍ତି ଓ ସ୍ଥିରତା ଫେରାଇ ଅଣାଯାଇପାରିବ। ଷ୍ଟର୍ମର ଓ ତାଙ୍କ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ବ୍ରିଟିଶ୍ ନାଗରିକଙ୍କୁ ତୁରନ୍ତ ଲେବାନନ୍ ଛାଡ଼ି କମର୍ସିଆଲ ଫ୍ଲାଇଟ୍‌ରେ ସ୍ୱଦେଶକୁ ଫେରିଆସିବା ପାଇଁ ପରାମର୍ଶ ଦେଇଛନ୍ତି।



ଇସ୍ରାଏଲୀ ଏୟାରଫୋର୍ସ ସୋମବାର ଦକ୍ଷିଣ ଲେବାନନ୍‌ର ଗ୍ରାମଗୁଡ଼ିକୁ ଟାର୍ଗେଟ କରି ରକେଟ ମାଡ଼ କରିଛି।

## ସ୍ଥଳଭାଗ ଯୁଦ୍ଧ ପାଇଁ ପ୍ରସ୍ତୁତ: ହେଜ୍‌ବୋଲ୍ଲା

ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରଲ୍ଲାଙ୍କ ମୃତ୍ୟୁ ପରେ ସୋମବାର ସଙ୍ଗଠନର ଉପମୁଖ୍ୟ ନଇମ୍ କାସିମ୍ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଇସ୍ରାଏଲ୍ ସ୍ଥଳଭାଗରେ ଆକ୍ରମଣ କଲେ ଏହା ସହ ଯୁଦ୍ଧ ପାଇଁ ପ୍ରସ୍ତୁତ। ନିହତ କମାଣ୍ଡରମାନଙ୍କ ସ୍ଥାନରେ ନୂଆ ଫାଇଟର୍ସଙ୍କୁ ନିଯୁକ୍ତ କରାଯାଇଛି। ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଖୁବ୍‌ଶୀଘ୍ର ସଙ୍ଗଠନର ନୂଆ ମୁଖ୍ୟଙ୍କୁ ବଛାଯିବ ବୋଲି କାସିମ୍ ଏକ ଅଜ୍ଞାତ ସ୍ଥାନରୁ ସମ୍ବୋଧିତ କରି କହିଛନ୍ତି। ଟେଲିଭିଜନ୍ ବାର୍ତ୍ତାରେ ସେ ଆହୁରି କହିଛନ୍ତି, ଇସ୍ରାଏଲ୍ ଆମର ସାମରିକ ସାମର୍ଥ୍ୟକୁ ପ୍ରଭାବିତ କରିପାରି ନାହିଁ। ତେବେ ସ୍ଥଳଭାଗରେ ଯୁଦ୍ଧ ଆରମ୍ଭ କଲେ ଏହା ଅନେକ ଦିନ ଧରି ଚାଲିବ।

ପ୍ରକାଶ ଯେ, ପେଜର, ୱାକିଟକି ବିସ୍ଫୋରଣରେ ଲେବାନନ୍‌ରେ ଅନେକେ ପ୍ରାଣ ହରାଇବା ସହ ରକେଟ ମାଡ଼ରେ ନସ୍‌ରଲ୍ଲା ଓ ତାଙ୍କ ବରିଷ୍ଠ କମାଣ୍ଡରମାନଙ୍କ ମୃତ୍ୟୁ ସଙ୍ଗଠନକୁ ଦୋହଲାଇ ଦେଇଛି। ୧୯୮୨ରେ ଇରାନ୍ ଇସ୍ରାଏଲ୍ ବିରୋଧରେ ହେଜ୍‌ବୋଲ୍ଲାକୁ ସୃଷ୍ଟି କରିବା ପରଠୁ ଏହା ହେଉଛି ସଙ୍ଗଠନକୁ ସବୁଠୁ ବଡ଼ ଝଟକା। ଇତିମଧ୍ୟରେ ନସ୍‌ରଲ୍ଲାଙ୍କ କାକାପୁଅ ଭାଇ ତଥା ସଙ୍ଗଠନର ରାଜନୈତିକ ବ୍ୟାପାର ବୁଝୁଥିବା ହାଶେମ୍ ସଫିଏଦ୍ଦିନ୍‌ଙ୍କୁ ନୂଆ ମୁଖ୍ୟ କରାଯିବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।



ନଇମ୍ କାସିମ୍



ହାଶେମ୍ ସଫିଏଦ୍ଦିନ୍

## ବର୍ଷେ ପୂରିବ ଗାଜା ଆକ୍ରମଣ

ସପ୍ତାହେ ପରେ ଇସ୍ରାଏଲ୍‌ର ଗାଜା ଆକ୍ରମଣକୁ ବର୍ଷେ ପୂରିବାକୁ ଯାଉଛି। ୨୦୨୩ ଅକ୍ଟୋବର ୮ରୁ ଅଦ୍ୟାବଧି ଗାଜାରେ ୪୧,୬୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୬,୩୫୯ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ଏହାର ଦିନକ ପୂର୍ବରୁ ହମାସ୍ ଦ୍ୱାରା କରାଯାଇଥିବା ରକେଟ ମାଡ଼ରେ ୧,୧୩୯ ଇସ୍ରାଏଲୀ ନିହତ ହୋଇଥିଲେ। ହମାସ୍ ୨୦୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଛାଡ଼ିଦେଇଛି। ଇସ୍ରାଏଲ୍‌ର ରକେଟ୍ ମାଡ଼ରେ ଗାଜା ଷ୍ଟ୍ରିପ୍‌ରେ ରବିବାର ୨୮ ଓ ସୋମବାର ଅନେକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପୂର୍ବର ଲିକୁଡ୍ କ୍ୟାବିନେଟ୍‌ରେ ସଦସ୍ୟ ଥିବା ନିଜ ସମାଲୋଚକ ଗିଡେଓନ୍ ସାର୍‌ଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି।

## ମହାରାଷ୍ଟ୍ରରେ ଦେଶୀଗାଈଙ୍କୁ ରାଜ୍ୟମାତା ମାନ୍ୟତା

**ମୁମ୍ବାଇ,୩୦।୯**

ମହାରାଷ୍ଟ୍ର ସରକାର ଦେଶୀଗାଈଙ୍କୁ ରାଜ୍ୟମାତା-ଗୋମାତା ମାନ୍ୟତା ପ୍ରଦାନ କରିଛନ୍ତି। ବୈଦିକ ଯୁଗରୁ ଗୋମାତାଙ୍କର ଉଲ୍ଲେଖନୀୟ ଅବଦାନ ରହଆସିଛି। ଦେଶୀଗାଈ କ୍ଷୀର ମାନବ ପୌଷ୍ଟିକତା, ଆୟୁର୍ବେଦ ଏବଂ ପଞ୍ଚଗବ୍ୟ ଚିକିତ୍ସା ପାଇଁ ଗୁରୁତ୍ୱପୂର୍ଣ୍ଣ। ଜୈବିକ କୃଷିରେ ଗୋବରକୁ ଖତ ଭାବେ ବ୍ୟବହାର କରାଯାଇଥାଏ। ଏସବୁକୁ ବିଚାରକୁ ନେଇ ଗାଈଙ୍କ କଲ୍ୟାଣ ନିମନ୍ତେ ମହାରାଷ୍ଟ୍ର କ୍ୟାବିନେଟ ରାଜ୍ୟମାତା ମାନ୍ୟତା ପ୍ରଦାନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିବା ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏକ ସବ୍‌ସିଡି ଯୋଜନା କାର୍ଯ୍ୟକାରୀ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଯୋଜନା ଅନୁଯାୟୀ ଗୋଶାଳାଗୁଡ଼ିକରେ ଗାଈମାନଙ୍କ ଲାଳନପାଳନ ପାଇଁ ଦୈନିକ ୫୦ ଟଙ୍କା ଦିଆଯିବ। ମହାରାଷ୍ଟ୍ର ଗୋସେବା କମିଶନ ଏହାର ପରିଚାଳନା କରିବେ। ଗୋଶାଳାଗୁଡ଼ିକର ସମସ୍ୟା ଦୂର କରିବା ଏବଂ ଦେଶୀଗାଈ ପାଳନ ପ୍ରତି ବିମୁଖ ଲୋକମାନଙ୍କ ମଧ୍ୟରେ ପୁଣିଥରେ ଆଗ୍ରହ ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ।



## ହେଲେନ୍ ବାତ୍ୟାରେ ଶତାଧିକ ମୃତ

**ନର୍ଥ କାରୋଲିନା,୩୦।୯**

ଆମେରିକାରେ ବାତ୍ୟା ହେଲେନ୍ ତାଣ୍ଡବ ରଚିଛି। ବାତ୍ୟାଜନିତ ମୃତ୍ୟୁସଂଖ୍ୟା ୧୦୦ ଟପିଛି। ନର୍ଥ କାରୋଲିନାରେ ସର୍ବାଧିକ ୩୭ ଜଣ ପ୍ରାଣ ହରାଇଥିବାବେଳେ ସାଉଥ୍ କାରୋଲିନାରେ ୨୭ ଜୀବନ ଯାଇଛି। ୱେଷ୍ଟର୍ନ ନର୍ଥ କାରୋଲିନା ଅନ୍ତର୍ଗତ ବୁନ୍‌କୋମ୍ବେ କାଉଣ୍ଟିରେ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହ ୫୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। କ୍ଷୟକ୍ଷତି ପରିମାଣ ୧୫ରୁ ୧୦୦ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଶନିବାର ଫ୍ଲୋରିଡାରେ ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ହେଲେନ୍ ନର୍ଥ ଓ ସାଉଥ୍ କାରୋଲିନା, ଜର୍ଜିଆ, ଟେନିସି ଏବଂ ଭର୍ଜିନିଆ ଦେଇ ଅତିକ୍ରମ କରିଥିଲା। ଏଥିରେ ଅନେକ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ରାସ୍ତା ଓ ବ୍ରିଜ୍ କ୍ଷତିଗ୍ରସ୍ତ ହେବାରୁ ପରିବହନ ବାଧାପ୍ରାପ୍ତ ହୋଇଛି। ବହୁ ମୋବାଇଲ ଟାୱାର ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ବହୁ ଅଞ୍ଚଳ ଅନ୍ଧକାରରେ ରହିଛି। ପ୍ରବଳ ବର୍ଷା ଯୋଗୁ ଫ୍ଲୋରିଡା ଏବଂ ଭର୍ଜିନିଆରେ ବନ୍ୟା ହୋଇଛି। ରାଷ୍ଟ୍ରପତି ଜୋ ବାଇଡେନ୍ ଏହାକୁ ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କହିଛନ୍ତି।



## ଆସାମ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୯(ପି.ଟି.)**

**ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନକୁ ନେଇ ଅଦାଲତ ଅବମାନନା ପିଟିଶନ**

ବିନା ଅନୁମତିରେ ଲୋକଙ୍କ ଘର ନ ଭାଙ୍ଗିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆସାମ ସମେତ ବିଭିନ୍ନ ରାଜ୍ୟରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେଣୁ ଉକ୍ତ ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚଳାଇବା ପାଇଁ ଦାଏର ପିଟଶନ୍‌ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ସୋମବାର ଆସାମ ସରକାର ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଏହି ପ୍ରସଙ୍ଗରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଜଷ୍ଟିସ୍ ବି.ଆର. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅକ୍ଟୋବର ୧ ପର୍ଯ୍ୟନ୍ତ ଅଦାଲତଙ୍କ ବିନା ଅନୁମତିରେ ଘର ନ ଭାଙ୍ଗିବାକୁ ସେପ୍ଟେମ୍ବର ୧୭ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଜଣେ ଅପରାଧରେ ଅଭିଯୁକ୍ତ ହୋଇଥିଲେ ମଧ୍ୟ ତାଙ୍କ ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ତେବେ ଆସାମର ସୋନପୁରରେ ପ୍ରସ୍ତାବିତ ଉଚ୍ଛେଦ ଅଭିଯାନକୁ ନେଇ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ ହୋଇଥିଲା।




# ବିବାଦୀୟ ପୋଷ୍ଟକୁ ନେଇ ଉତ୍ତେଜନା ଘଟଣା

# ୨୭ରେ ପହଞ୍ଚିଲା ଗିରଫ ସଂଖ୍ୟା

ଭଦ୍ରକ/ ଧାମନଗର,୩୦।୯ (ସନାତନ ରାଉତ/ ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକ ଓ ଧାମନଗରରେ ଉତ୍ତେଜନା ଘଟଣାରେ ଆଉ ୧୨ଜଣଙ୍କୁ ରବିବାର ରାତିରେ ପୋଲିସ ଗିରଫ କରିଛି। ଏପର୍ଯ୍ୟନ୍ତ ପୁରୁଣାବଜାର ଓ ଧାମନଗର ଥାନାରେ ହୋଇଥିବା ମାମଲାରେ ମୋଟ ଗିରଫ ସଂଖ୍ୟା ୨୭ରେ ପହଞ୍ଚିଛି। ପୋଲିସକୁ ଆକ୍ରମଣ ନେଇ ପୁରୁଣାବଜାର ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୨୭୦/୨୪)ରେ ପୂର୍ବରୁ ୭ଜଣ ଗିରଫ ହୋଇଥିଲେ। ରବିବାର ରାତିରେ ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ସେହିପରି ମାମଲା (ନଂ.୨୬୯/୨୪)ରେ ବିବାଦୀୟ ପୋଷ୍ଟ କରିଥିବା ଯୁବକଙ୍କୁ ଗିରଫ କରାଯାଇଥିଲା ବୋଲି ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି। ଜିଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ୧୨ ପ୍ଲାଟୁନ ଫୋର୍ସ ମୁତୟନ ରହିଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ସକାଳେ ଓ ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ପୋଲିସକୁ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ଡିଆଇଜି କହିଥିଲେ।

ଧାମନଗର ବଜାରରେ ରାସ୍ତାରୋକୋ ମାମଲାରେ ପୂର୍ବରୁ ୭ଜଣଙ୍କୁ ଗିରଫ କରାଯାଇଥିବା ବେଳେ ରବିବାର ରାତିରେ ୫ ଓ ସୋମବାର ଆଉ ୫ଜଣ ଗିରଫ ହୋଇଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସନ୍ଧ୍ୟାରେ ଧାମନଗର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଆଇଜି କହିଛନ୍ତି। ଧାମନଗର ଓ ଦୋବଲ ଅଞ୍ଚଳରେ ୬ ପ୍ଲାଟୁନ ଫୋର୍ସ ସହ ରାପିଡ୍ ଆକ୍ସନ ଫୋର୍ସ ମୁତୟନ କରାଯାଇଛି। କେବଳ ବ୍ୟାଙ୍କ ଓ ଅଫିସିଆଲ କାର୍ଯ୍ୟରେ ଇଣ୍ଟରନେଟ ସେବା ଜାରି ରହିବ। ଏବେ ସୁଦ୍ଧା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସବୁଆଡ଼େ ପୋଲିସ ପକ୍ଷରୁ ଚେକିଂ କରାଯାଉଛି। ସୋମବଠାରୁ ଏସବୁ ଅଞ୍ଚଳରେ ଦୋକାନ ବଜାର ସକାଳ ୬ରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଦୋକାନରେ ୩ରୁ ଅଧିକ ଲୋକ ରହିପାରିବେ ନାହିଁ ଏବଂ ଏସବୁ ଅଞ୍ଚଳରେ ୧୬୩ ଧାରା ବଳବତ୍ତର ରହିଥିବା ପର୍ଯ୍ୟନ୍ତ ସାପ୍ତାହିକ ହାଟ ବନ୍ଦ ରହିବ। ପରିସ୍ଥିତିକୁ ଲକ୍ଷ୍ୟ କରି ଇଣ୍ଟରନେଟ ସେବା ବନ୍ଦ ଓ ୧୬୩ ଧାରା ଲାଗୁ ବଢ଼ାଇ ଦିଆଯିବା ସହ ଆଗକୁ ଗିରଫ ସଂଖ୍ୟା ମଧ୍ୟ ବଢ଼ିପାରେ ବୋଲି ଡିଆଇଜି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ତହସିଲଦାର ଦୀପକ କୁମାର ଦାସ ଓ ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ଉପସ୍ଥିତ ଥିଲେ।

## ଧାମନଗରରେ ସକାଳ ୬ରୁ ରାତି ୮ଟା ଯାଏ ଖୋଲିବ ଦୋକାନ



ଖବରଦାତା ସମ୍ମିଳନୀରେ ଡିଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ବରୁଣ ଗୁଣ୍ଟୁପାଲି ଓ ଅନ୍ୟ ଅଧିକାରୀ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



ଶ୍ୟାମସୁନ୍ଦର ବେହେରା

ଭଦ୍ରକ,୩୦।୯(ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଦମପୁର ବାଲିଚଟ୍ରୁରୀ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା(୧୦୨)ଙ୍କ ରବିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଉପଜିଲାପାଳ ମନୋଜ ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ବଡ଼ପୁଅ ଅଶୋକ ବେହେରା ମୁଖାଗ୍ନି ଦେଇଥିଲେ। ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରିପୋଖରୀ ଥାନାପୋଡ଼ି ଘଟଣାରେ ସେ ସାମିଲ ଥିଲେ। ସେଥିପାଇଁ ସେ ଗିରଫ ହୋଇ ୮ ମାସ ଜେଲରେ ରହିଥିଲେ। ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସାଧାରଣ ସମ୍ପାଦକ ଓ ରାଜ୍ୟ ସମିତିର ସମ୍ପାଦକ ପଦରେ ରହିଥିଲେ।

# ସେବାୟତଙ୍କ ଘର ମାଟିତଳୁ ମିଳିଲା ସୁନା ମୂର୍ତ୍ତି, ଅଳଙ୍କାର

ଅସୁରାଳି,୩୦।୯(ସନ୍ତୋଷ ପ୍ରଧାନ)



ଉଦ୍ଧାର ମୂର୍ତ୍ତି

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିର ନିକଟ ଜଣେ ସେବାୟତଙ୍କ ଘର ଭିତର ମାଟି ତଳୁ ବିରଳ ସୁନା ମୂର୍ତ୍ତି ସହ ଅଳଙ୍କାର ଉଦ୍ଧାର ହୋଇଛି। ଘଟଣାକୁ ଲୋକଲୋଚନକୁ ନ ଆଣି ଚପାଇ ଦେବାକୁ ଉଦ୍ୟମ ଚାଲୁଥିବା ବେଳେ ଉଦ୍ଧାର କରିଥିବା ବେଦଚାର୍ଯ୍ୟ ଭୂତତ୍ତ୍ୱ ପଣ୍ଡିତ ନରୋତ୍ତମ ମିଶ୍ର ମୁହଁ ଖୋଲିଛନ୍ତି। ମିଳିଥିବା ମୂର୍ତ୍ତି ଓ ଅଳଙ୍କାରର ମୂଲ୍ୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସେ ପ୍ରକାଶ କରିଛନ୍ତି।

ପଣ୍ଡିତ ନରୋତ୍ତମଙ୍କ କହିବା ଅନୁଯାୟୀ, ଆଖଣ୍ଡଳମଣି ମନ୍ଦିର ନିକଟ ଜଣେ ସେବାୟତଙ୍କ ଘରେ କିଛିଦିନ ପୂର୍ବରୁ କିଛି ଅଲୌକିକ ଘଟଣା ଘଟିବାରୁ ସେ ତାଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ପରାମର୍ଶକ୍ରମେ ଉକ୍ତ ସେବାୟତଙ୍କ ଘରେ ପୂଜାପାଠ ଓ ହୋମଯଜ୍ଞ କରାଯାଇଥିଲା। ଘର ଭିତରେ ୬ ଫୁଟ୍ ଲମ୍ବ ଓ ୬ ଫୁଟ୍ ଓସାର ବିଶିଷ୍ଟ ୧୫ ଫୁଟ୍ ଗଭୀରର ଏକ ଗାତ ଖୋଳା ଯାଇଥିଲା। ଗାତ ଭିତରୁ ଏକ ପିତ୍ତଳ ହଣ୍ଡା ଭିତରୁ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ସହ ଶିବ, ପାର୍ବତୀ, ଗଣେଶ, କାର୍ତ୍ତିକ, ବୃଷଭଙ୍କ ବିରଳ ମୂର୍ତ୍ତି ଉଦ୍ଧାର କରାଯାଇଛି। ପଣ୍ଡିତ ନରୋତ୍ତମ ଉଦ୍ଧାର ହୋଇଥିବା ସମସ୍ତ ଅଳଙ୍କାର ଓ ମୂର୍ତ୍ତି ସୁନା ବୋଲି ଦାବି କରିବା ସହ ଏହା ବାବା ଆଖଣ୍ଡଳମଣିଙ୍କ ସମ୍ପତ୍ତି ହୋଇପାରେ ବୋଲି ଅନୁମାନ କରିଛନ୍ତି। ଅନ୍ୟପକ୍ଷେ ସେବାୟତ ଜଣକ ଅଳଙ୍କାର କଥା ଅସ୍ୱୀକାର କରିବା ସହ ମୂର୍ତ୍ତିଗୁଡ଼ିକ ପିତ୍ତଳ ବୋଲି କହିଛନ୍ତି। ପ୍ରଶାସନ ଏଥିରେ ହସ୍ତକ୍ଷେପ କଲେ ପ୍ରକୃତ ସତ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ୪୮୯ କଇଁଛ ଜବତ, ୨ ଗିରଫ

ମାଲକାନଗିରି/ଚିତ୍ରକୋଣ୍ଡା, ୩୦।୯(ଦୁର୍ଯ୍ୟୋଧନ ପାତ୍ର/ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନ ବିଭାଗ ପକ୍ଷରୁ ୪୮୯ କଇଁଛ ଜବତ ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ସକାଳେ ଚିତ୍ରକୋଣ୍ଡା ବନ ବିଭାଗ ପକ୍ଷରୁ ଚିତ୍ରକୋଣ୍ଡା ସୀମାନ୍ତ ଆନ୍ଧ୍ରପ୍ରଦେଶ ରାଲ୍ଲୁକୋଣ୍ଡା ଗ୍ରାମ ନିକଟରେ ପାଟ୍ରୋଲିଂ ବେଳେ ଗାଡ଼ି ଯାଞ୍ଚ କରାଯାଉଥିଲା। ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସୁଥିବା ଦେଖି ଉକ୍ତଗାଡ଼ିକୁ ଅଟକାଇ ବନ କର୍ମଚାରୀମାନେ ଯାଞ୍ଚ କରିଥିଲେ। ସେଥିରେ କିଛି ବସ୍ତାରେ କଇଁଛ ଥିବା ଦେଖି ଗାଡ଼ି ଓ କଇଁଛ ଜବତ କରିବା ସହ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଲେ ମାଲକାନଗିରି ବ୍ଲକ ଏମ୍‌ଭି ୯୬ ଗ୍ରାମର ପ୍ରସନ୍‌ଜିତ ଘରାମୀ ଓ ସନ୍ଦିପ ବେପାରୀ।

ଏହି କଇଁଛଗୁଡ଼ିକ ଆନ୍ଧ୍ରପ୍ରଦେଶରୁ ଚୋରାଚାଲାଣକରି ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୨, ଏମ୍‌ଭି ୮୮ ଆଦି ଗ୍ରାମରେ ବିକ୍ରି କରିବାକୁ ନେଉଥିବା ଗିରଫ ବ୍ୟକ୍ତି କହିଛନ୍ତି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଚଢ଼ାଉରେ ଚିତ୍ରକୋଣ୍ଡା ରେଞ୍ଜ ଅଧିକାରୀ ବଳରାମ ନାୟକ, ଫରେଷ୍ଟର ନିରନ ସରକାର, ହରି ହନ୍ତାଳ, ସରୋଜ କୁମାର ଘଡ଼େଇ, ବନରକ୍ଷୀ ରାଜୁ ମାଡକାମି, ଶଶାଙ୍କ ଦାସ ଓ ରାମଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ଜବତ କଇଁଛ ଓ ଗିରଫ ଅଭିଯୁକ୍ତ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଏମ୍‌ସି ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ, ସ୍ଥାନ: ବିନ୍ଦୁସାଗର ଏବଂ ଲିଙ୍ଗରାଜ ମନ୍ଦିର, ସମୟ: ସକାଳ ୭ଟା ୪୫।
- ଓଡ଼ିଶା ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆଲୋଚନା 'ଏକ ଭାରତ ଶ୍ରେଷ୍ଠ ଭାରତ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ୧୫ତମ ଶ୍ରୀଶ୍ରୀ ମହାବୀର ପୂଜା ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ସିଏସ୍ଆଇଆର୍‌ର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସିଏସ୍ଆଇଆର୍- ଆଇଏମ୍ଏମ୍‌ଟି ଅଡିଟୋରିୟମ୍, ସମୟ: ଅପରାହ୍ନ ୨ଟା ୩୦।
- ବିଏମ୍‌ଟି ଟ୍ରଷ୍ଟ ପକ୍ଷରୁ ସମାଜବାଦୀ ତଥା ସାହିତ୍ୟିକ ବିଦ୍ୟାଧର ବାରିକ୍‌ଙ୍କ ୬ଷ୍ଠତମ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।

## କଟକ
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବିକାଶ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ପ୍ରଦାନ, ସ୍ଥାନ: ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପାଞ୍ଚଗାଁ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କଂଗ୍ରେସ ପକ୍ଷରୁ ଆର୍‌ଆଣ୍ଡ୍‌ବି –୨ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆର୍‌ଆଣ୍ଡ୍‌ବି–୨ କାର୍ଯ୍ୟାଳୟ, ଓଏମ୍‌ପି, କଟକ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା
- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଆଡ଼ିକିମା, ବୋଲଗଡ଼, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: କଲ୍ୟାଣ ମଣ୍ଡପ, ପିଚୁକୁଳି, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ସ୍ୱଚ୍ଛତା ହିଁ ସେବା, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଇଣ୍ଟରନ୍ୟାଶନାଲ ଡେ' ଫର ଓଲ୍ଡରପର୍ସନ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବାଲିକୁଟି ନୋଡ଼ାଲ ସ୍କୁଲ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ : ବଇଁଚା, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ : ବଇଁଚା, ସମୟ : ପୂର୍ବାହ୍ନ ୧୦ଟା ୩୦।
- ତୃତୀୟ ଜାତୀୟ ଅନୁବାଦକ ସମ୍ମିଳନୀ ୨୦୨୪ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏଫ୍ଏମ୍‌ୟୁ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୪୦।
- ବିଧାୟକଙ୍କ ସଦସ୍ୟତା ଅଭିଯାନ, ସ୍ଥାନ: ବଇଁଚା, ସମୟ: ସକାଳ ୧୧ଟା।
- ଓଡ଼ିଶା ରକ୍ତଦାତା ସଂଘ ପକ୍ଷରୁ ଜାତୀୟ ରକ୍ତଦାନ ଦିବସ ପାଳନ, ସ୍ଥାନ: ବିଟସ୍ କଲେଜ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ପ୍ରବନ୍ଧ ସଂକଳନ ଓ ଶିଶୁ ସାହିତ୍ୟ ପତ୍ରିକାର ଉନ୍ମୋଚନ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଗୁଜୁରାଟୀ ଭବନ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ମଧୁରା ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସୁରଭି ମହୋତ୍ସବ, ସ୍ଥାନ: ଆଲିଆ ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନରହରି ବେହେରା ଟ୍ରଷ୍ଟର ତୃତୀୟ ବାର୍ଷିକୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୪ଟା ୩୦।
- ଗଜାନନ କମିଟି ପକ୍ଷରୁ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କୁଆଁସ, କଦମବେଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ଚତୁର୍ଦ୍ଦଶୀ ପୂଜା ଏବଂ ହୋମ, ସ୍ଥାନ: ସୁନ୍ଦରାପାଳ, ହାତଡିହୀ, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ମଙ୍ଗଳ ଚତୁର୍ଦ୍ଦଶୀ ଏବଂ ମାନସିକ ପୂଜା, ସ୍ଥାନ: ଭୂଇଁପୁର, ହାତଡ଼ିହୀ, ସମୟ : ସକାଳ ୮ ଟା।
- ପଞ୍ଚାୟତସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାତଡ଼ିହୀ ବ୍ଲକ, ସମୟ: ଅପରାହ୍ନ ୪ ଟା।
- ମା' ତାରିଣୀଙ୍କ ମନ୍ଦିରରେ ପୂଜା, ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ଇଂଚୋଲ, ଛେନାପଦୀ, ମରେଙ୍ଗୀ, ହାତଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।

## ମୟୂରଭଞ୍ଜ
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ସକାଳ ୮ଟା।
- ମହିଳା ମହାବିଦ୍ୟାଳୟ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ,ସ୍ଥାନ: ଉଦଳା ଟାଉନ କ୍ଲବଠାରୁ ଥାନା ରାସ୍ତା, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ, ଚିତ୍ରଡ଼ା ଓ ହଳଦୀପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ବ୍ଲକସ୍ତରୀୟ ସୁରଭି,ସ୍ଥାନ: ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଆସିକା ଉପଖଣ୍ଡ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡିଏଲ୍ଏସ୍ଏ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଫୁଲବାଣୀ କାରମେଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦର ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅନୁସାରେ ବେଳାଭୂମିରେ ସମୂହ ସଫେଇ, ସ୍ଥାନ: ବତିଘର ପାଖବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା।
- ସିପିଆଇ ପକ୍ଷରୁ ବ୍ଲକ ଘେରାଉ, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାହାଣୀ କପ ଫୁଟ୍‌ବଲ ଟୁର୍ନାମେଣ୍ଟରେ କଟକ ବନାମ କେନ୍ଦ୍ରାପଡ଼ା ମ୍ୟାଚ, ସ୍ଥାନ: ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ଦିବସ ପାଳନ, ସ୍ଥାନ: ଟାଉନହଲ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର
- ଜାତୀୟ ରକ୍ତଦାନ ଦିବସ ପାଳନ, ସ୍ଥାନ: ଡିଆରଡ଼ିଏ କନଫରେନ୍ସ ହଲ୍, ସମୟ: ସକାଳ ୯ଟା୩୦।
- ଇଣ୍ଟରନ୍ୟାଶନାଲ ଡେ ଅଫ୍ ଓଲଡର ପର୍ସନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶୋଡ଼ଷ ଦିବସୀୟ ପୂଜାର ଅଷ୍ଟମ ଦିବସ, ସ୍ଥାନ: କନକଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଆଇନ ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ଅପରାହ୍ନ ୨ଟା୩୦।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଖଣ୍ଡପଡ଼ା ପଠାଣି ସାମନ୍ତ ଶୁଭ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ଶୋଡ଼ଷ ଦିବସୀୟ ପୂଜାର ଅଷ୍ଟମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଏନ୍ଆଇ ସଞ୍ଜୀବନୀ ମୋବାଇଲ ଗାଡ଼ି ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: କୋଲନରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ସମୟ: ସକାଳ ୮ଟା।
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ସମୟ: ସକାଳ ୯ଟା।

## କୋରାପୁଟ
- ବିଶ୍ୱ କଫି ଦିବସ ପାଳନ, ସ୍ଥାନ: କଫି ବୋର୍ଡ, କୋରାପୁଟ, ସମୟ : ସକାଳ ୯ଟା ୩୦।

## ସମ୍ବଲପୁର
- ପଶ୍ଚିମ ଓଡ଼ିଶା ପ୍ରାଥମିକ ଏବଂ ବହୁମୁଖୀ କୃଷି ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଡ.ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ପୂର୍ବାହ୍ନ ୧୦ଟା।
- ଗୀତାଞ୍ଜଳି ଷଡଙ୍ଗୀ ଟ୍ରଷ୍ଟ ପକ୍ଷରୁ ସାରସ୍ୱତ ସମାରୋହ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ନାମେଣ୍ଟରେ କୋଲକାତା ବନାମ କଟକ ପୁଲ –ବି ମ୍ୟାଚ , ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ସାଂସ୍କୃତିକ ଅନୁଷ୍ଠାନ ଉଜିଆ ପକ୍ଷରୁ ସମ୍ବଲପୁରୀ ଲୋକକଳା ଓ ଲୋକ ସଂସ୍କୃତି ପ୍ରଚାର ଏବଂ ପ୍ରସାର ଶୀର୍ଷକ ଆଲୋଚନା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲ, ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ଯୋଗ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଫରେଷ୍ଟ ସ୍ମାର୍ଟ ପାର୍କ, ସମୟ: ସକାଳ ୬ଟା।
- ସୁରେଶ୍ୱରୀଙ୍କ ଯଜ୍ଞ ମଣ୍ଡପରେ ଚଣ୍ଡୀଯଜ୍ଞ ଉପଲକ୍ଷେ ଅଷ୍ଟ ହନୁମାନ ନିମନ୍ତ୍ରଣ, ସ୍ଥାନ: ସୁରେଶ୍ୱରୀ ଯଜ୍ଞ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦେବୀବୁଢ଼ୀଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସମ୍ବର୍ଦ୍ଧନା ସଭା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମ: ସନ୍ଧ୍ୟା ୬ଟା ୪୫।
- ତୁଳସୀ ରାମାୟଣ ପଠନ, ସ୍ଥାନ: ଲୁହୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଦୁର୍ଗା ମନ୍ଦିରରେ ସନ୍ଧ୍ୟା ଆଳତୀ, ସ୍ଥାନ: ତ୍ରିବେଣୀ ଛକ ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବେହେରାମାଲ ତାରିଣୀ ମନ୍ଦିର, ସମୟ: ପ୍ରାତଃ ୫ଟା ୩୦।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ହୋମୋଯଜ୍ଞ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଅନ୍ତର୍ଜାତୀୟ ବୃଦ୍ଧା ଦିବସ ପାଳିତ, ସ୍ଥାନ: ସହରସ୍ଥିତ ବେହେରାମାଲ ନବ ଦାସ ଅଡିଟୋରିୟମ, ସମୟ: ସକାଳ ୭ଟା।

## ରାଉରକେଲା
- ମହିଳା ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା, ସ୍ଥାନ: ସୁଶୀଳାବତୀ ମହିଳା ସରକାରୀ କଲେଜ, ରାଉରକେଲା, ସମୟ: ମଧ୍ୟାହ୍ନ ୧୨ଟା।
- ଟିପିଡବ୍ଲ୍ୟୁଓଡିଏଲର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆଇ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ପାଳନ, ସ୍ଥାନ: କୋଏଲନଗର ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହିନ୍ଦ୍ ମଜଦୁର ସଭା ପକ୍ଷରୁ ଠିକା କର୍ମଚାରୀଙ୍କ ବୋନସ ଦାବିରେ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୧ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଯୋଗ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନୀ, ସମୟ: ସକାଳ ୭ଟା ୩୦।
- ସବ୍ ଜୁନିୟର ମହିଳା ପ୍ରୋଲିଗ୍ ସେମିଫାଇନାଲ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକିଷ୍ଟାଡିୟମ, ସମୟ: ସକାଳ ୮ଟା।

## ଦେବଗଡ଼
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ସକାଳ ୯ଟା ୩୦।
- ଇଂଲିଶ ବିଭାଗ ପକ୍ଷରୁ ନୂତନ ପ୍ରଫେସର ଓ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ମୋଡେଲ କଲେଜ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ମାସିକ ସମନ୍ୱୟ ସଭା, ସ୍ଥାନ: ତିଲେଇବଣି ବ୍ଲକ, କଂସର ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଗୋଷ୍ଠୀସ୍ତରୀୟ ଶୁଭ ଉନ୍ମୋଚନ ନିପୁଣ ଓଡ଼ିଶା ନିପୁଣ ଭାରତ–୨୦୨୪, ସ୍ଥାନ: ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଜୁମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଟାଉନହଲ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆନ୍ତର୍ଜାତୀୟ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡଗଡ ପଞ୍ଚାୟତ ବାଲିପାଟି ପ୍ରାଥମିକ ଓ ପଲସିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅସୁରକ୍ଷିତ ଆଦିବାସୀ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ, ସ୍ଥାନ: କୋମନା ବ୍ଲକ ସୁନାବେଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ରାଶିର ସନ୍ତାନ ଭାବରେ ରହିଥିବାରୁ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ବିଭିନ୍ନ ସମସ୍ୟା ସାଙ୍ଗକୁ ଆତ୍ମୀୟଙ୍କ ହତାଦର ମାନସିକ ସ୍ଥିତିକୁ କଳୁଷିତ କରିଦେବ। ଶତ୍ରୁତା କରୁଥିବା ବ୍ୟକ୍ତି ଅସୁବିଧାରେ ପକାଇବାକୁ ଚେଷ୍ଟାକରି ବିଫଳ ହେବେ। ରଚନାତ୍ମକ କାମ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ** ପାପଗ୍ରହ ଯୁକ୍ତ ରବିଙ୍କ କୁପ୍ରଭାବରେ ପାରିବାରିକ ଅଶାନ୍ତି ଓ ଅର୍ଥାଭାବ ପରିସ୍ଥିତିର ସାମ୍ନା କରିବେ। ବନ୍ଧୁମାନେ ସାମୟିକ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଯାତ୍ରା, ପ୍ରକାଶନ, ବ୍ୟବସାୟ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ଆଜି କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଧନାଧିପ ତୃତୀୟସ୍ଥ ଯୋଗୁ ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା କାରବାର ସକାଶେ ଦିନଟି ଭଲ। ଆନୁଷ୍ଠାନିକ କାମରେ ବ୍ୟତିକ୍ରମ ଦେଖି ମାନସିକ ଆଘାତ ଲାଗିପାରେ। ସମ୍ପର୍କୀୟ ଜଣେ ସାହାଯ୍ୟ ପାଇଁ ଅନୁରୋଧ କରିପାରନ୍ତି।

**କର୍କଟ** ସୁଖ ଭାବସ୍ଥ ଚନ୍ଦ୍ର ହେତୁ ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଅର୍ଥଲାଭର ସୁବିଧା ପ୍ରଦାନ କରିବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ, କିନ୍ତୁ କିଛି କରିବାର ଉପାୟ ପାଇବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା, ଅଭିମାନ କରିଥିବା ସନ୍ତାନ, ପଡ଼ୋଶୀଙ୍କ ଅଭିଯୋଗରୁ ଭାବାନ୍ତର ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ପରିବହନ ସମସ୍ୟା ଦୂରହେବ।

**ସିଂହ** ମାନସିକ ଅସ୍ଥିରତାଜନିତ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ରାଜନୈତିକ କିମ୍ବା ପ୍ରଶାସନିକ ସ୍ତରରେ ପରିସ୍ଥିତି ଭଲ ରହି ନ ପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ନବମସ୍ଥ ଗୁରୁଙ୍କ କୃପାରୁ ସାମୂହିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ସଭାସମିତିରେ ପ୍ରଶଂସିତ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତି ନାନାଦି କଥା କହିପାରନ୍ତି।

**ତୁଳା** ତୃତୀୟାଧିପତିଙ୍କ ଶୁଭତ୍ୱରୁ ଆତ୍ମୀୟଙ୍କ ସହଯୋଗ ସମାଧାନର ସୂତ୍ର ବାହାର କରିବାରେ ସାହାଯ୍ୟ କରିବ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ମାଲିମକଦ୍ଦମା, ଜମିଜମା ସମସ୍ୟା ସମାଧାନ ଦିଗକୁ ମୁହାଁଇପାରେ।

**ବିଛା** ଚନ୍ଦ୍ରଙ୍କ ସ୍ଥିତିଜନିତ ମାନସିକ ଅସ୍ଥିରତା କାରଣରୁ ଯାହା ଭାବୁଥିବେ ତାହାର ଠିକ୍ ଓଲଟା ହୋଇଯିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ଦୈନନ୍ଦିନର ଜୀବନଚର୍ଯ୍ୟାରେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବୈବାହିକ କର୍ମ ସମ୍ପାଦନ ପାଇଁ ବନ୍ଧୁପ୍ରସ୍ତାବ ସମ୍ପର୍କୀୟ ଆଲୋଚନାର ମଉକା ଜୁଟିବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ମୂଳା ନକ୍ଷତ୍ର ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** ସପ୍ତମାଧିପତି ଦୁଃସ୍ଥାନସ୍ଥ ଯୋଗୁ ପ୍ରତିବନ୍ଧକକୁ ଏଡ଼ି କାମ ହାସଲ କରିବାକୁ ପଡ଼ିବ। ସ୍ତ୍ରୀଙ୍କ ସହ ମତାନ୍ତର ଆଶଙ୍କା ରହିଛି। ସମ୍ପର୍କ ଭଲ ଥିଲେ ମଧ୍ୟ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯାଇପାରେ

**କୁମ୍ଭ** ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ସୃଷ୍ଟିହେବ। ଅଭିମାନକରି ରହିଥିବା ବନ୍ଧୁଙ୍କୁ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇବେ। ଧନିଷ୍ଠା ନକ୍ଷତ୍ରର ବାକି ପଡ଼ିଥିବା ଟଙ୍କା ଆଜି ଚେଷ୍ଟାକଲେ ଫେରିପାରିବେ।

**ମୀନ** ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ବ୍ୟବସାୟ, ପରିବହନ, ଲେଖାପଢ଼ା, ଯାତ୍ରା ଓ ଆଲୋଚନା କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

ଆଜି ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର–ପୂର୍ବାଫାଲ୍‌ଗୁନୀ/ସିଂହ, ଦିବା ଘ.୦୯।୧୬ ଗତେ, ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୧ ଗତେ, ଘ,୦୬।୨୮ ମଧ୍ୟେ, ଘ.୦୮।୩୮ ଗତେ, ଘ. ୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୩୩ ଗତେ, ଘ. ୦୪। ୦୨ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ସୁକିନ୍ଦାରେ ଅନରକିଲିଂ...

ନିଜ ଘରକୁ ଟଙ୍କା ମାଗିବାକୁ ଯାଇଥିଲେ। ହେଲେ ଆଉ ଫେରି ନ ଥିଲେ। ପରଦିନ ଘର ନିକଟ କୂଅରୁ ତାଙ୍କ ମୃତଦେହ ମିଳିଥିଲା। ୧୭ ତାରିଖରେ ଅଗ୍ନିଶମ ବାହିନୀ ଉକ୍ତ କୂଅରୁ ସୁଶୀଲଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ସୁକିନ୍ଦା ଥାନା ପୋଲିସ ୩୨/୨୦୨୪ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗତ ୧୮ ତାରିଖରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ବିଜୟଲକ୍ଷ୍ମୀ ଘଟଣାର ୨ ଦିନ ପରେ ୧୯ ତାରିଖରେ ସୁକିନ୍ଦା ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ସୁଶୀଲଙ୍କ ବାପା, ମା', ୫ ଭଉଣୀ ଓ ଜଣେ ମାମୁ ସମ୍ପୃକ୍ତ ଥିବା ଦର୍ଶାଇଛନ୍ତି। ଘଟଣାକୁ ପ୍ରାୟ ୧୩ ଦିନ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ପୋଲିସର ତଦନ୍ତ ସେତେଟା ଫଳପ୍ରଦ ହୋଇପାରିନାହିଁ। ଏଯାଏ ସୁଶୀଲଙ୍କ ମୃତ୍ୟୁ ଘଟଣାର ରହସ୍ୟ ପର୍ଦ୍ଦାଫାଶ କରିବାରେ ପୋଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ଥାନାରେ ଅଭିଯୋଗ ହେବା ପରେ ସୁଶୀଲଙ୍କ ପରିବାର ଲୋକେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ତଦନ୍ତ ଅଧିକାରୀ ମଦନମୋହନ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ତଦନ୍ତ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଚାର ବିଭାଗୀୟ...

ତେବେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତର ଅଗ୍ରଗତି ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ତଦନ୍ତର ବିଭିନ୍ନ ଦିଗ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ କମିଶନଙ୍କ ସଚିବ ଭାବେ ଅବସରପ୍ରାପ୍ତ ଜିଲାଜଜ୍ ଶୁଭେନ୍ଦୁ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବୈଠକରେ ଶୁଭେନ୍ଦୁ ମଧ୍ୟ ଉପସ୍ଥିତ ଥିଲେ। ଶୁଭେନ୍ଦୁ କହିଛନ୍ତି, ସତ୍ୟପାଠ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇବ। ସତ୍ୟପାଠ ଦାଖଲ ପାଇଁ ୨୧ଦିନ ସମୟ ଦିଆଯିବ। ଏହି ମାମଲାରେ ଯେଉଁମାନେ ପୀଡ଼ିତ ଓ ଅଭିଯୁକ୍ତ ରହିଛନ୍ତି, ସେମାନେ ସତ୍ୟପାଠ ଦାଖଲ କରିବେ। ଆର୍ମି ଅଫିସର, ବାନ୍ଧବୀ ଓ ପୋଲିସ ଅଧିକାରୀମାନଙ୍କ ବ୍ୟତୀତ ଏହି ଘଟଣା ବିଷୟରେ ଜାଣିଥିବା ସର୍ବସାଧାରଣ ଲୋକ ମଧ୍ୟ ସତ୍ୟପାଠ ଦାଖଲ କରିପାରିବେ। ସ୍ପେଶାଲ ସର୍କିଟ୍ ହାଉସ୍ ଅଫିସ୍‌ରେ ସତ୍ୟପାଠ ଦାଖଲ କରାଯିବ। ପରେ ସତ୍ୟପାଠଗୁଡ଼ିକୁ ଯାଞ୍ଚ କରାଯାଇ ସେମାନଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ କମିଶନ ଯେଉଁମାନଙ୍କୁ ଚାହିଁବେ ସେମାନଙ୍କୁ ସମନ୍ କରାଯାଇ ଡକାଯିବ ବୋଲି ଶୁଭେନ୍ଦୁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେପ୍ଟେମ୍ବର ୨୧ ବିଳମ୍ବିତ ରାତିରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ୨୨ ତାରିଖରେ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ଜଷ୍ଟିସ୍ ଦାସଙ୍କ ଅଧ୍ୟକ୍ଷତାରେ ବିଚାର ବିଭାଗୀୟ ତଦନ୍ତ କରାଯିବ ବୋଲି କୁହାଯାଇଥିଲା। ମୁଖ୍ୟତଃ ୩ଟି ଦିଗ ଉପରେ ତଦନ୍ତ ଆଗେଇବା ନେଇ ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା। କିଭଳି ଓ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସମ୍ପୂର୍ଣ୍ଣ ଘଟଣାକ୍ରମ କ'ଣ ଥିଲା, କେଉଁ ପରିସ୍ଥିତିରେ ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ଏବଂ ମାଡ଼ମରା ଭଳି ଘଟଣା ଘଟିଲା, ଏହିସବୁ ଘଟଣାର ତଦନ୍ତ କରାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା।

### ୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ଆରମ୍ଭ

ଭରତପୁର ଥାନାରେ ନିର୍ଯାତନା ଘଟଣାରେ ସୋମବାର ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି (ଏସ୍ଏଫ୍ଏସ୍ଏଲ୍)ରେ ୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ ଟେଷ୍ଟ, ନାର୍କୋ–ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟ ହୋଇଥିବାବେଳେ ଅନ୍ୟ ୪ ପୋଲିସ ଅଧିକାରୀଙ୍କ କେବଳ ପଲିଗ୍ରାଫ୍ ଟେଷ୍ଟ ହେବ। ଜଣଙ୍କ ପରେ ଜଣଙ୍କୁ ଏସବୁ ଟେଷ୍ଟ କରାଯିବ ବୋଲି ସୂଚନା ମିଳିଛି।

## ହାଇକୋର୍ଟରେ ଆଗୁଆ...

ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ନିଲମ୍ବିତ ପୋଲିସ ଅଧିକାରୀ ସୋମବାର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

## ମିଥୁନ୍ ଚକ୍ରବର୍ତ୍ତୀଙ୍କୁ...

ନରେନ୍ଦ୍ର ମୋଦି ଅଭିନେତା ମିଥୁନ୍‌ଙ୍କୁ ସାଂସ୍କୃତିକ ଆଇକନ୍ କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି। ମିଥୁନ୍‌ଜୀ ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ବହୁତ ଖୁସି ବୋଲି ଏକ୍ସ'ରେ ଲେଖିଛନ୍ତି। ୭୪ ବର୍ଷୀୟ ମିଥୁନ୍ ଏହି ସମ୍ମାନକୁ ତାଙ୍କ ପରିବାର ଏବଂ ଅଗଣିତ ଶୁଭେଚ୍ଛୁ ଓ ପ୍ରଶଂସକଙ୍କୁ ସମର୍ପିତ କରୁଥିବା କହିଛନ୍ତି। ସେ ଯଦି ଏହି ପୁରସ୍କାର ପାଇପାରିଲେ, ଅନ୍ୟ କଳାକାରମାନେ ତ୍ୟାଗ ଏବଂ କଠିନ ପରିଶ୍ରମ କରିବା ମନୋଭାବ ରଖିଲେ ମଧ୍ୟ ଏହା ହାସଲ କରିପାରିବେ ବୋଲି ମୃଗୟା, ଡିସ୍କୋ ଡ୍ୟାନ୍ସର ଏବଂ ପ୍ରେମ୍ ପ୍ରତିଜ୍ଞା ଭଳି ଲୋକପ୍ରିୟ ଚଳଚ୍ଚିତ୍ରର ତାରକା କହିଛନ୍ତି। ମିଥୁନ୍ ଅନେକ ହିନ୍ଦୀ ଏବଂ ବଙ୍ଗଳା ଚଳଚ୍ଚିତ୍ରରେ କାମ କରିଛନ୍ତି। ସେ ରାଜନୀତିରେ ପ୍ରବେଶ କରି ରାଜ୍ୟ ସଭା ସଦସ୍ୟ ରହିଥିଲେ। ସେ ୩ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୨ଟି ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। କିଛିମାସ ପୂର୍ବରୁ ତାଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ୧୯୮୯ରେ ସେ ରେକର୍ଡ ୧୯ଟି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରି ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲେ, ଯାହାକୁ ବଲିଉଡ୍‌ରେ ଅନ୍ୟ କେହି ଏପର୍ଯ୍ୟନ୍ତ ଭାଙ୍ଗିପାରି ନାହାନ୍ତି।

## ମୃଗୟା ମିଥୁନ୍‌ଙ୍କ...

ଏଥିରେ ମିଥୁନ୍‌ଙ୍କ ସହ ମମତା ଶଙ୍କର ଅଭିନୟ କରିଥିଲେ। ମମତାଙ୍କର ମଧ୍ୟ ଏହା ପ୍ରଥମ ଚଳଚ୍ଚିତ୍ର ଥିଲା। ୨୪ତମ ଜାତୀୟ ପୁରସ୍କାର ଉତ୍ସବରେ ମୃଗୟାକୁ ଶ୍ରେଷ୍ଠ ଫିଚର ଫିଲ୍ମ ଏବଂ ମିଥୁନ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ କରାଯାଇଥିଲା। ୩୦ ଦଶକରେ ଓଡ଼ିଶାର ଏକ ଛୋଟିଆ ଗାଁର ଆଦିବାସୀମାନଙ୍କ ଜୀବନୀକୁ ନେଇ ମୃଗୟା ଚଳଚ୍ଚିତ୍ର ନିର୍ମିତ। ସେତେବେଳେ ଗାଁକୁ ବାଘ, ବାରହା ଆଦି ବନ୍ୟଜନ୍ତୁ ପଶିଆସି ଆକ୍ରମଣ କରିବା ସହ ଫସଲ ନଷ୍ଟ କରୁଥିଲେ। ଲୋଭୀ ସାହୁକାର ଏବଂ ପୋଲିସ ସୂଚନାଦାତାଙ୍କ ଦ୍ୱାରା ଗ୍ରାମବାସୀ ନିର୍ଯାତିତ ହେଉଥିଲେ। ଏହି ସମୟରେ ଜଣେ ବ୍ରିଟିଶ ପ୍ରଶାସନିକ ଅଧିକାରୀ ଉକ୍ତ ଗାଁକୁ ଆସିଥିଲେ। ଶିକାର କରିବା ତାଙ୍କର ସଉକ ଥିଲା। ସେ ଘିନୁଆ ନାମକ ଆଦିବାସୀ ଯୁବକଙ୍କ ସହ ସମ୍ପର୍କ କରିଥିଲେ। ଘିନୁଆ ବଡ଼ ଶିକାର ଆଣିଲେ ତାଙ୍କୁ ପୁରସ୍କୃତ କରାଯିବ ବୋଲି ବ୍ରିଟିଶ ଅଧିକାରୀ କହିଥିଲେ। ଘିନୁଆଙ୍କ ସ୍ତ୍ରୀ ଡୁଙ୍ଗ୍ରୀଙ୍କୁ ସାହୁକାର ଅପହରଣ କରିନେଇଥିଲେ। ସ୍ତ୍ରୀଙ୍କୁ ଫେରାଇ ଆଣିବା ପାଇଁ ଘିନୁଆ ସାହୁକାରଙ୍କୁ ହତ୍ୟା କରିଥିଲେ। ଏହା ଏକ ବଡ଼ ଶିକାର ଭାବି ଘିନୁଆ ପୁରସ୍କାର ପାଇବା ଖୁସିରେ ବ୍ରିଟିଶ ସାହେବଙ୍କୁ ଭେଟିଥିଲେ। ତେବେ ସାହୁକାରଙ୍କୁ ହତ୍ୟା କରିଥିବାରୁ ତାଙ୍କୁ ଫାଶୀ ଦିଆଯାଇଥିଲା। ତେବେ ପୂର୍ବରୁ ଶିକାର କରି ପୁରସ୍କାର ପାଇଆସୁଥିବାବେଳେ ଏଥର ଫାଶୀ ଦିଆଗଲା କାହିଁକି, ତାହା ଘିନୁଆ ମୃତ୍ୟୁ ପର୍ଯ୍ୟନ୍ତ ବୁଝିପାରି ନ ଥିଲା।

## ପ୍ଲାଜମା ବିକ୍ରି ଅଭିଯୋଗରେ ଯୁବକ ଗିରଫ

### ୬ ପ୍ୟାକେଟ୍ ପ୍ଲାଜମା ଜବତ

କଟକ,୩୦।୯(କାର୍ତ୍ତିକ ସାହୁ)

କଟକ ସଦର ଥାନା ପୋଲିସ ସୋମବାର ପ୍ଲାଜମା ଦଲାଲି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବିଡ଼ାନାସୀ ଥାନା ଅନ୍ତର୍ଗତ କନିକାଛକ ଅଞ୍ଚଳରେ ରହୁଥିବା ବାଲେଶ୍ୱର ସୋରୋ ଅଞ୍ଚଳର ବାପି ଓରଫ ଅଜୟ କୁମାର ନାୟକ(୪୦)। ତାଙ୍କଠାରୁ ଘରୋଇ ମେଡିକାଲ ରୋଗୀଙ୍କ ପାଇଁ ବେଆଇନ ଭାବେ ବିକ୍ରି ହୋଇଥିବା ୬ ପ୍ୟାକେଟ ଏ–ପଜିଟିଭ ପ୍ଲେଟଲେଟ ପ୍ଲାଜମାକୁ ପୋଲିସ ଜବତ କରିଥିବା ଏଡିସିପି ଅନୀଲ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ନିଆଳି କପିଚନ୍ଦ୍ରପୁର ଅଞ୍ଚଳର ସର୍ବେଶ୍ୱର ନାୟକ ଡେଙ୍ଗୁ ଆକ୍ରାନ୍ତ ହୋଇ ମହାନଦୀ ବିହାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସର୍ବେଶ୍ୱରଙ୍କୁ ଏ–ନେଗେଟିଭ ପ୍ଲେଟଲେଟ୍ ପ୍ଲାଜ୍‌ମା ଲାଗିବ ବୋଲି ଡାକ୍ତର କହିଥିଲେ। ସର୍ବେଶ୍ୱରଙ୍କ ସମ୍ପର୍କୀୟ ଭାଇ ଦୀପ୍ତିରଞ୍ଜନ ନାୟକ ଏସ୍‌ସିବି ରେଡକ୍ରସ ବ୍ଲଡ ବ୍ୟାଙ୍କକୁ ପ୍ଲାଜ୍‌ମା ଆଣିବାକୁ ଯାଇଥିଲେ। ସେଠାରୁ ନିରାଶ ହୋଇ ଦୀପ୍ତିରଞ୍ଜନଙ୍କ ସହ ଯାଇଥିବା ରୋଗୀଙ୍କ ସମ୍ପର୍କୀୟ ପୁପୁନ ନାୟକ ଅଜୟଙ୍କୁ ଯୋଗାଯୋଗ କରିଥିଲେ। ଅଜୟ ପ୍ଲାଜ୍‌ମା ଯୋଗାଡ଼ କରିଦେବା ପାଇଁ ୫ ହଜାର ଟଙ୍କା ନେଇଥିଲେ। କିଛି ସମୟ ପରେ ଅଜୟ ଏ–ନେଗେଟିଭ ବଦଳରେ ୬ ପ୍ୟାକେଟ (ୟୁନିଟ) ଏ–ପଜିଟିଭ ପ୍ଲାଜ୍‌ମା ଆଣି ଦୀପ୍ତିଙ୍କୁ ଧରାଇଦେଇଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଳିଗଲେ ୨ ଯୁବକ

କୁଆଁରମୁଣ୍ଡା,୩୦।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ରାଏବୋଗା ରୋଡ୍ କୁଡ଼ପାନିଟୋଲି ବୁଲାଣି ନିକଟରେ ସୋମବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଆରୋହୀ ଜଳିଯାଇଛନ୍ତି। ମୃତକ ହେଲେ ହାତୀବାରି ଥାନା କରଡେଗା ଗ୍ରାମର ରାଜେଶ ଡିଗା(୨୨) ଏବଂ ବେଲେନ ବାଡିଂ(୨୧)। ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଅଶୋକ ଅଗ୍ରୱାଲ ଏକ ବାଇକ୍‌ରେ ରାଏବୋଗା ପାର୍ଶ୍ୱରୁ ବୀରମିତ୍ରପୁର ପଟକୁ ଯାଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ରାଜେଶ ଓ ବେଲେନ ଆସୁଥିଲେ। ଏହି ସମୟରେ ରାଏବୋଗା ରୋଡ୍ କୁଡ଼ପାନିଟୋଲି ବୁଲାଣି ନିକଟରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ବାଇକ୍ ସହ ରାଜେଶ ଓ ବେଲେନ ଜଳି ଯାଇଥିଲେ। ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ଘଟିଥିଲା ବେଳେ ବେଲେନଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଝାଡ଼ଖଣ୍ଡ ରାଜ୍ୟ ସିମ୍‌ଡେଗା ଅଞ୍ଚଳର କପଡ଼ା ବ୍ୟବସାୟୀ ଅଶୋକ ଅଳ୍ପକେ ବର୍ତ୍ତି ଯାଇଥିଲେ।




# ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତା ପୋଷଣ ଅଭିଯାନର ଯୋଦ୍ଧା

## ପୋଷଣ ମାସର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)

ଓଡ଼ିଶାକୁ କୁପୋଷଣମୁକ୍ତ କରିବା ପାଇଁ ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତାମାନଙ୍କୁ ଗାଁ ଗାଁରେ ଜନସଚେତନତା ସୃଷ୍ଟି କରିବାକୁ ପଡିବ। ଏଥିସହ ପୋଷଣ ଅଭିଯାନରେ ସେମାନଙ୍କୁ ଆତ୍ମୀୟତା ସହ କାର୍ଯ୍ୟ କରିବାକୁ ପଡିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନଠାରେ ରାଜ୍ୟସ୍ତରୀୟ ପୋଷଣ ମାସ–୨୦୨୪ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏହାକୁ ଉଦ୍‌ଘାଟନ କରି କହିଲେ, ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତା ହେଉଛନ୍ତି ପୋଷଣ ଅଭିଯାନର ଯୋଦ୍ଧା। ସେମାନେ ଜିଲାସ୍ତରୀୟ ଅପପୁଷ୍ଟି ସମସ୍ୟାର କାରଣ ଓ ନିରାକରଣ ଉପରେ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ମଧ୍ୟମ ପୁଷ୍ଟିହୀନତାକୁ ଓଡିଶାରୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ଲକ୍ଷ୍ୟରେ ଜିଲାସ୍ତରୀୟ ଢାଞ୍ଚା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପୋଷଣ ପାଇଁ ଆଞ୍ଚଳିକ ଖାଦ୍ୟ ସହ ଖାଦ୍ୟ ବିବିଧତାକୁ ପ୍ରାଧାନ୍ୟ ଦେବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ମହିଳା ଓ ଶିଶୁ ବିକାଶ ଏବଂ ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଯୋଗଦେଇ, ଶିଶୁ ପୋଷଣରେ ମା' ସହ ପରିବାରର ଅନ୍ୟ ସଦସ୍ୟମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ଆମେ ଓଡ଼ିଶାକୁ ଏକ କୁପୋଷଣମୁକ୍ତ


ପୋଷଣ ମାସର ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନେ ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି। (ଫଟୋ– ବିକାଶ ନାୟକ)

ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିବା ବୋଲି ସେ କହିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନ ପରିସରରେ ପିଜୁଳି ଗଛ ଲଗାଇ 'ଏକ ପେଡ୍ ମା କେ ନାମ୍' ଅଭିଯାନକୁ ସ୍ୱାଗତ କରିଥିଲେ। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଦ୍ୱାରା ପୋଷଣ ସଂକ୍ରାନ୍ତ ମଡେଲ, ଶିକ୍ଷା ଓ ମନୋରଞ୍ଜନଧର୍ମୀ ସାମଗ୍ରୀ, ଖେଳଣା ଏବଂ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଖୋର୍ଦ୍ଧା ଜିଲା ବାଲିପାଟଣା ପ୍ରକଳ୍ପର ଡୁଭିନତିରା ଅଙ୍ଗନୱାଡ଼ି କର୍ମୀ ହରପ୍ରିୟା ହୋତା, ନିମାପଡ଼ା ସେକ୍‌ଟରର ମହିଳା ସୁପରଭାଇଜର ସଙ୍ଗୀତା ଗୌତମୀ ଜେନା, ମାଲକାନଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନୀହାରବାଳା ସାହୁ ଓ ନୂଆପଡ଼ା ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର କ୍ଷେତ୍ର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅର୍ଥ ଉପଦେଷ୍ଟା ଓ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନାୟକ ଏବଂ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ଜିଲାରୁ ଆସିଥିବା ଅଙ୍ଗନୱାଡ଼ି କର୍ମୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଯୋଗଦେଇଥିଲେ। ବିଭାଗୀୟ ଅତିରିକ୍ତ ସଚିବ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।






# ଏକ ନମ୍ବର ପଛରେ

ଏକ ନମ୍ବରରେ ରହିବା ପାଇଁ ଏବେ ଚାରିଆଡ଼େ କସରତ ହେଉଛି। ପୂର୍ବରୁ ଭାବୁଥିଲୁ ଯେ, ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିବାକୁ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ସବୁକିଛି ଉଦ୍ୟମ କରିଦଅନ୍ତି। ଦରକାର ପଡ଼ିଲେ ପିଲାଙ୍କୁ କପି କରିବା ପାଇଁ ମଧ୍ୟ ଉସୁକାଇଥାଆନ୍ତି। ଏବେ ସେହି ଚରିତ୍ରଗତ ଦୋଷ ସରକାରୀ ସ୍ତରରେ ମଧ୍ୟ କିଛି ବର୍ଷ ହେଲା ଦେଖାଦେଉଛି। ଏକ ନମ୍ବର ରାଜ୍ୟଠାରୁ ଆରମ୍ଭକରି ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେବା ପାଇଁ କେବଳ ଓଡ଼ିଶା ନୁହେଁ, ଦେଶର ଅନ୍ୟ କେତେକ ରାଜ୍ୟ ମଧ୍ୟ ସର୍ବଦା ଚେଷ୍ଟିତ। ଏଥିପାଇଁ ଅସତ୍ୟ ନଥିପତ୍ର ସୃଷ୍ଟି କରିବାକୁ ପଡ଼ିଲେ ମଧ୍ୟ ତାହା ଯୋଗାଡ଼ କରି ଦିଆଯାଉଛି। ପୁରସ୍କାର ପାଇବା ହୋଇଯାଉଛି ଯେମିତି ପ୍ରାଥମିକ ଲକ୍ଷ୍ୟ। ସଦ୍ୟ ପ୍ରକାଶିତ ଅର୍ବାନ ଗଭର୍ନାନ୍ସ ଇଣ୍ଡେକ୍ସ (ୟୁଜିଆଇ) ୨୦୨୪ରୁ ଜଣାପଡ଼ିଛି ଯେ, ସହରାଞ୍ଚଳ ଶାସନ କ୍ଷେତ୍ରରେ କେରଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟରେ ରହିଛି। ପ୍ରଜା ଫାଉଣ୍ଡେଶନ ପକ୍ଷରୁ ଭାରତର ୨୮ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳର ୩୧ଟି ସହରରେ ଏ ନେଇ ଦୁଇବର୍ଷ ଧରି ଅଧ୍ୟୟନ କରାଯାଇଥିଲା। ଗବେଷକମାନଙ୍କ ଏକ ଟିମ୍ ଏହିସବୁ ସହରରେ ୨,୨୧୩ ପ୍ରମୁଖ ଅଂଶୀଦାରଙ୍କ ସମେତ ନିର୍ବାଚିତ ପ୍ରତିନିଧି, ପ୍ରଶାସକ, ଶିକ୍ଷାବିତ୍, ସିଭିଲ ସୋସାଇଟି, ଗଣମାଧ୍ୟମ ଏବଂ ଅର୍ବାନ ଗଭର୍ନାନ୍ସ ଓ ନୀତି ବିଶେଷଜ୍ଞଙ୍କ ସହ ଆଲୋଚନା କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ୪୨ଟି ମାପଦଣ୍ଡକୁ ଆଧାର କରି ୧୦୦ରୁ କେରଳକୁ ୫୯.୩୧ ନମ୍ବର ମିଳିଥିଲା ବେଳେ ଓଡ଼ିଶା ୫୫.୧୦ ନମ୍ବର ରଖିଛି। ଏଠାରେ ପ୍ରଶ୍ନ ଉଠୁଛି, ଓଡ଼ିଶାର କେଉଁ ଗଣମାଧ୍ୟମ ସହ ଆଲୋଚନା ହୋଇଥିଲା, ତାହା କେହି ଜାଣି ନ ଥିବେ। ସେହିଭଳି ଆମ ରାଜ୍ୟର କେଉଁ ବ୍ୟକ୍ତି ନୀତି ସମ୍ପର୍କରେ ବିଜ୍ଞ ଓ ତାଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ କେତେଦୂର ବିଶ୍ୱସନୀୟ ତାହା ଖୋଜି ବାହାର କରାଯିବା ଦରକାର।

> **ଅର୍ଥ ଯୋଗାଉଥିବା ସଂସ୍ଥା କିମ୍ବା କେନ୍ଦ୍ର ସରକାରଙ୍କ ରେକର୍ଡରେ ଦର୍ଶାଇ ଦିଆଯାଉଛି ଯେ, ସହରାଞ୍ଚଳରେ ସବୁ ଉନ୍ନତିମୂଳକ କାର୍ଯ୍ୟ ହାସଲ ହୋଇଗଲାଣି। ଅର୍ଥାତ୍ ସେଥିପାଇଁ ଅଧିକ ପାଣ୍ଠିର ଆବଶ୍ୟକତା ରହୁନାହିଁ। ତେଣୁ ପରବର୍ତ୍ତୀ ସମୟରେ କେବଳ ରକ୍ଷଣାବେକ୍ଷଣ ପାଇଁ କ୍ଷୁଦ୍ର ପରିମାଣର ଅର୍ଥ ଦିଆଯାଉଛି। ଏହାଦ୍ୱାରା ଭବିଷ୍ୟତର ଶାସନ ବ୍ୟବସ୍ଥାରେ ବିରାଟ ବଡ଼ ସମସ୍ୟା ସୃଷ୍ଟି କରିଦିଆଯାଉଛି।**

ସହରାଞ୍ଚଳ ଶାସନ ବା ପରିଚାଳନା ବ୍ୟବସ୍ଥା ଉତ୍ତମ ରହିଥିବା ନେଇ କାଗଜକଲମରେ କୁହାଯାଉଥିଲେ ମଧ୍ୟ ବାସ୍ତବରେ ତାହା ପ୍ରତିଫଳିତ ହେଉନାହିଁ। ଉଦାହରଣ ଭାବେ ଓଡ଼ିଶାର ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଓ ରାଉରକେଲା ଭଳି ସହରକୁ ଦେଖିଲେ ରାସ୍ତା କାମ ବାରମ୍ବାର ହେଉଥିବାରୁ ସଡ଼କ ଭିତ୍ତିଭୂମି ସମ୍ପୂର୍ଣ୍ଣ ହୋଇ ପାରିନାହିଁ ବୋଲି କୁହାଯାଇପାରେ। ସେହିଭଳି ରାସ୍ତା, ଆଲୋକ, ବର୍ଷାପାଣି ନିଷ୍କାସନ, ବର୍ଜ୍ୟ ପରିଚାଳନା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶାର କୌଣସି ସହର କୌଣସି ମାପଦଣ୍ଡରେ ଉଚ୍ଚ ସ୍ଥାନ ହାସଲ କରିପାରିବ ନାହିଁ। ରାସ୍ତାର ଦୁରବସ୍ଥା ସହରର ଗମନାଗମନରେ ବିପଦକୁ ସୂଚିତ କରୁଛି। ସେଥିରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ଓ ଫ୍ଲାଏ ଓଭରର କେତେକାଂଶ ଭାଙ୍ଗି ପଡ଼ିବା ଯୋଗୁ ବାରମ୍ବାର ଦୁର୍ଘଟଣା ଦେଖିବାକୁ ମିଳୁଛି। କୁହାଯାଇଥାଏ, ଏକ ପିଚୁ ରାସ୍ତାର ସ୍ଥାୟିତ୍ୱ ୨ ବର୍ଷ। ହେଲେ କଂକ୍ରିଟ ରାସ୍ତାର ଜୀବନ ପାଖାପାଖି ୨୫ ବର୍ଷ ହୋଇଥାଏ। ଯେତେବେଳେ କୁହାଯାଉଛି ଯେ, ଆମର ରାସ୍ତାଗୁଡ଼ିକ ଅତ୍ୟନ୍ତ ସ୍ମାର୍ଟ ହୋଇଯାଇଛି ସେତେବେଳେ ପିଚୁ ରାସ୍ତା କରିବା ଅପେକ୍ଷା ସେଗୁଡ଼ିକୁ କଂକ୍ରିଟ କରାଯାଇ ପାରିଥାଆନ୍ତା। କିନ୍ତୁ ଏ ଦିଗରେ ଅର୍ଥ ବାଟମାରଣା କରିଦେବାର ଉଦ୍ଦେଶ୍ୟ ରହୁଥିବାରୁ ପ୍ରତିବର୍ଷ ଠିକାଦାରଙ୍କୁ ପୋଷିବା ସାର ହେଉଛି। ସମାନ ଭାବେ ପାନୀୟ ଜଳ କଥା ଦେଖିଲେ ସବୁ ଘରକୁ ଏହା ଯୋଗାଇ ଦିଆଯାଇଛି ବୋଲି ସରକାରୀ ନଥିପତ୍ରରେ ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ସହରଠାରୁ ଗାଁ ଯାଏ ଲୋକେ ପାଣି ପାଇଁ ସଂଘର୍ଷ କରୁଛନ୍ତି। ଅନୁରୂପ ଭାବେ ବିଦ୍ୟୁତ୍ ସଂଯୋଗ ଶତ ପ୍ରତିଶତ ହୋଇଥିବା କୁହାଯାଇ ବାହାବା ନିଆଯାଉଛି। ସହରର ସ୍ୱେରେଜ, ସିଉଏଜ୍ ବ୍ୟବସ୍ଥା କିଭଳି ରହିଛି ତାହା ସମସ୍ତେ ଜାଣନ୍ତି। ଏ ଦିଗରେ ଅନେକ କୋଟି ଟଙ୍କା ବରାଦ ହେଉଥିଲେ ମଧ୍ୟ ତାହାର ସୁଫଳ ସାଧାରଣରେ ଦେଖିବାକୁ ମିଳୁନାହିଁ। ବର୍ଷାଦିନରେ କଟକ ଓ ଭୁବନେଶ୍ୱର ଭଳି ସିଟିର ମୁକୁଳା ଡ୍ରେନ୍‌ରେ ବାରମ୍ବାର ପିଲାଙ୍କ ଜୀବନ ଯାଉଛି। ଚଳିତ ବର୍ଷ ଜୁନ୍‌ରେ ଭୁବନେଶ୍ୱର ୟୁନିଟ୍ ୩ରେ ଡ୍ରେନ୍‌ରେ ପଡ଼ି ଜଣେ ୧୦ ବର୍ଷର ବାଳକଙ୍କ ମୃତ୍ୟୁ ହେବା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସହରୀ ବନ୍ୟା କଥା ନ କହିଲେ ଭଲ।

ବିଶେଷକରି ସହରର ବିକାଶ ପାଇଁ ଉପରଲିଖିତ କ୍ଷେତ୍ର ସକାଶେ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯାଉଛି। ହେଲେ ଯେତେବେଳେ ପାଣ୍ଠି ଗ୍ରହଣ କରୁଥିବା ସରକାର କିମ୍ବା ନଗର ଶାସନ ବ୍ୟବସ୍ଥା ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ବିଷୟ ଜଣାଇଥାଆନ୍ତି ଏବଂ ଏସବୁ ଉପରେ ଅନୁଧ୍ୟାନ କରୁଥିବା ସଂସ୍ଥା ସମ୍ପୃକ୍ତ ସହରଗୁଡ଼ିକୁ ଟପ୍ ରେଟିଂ ଦେଇ ଦିଅନ୍ତି, ସେତେବେଳେ ବିକାଶ ସେଇଠି ଅଟକି ଯାଉଛି ବୋଲି ଧରିନେବାକୁ ହେବ। କାରଣ ଅର୍ଥ ଯୋଗାଉଥିବା ସଂସ୍ଥା କିମ୍ବା କେନ୍ଦ୍ର ସରକାରଙ୍କ ରେକର୍ଡରେ ଦର୍ଶାଇ ଦିଆଯାଉଛି ଯେ, ବିଭିନ୍ନ ସହରାଞ୍ଚଳରେ ସବୁ ଉନ୍ନତିମୂଳକ କାର୍ଯ୍ୟ ହାସଲ ହୋଇଗଲାଣି। ଅର୍ଥାତ୍ ସେଥିପାଇଁ ଅଧିକ ପାଣ୍ଠି ଯୋଗାଇବାର ଆବଶ୍ୟକତା ରହୁନାହିଁ। ତେଣୁ ପରବର୍ତ୍ତୀ ସମୟରେ କେବଳ ରକ୍ଷଣାବେକ୍ଷଣ ପାଇଁ କ୍ଷୁଦ୍ର ପରିମାଣର ଅର୍ଥ ଦିଆଯାଉଛି। ଏହାଦ୍ୱାରା ଭବିଷ୍ୟତର ଶାସନ ବ୍ୟବସ୍ଥାରେ ବିରାଟ ବଡ଼ ସମସ୍ୟା ସୃଷ୍ଟି କରିଦିଆଯାଉଛି। ଏଭଳି ପରିସ୍ଥିତି ଓଡ଼ିଶାର ସରକାର ପୂର୍ବରୁ ଅନେକ ଥର କରିଥିବାରୁ ତାହାର କୁଫଳ ଏବେ ଭୋଗିବାକୁ ପଡ଼ିବ।

# ଛାତ୍ର ଶକ୍ତି, ରାଷ୍ଟ୍ରର ଶକ୍ତି



ସୌଭାଗ୍ୟ ସୁନ୍ଦରରାୟ

ନିକଟରେ ଭାରତ ଓ ପଡ଼ୋଶୀ ବାଂଲାଦେଶରେ ଦୁଇଟି ଆନ୍ଦୋଳନାତ୍ମକ ଘଟଣା ଘଟିଯାଇଛି, ଯାହା ଛାତ୍ର ଶକ୍ତିର ପରାକାଷ୍ଠାକୁ ପୁଣି ଥରେ ପ୍ରତିପାଦିତ କରିଛି। ସାଧାରଣ ଜନତା ଯାହା କରିବାରେ ସମର୍ଥ ହୋଇନଥା'ନ୍ତି, ତାହା ଛାତ୍ରଙ୍କ ଦ୍ୱାରା ସମ୍ଭବ ହୋଇପାରିଥାଏ।

ପଶ୍ଚିମବଙ୍ଗରେ ଗତ କିଛିଦିନ ତଳେ ଏକ ଲୋମଟାଙ୍କୁରା ଧର୍ଷଣ ଓ ହତ୍ୟା ଘଟଣା ଘଟିଲା। ରାଜ୍ୟର ଏକ ପୁରୁଣା ଡାକ୍ତରି ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନରେ ଜଣେ ସ୍ନାତକୋତ୍ତର ଛାତ୍ରୀଙ୍କୁ ଧର୍ଷଣ ପରେ ହତ୍ୟା କରାଗଲା। ପ୍ରତିଷ୍ଠିତ ଆର.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ହୋଇଥିବା ଏହି ଜଘନ୍ୟ ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହି ଘଟଣାରେ ନିଜ ଆଡ଼ୁ ହସ୍ତକ୍ଷେପ କଲେ। ତେବେ ମୂଳ ଘଟଣାଟି ହେଲା: ଜଣେ ଛାତ୍ରୀଙ୍କ ପ୍ରତି ଏଭଳି ଅମାନୁଷିକ ଆଚରଣ ପ୍ରତି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଅତି ଖାମଖିଆଲ ମନୋଭାବ ପୋଷଣ କଲେ। ଏହାକୁ ଏକ ସାଧାରଣ ଅପରାଧ ଦୃଷ୍ଟିରେ ଦେଖାଗଲା। ଏତେବଡ଼ ଉଚ୍ଚ ଶିକ୍ଷାନୁଷ୍ଠାନରେ ଜଣେ ତରୁଣୀଙ୍କ ପ୍ରତି ନିରାପତ୍ତା ଦିଗ ସମ୍ପର୍କରେ ବିଚାର କରାନଯାଇ ଘଟଣାକୁ ସାଧାରଣ ଅପରାଧ ଭାବେ ବିବେଚନା କରି ବିଭିନ୍ନ ଆଇନ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରାଯିବାରୁ ଛାତ୍ର ଅସନ୍ତୋଷ ବୃଦ୍ଧି ପାଇଲା। ଫଳରେ ଡାକ୍ତରୀ ଛାତ୍ର ଆନ୍ଦୋଳନ ମାର୍ଗ ଆପଣେଇ ରାଜରାସ୍ତାକୁ ଓହ୍ଲାଇଲେ। ରୋଗୀସେବା ବାଧାପ୍ରାପ୍ତ ହେଲା। ପଶ୍ଚିମବଙ୍ଗ ଡାକ୍ତରଙ୍କ ସହ ସମଗ୍ର ଦେଶର ଡାକ୍ତରୀ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହେଲେ। ପଶ୍ଚିମବଙ୍ଗରେ ସାଧାରଣ ଜନତା ମଧ୍ୟ ଛାତ୍ରୀଛାତ୍ରଙ୍କ ସମର୍ଥନରେ ବାହାରିଲେ। ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ପାଇଁ ସୁପ୍ରିମକୋର୍ଟ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସେମାନେ ତାହା ଶୁଣିନଥିଲେ। ଫଳରେ ଆନ୍ଦୋଳନକାରୀ ନିକଟରେ ସରକାର ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ। ରାଜ୍ୟର ତୃଣମୂଳ ସରକାର ଧର୍ଷଣ ନିରୋଧୀ ବିଲ୍ ବିଧାନସଭାରେ ଗୃହୀତ କରାଇଲେ। ଛାତ୍ରଙ୍କ ଦାବି ମୁତାବକ ରାଜ୍ୟର ଏକାଧିକ ବରିଷ୍ଠ ଅଧିକାରୀଙ୍କୁ ବଦଳି କରାଗଲା। ଏହି ଅଧିକାରୀଗଣ ଘଟଣାକୁ ଗୁରୁତ୍ୱ ନ ଦେଇ ନିଜ ଦାୟିତ୍ୱରେ ଅବହେଳା କରିଥିଲେ। ଏଥିସହ କେନ୍ଦ୍ର ସରକାର ନିଜ ଅଧୀନ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାରେ ବୃଦ୍ଧି ଆଣିବାକୁ ନିଷ୍ପତ୍ତି ନେଇଥିଲେ। ଦୀର୍ଘ ୪୨ ଦିନର ଛାତ୍ର ଆନ୍ଦୋଳନ ଯୋଗୁ ଏହି ସୁଫଳ ମିଳିପାରିଲା ବୋଲି କୁହାଯାଇପାରେ। ଯଦି ପ୍ରଶାସନ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା, ତାହାଲେ ହୁଏତ ଆନ୍ଦୋଳନ ଏତେ ଦିନ ଚାଲିନଥା'ନ୍ତା।

ସେହିପରି ପଡ଼ୋଶୀ ବାଂଲାଦେଶରେ ଏକ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ପରିଶେଷରେ ଏକ ଗଣବିପ୍ଳବରେ ପରିଣତ ହୋଇପାରିଲା, ଯାହାର ନେତୃତ୍ୱ ନେଇଥିଲେ ଛାତ୍ରସମାଜ। ପରିସ୍ଥିତି ଏପରି ହେଲା ଯେ, ଏକ ସରକାରର ପତନ



ଘଟିଲା ଏବଂ ପ୍ରଧାନମନ୍ତ୍ରୀ ଦେଶ ଛାଡ଼ି ଚାଲିଗଲେ। ବାଂଲାଦେଶରେ ଗତ ୧୫ ବର୍ଷ ଧରି ଶେଖ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାର କ୍ଷମତାରେ ରହିଆସିଥିଲା। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଚାଲିଲେ। ପ୍ରତିପକ୍ଷ ଓ ବିରୋଧୀ ସ୍ୱରକୁ ଦମନ କରିବାକୁ ବିଭିନ୍ନ ପଦକ୍ଷେପ ନେଲେ। ଏହାଦ୍ୱାରା ଦେଶରେ ସାଧାରଣ ଜନତାଙ୍କ ମଧ୍ୟରେ ଏକପ୍ରକାର ଚାପା ଅସନ୍ତୋଷ ଦେଖାଦେଲା। କିନ୍ତୁ ସରକାରୀ କଳର ସାମ୍ନା କରିବାକୁ କେହି ସାହସ ଜୁଟାଇ ପାରୁନଥିଲେ। ଏହି ସମୟରେ ବାଂଲାଦେଶ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିବା ପରିବାର ସଦସ୍ୟଙ୍କ ପାଇଁ ସରକାର ୩୦% ସଂରକ୍ଷଣ ବ୍ୟବସ୍ଥା କଲେ। ଦେଶରେ ସାଧାରଣ ଲୋକଙ୍କ ମଧ୍ୟରେ ବେରୋଜଗାରି ବୃଦ୍ଧି ପାଇଥିବାବେଳେ ଏତେ ପରିମାଣର ସଂରକ୍ଷଣକୁ ଢାକା ବିଶ୍ୱବିଦ୍ୟାଳୟର କିଛି ବିଦ୍ୟାର୍ଥୀ ବିରୋଧ କରିଥିଲେ। ସରକାର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ଦୀର୍ଘ ଦିନର ସରକାରୀ ମନମାନୀ ବିରୋଧରେ ଥିବା ଜନ ଅସନ୍ତୋଷ ଛାତ୍ରଙ୍କ ନେତୃତ୍ୱରେ ଏକ ରାଷ୍ଟ୍ର ବିପ୍ଳବରେ ପରିଣତ ହୋଇଗଲା। ପ୍ରଧାନମନ୍ତ୍ରୀଙ୍କୁ ଦେଶ ପରିତ୍ୟାଗ କରି ଅନ୍ୟ ରାଷ୍ଟ୍ରରେ ଆଶ୍ରୟ ନେବାକୁ ପଡ଼ିଲା। ଏକ ସରକାରର ପତନ ଘଟିଲା। ଦେଶର ମୁଖ୍ୟ ବିଚାରପତି ଓ ସାମ୍ବିଧାନିକ ପଦପଦବୀରେ ଥିବା ଅନେକ ଅଧିକାରୀଙ୍କୁ ଇସ୍ତଫା ଦେବା ପାଇଁ ବାଧ୍ୟ କରାଗଲା। ଦେଶରେ ଏବେ ମଧ୍ୟବର୍ତ୍ତୀ ସରକାର କାର୍ଯ୍ୟ କରୁଛି।

ଛାତ୍ର ଶକ୍ତିର ପ୍ରଭାବ ଯେ କେତେ ଦୁର୍ବାର ହୋଇପାରେ, ତାହା ଉପରୋକ୍ତ ଦୁଇ ଘଟଣାରୁ ଜଣାପଡୁଛି। ଛାତ୍ରଟିଏ ଦେଶର ଭବିଷ୍ୟତ ବୋଲି କୁହାଯାଇଥାଏ। ଦେଶ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥାଏ। ରାଷ୍ଟ୍ରଠାରୁ ସେମାନଙ୍କର କିଛି ଆଶା ମଧ୍ୟ ରହିଥାଏ। ସେମାନେ ବାକ୍ ସ୍ୱାଧୀନତାରେ ବିଶ୍ୱାସ କରିଥା'ନ୍ତି। ଅନେକ ନୂତନ ବିଚାରଧାରା, ଦର୍ଶନ ସେମାନଙ୍କ ମନକୁ ଆସିଥାଏ, ଯାହା ଏକ ରାଷ୍ଟ୍ରକୁ ସଶକ୍ତ କରିବାରେ ସହାୟକ ହୋଇଥାଏ। ଛାତ୍ରଙ୍କ ମନରେ ଥାଏ ଅତ୍ୟଧିକ ଆତ୍ମବିଶ୍ୱାସ, ଯାହା ଅମଡ଼ା ମାଡ଼ିବାରେ ସେମାନଙ୍କୁ ଖୋରାକ ଯୋଗାଇଥାଏ। କିନ୍ତୁ ଦେଖାଯାଉଛି, ଛାତ୍ର ଶକ୍ତିକୁ ସଶକ୍ତ କରିବା ପରିବର୍ତ୍ତେ ସରକାର ସେମାନଙ୍କୁ ସ୍ୱର ଚାପିଦେବା ପାଇଁ ବିଭିନ୍ନ ସମୟରେ ଉଦ୍ୟମ କରୁଛନ୍ତି।

୧୯୯୦ ଦଶକରେ ମଣ୍ଡଳ ରିପୋର୍ଟକୁ କେନ୍ଦ୍ର କରି ଭାରତରେ ଦେଖା ଦେଇଥିଲା ବ୍ୟାପକ ଛାତ୍ର ଆନ୍ଦୋଳନ। ବହୁ ଯୁବଛାତ୍ର ରାସ୍ତା ଉପରକୁ ଚାଲିଆସିଥିଲେ। ବିଭିନ୍ନ ସ୍ଥାନରେ ପୋଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ଓଡ଼ିଶାରେ ୧୯୫୧ ମସିହାରେ ସରକାରୀ କଲେଜରେ ଦରମା ଓ ହଷ୍ଟେଲ ଦେୟ ବୃଦ୍ଧି ପ୍ରତିବାଦରେ ଦେଖାଦେଇଥିଲା ଏକ ଛାତ୍ର ଆନ୍ଦୋଳନ। ଏହି ସମୟରେ ମୁଖ୍ୟମନ୍ତ୍ରୀ ଥାଆନ୍ତି ନବକୃଷ୍ଣ ଚୌଧୁରୀ। ରେଭେନ୍ସା କଲେଜରେ ଚାଲିଥିବା ବିଧାନସଭା ଘେରାଉ କରିବାକୁ ଯାଇ ଛାତ୍ରମାନେ ସଦସ୍ୟମାନଙ୍କୁ ଭିତରକୁ ଛାଡ଼ିନଥିଲେ। ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ପିଲାମାନଙ୍କୁ ବୁଝାଇବାକୁ ଯାଇ ବିଫଳ ହେଲେ ଓ ବିଧାନସଭାକୁ ଯାଇନପାରି ଫେରିଆସିଥିଲେ। ଏଥିରେ ଅଖିଳ ମୋହନ ପଟ୍ଟନାୟକ, ଦେବୀ ପ୍ରସନ୍ନ ପଟ୍ଟନାୟକ, ନନ୍ଦିନୀ ଶତପଥୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ନନ୍ଦିନୀ ଶତପଥୀ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ଅନ୍ୟମାନେ ସ୍ୱ ସ୍ୱ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିଲେ। ୧୯୬୪ରେ ଓଡ଼ିଶାରେ ଦେଖାଦେଇଥିଲା ଆଉ ଦୁଇଟି ବଡ଼ ଛାତ୍ର ଆନ୍ଦୋଳନ। ଏହି ଛାତ୍ର ଆନ୍ଦୋଳନ ପରିଶେଷରେ ବିରେନ ମିତ୍ର ସରକାର ପତନର କାରଣ ହୋଇଥିଲା। ଦେଖାଯାଏ ଦୁର୍ନୀତି, କୁଶାସନ ବିରୋଧରେ ପ୍ରତିବାଦ ଜଣାଇବା, ଗତିଶୀଳ ରାଷ୍ଟ୍ର ଗଠନ ପାଇଁ ପ୍ରଶାସନ ତଥା ନେତୃବୃନ୍ଦଙ୍କ ଉପରେ ଚାପ ସୃଷ୍ଟି କରିବା ଦିଗରେ ଛାତ୍ର ଓ ଯୁବଗୋଷ୍ଠୀ ଅଗ୍ରଣୀ ଭୂମିକା ନେଇଥାନ୍ତି। ଯୁବବର୍ଗର ମୁକ୍ତ ବିଚାରଧାରା ନୂଆ ସମାଜ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଏଣୁ ସ୍ୱାଧୀନ ବିଚାରଧାରାର କଣ୍ଠରୋଧ ନବ ଉନ୍ମେଷ ସୃଷ୍ଟିରେ ବାଧକ ହୋଇଥାଏ।

ଦେଶରେ ନାଗରିକତା ସଂଶୋଧନ ଆଇନକୁ ବିରୋଧ କରି ମତ ରଖିବା ଅଭିଯୋଗରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଛି। ଏହି ମାମଲାଗୁଡ଼ିକ ତର୍ଜମା କରିବା ସମୟରେ ଜଣାପଡ଼ିଥିଲା ଯେ, ସରକାରଙ୍କ ନୀତି ସହ ସାଲିସ କରିପାରୁନଥିବା ସ୍ୱରକୁ ନୀରବ କରିବା ପାଇଁ ପ୍ରଶାସନ ଭାରତୀୟ ପିଙ୍ଗଳ କୋଡ୍ ଧାରା ୧୨୪(କ) (ଦେଶଦ୍ରୋହ)କୁ ଏକ ବଡ଼ ଅସ୍ତ୍ର ଭାବେ ଉପଯୋଗ କରିଆସୁଛି, ଯାହା ଏକ ପରିପକ୍ୱ ଗଣତନ୍ତ୍ର ପାଇଁ ସୁଲକ୍ଷଣ ହୋଇନପାରେ। ଛାତ୍ରସମାଜ ମୁକ୍ତ ମାନସିକତାର ପ୍ରତୀକ। ସମସ୍ତ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସେମାନଙ୍କ ନିକଟରେ ରହିଥାଏ ଶକ୍ତି ଓ ସାହସ। ଅତ୍ୟଧିକ ଅନ୍ୟାୟକୁ ସେମାନେ ବରଦାସ୍ତ କରିପାରନ୍ତି ନାହିଁ, ଯାହା ବାଂଲାଦେଶ ଓ ପଶ୍ଚିମବଙ୍ଗରେ ଦେଖାଦେଲା। ନିଜର ଦାବି ହାସଲ ପାଇଁ ଶେଷ ପର୍ଯ୍ୟନ୍ତ ସଂଗ୍ରାମ ଚଳାଇ ରଖିବାକୁ ସେମାନେ ଅଙ୍ଗୀକାରବଦ୍ଧ ହୋଇଥାନ୍ତି। ରାଷ୍ଟ୍ର ଦିଗହରା ସମୟରେ ଏମାନେ ଆଲୋକବର୍ତ୍ତିକା ସଦୃଶ କାର୍ଯ୍ୟ କରିଥା'ନ୍ତି। ସେମାନେ ନୂଆ ଧାରା ପ୍ରବର୍ତ୍ତନରେ ସହାୟକ ମଧ୍ୟ ହୋଇଥାଆନ୍ତି। ଏଣୁ ଛାତ୍ରଙ୍କ ମନର କଥା ରାଷ୍ଟ୍ର ଶୁଣିବା ଆବଶ୍ୟକ। ଛାତ୍ରସମାଜକୁ ଉପେକ୍ଷା କରି ବା ଦମନ କରି କୌଣସି ରାଷ୍ଟ୍ର ପ୍ରଗତିଶୀଳ ହୋଇପାରିବ ନାହିଁ।

**ମୋ: ୯୪୩୭୨୨୯୨୩୩**

# ଦେଶ କୁଆଡ଼େ ଯାଉଛି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜିକାଲି ନିଧିଆ ବାପାଙ୍କୁ ଭୁଲିବା ବେମାର ଧରିଛି। ସେ ଯାହା ବି କହୁଛନ୍ତି, ତାକୁ ପୁନରାବୃତ୍ତି କରୁଛନ୍ତି। ଜ୍ଞାନୀ ଏବଂ ତାଙ୍କ ସଂସ୍ପର୍ଶରେ ଆସୁଥିବା ଲୋକମାନେ ବୁଝିସାରିଛନ୍ତି ଯେ ରୋଗ ଆଳରେ ଏହା ବାର୍ଦ୍ଧକ୍ୟ। ଗତ କିଛି ଦିନ ହେବ ସେ ଦେଶର ଚିନ୍ତାରେ ବୁଡ଼ି ରହିଛନ୍ତି, ଯାହା ବି ହେଉ ନା କାହିଁକି ତାଙ୍କ ପାଖରେ ଆଉ କିଛି କାମ ନାହିଁ। ରାସ୍ତାରେ ଯାଉଥିବା ଲୋକଙ୍କୁ ବାରମ୍ବାର ସମାନ ପ୍ରଶ୍ନ ପଚାରୁଛନ୍ତି, ଏହି ଦେଶ କୁଆଡ଼େ ଯାଉଛି? ଏବେ ଏବେ ଦେଶ ଚନ୍ଦ୍ରକୁ ଯାଇଥିଲା, କିନ୍ତୁ ସେ ଏହାକୁ ଭୁଲି ଯାଇଛନ୍ତି। ଦେଶ ଯୁଆଡେ ବି ଯାଉଛି, ରେଡିଓ, ଟିଭି, ଖବରକାଗଜ ସମସ୍ତଙ୍କୁ ଜଣାଇ ଯାଇଥାଏ। ଏମିତି ଲାଗୁଛି ଯେ ନିଧିଆ ବାପା ସେମାନଙ୍କ କଥାକୁ ବିଶ୍ୱାସ କରୁନାହାନ୍ତି। ଦେଶ ଖୋଜିବା ପାଇଁ ସେ ପ୍ରତିଦିନ ରାସ୍ତାରେ ବାହାରକୁ ଯାଆନ୍ତି, ତାଙ୍କ ସାମ୍ନାରେ ଯିଏ ବି ଆସେ, ଯକ୍ଷ ଙ୍କ ପ୍ରଶ୍ନ ପରି ପଚାରନ୍ତି - ଦେଶ କୁଆଡ଼େ ଯାଉଛି?

ଆଜି ସକାଳେ, ସେ ପ୍ରାତ ଭ୍ରମଣରେ ବୁଲିବାକୁ ଯାଇଥିଲେ। ପିଲାଟିଏ ପିଠିରେ ବ୍ୟାଗ ଧରି ସ୍କୁଲକୁ ଦୌଡୁଥିବା ବେଳେ ଅଟକାଇ ପଚାରିଲେ, ମୋସ୍ୱପ୍ନ ର ଭାରତ - ଏହି ଦେଶ କୁଆଡ଼େ ଯାଉଛି.. ପିଲାଟି ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଦେଖିବାକୁ ଲାଗିଲା। ଅଙ୍କଲ ! ମୁଁ ଜାଣେ ନାହିଁ ଦେଶ କୁଆଡେ ଯାଉଛି। ସେ କୁଆଡେ ଯାଇଥିବ, ମୋତେ କହିକି ଯାଇନି। ପିତାମାତାଙ୍କ ସ୍ୱପ୍ନର ବୋଝ ମୋ ପିଠିରେ ପଡ଼ିଛି। ଦେଶ ଯୁଆଡେ ଯାଉଛି ଯାଉ, ମୁଁ କୋଚିଂ ନେଇ ଜଣେ ଡାକ୍ତର ବା ଇଞ୍ଜିନିୟର ହେବାକୁ ଯାଉଛି। ଯଦି ମୁଁ କୌଣସି ସ୍ଥାନରେ ଦେଖିବି, ଆପଣଙ୍କୁ ଜଣାଇବି। ପିଲାଟି ଧାଇଁ ପଳାଇଲା। କିଛି ବାଟ ପରେ, ନିଜ ପିଠିରେ ବୋଝ ବୋହି ନେଉଥିବା ଶ୍ରମିକଙ୍କୁ ଦେଖି ନିଧିଆ ବାପା ଭାବିଲେ, ଏହି ବ୍ୟକ୍ତି ଜଣକ କର୍ମଠ ଲାଗୁଛନ୍ତି ଏ ନିଶ୍ଚିତ ଭାବରେ କହିବ ଯେ ଦେଶ କେଉଁଆଡ଼େ ଯାଉଛି। ଭାଇ! ଏ ଦେଶ କୁଆଡେ ଯାଉଛି? ଲୋକଟିର ଆଣ୍ଠୁ ଲୁଚୁନଥିବା ଧୋତି, ଅର୍ଦ୍ଧନଗ୍ନ କଳା ଶରୀରରୁ ଝାଳ ଝରୁଥିଲା। ସେ ଧଇଁସଇଁ ହେଉଥିଲେ, ପାଟିରେ ଭାଷା ନ ଥିଲା। ସେ ସାମାନ୍ୟ ଡରିଗଲେ, କେଉଁ ସରକାରୀ ବାବୁ ତାଙ୍କ ଫସଲ ଉପରେ କଣ କରୁଛନ୍ତି ଟିକସ ଫିକସ



ଲଗାଇବାକୁ ଆସିଛନ୍ତି ନା କଣ, କିଏ ଜାଣେ ସରକାର ଶସ୍ୟ ଧରିବାକୁ କାହାକୁ ପଠାଇଥିବେ। ମୁଣ୍ଡରୁ ବୋଝ କାଢି ତଳେ ରଖିବା ମାତ୍ରେ, ଓଜନ ଓ ଝାଳରେ ନିର୍ମିତ ଦେଶର ମାନଚିତ୍ର ଦେଖି ନିଧିଆ ବାପାଙ୍କ ଆଶା ଜାଗ୍ରତ ହେଲା? ଏହି ବ୍ୟକ୍ତି ନିଶ୍ଚିତ ଜାଣନ୍ତି, ଦେଶ କୁଆଡେ ଯାଉଛି? ପ୍ରଶ୍ନ ଶୁଣି କର୍ମଚାରୀ ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଜଣେ ଗରିବ ଲୋକର ଦେଶ ସହ କ'ଣ ସମ୍ପର୍କ ରହିଛି? ଆମ ପାଇଁ ଆମ ଗାଁ ହେଉଛି ଆମ ଦେଶ। ଯଦି ଆପଣଙ୍କ ଦେଶ ହଜିଯାଇଛି, ତେବେ ଆଗକୁ ଏକ ପୋଲିସ ଷ୍ଟେସନ ଅଛି, ସେଠାରେ ପଚାରନ୍ତୁ।

ଆଗକୁ ଯିବା ପରେ ନିଧିଆ ବାପା ଦେଖିଲେ ଯେ କିଛି ଅତ୍ୟାଧୁନିକ ମହିଳା ଓଡ଼ିଆ - ଇଂରାଜୀ- ହିନ୍ଦୀ ମିଶ୍ରଣରେ କଥାବାର୍ତ୍ତା ହେଉଛନ୍ତି। ଅଟକି ଚିନ୍ତା କରି ସମାନ ପ୍ରଶ୍ନ ପଚାରିଲେ: ଦେଶ କୁଆଡ଼େ ଯାଉଛି? ମଉସା। ପ୍ରତିଦିନ ସକାଳେ ରେଡିଓ ରେ ଦେଶାତ୍ମବୋଧକ ସଂଗୀତ ଶୁଣୁନାହାନ୍ତି କି? ଗୀତ ଗାଉଥିବା ବ୍ୟକ୍ତି ଙ୍କୁ ଯାଇ ପଚାରନ୍ତୁ। ଯଦି ଆପଣ ସେଠାରେ ଦେଶର ଠିକଣା ପାରିବେନି ତେବେ, ଆପଣ ଆମ ର ଟିଭି ଚ୍ୟାନେଲଗୁଡିକର ବିତର୍କ ପ୍ରସଙ୍ଗରେ ଗୁଡ଼ାଇ ଦେଶକୁ ଫିଙ୍ଗି ଦିଅନ୍ତୁ। ସେମାନେ ଦେଶକୁ ହାତରେ ଧରି ପକାଇବେ। ଆକାଶ ଓ ପାତାଳ ଯେଉଁଠିକି ବି ଯାଇଥିବ, ରସାତଳକୁ ଯାଇଥିଲେବି ତାକୁ ବିତର୍କରେ ପିଛା କରିବେ।

ହଠାତ୍ ମଧ୍ୟରାତ୍ରିରେ ନିଧିଆ ବାପା ନିଦରୁ ଉଠିପଡିଲେ, ସ୍ତ୍ରୀ ଭୟଭୀତ ହୋଇପଡ଼ିଲେ। କଣ ହେଲା, ହୃଦଘାତ ନୁହେଁ ତ? ନିଧିବାପା - ହେ ଭାଗବାନ! ମୁଁ ବିଛଣାରେ ଅଛି ହେ! ବଂଚିଛି ଏଯାଏ। ବୁଝିଲ, ରଙ୍କ ବୋଉ, ବର୍ତ୍ତମାନ ମୁଁ ଦେଶକୁ ନେଇ ଏକ ଦୁଃସ୍ୱପ୍ନ ଦେଖିଲି, ଯେଉଁଥିରେ ଦେଶର ଚେହେରା ବଦଳିଯାଇଥିଲା। ସେ କେଉଁଆଡ଼େ ଯିବାପାଇଁ ତରବରିଆ ମନେ ହେଉଥିଲା, ମୋର ଅଭିଜ୍ଞ ଆଖି ତାଙ୍କୁ ଚିହ୍ନିପାରିଲା। ମୁଁ ଦୌଡ଼ି ତାଙ୍କୁ ପିଛା କଲି ଏବଂ ତାଙ୍କୁ କେଉଁଆଡ଼େ ଯାଉଛନ୍ତି ବୋଲି ପଚାରିବା ପୂର୍ବରୁ ସେ ପଳାଇ ଯାଇଥିଲେ। ସ୍ତ୍ରୀ ତାଙ୍କୁ ଗାଳି କରି କହିଲେ, ଶୁଣ! ଦେଶ କୁଆଡ଼େ ଯାଉନାହିଁ, ଯେଉଁଠି ଥିଲା ସେଇଠି ଅଛି, ସେଠାରୁ ଟିକିଏ ବି ହଟିନାହିଁ। ଆପଣଙ୍କ ଭଳି ଅନେକ ଲୋକ ଆସିଛନ୍ତି ଓ ଚାଲିଯାଇଛନ୍ତି, ଦେଶର ଚିନ୍ତା ଛାଡି ନିଦ ବଟିକା ଖାଇ ଶୋଇପଡ। ପତ୍ନୀ ଲାଇଟ ବନ୍ଦ କରିଦେଲେ, ଏବେ ନିଧିଆ ବାପା ଶୋଇବାକୁ ବିଫଳ ଚେଷ୍ଟା କରୁଛନ୍ତି।

**ନୟାଗଡ଼**

**ମୋ: ୯୪୩୭୬୪୨୯୪୭**

## ଏଇ ଭାରତରେ

କର୍ପୋରେଟ ଚାକିରି ଛାଡ଼ି ହିମାଳୟର ଦାର୍ଜିଲିଂ ନିକଟସ୍ଥ ଗାଁଗୁଡ଼ିକୁ ବର୍ଜ୍ୟମୁକ୍ତ କରିବାରେ ଲାଗିଛନ୍ତି ଉତ୍ସ ପ୍ରଧାନ। ସେ ସ୍ଥାନୀୟ ପରମ୍ପରା ଓ ହିମାଳୟର କ୍ଷତିଗ୍ରସ୍ତ ପରିସଂସ୍ଥାର ପୁନରୁଦ୍ଧାର କରିବା ସହ ଗାଁଗୁଡ଼ିକୁ ପରିବେଶ ଉପଯୋଗୀ କରୁଛନ୍ତି। ଉତ୍ସଙ୍କ ବୟସ ଏବେ ୪୩। ସେ ଏଡ୍‌ଟେକ କମ୍ପାନୀରୁ ଚାକିରି ଛାଡ଼ି ୨୦୧୫ରେ ତାଙ୍କ ଗାଁକୁ ଆସିଥିଲେ। ପ୍ରଥମେ ତାଙ୍କ ପୈତୃକ ସମ୍ପତ୍ତିରେ ଠୁଳ ହୋଇଥିବା ପ୍ଲାଷ୍ଟିକ ବର୍ଜ୍ୟ ସଫା କରିବା ପରେ ସେ 'ଟିଡି' ଅର୍ଥାତ୍ 'ଟେକ୍ ଇଟ ଇଜି, ଇଜି ଡଜ୍ ଇଟ୍' ଅଭିଯାନ ଆରମ୍ଭ କରିଥିଲେ। ନିଜ ଗାଁ ରାଜହତାକୁ ବର୍ଜ୍ୟମୁକ୍ତ କରିବା ପରେ ଏବେ ଆଖପାଖ ତିନୋଟି ଗାଁରେ ବର୍ଜ୍ୟ ପରିଚାଳନା କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଗାଁର ଛକରେ ଡଷ୍ଟବିନ ରଖିଛନ୍ତି। ସବୁ ଗାଁରୁ ବର୍ଜ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକୁ ରିସାଇକେଲ ପାଇଁ ପଠାଯାଉଛି। ଏଥିପାଇଁ ସେ ଏକ ଟିମ୍ ଗଠନ କରିଛନ୍ତି। ଉତ୍ସ ଓ ତାଙ୍କ ଟିମ୍ ମଧ୍ୟ ବୃକ୍ଷରୋପଣ କରିବା ସହ ବାଉଁଶ କାରିଗରିର ପୁନରୁଦ୍ଧାର କରୁଛନ୍ତି। ଝରଣାଗୁଡ଼ିକୁ ବର୍ଜ୍ୟମୁକ୍ତ ରଖିବା ଲାଗି ମଧ୍ୟ ପଦକ୍ଷେପ ନେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଅକ୍ଟୋବର ୧୯୭୫**

- ପଶ୍ଚିମବଙ୍ଗ ଦାର୍ଜିଲିଂ ଜିଲାର ମାର୍କ୍ସବାଦୀ କମ୍ୟୁନିଷ୍ଟ ଦଳର ୮ ଜଣ ବିଶିଷ୍ଟ ସଦସ୍ୟଙ୍କ ଦଳରୁ ଇସ୍ତଫା ପ୍ରଦାନ।
- ୯ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ହଙ୍ଗେରୀର ଏକ ବିମାନ ବେରୁଟର ୩ କିଲୋମିଟର ଦୂରରେ ସମୁଦ୍ର ମଧ୍ୟରେ ଖସିପଡ଼ିଛି।
- ପର୍ତ୍ତୁଗାଲରେ ଆଇନ ଅମାନ୍ୟ ଆନ୍ଦୋଳନ ଗୁରୁତର ହୋଇଥିବା ପରିପ୍ରେକ୍ଷୀରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 6 | | | | | | |
| | 9 | | | | | | 2 | 6 |
| | | | | 6 | 9 | 8 | | |
| | | 5 | | | | | | |
| 3 | 7 | | 1 | | 8 | | 4 | |
| | | | | 7 | 2 | 1 | | |
| | | 4 | | | 1 | | | 8 |
| 2 | | | | | | | 6 | 1 |
| 6 | | | | 2 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 8 | 5 | 9 | 1 | 6 | 4 | 2 |
| 5 | 1 | 6 | 2 | 3 | 4 | 7 | 9 | 8 |
| 4 | 2 | 9 | 8 | 6 | 7 | 1 | 3 | 5 |
| 8 | 5 | 1 | 6 | 2 | 3 | 4 | 7 | 9 |
| 9 | 4 | 2 | 1 | 7 | 5 | 3 | 8 | 6 |
| 6 | 7 | 3 | 4 | 8 | 9 | 5 | 2 | 1 |
| 3 | 6 | 4 | 9 | 1 | 8 | 2 | 5 | 7 |
| 2 | 8 | 5 | 7 | 4 | 6 | 9 | 1 | 3 |
| 1 | 9 | 7 | 3 | 5 | 2 | 8 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧାରରେ ସିଡିଏ ୟୁକୋ ବ୍ୟାଙ୍କ

ମହାଶୟ,

ସିଡିଏ ସେକ୍ଟର-୯ସ୍ଥିତ ୟୁକୋ ବ୍ୟାଙ୍କରେ ବହୁ ସମୟରେ ବିଦ୍ୟୁତ୍ ଲାଇନ ରହୁ ନ ଥିବାରୁ ବ୍ୟାଙ୍କିଙ୍ଗ ସେବା ଠପ ହୋଇଯାଇଛି। ଯାହାଦ୍ୱାରା ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁଭଦ୍ରା ଯୋଜନା ପଞ୍ଜୀକରଣ ଓ ଆଧାର ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଗ୍ରାହକମାନେ ଆସୁଥିଲେ ମଧ୍ୟ ଫେରି ଯାଉଛନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ମର୍କତ ନଗର ୟୁକୋ ବ୍ୟାଙ୍କ ଶାଖାଟି ଏକ ଭଡ଼ା ଘରେ ଚାଲିଛି। ଗୃହକର୍ତ୍ତା ବ୍ୟାଙ୍କକୁ ଘରୁ ବାହାର କରିବା ନେଇ କୋର୍ଟରେ ମାମଲା କରିଥିବାବେଳେ ସେ ଏହି କେସ୍‌ରେ ହାରି ଯାଇଛନ୍ତି। ବ୍ୟାଙ୍କର ଶାଖା କର୍ତ୍ତୃପକ୍ଷଙ୍କ ଅଭିଯୋଗ ଅନୁଯାୟୀ ସେ ଭଦ୍ରବ୍ୟକ୍ତି ବ୍ୟାଙ୍କକୁ ଭଡ଼ା ଦେବା ଦିନଠାରୁ ଆଜି ପର୍ଯ୍ୟନ୍ତ ବ୍ୟାଙ୍କର ଅଲଗା ମିଟର ଲଗାଇ ନାହାନ୍ତି ଏବଂ କୌଣସି ବିଭାଗୀୟ ବିଧିବଦ୍ଧ ବିଲ୍ ନ ଦେଇ ମନଇଚ୍ଛା ମୋଟା ରାଶି ଦାବି କରୁଛନ୍ତି। ଇଲେକ୍ଟ୍ରି ବିଲ୍ ପ୍ରତି ମାସରେ ନ ଦେଇ ବର୍ଷକୁ ଥରେ ଦେଉଛନ୍ତି। ଶାଖା ପରିଚାଳକ ଉଚ୍ଚକର୍ତ୍ତୃପକ୍ଷଙ୍କ ଅନୁମୋଦନ ଆଣିବା ଭିତରେ ଘର ମାଲିକ ଲାଇନ କାଟି ଦେବା କାରଣରୁ ସାଧାରଣ ଗ୍ରାହକ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଘର ମାଲିକଙ୍କ ବେଆଇନ ଓ ନୀତିହୀନ ଆଚରଣ ଓ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ପାଇଁ ସାଧାରଣ ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୟୁକୋ ବ୍ୟାଙ୍କ ପରି ବଡ଼ ବ୍ୟାଙ୍କର ଦ୍ୱିତୀୟ ଶାଖା କାର୍ଯ୍ୟାଳୟ ସିଡିଏରେ ଆଉ ନ ଥିବାରୁ ଗ୍ରାହକମାନେ ବାଧ୍ୟ ହୋଇ ସହରର ଅନ୍ୟ ଶାଖାକୁ ଯିବାକୁ ପ୍ରକାରାନ୍ତରେ ବାଧ୍ୟ ହେଉଛନ୍ତି। ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହେଉଛି।

**-ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଗାଥା ବୟାନ ନ କରିବି ତୁମ ପାଶେ
ବିଷାଦର ବାଣୀ ଲୁଚାଇ ଦେବି ମୋ ହାସେ
ତୁମେ ଆସ ଯାଅ ଫେରି ଚାହଁ ଯେବେ ଖୁସି
ଆଲୋକି ନିମେଷେ ଅନ୍ଧ ତମସା ବାସେ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଛେଳି ଗୁହାଳରେ ପିଲାଙ୍କ ଭବିଷ୍ୟତ

## ୧୪ ବର୍ଷ ହେଲା ଅବ୍ୟବସ୍ଥାରେ ଚାଲିଛି ପାଠପଢ଼ା

ଉଦଳା,୩୦।୯
(ସନ୍ତୋଷ କୁମାର ବାଛିନୀ)


ପାଠପଢ଼ା ବେଳେ ପିଲାଙ୍କ ମଝିରେ ବୁଲୁଥିବା ଛେଳି।

କାନ୍ଥରେ ଲେଖା ହୋଇଛି ବିଦ୍ୟାଳୟ ନାଁ। କାନ୍ଥ ସାଜିଛି କଳାପଟା ଆଉ ଚାଲିଛି ପାଠପଢ଼ା। ହେଲେ ଏହା ବିଦ୍ୟାଳୟ ନୁହେଁ, ଏକ ଛେଳି ଗୁହାଳର କାନ୍ଥ। ଯେଉଁଠି ଲେଖାହେଉଛି ଅ, ଆ। ଗଢ଼ାହେଉଛି ପିଲାଙ୍କ ଭବିଷ୍ୟତ। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ଶିକ୍ଷା ବ୍ଲକ ଅଧୀନ ଠାକରାସାହି ପ୍ରାଥମିକ ବିଦ୍ୟାଳୟରେ।

ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୦ ପିଲା ପଢ଼ନ୍ତି। ବିଦ୍ୟାଳୟର ନା ଅଛି ଶ୍ରେଣୀଗୃହ, ନା ନିଜସ୍ୱ ଘର। ଯେଉଁଠି ପିଲା ସେଇଠି ଛେଳି। ଛେଳି ବନ୍ଧା ଯାଉଥିବା ଟେବୁଲ ସାଜିଛି ବିଦ୍ୟାଳୟ ଟେବୁଲ, ଯାହାକୁ ଶିକ୍ଷକମାନେ ବ୍ୟବହାର କରୁଛନ୍ତି। ୧୪ ବର୍ଷ ପୂର୍ବେ ଗ୍ରାମରେ ବିଦ୍ୟାଳୟ ନିମନ୍ତେ ଏକ ଘର ନିର୍ମାଣ ହୋଇଥିଲା। ହେଲେ ଠିକାଦାରଙ୍କ ମନମାନି ଓ ବିଭାଗୀୟ ଅବହେଳାରୁ ଏବେ ବି ଉକ୍ତ ଘର ଅଧାପନ୍ତରିଆ ହୋଇ ରହିଛି। ଯେଉଁଥିପାଇଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ପିଣ୍ଡାରେ ଚାଲିଛି ବିଦ୍ୟାଳୟ। ଦିନେ କି ଦୁଇଦିନ ନୁହଁ, ୧୪ ବର୍ଷ ହେବ ଏହି ପିଣ୍ଡାରେ ବସି ପିଲା ପାଠ ପଢୁଛନ୍ତି। କି ବର୍ଷା, କି ଖରା, କି ଶୀତ ସବୁବେଳେ ଏହି ପିଣ୍ଡାରେ ହିଁ ଚାଲିଛି ବିଦ୍ୟାଳୟ। ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଭଙ୍ଗା ପିଣ୍ଡାରେ ବିଦ୍ୟାଳୟ ଚାଲିଥିବା ବେଳେ ଛେଳି ଆସି ପିଲାମାନଙ୍କ ମଝିରେ ପଶିଯାଉଛନ୍ତି। ବେଳେବେଳେ ପିଲାଙ୍କ ବହିଖାତା ଖାଇ ନଷ୍ଟ ମଧ୍ୟ କରୁଛନ୍ତି। ଛେଳି ମଳମୂତ୍ରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏ ବାବଦରେ କପ୍ତିପଦା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଦୀପକ ମିଶ୍ରଙ୍କୁ ପଚାରିବାରୁ ସେ ସମସ୍ୟା ବାବଦରେ ଅବଗତ ଥିବା ଏବଂ ଖୁବ୍‌ଶୀଘ୍ର ଅଧାପନ୍ତରିଆ ବିଦ୍ୟାଳୟ ଘର କାମ ଆରମ୍ଭ ହେବ ବୋଲି କହିଛନ୍ତି। ତେବେ ୧୪ ବର୍ଷରୁ ଅଧିକ ହେବ ଏଭଳି ଅବସ୍ଥାରେ ଶିକ୍ଷାଦାନ ଚାଲୁଥିବା ବେଳେ ସବୁ ଜାଣି କ'ଣ ପାଇଁ ଅଧିକାରୀମାନେ ଚୁପ୍ ରହିଛନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩ ଲୁହାପଥର ବୋଝେଇ ଟ୍ରକ୍ ଜବତ

## ନିମ୍ନମାନର ଦର୍ଶାଇ ଉନ୍ନତମାନର ଲୁହାପଥର ପରିବହନ ହେଉଥିଲା

ଯୋଡ଼ା,୩୦।୯(ମାନସ ମହାନ୍ତି)


ଜବତ ଟ୍ରକ୍।

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଞ୍ଚଳରୁ ପୋଲିସ ପାଟ୍ରୋଲିଂ ସମୟରେ ୩ଟି ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଉନ୍ନତମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ ଚାଲାଣ ହେଉଥିବା ଯାଞ୍ଚ ସମୟରେ ପୋଲିସ ଜାଣିବାକୁ ପାଇଛି। ପରେ ଜବତ ଟ୍ରକ୍ (ନଂ. ଓଡି–୦୪–କ୍ୟୁ–୩୨୭୮, ଓଡି–୦୪–କ୍ୟୁ–୬୭୧୯, ଓଡି–୦୪–ଏଲ–୮୬୬୬)ଗୁଡ଼ିକୁ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟକୁ ପଠାଯାଇଛି।

ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳର ରେଙ୍ଗାଲବେଡ଼ାସ୍ଥିତ ଏକ ଖଣିରୁ ପାରାଦୀପ ବନ୍ଦରକୁ ଉକ୍ତ ଲୁହାପଥର ପରିବହନ ହେଉଥିଲା। ଶତକଡ଼ା ୫୩ ପ୍ରତିଶତ ଲୌହାଂଶ ଥିବା ନେଇ ଲୁହାପଥରର ଅନୁମୋଦନ ପାଇଥିବା ବେଳେ ପୋଲିସ ୩ଟି ଟ୍ରକ୍‌କୁ ଚମ୍ପୁଆ କ୍ଷେତ୍ରରେ ଅଟକାଇ ଯାଞ୍ଚ କରିଥିଲା। ଟ୍ରକ୍‌ର ଟ୍ରାଞ୍ଜିଟ ପାସ୍ ଅନୁଯାୟୀ, ୧୭ ସେପ୍ଟେମ୍ବର ୨୦୨୪ରେ କୋଇଡ଼ା ଖଣି ମଣ୍ଡଳର ସମ୍ପୃକ୍ତ କମ୍ପାନୀ ଉକ୍ତ ପାସ୍ ହାସଲ କରିଥିଲା। ଉକ୍ତ ଟିପିରେ ଅନୁମୋଦିତ ଲୁହାପଥର ଲୌହାଂଶର ମାନ ୫୩.୭୯ ଥିବା ବେଳେ ଟ୍ରକ୍‌ରେ ବୋଝେଇ ଲୁହାପଥର ଅଧିକ ମାନର ହୋଇଥିବା ସନ୍ଦେହ ହୋଇଥିଲା। ଏହାର ମାନ ଯୋଡ଼ା ଡିଡିସିଏ (ଡେପୁଟି ଡାଇରେକ୍ଟର୍ କେମିକାଲ ଆନାଲିସିସ)ରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ଏହା ଉନ୍ନତମାନର ହୋଇଥିବା ଜଣାପଡ଼ିଥିଲା। ପରେ ପୋଲିସ ଜବତ ଟ୍ରକ୍‌ଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରିଥିଲା। ମାନ ସମ୍ପର୍କରେ ସୂଚନା ଦେଇ ଡିଡିସିଏ ଉପ ନିର୍ଦ୍ଦେଶକ ଦଶମତ ସୋରେନ କହିଛନ୍ତି, ଡିଡିସିଏ ପ୍ରତିନିଧି, ଖଣି ବିଭାଗର ପ୍ରତିନିଧି ଏବଂ ପୋଲିସ ବିଭାଗ ମିଳିତ ଭାବେ ଟ୍ରକ୍‌ରେ ବୋଝେଇ ଲୁହାପଥରର ଜଏଣ୍ଟ ନମୁନା ସଂଗ୍ରହ କରିଥିଲେ। ଯାଞ୍ଚ ପରେ ଏହାର ମାନ ୫୮.୪୩ ଏବଂ ୫୮.୨୯ ପ୍ରତିଶତ ଲୌହାଂଶ ଥିବା ଜଣାପଡ଼ିଥିଲା। ଯାହାକି ଅନୁମୋଦିତ ମାନଠାରୁ ଉନ୍ନତ ବୋଲି ସେ କହିଛନ୍ତି। ଚମ୍ପୁଆ ପୋଲିସ ଓ ଯୋଡ଼ା ଖଣି ବିଭାଗର ଧରପଗଡ଼ ପରେ ରାଜ୍ୟ ଖଣି ବିଭାଗ ଷ୍ଟକ୍ ଓ ଷ୍ଟାକ୍‌ର ଭେରିଫିକେଶନ ଏବଂ ଯାଞ୍ଚ କେବେ ଓ କିପରି ଭାବେ କରୁଛି ତାହା ଖଣି ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ୫୩ ପ୍ରତିଶତ ଲୌହାଂଶ ଥିବା ଲୁହାପଥରର ମୂଲ୍ୟ ମେଟ୍ରିକ୍ ଟନ୍ ପିଛା ୧୬୫୨ ଟଙ୍କା ଥିବା ବେଳେ ଉନ୍ନତମାନ ୫୮ ପ୍ରତିଶତ ଥିବା ଲୁହାପଥରର ମୂଲ୍ୟ ମେଟ୍ରିକ୍ ଟନ୍ ପିଛା ୩୬୩୫ ଟଙ୍କା ରହିଛି। ଚଞ୍ଚକତା କରି ଉନ୍ନତମାନର ଲୁହାପଥର ନେଇ ଖସି ଯାଉଥିବା ବେଳେ ଚୋରି ପଦାରେ ପଡ଼ିଛି। ସମ୍ପୃକ୍ତ ଖଣିର ସମସ୍ତ ଷ୍ଟାକକୁ ଯାଞ୍ଚ କରାଗଲେ ଅନେକ ତଥ୍ୟ ପଦାକୁ ଆସି ପାରିବ ବୋଲି କୁହାଯାଉଛି।

# ଭୋଜିଖାଇ ଦୁଇଦିନରେ ୩ ମୃତ

## ଗ୍ରାମକୁ ରାସ୍ତା ନାହିଁ, ଖଟିଆରେ ବୁହା ହେଉଛନ୍ତି ରୋଗୀ

ବାଲିଗୁଡା,୩୦।୯
(ସଞ୍ଜୟ କୁମାର ପାଣିଗ୍ରାହୀ)

ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀପ୍ରବଣ ଅଞ୍ଚଳ ରୂପେ ପରିଚିତ କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ଼ ବ୍ଲକର ଦୁର୍ଗାପଙ୍ଗା ପଞ୍ଚାୟତର କାଣିବାରୁ ଓ ସିନ୍ଧିବାଲି ଗ୍ରାମରେ ଭୋଜିଖାଇ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜ୍ୱର, ପେଟବ୍ୟଥା ଓ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗତ ୨ ଦିନରେ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଧୁଣା ଜାନୀ (୬୦), କୁଡୁକୁଙ୍ଗା ଆଲୁମାଝୀ (୬୦) ଏବଂ ଟାପାରି ମାଝୀ (୩୨)। ତେବେ ଗ୍ରାମକୁ ରାସ୍ତା ନ ଥିବାରୁ ରୋଗୀଙ୍କୁ ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି, କାଣିବାରୁ ଓ ସିନ୍ଧିବାଲି ଗ୍ରାମରେ ଗତ ୩ ତିନ ତଳେ ଏକ ଭୋଜି ହୋଇଥିଲା। ଏହି ଭୋଜି ଖାଇବା ପରେ ଅନେକ ଗ୍ରାମବାସୀ ଜ୍ୱର, ଝାଡାବାନ୍ତି, ଓ ପେଟବ୍ୟଥାରେ ଆକ୍ରାନ୍ତ ହୋଇଥିଲେ। ଏହା ଜାଣିବା ପରେ କୋଟଗଡ଼ରୁ ଏକ ଡାକ୍ତରୀ ଟିମ୍ ଗ୍ରାମକୁ ଆସି ଆକ୍ରାନ୍ତଙ୍କ ଚିକିତ୍ସା ଚଳାଇଛନ୍ତି। ଏକାଧିକ ଗୁରୁତରଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ୨ ଗ୍ରାମରେ ପ୍ରାୟ ୨୦ଜଣଙ୍କ ଚିକିତ୍ସା କରାଯାଇଛି। ଖବର ଲେଖା ହେବା ବେଳକୁ କୋଟଗଡ଼ ଡାକ୍ତରଖାନାରେ ୮ ଜଣ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନଙ୍କ ଚିକିତ୍ସା ଗ୍ରାମରେ ଚାଲିଛି। ଅନ୍ୟପକ୍ଷରେ ଗ୍ରାମକୁ ରାସ୍ତା ନ ଥିବା ଯୋଗୁ ମୋବାଇଲ୍ ହେଲଥ ୟୁନିଟର ଡାକ୍ତର ଡ.ଅଶୋକ ସାମଲ ଓ ଅନ୍ୟମାନେ ରୋଗୀମାନଙ୍କୁ ପ୍ରାୟ ୫ କି.ମି. ଖଟିଆରେ ବୋହି ଆଣି ଆମ୍ବୁଲାନ୍ସରେ କୋଟଗଡ଼ ଡାକ୍ତରଖାନାକୁ ପଠାଉଛନ୍ତି। ଆମ୍ବୁଲାନ୍ସ ଡିମିଲି ପର୍ଯ୍ୟନ୍ତ ଯାଇ ରହୁଛି। ସେଠାରୁ କାଣିବାରୁ ଓ ସିନ୍ଧିବାଲି ଗ୍ରାମ ୫ କି.ମି. ଦୂର। ଗ୍ରାମବାସୀ, ଡାକ୍ତରୀ ଟିମ୍ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ଡିମିଲି ପର୍ଯ୍ୟନ୍ତ ଆଣିବା ପରେ ସେଠାରୁ ସେମାନଙ୍କୁ କୋଟଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଉଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି।


ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଛି।

# ପୁରୁଣାକଟକ ରେଳଷ୍ଟେଶନକୁ ଗଡ଼ିଲା ଇଞ୍ଜିନ

ବୌଦ୍ଧ, ୩୦।୯
(ଅଜିତ କୁମାର ବାରିକ)

ଗଡଜାତ ବୌଦ୍ଧ ଜିଲାବାସୀଙ୍କ ଦୀର୍ଘଦିନର ପ୍ରତିକ୍ଷା ପୂରଣ ହେବାକୁ ଯାଉଛି। ସୋମବାର ପୁରୁଣାକଟକ ରେଳଷ୍ଟେଶନକୁ ପରୀକ୍ଷାମୂଳକ ଭାବରେ ରେଳଇଞ୍ଜିନ ଗଡ଼ିଛି। ପୂର୍ବରୁ ତେଲ ନଦୀ ଉପରେ ପୋଲ ନିର୍ମାଣ ପରେ ସୁବର୍ଣ୍ଣପୁର ପଟରୁ ପୁରୁଣାପାଣି ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ରେଳ ଇଞ୍ଜିନ ଗଡ଼ିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ଜିଲାର ଝାରମୁଣ୍ଡା ପର୍ଯ୍ୟନ୍ତ ଇଞ୍ଜିନ ଗଡ଼ିଥିବାବେଳେ ତୃତୀୟ ପର୍ଯ୍ୟାୟରେ ବୌଦ୍ଧ ରେଳଷ୍ଟେଶନ ପର୍ଯ୍ୟନ୍ତ ଗତ ଅଗଷ୍ଟ ୧୪ରେ ରେଳ ବିଭାଗ ପରୀକ୍ଷାମୂଳକ ଭାବେ ଇଞ୍ଜିନ ଗଡାଇବାକୁ ସଫଳ ହୋଇଥିଲା। ପୁଣି ଚତୁର୍ଥ ପର୍ଯ୍ୟାୟ ସୋମବାର ରେଳ ବିଭାଗ ଆଉ ପାଦେ ଆଗକୁ ଯାଇ ପୁରୁଣାକଟକ ପର୍ଯ୍ୟନ୍ତ ରେଳଇଞ୍ଜିନ ଗଡ଼ାଇବାରେ ସଫଳ ହୋଇଛି। ପ୍ରକାଶ ଥାଉକି ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା–ବଲାଙ୍ଗୀର ରେଳପ୍ରକଳ୍ପରେ ବୌଦ୍ଧ ଜିଲାରେ ସର୍ବାଧିକ ନିର୍ମାଣ କାର୍ଯ୍ୟ ରହିଛି। ପ୍ରକଳ୍ପର ୧୦୭ କିଲୋମିଟର ରେଳପଥ କେବଳ ବୌଦ୍ଧ ଜିଲାରେ ନିର୍ମାଣ ହେବାକୁ ଥିବାବେଳେ ତାହାରି ମଧ୍ୟରେ ୪ଟି ବଡ ଟନେଲ ରହିଛି। ପୁରୁଣାକଟକଠାରେ ରେଳ ଇଞ୍ଜିନ ପହଞ୍ଚିବା ପରେ ଲୋକଙ୍କ ମଧ୍ୟରେ ଉତ୍ସାହ ଖେଳିବା ସହ ନଡ଼ିଆ ଭାଙ୍ଗି ଜୟ ମା' ଭୈରବୀ ନାରା ଦେଇଥିଲେ।

# ୬ ଘଣ୍ଟା ପରେ ଗାତରୁ ଉଦ୍ଧାର ହେଲା ହାତୀ


ଗାତ ଭିତରେ ଫସିରହିଥିବା ହାତୀ।

ଭବାନୀପାଟଣା/କେସିଙ୍ଗା, ୩୦।୯ (ଉତ୍ତମ କୁମାର ଦାଶ/ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବନ ବିଭାଗ ରେଞ୍ଜ ଅଫିସ ଅଧୀନସ୍ଥ ସୌରାପଦର ଗ୍ରାମ ନିକଟ କାଜୁ ବଗିଚା ପରିସରରେ ଥିବା ୫ଫୁଟ୍ ଗଭୀର ଏକ ଗାତରେ ସୋମବାର ସକାଳୁ ଏକ ବଣୁଆ ହାତୀ ଫସିରହିଥିବା ଦେଖିବାକୁ ମିଳିଥିଲା। ହାତୀଟି ବାହାରକୁ ଆସିବା ପାଇଁ କସରତ କରୁଥିଲେ ମଧ୍ୟ ଆସିପାରି ନ ଥିଲା। ଏ ବିଷୟରେ ଜାଣିବା ପରେ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନ ବିଭାଗର ରେଞ୍ଜର ପ୍ରଭାବତୀ ସେଠଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଉଦ୍ଧାର କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଦୀର୍ଘ ୬ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ହାତୀକୁ ଜେସିବି ଦ୍ୱାରା ଗାତରୁ ଉଦ୍ଧାର କରିଥିଲେ। ହାତୀଟି ଗାତରୁ ବାହାରି ନିକଟସ୍ଥ ବଜ୍ରଗଡ଼ ଜଙ୍ଗଲ ଅଭିମୁଖେ ପଳାଇଛି। ଗତ କିଛିଦିନ ହେବ ଏହି ଅଞ୍ଚଳରେ ଏକ ୩୦ ଟିକିଆ ହାତୀପଲ ବୁଲି ଉପଦ୍ରବ କରୁଥିଲେ। ଏମାନେ ପରଲସିଙ୍ଗା, ପୋଢ଼ଖମ୍ଭ, ଶିରୋଲ, ଡୁମେରମୁଣ୍ଡା ଆଦି ଗ୍ରାମର ଚାଷୀଙ୍କ ଧାନ, କପା ଫସଲ ଖାଇ ନଷ୍ଟ କରିଛନ୍ତି। କ୍ଷତିପୂରଣ ପାଇଁ ଚାଷୀମାନେ ବନ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି। ବନ ବିଭାଗ ହାତୀମାନଙ୍କୁ ଘଉଡାଇବାରେ ଅସଫଳ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ହାତୀପଲ ଅଞ୍ଚଳରେ ରହୁଥିବାରୁ ରାତିରେ ବାଲସି, ରେଙ୍ଗାଲି, ମଶାଣିବନ୍ଧ, ପରଲସିଙ୍ଗା, ଶିରୋଲ ଆଦି ଗ୍ରାମରେ ବିଦ୍ୟୁତ୍ କାଟି ଦିଆଯାଉଛି। ଫଳରେ ଲୋକମାନେ ଅନ୍ଧାର, ଗରମରେ ବହୁ କଷ୍ଟରେ ରାତି ବିତାଉଛନ୍ତି।


**କୋଟେସନ୍ ଆବଶ୍ୟକ**

ତାରିଖ 04.10.2024 ଠାରୁ 17.10.2024 ପର୍ଯ୍ୟନ୍ତ ସ୍ଥାନ CATC-IUC-I ଏନ୍.ସି.ସି କ୍ୟାମ୍ପ TRS ଆଙ୍କୁଶପୁର ଠାରେ କିରାନା ସାମଗ୍ରୀ, ଚିକେନ୍, ଅଣ୍ଡା ସୁଲଭ ମୂଲ୍ୟରେ ଯୋଗାଇ ପାରୁଥିବା ଠିକାଦାର କିମ୍ବା ବ୍ୟବସାୟୀ ନିମ୍ନ ଲିଖିତ ଠିକଣାରେ ତାରିଖ 03.10.2024 ସକାଳ ୧୧ଟା ସୁଦ୍ଧା କୋଟେସନ୍ ପ୍ରେରିତ କରନ୍ତୁ।

**କ୍ୟାମ୍ପ କମାଣ୍ଡାଣ୍ଟ**
**ଓସି. 2 ଓଡ଼ିଶା ବାଟାଲିୟନ,**
**ଏନ.ସି.ସି. ବ୍ରହ୍ମପୁର, ଗାନ୍ଧିନଗର,**
**ଫୋନ୍ ନମ୍ବର - 8437251212**



**कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर**

शुद्धि–पत्र

PR 336449 Road (24-25).D द्वारा प्रकाशित e- Tender Reference No. - RCD/DEOGHAR/1719/2024-25 (1st Call) दिनांक – 20.09.2024 को निम्न प्रकार संशोधित किया जाता है :–

| | | |
|---|---|---|
| 1. | कार्य का नाम | पथ प्रमण्डल, देवघर अन्तर्गत (A) Deoghar Sarath Aerodrome Road (लम्बाई–1.35 कि0मी0) एवं (B) Deoghar Madhupur 1st KM(P)(लम्बाई–0. 6 कि0मी0) (कुल लम्बाई–1.95 कि0मी0) का राईडिंग क्वालिटि में सुधार (Improvement of Riding Quality) / मजबूतीकरण कार्य। |
| 2. | प्राक्कलित राशि (रुपये में) | रुपये 1,04,34,940/- (एक करोड़ चार लाख चौतीस हजार नौ सौ चालीस रुप्ये मात्र)। |
| 3. | कार्य समाप्ति की अवधि | 01 (एक) माह। |
| 4. | निविदा प्राप्ति की अंतिम तिथि एवं समय | 21.10.2024 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 01.10.2024 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट – अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।

PR.NO.337631 Road(24-25):D
कार्यपालक अभियंता, पथ निर्माण विभाग, पथ प्रमण्डल, देवघर।



**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE SUPERINTENDING ENGINEER**
**INDRAWATI PROJECT CIRCLE, JAGDALPUR (CHHATTISGARH)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
(First Call)

**System Tender No. 159107/ NIT No.: 11/SAC/24-25** — **Dated: 27.09.2024**
**Online Tenders are invited for the following works up to 18.10.2024 at 17.30 Hours**
**Name of work - Renovation work of Office Building of Water Resources Division, Kanker in Block Kanker, District Kanker.**
**Probable Amount of Contract: - Rs. 189.29 Lakhs**
**(As per S.O.R dated 01.08.2010 and amended upto dated 22.08.2022).**
The details can be viewed and downloaded online directly from the Government of Chhattisgarh Integrated e-Procurement Portal (**https://eproc.cgstate.gov.in**) from **Date 04.10.2024, at 17.31 Hours.(IST) onwards.**
**NOTE :-** All eligible/interested contractors/bidders are mandated to get enrolled on the Integrated e-procurement portal (**https://eproc.cgstate.gov.in**) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division, Kanker
For, Superintending Engineer
Indrawati Project Circle, Jagdalpur (C.G.)

G-242502876/4



e-Procurement Cell
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.35/2024-25**

| Sl. No | Name of Scheme | Estimated Amount (Lakhs) | Earnest Money (Lakhs) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | राँची जिलान्तर्गत पहाड़ी मंदिर की मरम्मती एवं पुनर्विकास कार्य | 424.543 | 8.491 | 10000.00 | 18 Month | कार्य के अनुरूप |
| 2 | पहाड़ी मदिर में गार्डवाल तथा बॉउण्डीवॉल निर्माण | 248.524 | 4.971 | 10000.00 | 12 Month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 01.10.2024 at 9:00 AM |
| 4 | Start Date of Submission of Bids | 01.10.02024 at 11:00 AM |
| 5 | Last Date/Time of Submission of Bids | 08.10.2024 at 11:00 AM |
| 6 | Date/Time of opening of Bid | 09.10.2024 at 1:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

**Any change can be seen on Website *http:// Jharkhandtenders.gov.in.***
***Any other information can be seen on http:// Jharkhandtenders.gov.in.***

Nodal Officer
e-Procurement Cell
Executive Engineer, National Rural Employment Programme, Ranchi

PR 337630 NREP (24-25)_D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, कोडरमा**
**E-Mail Id – eerdsdkoderma@gmail.com**

अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – RDD/SD/KODERMA/04/2024-25 (3rd Call)

1. कार्य की विस्तृत विवरणीः

| ग्रुपसं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 3 | कोडरमा जिला के सतगॉवा प्रखण्ड अन्तर्गत ग्राम पंचायत कोठियार ग्राम– हदहदवा के बलचोटवा नदी पर उच्चस्तरीय पुल निर्माण। | 4,70,35,500.00 | 9,40,800.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि :–01.10.2024.
3. ई–निविदा प्राप्ति की तिथि एवं समय :– दिनांक 01.10.2024.से दिनांक 09.10.2024 अपराह्न 5:00 बजे तक।
4. ई–निविदा खोलने का स्थान :– कार्यपालक अभियंता का कार्यालय, ग्रामीण विकास विशेष प्रमंडल, कोडरमा।
5. ई–निविदा खोलने की तिथि एवं समय :– 14.10.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, कोडरमा।
7. ई–निविदा प्रकोष्ठ का मोबाईल नं0 – 9934546408 (संबंधित कार्यपालक अभियंता कार्यालय कोडरमा का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
11. अद्योहस्ताक्षरी / सक्षम पदाधिकारी किसी भी निविदा को बिना कारण बताये रद्ध करने का अधिकार सुरक्षित रहेगा तथा निविदादाता को कारण पृच्छा अधिकार मान्य नही होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह0/– कार्यपालक अभियंता
ग्रामीण विकास विशेष प्रमंडल, कोडरमा।

PR.NO.337611 Rural Work Department (24-25):D



**कार्यपालक अभियंता का कार्यालय ग्रामीण कार्य विभाग,**
**कार्य प्रमण्डल, डालटनगंज**
अल्पकालीन ई–निविदा आमंत्रण सूचना संख्या – 14/2024–25/EE/RWD/DALTONGANJ
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है।
दिनांक–27.09.2024

1. कार्य का नाम :

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/DALTONGANJ/66/2024-25 | काचन मोड़ से कृष्णा सिंह के धर होते हुए रैया मोड़ तक पथ निर्माण कार्य। 1.97कि0मी0 | 209.060 | दो करोड़ नौ लाख छः हजार रू0 मा. | 09 माह | प्रथम |

2. बेवसाईट में निविदा प्रकाशन की तिथि : 04.10.2024
3. ई–निविदा प्राप्ति की अंतिम तिथि एवं समय : 17.10.2024 up to 5.00 PM
4. निविदा खोलने की तिथि एवं समय 19.10.2024 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है।

PR 337595 Rural Development (24-25)D

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज।



**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ**
**ଭୁବନେଶ୍ୱର – ୭୫୧୦୦୧**

**ଆର୍‌କିଟେକ୍ଟମାନଙ୍କର ସୂଚୀବଦ୍ଧ ନିମନ୍ତେ ଆବେଦନ ଆମନ୍ତ୍ରଣର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଭୁବନେଶ୍ୱର କିମ୍ବା ନିକଟସ୍ଥ ସ୍ଥାନରେ ଅବସ୍ଥାପିତ ଆର୍‌କିଟେକ୍ଟ / ଆର୍‌କିଟେକ୍ଟ ସଂସ୍ଥାମାନଙ୍କଠାରୁ ବିଭିନ୍ନ କାର୍ଯ୍ୟ ଯାହାର ଆନୁମାନିକ ମୂଲ୍ୟ (କ) ₹50 ଲକ୍ଷ ପର୍ଯ୍ୟନ୍ତ, (ଖ) ₹50 ଲକ୍ଷ ରୁ ₹100 ଲକ୍ଷ ପର୍ଯ୍ୟନ୍ତ ରହିବ, ତାହାର ଯୋଜନା, ପରିକଳ୍ପନା, କାର୍ଯ୍ୟକାରିତାର ତଦାରଖ ଇତ୍ୟାଦି ନିମନ୍ତେ 3 ବର୍ଷ ଅବଧି ହେତୁ ସୂଚୀବଦ୍ଧ କରିବା ନିମନ୍ତେ ପୃଥକ୍ ପୃଥକ୍ ଆବେଦନ ଆମନ୍ତ୍ରଣ କରୁଅଛି।
୨. ସମ୍ପୂର୍ଣ୍ଣ ବିବରଣୀ ଏବଂ ଖାଲି ଆବେଦନ ଫର୍ମ ଡାଉନଲୋଡ୍ କରିବା ପାଇଁ ଦୟାକରି ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖନ୍ତୁ । ଆବଶ୍ୟକୀୟ ଦସ୍ତାବିଜ ସହିତ ସିଲ୍ ହୋଇଥିବା ଆବେଦନ ଫର୍ମ ଦାଖଲ କରିବାର ଶେଷ ତାରିଖ ୨୯ ଅକ୍ଟୋବର ୨୦୨୪ ଅପରାହ୍ନ ୨ ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଧର୍ମଶାଳା,୩୦।୯ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅଧୀନ ୧୬ନଂ. ରାଜପଥର ଜାରକା ବଜାର କଲର କ୍ଲାଉଡ୍ ସ୍କୁଲ ସମ୍ମୁଖରେ ଏକ ଗାଡ଼ି ଧକ୍କାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁମାରୀ ଗ୍ରାମର କ୍ଷେତ୍ରବାସୀ ସାହୁଙ୍କ ପୁଅ ସନ୍ତୋଷ ସାହୁ (୨୦) । ସେ ରାସ୍ତା ପାର ହେଉଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କ ମୁଣ୍ଡ ଉପରେ ଗାଡ଼ି ଚଢ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକ ଆସି ମୃତଦେହ ଚିହ୍ନଟ କରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ସନ୍ତୋଷଙ୍କୁ ଆମ୍ବୁଲାନ୍ସରେ ଧର୍ମଶାଳା ମେଡିକାଲକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସନ୍ତୋଷ ଜଣେ ମାନସିକ ଅନଗ୍ରସର ଯୁବକ ଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ମର ଶରୀରକୁ ଜାରକା ଓଭରବ୍ରିଜଠାରୁ ଏକ ଶୋଭାଯାତ୍ରାରେ ନିଆଯାଇ କୁମାରୀ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ମୃତ ସନ୍ତୋଷ କାଉ ନାମରେ ପରିଚିତ ଥିଲେ। ଲୋକେ ତାଙ୍କୁ କାଉ ନାମରେ ଡାକୁଥିଲେ। ପୋଲିସ ଏକ ମାମଲା(ନଂ.୭୧୭/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

### ବଜ୍ରପାତରେ ନଡ଼ିଆ ଗଛ ଜଳିଗଲା

ଡେରାବିଶ, ୩୦।୯(ବେବର୍ତ୍ତା ଅଜୟ ଦାସ) ସୋମବାର ମଧ୍ୟାହ୍ନରେ ହଠାତ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ବଜ୍ରପାତ ହୋଇଥିଲା। ଏହି ଅବସରରେ ହଠାତ ବଜ୍ରପାତର ଏକ ଭୀଷଣ ଶବ୍ଦ ଡେରାବିଶ ହାଇସ୍କୁଲର ଶ୍ରେଣୀ ଗୃହରେ ବସି ପଢୁଥିବା ଛାତ୍ରୀଛାତ୍ର ଓ ପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଭୟଭୀତ କରି ପକାଇଥିଲା। ପରେ ଏହି ବଜ୍ରପାତ ପାଖରେ କେଉଁଠି ପଡ଼ିଥିବା ନେଇ ସମସ୍ତେ ଚୁପୁରୁ ଚାପୁର ହେଉଥିବା ସମୟରେ ବିଦ୍ୟାଳୟ ପରିସରରେ ଥିବା ଏକ ନଡ଼ିଆ ଗଛର ପତ୍ର ହୁତୁହୁତୁ ହୋଇ ଜଳୁଥିବା ଦେଖି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଆତଙ୍କିତ ହୋଇ ଉଠିଥିଲେ। ଖବର ପାଇ ଡେରାବିଶ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ତେବେ ଏହି ବଜ୍ରପାତ ଯୋଗୁ ଖାଲି ନଡ଼ିଆ ଗଛ ଜଳି ନ ଥିଲା ବରଂ ତା' ନିକଟରେ ଥିବା ଏକ ଚାକୁଣ୍ଡା ଗଛର ଡାଳ ଫାଟି ଆଁ କରିଥିବା ଦେଖାଯାଇଥିଲା। ତେବେ ଏହି ବଜ୍ରପାତ ସମୟରେ ବିଦ୍ୟାଳୟରେ ପାଠପଢ଼ା ଚାଲିଥିବାରୁ ସମସ୍ତ ଛାତ୍ରୀଛାତ୍ର ଏହି



# ମରଣଯନ୍ତା ପାଲଟିଛି ଜେନାପୁର ଯାବରା ସେତୁ

## ହାତବାନ୍ଧି ବସିଛି ପୂର୍ତ୍ତ ବିଭାଗ

ଜେନାପୁର,୩୦।୯(ଅଶୋକ ଦାସ):

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରି ସେହି ଅଞ୍ଚଳର ବିକାଶ ପ୍ରକ୍ରିୟା ସନ୍ତୁଳନ ରକ୍ଷା କରିବା ପାଇଁ ବିଭିନ୍ନ ନଦୀ ନାଳ ଉପରେ ସେତୁ ନିର୍ମାଣ କରଯାଇଛି। ଏଥିରେ ରାଜ୍ୟ ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ତାହା ଫଳପ୍ରଦ ହୋଇପାରୁ ନାହିଁ । ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ପାଣିକୋଇଲି ପୂର୍ତ୍ତ ବିଭାଗ ଡିଭିଜନ ଅଧୀନ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହୋଇଥିବା ଜେନାପୁର ଯାବରା ସେତୁ ଏବେ ମରଣଯନ୍ତା ପାଲଟିଛି। ଏହି ସେତୁ ଉପରେ ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନିର୍ଭର କରିଥାଆନ୍ତି । ବ୍ୟବସାୟୀ, ରୋଗୀ, ସ୍କୁଲ କଲେଜର ଛାତ୍ରୀଛାତ୍ରମାନେ ଏହି ସେତୁ ଦେଇ ଯାତାୟତ କରିଥାଆନ୍ତି। ଠିକା ସଂସ୍ଥାର ମନମାନି ତଥା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏହି ସେତୁର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇ ରଡ଼ ଦେଖାଯାଉଛି । ବିଶେଷ କରି ଜଏଣ୍ଟ ପ୍ଲେଟ ନିକଟରୁ ଢଳାଇ ଉଠିଯାଇ ରଡ଼ ବାହାରି ରହିଛି । ସେତୁର ବିଭିନ୍ନ ସ୍ଥାନରେ ସିମେଣ୍ଟ କଂକ୍ରିଟ ଉଠିଯାଇ ଗାତ ସୃଷ୍ଟି ହେବା ସହ କେତେକ ସ୍ଥାନ ଦବି ଯାଇ ପାଣି ଜମି ରହୁଛି ।



ଜେନାପୁର ଯାବରା ସେତୁରେ ସୃଷ୍ଟି ହୋଇଥିବା ଗାତ ।

ବ୍ରାହ୍ମଣୀ ପୋଲ ଉପରେ ଓଭରଲୋଡିଂ ଗାଡ଼ିରେ ବିଭିନ୍ନ କଞ୍ଚାମାଲ ଚାଲାଣ ହେଉଛି। ଏଥିଯୋଗୁ ପୋଲର ଭିତ୍ତିଭୂମି ଦୁର୍ବଳ ହେବ ସହ କେତେକ ସ୍ଥାନ ଦବି ଯାଇଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ହେଲେ ଲୋକ ଦେଖାଣିଆ ଭାବେ ସେହି ସ୍ଥାନ ମରାମତି କରାଯାଇଥିଲା । ହେଲେ ତାହା ବେଶୀଦିନ ରହି ନ ଥିଲା । ଏବେ ବି ସେହି ସ୍ଥାନରେ ରଡ଼ ଦେଖାଯିବା ସହିତ ଗାତ ସୃଷ୍ଟି ହୋଇଛି । ବିଭାଗୀୟ ଅଧିକାରୀ ସେହି ସ୍ଥାନରେ ଡଷ୍ଟ ପକାଇ କାମ ସାରି ଦେଇଛନ୍ତି । କିନ୍ତୁ ଏବେ ବି ସେତୁ ଉପରେ ଜଏଣ୍ଟ ପ୍ଲେଟ ଉପରେ ଗର୍ତ୍ତ ରହିଛି । ସେଥିରେ ବର୍ଷା ପାଣି ଜମି ରହିଛି। ଏଥିଯୋଗୁ ସେଠାରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି । ଜନସାଧାରଣଙ୍କ ସୁରକ୍ଷା ପାଇଁ ଜେନାପୁର ଯାବରା ପୋଲର ସ୍ଥାୟୀ ମରାମତି ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିଶୁପୁତ୍ରକୁ ୭ ହଜାର ଟଙ୍କାରେ ବିକ୍ରି

## ଅଭିଯୋଗ ପରେ ଚାଇଲ୍ଡ ଲାଇନ ଉଦ୍ଧାର କଲା

ଯାଜପୁର ଟାଉନ ୩୦।୯( ପ୍ରଯକ୍ତା ମହାନ୍ତି ):

ଅଭାବ ଅନଟନ ପାଇଁ ୭ ହଜାର ଟଙ୍କାରେ ଶିଶୁ ପୁତ୍ରକୁ ବିକ୍ରି କରିବା ପାଇଁ ଆଲୋଚନା ଚାଲିଥିବା ବେଳେ ଜଣେ ମହିଳାଙ୍କୁ ଚାଇଲ୍ଡ ଲାଇନ ଓ ପୋଲିସ ଧରିଛି । ଯାଜପୁର ଟାଉନ ଥାନା ଅନ୍ତର୍ଗତ ଆଙ୍ଖୁଲା ଗ୍ରାମରେ ରହୁଥିବା ଜଗା ମୁଣ୍ଡାଙ୍କ ଦେଢ଼ ମାସର ଶିଶୁ ପୁତ୍ରକୁ ଟାଉନ ଥାନା ଅନ୍ତର୍ଗତ ହଳଦୀ ପଦାର ଜଳିଆ ଜେନାଙ୍କୁ ୨ ଦିନ ତଳେ ୭ ହଜାର ଟଙ୍କା ନେଇ ବିକ୍ରି କରାଯାଇଥିଲା । ହେଲେ ସୋମବାର ଶିଶୁ ପୁତ୍ରର ମା'ନିଜ ଶିଶୁ ପୁତ୍ରକୁ ଫେରେଇ ନେବା ପାଇଁ ଚାଇଲ୍ଡ ଲାଇନର ଦ୍ୱାରସ୍ଥ ହୋଇଥିଲେ । ସମ୍ପୃକ୍ତ ମହିଳାଙ୍କଠାରୁ ସୂଚନା ପାଇବା ପରେ ଘଟଣାସ୍ଥଳକୁ ଟାଉନ ଥାନା ପୋଲିସ ଏବଂ ଚାଇଲ୍ଡ ଲାଇନ ସଦସ୍ୟ ଯାଇଥିଲେ । ସେମାନେ ଆଙ୍ଖୁଲାରେ ପହଞ୍ଚି ଶିଶୁ ପୁତ୍ରକୁ ଫେରାଇ ଦେବାକୁ ମଧ୍ୟସ୍ଥ ଥିବା ମହିଳାଙ୍କୁ କହିଥିଲେ । ହେଲେ ଶିଶୁପୁତ୍ରକୁ ସେ ହଳଦୀପଦାର୍ ଜଳିଆ ଜେନାଙ୍କୁ ଦେଇ ଦେଇଥିବା କହିଥିଲେ । ପରେ ପୋଲିସ ଓ ଚାଇଲ୍ଡ ଲାଇନ ସଦସ୍ୟ ହଳଦୀପଦାରୁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ । ଛୁଆଟିକୁ ବିକ୍ରି କରାଯାଇ ଥିବା କହିଛନ୍ତି ଉଦ୍ଧାର କରିଥିବା ଚାଇଲ୍ଡ ଲାଇନ ସଦସ୍ୟ ।



ପୋଲିସ ଶିଶୁ ପୁତ୍ର ବିକ୍ରି ଘଟଣାର ତଦନ୍ତ କରୁଛି ।

# ବରୀରେ ମିଳିତ ଜନଶୁଣାଣି ଶିବିର



ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ବରୀ,୩୦।୯(ମହେନ୍ଦ୍ର ସ୍ୱାଇଁ):

ଯାଜପୁର ଜିଲା ବରୀ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ୬୭୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବିଗତ ଦିନରେ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ବିଭିନ୍ନ ସମସ୍ୟାକୁ ନେଇ ଲୋକମାନେ ଅଭିଯୋଗ କରି ଆସୁଥିଲେ । ହେଲେ ସବୁ ଅଭିଯୋଗର ସମାଧାନ ହୋଇ ନ ପାରିବାରୁ ଜନ ଶୁଣାଣି ଶିବିରରେ କ୍ରମଶଃ ଅଭିଯୋଗ ସଂଖ୍ୟା ବୃଦ୍ଧି ପାଉଛି । ବିଶେଷ କରି ନୂଆ ସରକାର ଓ ନୂତନ ଭାବେ ଯୋଗ ଦେଇଥିବା ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଜନ ଶୁଣାଣି ଶିବିରରେ ଆସିଥିବା ଅଭିଯୋଗଗୁଡ଼ିକୁ ଗୁରୁତ୍ୱ ଦେଉଥିବାରୁ ଅଭିଯୋଗ ସଂଖ୍ୟା ବଢ଼ିବାର ଅନ୍ୟ ଏକ କାରଣ ବୋଲି ଏଠାରେ ଆଲୋଚନା ହେଉଛି ।

ଉକ୍ତ ଜନ ଶୁଣାଣି ଶିବିରରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେଉରିଆ,ଅତିରିକ୍ତ ଜିଲାପାଳ ନବ କିଶୋର ଜେନା, ଉପ ଜିଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ)ଶୁଭେନ୍ଦ୍ର ସାମଲ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲିକ, ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ମୁଖ୍ୟ ଚିକିତ୍ସା ଅଧିକାରୀ ଶୁଭାଶିଷ ମହାରଣାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହରିଶ୍ଚନ୍ଦ୍ର ସହାୟତା ବଣ୍ଟନ

ପାଣିକୋଇଲି, ୩୦।୯(ବିକାଶ କୁମାର ମଲିକ):

ରାଜ୍ୟ ସରକାର ମୃତ ବ୍ୟକ୍ତିଙ୍କ ସତ୍କାର ପାଇଁ ୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କୋରାଇ ବ୍ଲକ ପାଣିକୋଇଲି ପଞ୍ଚାୟତର ୧୪ ମୃତକଙ୍କ ପରିବାର ବର୍ଗଙ୍କୁ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପଦ୍ମାବତୀ ପଣ୍ଡା ଉକ୍ତ ସହାୟତ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଗତ ୫ ମାସ ତଳେ ୧୯ ଜଣ ମୃତକଙ୍କ ପରିବାର ସଦସ୍ୟଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା । ସାଧାରଣ ନିର୍ବାଚନ ଲାଗି ଉକ୍ତ ସହାୟତା ରାଶି ପ୍ରଦାନ ସରକାରୀସ୍ତରରେ ବନ୍ଦ ରହିଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସ୍ୱାଇଁ ଓ ସମସ୍ତ ୱାର୍ଡ଼ ସଭ୍ୟମାନେ ସହଯୋଗ କରିଥିଲେ।

## ବିବି କଲେଜରେ ପରୀକ୍ଷା ବାତିଲକୁ ନେଇ ଅସନ୍ତୋଷ

ଚଣ୍ଡିଖୋଲ,୩୦।୯(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ରେ ହେଇଥିବା ଏକ ଆଭ୍ୟନ୍ତରୀଣ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଯୁକ୍ତ ୨ ଶ୍ରେଣୀରେ ଏକ ଆଭ୍ୟନ୍ତରୀଣ ଦକ୍ଷତା ବିକାଶ ପରୀକ୍ଷା ସୋମବାର କରାଯିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଛାତ୍ରୀଛାତ୍ରମାନେ କଲେଜ ଆସିବା ପରେ ନୋଟିସ ବୋର୍ଡରେ ପରୀକ୍ଷା ବାତିଲ ହେବା ନେଇ ସୂଚନା ଦିଆଯାଇଥିଲା, ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। କେଉଁ କାରଣ ପାଇଁ ପରୀକ୍ଷା ବାତିଲ ହେଲା ଏ ସମ୍ପର୍କରେ ନ ଜଣାଇ ଦଶହରା ପରେ ପରୀକ୍ଷା ହେବ ବୋଲି ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ମନୋଜ କୁମାର ଦାସଙ୍କୁ ପଚାରିବାରୁ ସେ କୁହନ୍ତି, ଏହା କୌଣସି ଉଚ୍ଚ ମାଧ୍ୟମିକ କିମ୍ବା ବିଶ୍ୱବିଦ୍ୟାଳୟ ପରୀକ୍ଷା ନୁହେଁ। ପିଲାମାନଙ୍କ ଦକ୍ଷତା ବିକାଶ ପାଇଁ ଏକ ଆଭ୍ୟନ୍ତରୀଣ ପରୀକ୍ଷା। ନିକଟସ୍ଥ ଏକ ପ୍ରେସ୍‌ରେ କଲେଜ ପକ୍ଷରୁ ପ୍ରଶ୍ନପତ୍ର ଛପା ହେଲା ବେଳେ କେହି ଗୋଟିଏ ପ୍ରଶ୍ନପତ୍ର ଲିକ୍ କରିଦେଇଥିଲେ। ଏକଥା ଜଣା ପଡିବା ପରେ ଆମେ ପରୀକ୍ଷା ବାତିଲ କରି ଦଶହରା ପରେ କରିବାକୁ ଜଣାଇ ଦେଇଛୁ ।

# ଶୋଭନୀୟ ଶିକ୍ଷାଶ୍ରମରେ ଚକ୍ଷୁ ଚିକିତ୍ସା ଶିବିର




ଚକ୍ଷୁ ଚିକିତ୍ସା ଶିବିରରେ ଯୋଗଦେଇଥିବା ଅତିଥି ।

ଚଣ୍ଡିଖୋଲ,୩୦।୯(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟ ଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ରବିବାର ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମର ଅଧ୍ୟକ୍ଷା ଡ.ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଡ.ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶରୀର ପାଇଁ ଚକ୍ଷୁର କେତେ ଆବଶ୍ୟକତା ରହିଛି ଓ ଏହାର କିପରି ଯତ୍ନ ନିଆଯାଇ ପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ରୁବି ମହାରଣା ଯୋଗଦେଇ ଆଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଇଞ୍ଜିନିୟର ଶାଶ୍ୱତ ମିଶ୍ର କାର୍ଯକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୨ ଜଣ ଛାତ୍ରୀଛାତ୍ର ଚକ୍ଷୁ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଚଷମା ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। କିରଣ ଦି ରେ ଅଫ୍ ହୋମ ଅନୁଷ୍ଠାନ ପକ୍ଷରୁ ଚଷମା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଗୁରୁମା ମିନତୀ ଦେବୀ ଓ ବରଦା ମହାନ୍ତି। ପ୍ରାରମ୍ଭରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଭୁବନାନନ୍ଦ ମହାରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ବୁଢ଼ା ନଦୀ ପୋଲର ସୂଚନା ଫଳକ ଚୋରି

ପାଣିକୋଇଲି, ୩୦।୯
(ବିକାଶ କୁମାର ମଲିକ):

ଆଙ୍ଖୁଲା ରାସ୍ତାରୁ ମତାବାଜ ଗ୍ରାମକୁ ସଂଯୋଗ କରୁଥିବା ବୁଢା ନଦୀ ପୋଲର ସୂଚନା ଫଳକକୁ କେହି ଦୁର୍ବୃତ୍ତ ରବିବାର ରାତିରେ ଓପାଡ଼ି ନେଇ ଯାଇଛନ୍ତି । ସକାଳୁ ମତାବଜ ଗ୍ରାମର ମନିରୁଦ୍ଦିନ ଖାନ, କୃପାସିନ୍ଧୁ ରଣା, ମଞ୍ଜୁର ଇଲାହୀ ଖାନ , ସୟଦ ମେହବୁବ ଅଲ୍ଲୀ, ଲକ୍ଷ୍ମୀକାନ୍ତ ମହାପାତ୍ର, ଅଜୟ କୁମାର ପଣ୍ଡା, କୈଳାସ ସାହୁ, ବିଷ୍ଣୁ ଚରଣ ସାହୁ,ଏକନ ସାହୁ, ଗଣେଶ ମହାପାତ୍ର ପ୍ରମୁଖ ଏହା ଦେଖିବା ପରେ ବିଭିନ୍ନ ସ୍ଥାନ ଖୋଜା ଖୋଜି କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ପାଣିକୋଇଲି, ୩୦।୯
(ବିକାଶ କୁମାର ମଲିକ):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାରା ଦେଶରେ ଭାଜପା ସ୍ୱଚ୍ଛତା ହିଁ ସେବା ସପ୍ତାହ ପାଳନ କରୁଛି। ଏହି ଅବସରରେ କୋରାଇ ବ୍ଲକ କରଦା ପଞ୍ଚାୟତର ଗାନ୍ଧୀ ପୀଠରେ ସଫେଇ କାର୍ଯ୍ୟକ୍ରମ ଭାଜପା କର୍ମୀମାନଙ୍କ ଦ୍ୱାରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଶୌଚ କରିବା ପରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପଞ୍ଚାୟତର ସ୍ୱଚ୍ଛ ଭାରତ କମିଟିର ଆବାହକ ଅନୁପ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କରଦା ପଞ୍ଚାୟତର ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଭାସ୍କର ସାହୁ, ଶେଖ ଜହର ଅଲ୍ଲୀ, ଆଲୋକ ପରିଡ଼ା, ଅଜୟ ସାହୁ, ରମେଶ ବାରିକ, କାର୍ତ୍ତିକ ସାହୁ, ନୀଳମଣୀ ନାୟକ, ଶରତ ବେହେରା, ମାର୍କଣ୍ଡ ସାହୁ, ରବି ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା କର୍ମୀ ।

# ଡେଙ୍ଗୁ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

## ଜନ ଆରୋଗ୍ୟ ସମିତି ବୈଠକ

ରସୁଲପୁର,୩୦।୯(ରଞ୍ଜିତ ରାଉତ):

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ସୋମବାର ଜନ ଅରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଡେଙ୍ଗୁରୋଗ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱ ଦିଆଯିବା ସହ ଏ ଦିଗରେ ସ୍ୱାସ୍ଥ୍ୟକର୍ମୀମାନେ ଗାଁ ରୁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଛି ।

ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ବସନ୍ତ ପଣ୍ଡା ଯୋଗଦେଇ ରସୁଲପୁର ବ୍ଲକ ଅଞ୍ଚଳରେ ଡେଙ୍ଗୁ ରୋଗ ବ୍ୟାପୁଥିବାର ଲକ୍ଷ୍ୟ କରାଯାଉଛି ବୋଲି ସୂଚନା ଦେଇଥିଲେ। ସ୍ୱଚ୍ଛ ପାଣିରେ ଜନ୍ମନେଉଥିବା ଏଡିସ୍ ମଶା ହେଉଛି ଡେଙ୍ଗୁରୋଗର ବାହକ । ଘର ଭିତରେ, ବାଡ଼ି ବଗିଚାରେ ପଡି ରହୁଥିବା ପାତ୍ର, ପ୍ଲାଷ୍ଟିକ, ଟାୟାର, କଟା ପଇଡ଼, ଫୁଲକୁଣ୍ଡ ଆଦିରେ ଜମି ରହୁଥିବା ସଫା ପାଣିରେ ଏହି ମଶାମାନେ ଜନ୍ମ ନେଇଥାଆନ୍ତି । ଏହିଭଳି ସ୍ଥାନଗୁଡିକୁ ଚିହ୍ନଟ କରି ଜମି ରହିଥିବା ପାଣିକୁ ନିଷ୍କାସନ କରିବାକୁ ଲୋକମାନଙ୍କୁ ପରାଶର୍ମ ଦେବା ସହ ଡେଙ୍ଗୁରୋଗର ଲକ୍ଷଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଡେଙ୍ଗୁମଶା ଦିନ ବେଳା( ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଘଟିକା) ମଧ୍ୟରେ କାମୁଡି ଥାଆନ୍ତି। ଏଥିପାଇଁ ଦିନ ବେଳା ଲୋକମାନେ ହାତଗୋଡ ଗୋଡାଇ ରଖିବା ଭଳି ବସ୍ତ୍ର ପିନ୍ଧିବା, ମଶାରୀ ଟାଙ୍ଗି ଶୋଇବା ପାଇଁ ପରାମର୍ଶ ଦିଆଯାଇଛି । ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଉଥିବା ଲୋକମାନଙ୍କଠାରେ ଜ୍ୱର, ଦେହହାତ ଘୋଳାବିନ୍ଧା, ବାନ୍ତି, ପତଳା ଝାଡା, ଆଖିଡୋଳାରୁ ରକ୍ତସ୍ରାବ ହେବା ଭଳି କେତେକ ଲକ୍ଷଣ ଦେଖାଦେଇଥାଏ । ଏଭଳି ଲକ୍ଷଣ ଥିବା ରୋଗୀମାନେ ତୁରନ୍ତ ଯାଜପୁର ଜିଲା ଚିକିତ୍ସା କେନ୍ଦ୍ରକୁ ଯାଇ 'ଇଲିସା' ନାମକ ଡେଙ୍ଗୁ ପରୀକ୍ଷା କରାଇନେବା ସହ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ପାଇଁ ଜନସଚେତନତା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ସମ୍ମାନିତ ଅତିଥି ଭାବେ ଏଏନ୍‌ଏମ୍ ସାବିତ୍ରୀ ସେଠୀ, ନାଏବ ସରପଞ୍ଚ କେଦାର ଦେଓ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡସଭ୍ୟାସଭ୍ୟ, ଏମ୍‌ବିକେ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟଦୂତ, ଗ୍ରାମପଞ୍ଚାୟତସ୍ତରୀୟ ଫେଡରେଶନର ସଭାନେତ୍ରୀ, ସମ୍ପାଦିକା ପ୍ରମୁଖ ଯୋଗଦେଇ ବିଭିନ୍ନ ଗାଁର ସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଗାମୀ ଦିନରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗାଁ କଲ୍ୟାଣ ସମିତି ପକ୍ଷରୁ ଗାଁ ସଫେଇ ଉପରେ ଗୁରୁତ୍ୱ ଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା । ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।



ଜନ ଆରୋଗ୍ୟ ସମିତି ବୈଠକରେ ମଞ୍ଚାସୀନ ଅତିଥି ।

**ନିଆଁ ଲାଗି ଜଳିଗଲା ଦୋକାନ**

ରାଜକନିକା, (ସଞ୍ଜୟ କୁମାର ଦାଶ): ରାଜକନିକା ବ୍ଲକ କଟଣା-ବଣିଆଁ ପଞ୍ଚାୟତ ବାଜପୁର ଗାଁର ଯୁବକ ହେମନ୍ତ ବାରିକ (୩୦) ଏକ ତେଜରାତି ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ଦୋକାନରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବାରେ ଦୋକାନରେ ଥିବା ସମସ୍ତ ଜିନିଷ ପ୍ରାୟ ଜଳିଯିବା ସହ ଦୋକାନରେ ରଖିଥିବା ୨୦ ହଜାର ଟଙ୍କା ମଧ ଜଳିଯାଇଛି। ପାଖାପାଖି ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ, ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗାଁ ଲୋକ ନିଆଁକୁ ଆୟତ୍ତ କରିଥିଲେ। ହେମନ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପଟ୍ଟାମୁଣ୍ଡାଇ ସହରରେ ବଢୁଛି ଟ୍ରାଫିକ୍ ସମସ୍ୟା, ଲୋକେ ହନ୍ତସନ୍ତ

ପଟ୍ଟାମୁଣ୍ଡାଇ,୩୦।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଛି। ବାଇପାସ୍ ରାସ୍ତା କାମ ଶେଷ ହେଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ବିଶେଷକରି ପଟ୍ଟାମୁଣ୍ଡାଇ ପୋଲ ପାଖରୁ ଡାକବଙ୍ଗଳା ଛକ ଓ ବସ୍‌ଷ୍ଟାଣ୍ଡ ପାଖରୁ ଏମ୍‌ଏନ୍ ହାଇସ୍କୁଲ ରାସ୍ତାରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବିଗୁଡୁଛି। ଗାଡ଼ି ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ଲୋକେ ରାସ୍ତା ଉପରେ ରଖିବାକୁ ବାଧ ହେଉଛନ୍ତି। ସହର ମଧ୍ୟରେ ଭାରିଯାନ ଚଳାଚଳ ପରିସ୍ଥିତିକୁ ଅଧିକ ଜଟିଳ କରିଦେଉଛି। ବିଶେଷକରି ସହର ମଧ୍ୟରେ ଆଳୁ, ପିଆଜ, ଫଳ, ଖାଦ୍ୟ ସାମଗ୍ରୀ ଲୁଗାପଟା ଆଦି ଗୋଦାମଘର ଚାଲୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଜନସାଧାରଣଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ପୌର ପରିଷଦରେ ଅନେକ ଥର ଅଭିଯୋଗକଲେ ବି କିଛି ଫଳ ମିଳୁନାହିଁ।

ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ସହରର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୂଆ ବାଇପାସ୍‌ଠାରୁ ଡାକବଙ୍ଗଳା ପଟ୍ଟାମୁଣ୍ଡାଇ ଭାୟା ରାଜନଗର ଭିତରକନିକା ରାସ୍ତା, ପୁରୁଣା ପୋଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ୍ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଉଛି। ସକାଳ ୮ଟାରୁ ରାତି ୯ଟା ପର୍ଯ୍ୟନ୍ତ ରାସ୍ତା ଜାମ୍ ଯୋଗୁ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଟାଉନ କ୍ଲବ୍‌ଠାରୁ ମେଡିକାଲ ଛକ, ଡେଲି ମାର୍କେଟ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ମଡର୍ନ ଇଲେକ୍ଟ୍ରୋନିକ ଛକ ଓ ପୋଷ୍ଟ ଅଫିସ ଛକ ଟ୍ରାଫିକ୍ ସମସ୍ୟା ଅନିୟନ୍ତ୍ରିତ ହୋଇପଡୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଏବଂ ଦୋକାନ ବଜାର ଯୋଗୁ ରାସ୍ତା ସଙ୍କୁଚିତ ହେଉଛି। ରାଜନୈତିକ ଇଚ୍ଛାଶକ୍ତି, ଜିଲା ଓ ପୌର ପ୍ରଶାସନର ଆନ୍ତରିକତା ଅଭାବରୁ ସହରରେ ଟ୍ରାଫିକ୍‌ମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ହୋଇରହିଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ବଜାରରେ ୨ ଚକିଆ ଯାନ ରାସ୍ତାକୁ ମଡାଇ ଲମ୍ବା ଧାଡ଼ିରେ ଦେଖିବାକୁ ମିଳିଛି। ଏଥିଲାଗି ରାସ୍ତା ସଂକୀର୍ଣ୍ଣ ହେବା ଯୋଗୁ ଯାତାୟାତରେ ସମସ୍ୟା ଉପୁଜିବା ସହ ଟ୍ରାଫିକ୍ ସମସ୍ୟା ମଧ ଦେଖାଦେଇଛି। ସହରର ବଜାର ପରିସରରେ ଓ ଦୋକାନ ସମ୍ମୁଖରେ ୨ ଚକିଆ ଯାନ ରଖିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ କରିଦେଉଛି। ଆଉ ଦିନ କେଇଟା ପରେ ଶାରଦୀୟ ଦୁର୍ଗାପୂଜା ପାଇଁ ସହର ଚଳଚଞ୍ଚଳ ରହିବ। ପର୍ବପର୍ବାଣି ସମୟରେ ଭିଡ଼ ମଧ ହୁଏ। ଅପରପକ୍ଷେ ଏହି ରାସ୍ତାପାର୍ଶ୍ୱରେ ମେଡିକାଲ, ଶିକ୍ଷାନୁଷ୍ଠାନ, ଔଷଧ ଦୋକାନ, ତହସିଲ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶତାଧିକ ଦୋକାନ ଘେରି ରହିଛି। ଏହି ରାସ୍ତା ଦେଇ ସକାଳ ସମୟରେ ତାଳଚୁଆ, ଗୁପ୍ତି, ଜମ୍ବୁ, ବାବାର ଓ ରାଜନଗରରୁ କଟକ, ଭୁବନେଶ୍ୱରକୁ ଦୈନିକ ଶତାଧିକ ଘରୋଇ ବସ୍ ଯାତାୟାତ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସ୍‌ଗୁଡ଼ିକ ରାସ୍ତା ପାର୍ଶ୍ୱରେ ଅଟକି ରହୁଛି। ବେଳେବେଳେ ବଜାରର ଉଭୟ ପଟୁ ଯାନବାହନ ଲମ୍ବାଧାଡ଼ିରେ ଅଟକି ରହୁଥିବା ଦେଖିବାକୁ ମିଳୁଛି। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ମଲିକ କହିଛନ୍ତି, ଏହି ବଜାରରେ ୧୫ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଛି। ଏସବୁ ବ୍ୟାଙ୍କ ପାର୍ଶ୍ୱରେ ବାଇକ୍ ପାର୍କିଂ ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସହରର ପ୍ରବେଶ ପଥ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ୍ ସମସ୍ୟାକୁ ପୋଲିସ ସୁଧାରିବାରେ ବିଫଳ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। କେନାଲ ରୋଡ୍‌ରେ ସାପ୍ତାହିକ ହାଟ ଓ ଆମିଷ ବଜାର ଚାଲୁଥିବାରୁ ଭିଡ଼ ଲାଗି ରହୁଛି। ପୋଷ୍ଟ ଅଫିସ ଛକ ନିକଟରେ ଉଠାଦୋକାନୀମାନେ ରାସ୍ତା ପାଖରେ ନିଜ ଦୋକାନ ଖୋଲୁଥିବାରୁ ସେଠାରେ ଗହଳି ହେଉଛି। ଫଳରେ ଗାଡ଼ି ମୋଟର ଯିବା ଆସିବା କଷ୍ଟସାଧ ହେଉଥିବା ଟ୍ରାଫିକ୍ ଜାମ୍ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସେହି ସ୍ଥାନର ବାଲିପଡ଼ା ଗଡ଼ାଣି ପୂର୍ବରୁ ଛୋଟ ବ୍ରିଜ୍ ରହିଛି, ଯାହା ଫଳରେ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ୍ ରହୁଛି। ସହରର ସମସ୍ତ ସମସ୍ୟା ଉପରେ ଦୃଷ୍ଟି ରଖି ସରକାର ବାଇପାସ୍ ରୋଡ୍ ନିର୍ମାଣ ଆରମ୍ଭ କରିଥିଲେ ମଧ ଅଦ୍ୟାବଧି କୌଣସି ବାଇପାସ୍ ରାସ୍ତା ନିର୍ମାଣ ହୋଇପାରି ନ ଥିବା ଫଳରେ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବାଇପାସ୍ ରାସ୍ତା କାମ ଶେଷ ହେଉନି



ପଟ୍ଟାମୁଣ୍ଡାଇ ସହର ରାସ୍ତାରେ ଗାଡ଼ି ମୋଟର ଜାମ୍।

# ଡିଜେ ବାଜିବା, ଅଶ୍ଳୀଳ ନାଚଗୀତକୁ ମନା



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

## ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୩୦।୯ (ଜଗନ୍ନାଥ ଧଳ)

ଦୁର୍ଗା ଉତ୍ସବ ପରେ କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଟାଉନହଲଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ, ସ୍ଥାନୀୟ ରାଜନେତା ଓ ପୂଜା କମିଟି କର୍ମକର୍ତ୍ତାଙ୍କ ଏହି ମିଳିତ ବୈଠକରେ ମା'ଙ୍କ ଭସାଣି ଉତ୍ସବରେ ଡିଜେ ବାଜିବାକୁ ବନ୍ଦ କରାଯାଇଛି। ଏଥିସହ ପୂଜା ମଣ୍ଡପ ଓ ଭସାଣି ଉତ୍ସବରେ ଅଶ୍ଳୀଳ ନାଚଗୀତ ବନ୍ଦକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ପ୍ଲାଷ୍ଟିକ ଯୋଗୁ ସହରରେ ପ୍ରଦୂଷଣ ବଢୁଥିବାରୁ ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ପାଇଁ ଆଲୋଚନା ହୋଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏଡିଏମ୍ ନିଲୁ ମହାପାତ୍ର, ପୌରାଧକ୍ଷା ସରିତା ସାହୁ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ସଲିମ ଖାଁ ପ୍ରମୁଖ ଯୋଗଦେଇଥିଲେ। ଏଠାରେ ପୂଜା ମଣ୍ଡପର ସୁରକ୍ଷା, ଟ୍ରାଫିକ୍, ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ପରିମଳ ଓ ପରିବେଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଆଇନ ଶୃଙ୍ଖଳା ଓ ପ୍ଲାଷ୍ଟିକ ବନ୍ଦକୁ ଗୁରୁତ୍ୱ ଦିଆଯାଇଥିଲା। ପୂଜା ମଣ୍ଡପର କର୍ମକର୍ତ୍ତାଙ୍କୁ ଆଗୁଆ ଅନୁମତି ପତ୍ର ପାଇଁ ଆବେଦନ ସମ୍ପର୍କରେ ସଚେତନ କରାଯାଇଥିଲା। ବୈଠକରେ ଜିଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ବିଭିନ୍ନ ଉତ୍ସବରେ ଡିଜେ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଦାବି

କେନ୍ଦ୍ରାପଡ଼ା, ୩୦।୯ (ଜଗନ୍ନାଥ ଧଳ)

ଡିଜେର ଉଚ୍ଚ ଶବ୍ଦ ଏବେ ସାଧାରଣ ମଣିଷ ପାଇଁ ଘାତକ ସାଜିଛି। ରୋଗୀ, ବୃଦ୍ଧାବୃଦ୍ଧଙ୍କ ଜୀବନକୁ ଦୁର୍ବିଷହ କରୁଛି। ଏହାକୁ ନେଇ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଭିନ୍ନ ଉତ୍ସବରେ ଏହାର ପ୍ରଚଳନକୁ ବନ୍ଦ ପାଇଁ କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଦାବିପତ୍ର ପ୍ରଦାନକାରୀ ଗଣେଶ ଚନ୍ଦ୍ର ସାମଲ, ବରିଷ୍ଠ ନାଗରିକ ହେମନ୍ତ କୁମାର ଜେନା, ପ୍ରଫୁଲ୍ଲ କୁମାର ଦାସ, ଧୀରେନ କୁମାର ସାହୁ, ରାଜେଶ କୁମାର ବେହେରା ପ୍ରମୁଖ କହିଛନ୍ତି, ଡିଜେର ଉଚ୍ଚଶବ୍ଦ ଏହାର କଳେବର ପର୍ବପର୍ବାଣି ଉତ୍ସବ ସମୟରେ କୁପ୍ରଭାବ ପକାଉଛି। ନିକଟରେ ଗଣେଶ ଭସାଣି ସରିଛି। ଏହି ଭସାଣି ସମୟରେ କପାଳେଶ୍ୱର ପଞ୍ଚାୟତର ଜଣେ ଯୁବକଙ୍କ ଡିଜେ ଶବ୍ଦ ପାଇଁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଥିଲା। ଡିଜେର ଭାଇବ୍ରେଟର ବୃଦ୍ଧାବୃଦ୍ଧ, ରୋଗୀଙ୍କ ଉପରେ ପ୍ରଭାବ ପକାଉଥିବାବେଳେ ଶିଶୁଙ୍କ ମନସ୍ତାତ୍ତ୍ୱିକ ପରିସ୍ଥିତି ବିଗାଡୁଥିବା ଲକ୍ଷ୍ୟ କରାଯାଉଛି। ଓଡ଼ିଶା ହାଇକୋର୍ଟ ଏ ସମ୍ପର୍କରେ ରାୟ ଦେଇ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେର ବ୍ୟବହାରକୁ ବାରଣ କରିଛନ୍ତି। ଏହାସତ୍ତ୍ୱେ ଏହାର ବହୁଳ ବ୍ୟବହାର ହେଉଛି। ଡିଜେ ପାଇଁ ଅନ୍ୟୂନ ୧୦ରୁ ୨୫ଟି ବଡ଼ ବକ୍ସ ବ୍ୟବହାର ହେଉଛି। ଏହାର ପୃଥୁଳତା ଆକାର ପାଇଁ ଉତ୍ସବ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଥିସହ ମହିଳାଙ୍କୁ ଅସଦାଚରଣ କରିବା, ଲୁଟେରାଙ୍କ ଉପଦ୍ରବ ବଢ଼ିବା ପରି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଅପରପକ୍ଷରେ ଡିଜେ ପ୍ରଚଳନ ଫଳରେ ପାରମ୍ପରିକ ବାଦ୍ୟ, ବାଦ୍ୟଯନ୍ତ୍ର ନିର୍ମାଣକାରୀ ଓ କଳାକାରଙ୍କ ବେଉସା ବୁଡ଼ିଯାଇଛି। ଜିଲାର ସାଂସ୍କୃତିକ ବିପଦକୁ ଟାଳିବା ପାଇଁ ଡିଜେ ପ୍ରଚଳନକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଜିଲାପାଳଙ୍କ ସହ ଆଲୋଚନା ହୋଇଥିବା ସେମାନେ କହିଛନ୍ତି।

# ପୋତା ଗୋବରୀ ନଦୀ ପରିଦର୍ଶନ କରି ଡିପିଆର ପ୍ରସ୍ତୁତି



ଡ୍ରେନେଜ୍ କଟ୍ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

- ପଟ୍ଟାମୁଣ୍ଡାଇ ସହର ଜଳ ନିଷ୍କାସନ ସମସ୍ୟା ସମାଧାନ ପାଇଁ ପଦକ୍ଷେପ
- ଡ୍ରେନେଜ କଟ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

ପଟ୍ଟାମୁଣ୍ଡାଇ,୩୦।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସହର ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଓ ପ୍ରଶାସନ ପଦକ୍ଷେପ ନେବା ଆରମ୍ଭ କରିଛି। ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଥିବା ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳ ସ୍ଥିତି ଦିନକୁଦିନ ବେହାଲ ହେବାକୁ ଲାଗିଛି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଇ ଗୋବରୀ ନଦୀକୁ ଛଡ଼ାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଗୋବରୀ ନଦୀର ମଧ ପୁନରୁଦ୍ଧାର କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଜଳସମ୍ପଦ ଅଧୀନରେ ଥିବା ଡ୍ରେନେଜ କଟ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଗତ ୧୪ ତାରିଖରେ ପଟ୍ଟାମୁଣ୍ଡାଇ ସହର ସମେତ ଗୋବରୀ ନଦୀ ପରିଦର୍ଶନ କରି ଡିପିଆର ପ୍ରସ୍ତୁତ କରିଛନ୍ତି ବୋଲି ସହକାରୀ ଯନ୍ତ୍ରୀ ନୀହାର ରଞ୍ଜନ ରାଉତରାୟ ପ୍ରକାଶ କରିଛନ୍ତି।

ପଟ୍ଟାମୁଣ୍ଡାଇ ସହରରେ ଜଳ ନିଷ୍କାସନ ସମସ୍ୟା ଉଗ୍ରରୂପ ଧାରଣ କରିଛି। ସାମାନ୍ୟ ବର୍ଷା ହେଲେ ମୁଖ୍ୟ ରାସ୍ତାରେ ପାଣି ଲହଡ଼ି ଖେଳିବା ସହ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଲୋକଙ୍କ ଘରେ ଓ ଦୋକାନରେ ପାଣି ପଶି ଯାଉଛି। ସ୍ଥିତି ଦିନକୁଦିନ ବିଗୁଡୁଥିବାରୁ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଜଳ ନିଷ୍କାସନ ବାଟ ପୋତି ଲୋକମାନେ ଘର କରିବା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ସହରର ମୁଖ୍ୟ ରାସ୍ତାରେ ଥିବା ଏକମାତ୍ର ଡ୍ରେନରେ ବର୍ଷା ପାଣି ଗୋବରୀ ନଦୀକୁ ଯାଉଛି। ମାତ୍ର ଗୋବରୀ ନଦୀ ପଠା ଅବରୋଧ ହେବା ଯୋଗୁ ତାହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକାଧିକ ଡ୍ରେନ ନିର୍ମାଣ ସହ ଗୋବରୀ ନଦୀର ପୁନରୁଦ୍ଧାର କରିବାକୁ ଜନସାଧାରଣଙ୍କ ମଧ୍ୟରେ ଦାବି ହୋଇ ଆସୁଥିଲା। ଏଥିପାଇଁ ଜଳସମ୍ପଦ ଅଧୀନରେ ଥିବା ଡ୍ରେନେଜ୍ କଟ୍ ବିଭାଗର ମୁଖ୍ୟଯନ୍ତ୍ରୀ ଅବିନାଶ ରାଉଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର, ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଧୀରେନ୍ଦ୍ର ଜେଠୀ, ସହକାରୀ ଯନ୍ତ୍ରୀ ରାଉତରାୟଙ୍କୁ ନେଇ ଗଠିତ ଟିମ୍ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଜଳବନ୍ଦୀ ଅଞ୍ଚଳ ଓ ଗୋବରୀ ନଦୀ ପରିଦର୍ଶନ କରିଛନ୍ତି।

# କନିକା ରାଜାଙ୍କ ଶୋଷଣ ବିରୋଧରେ କରିଥିଲେ ପ୍ରଜାମେଳି




ସମାରୋହରେ ମଞ୍ଚାସୀନ ଅତିଥି।

## ଐତିହାସିକ, ଲେଖକ, ବିପ୍ଳବୀ କବି ଡ. ପ୍ରଫୁଲ୍ଲ ଦାସଙ୍କ ଜୟନ୍ତୀ

ରାଜକନିକା,୩୦।୯ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲାର ଗର୍ବ ଓ ଗୌରବ ତଥା ରାଜକନିକା ମାଟିର ବରପୁତ୍ର ସମ୍ମାନଜନକ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ ଐତିହାସିକ ଲେଖକ, ବିପ୍ଳବୀ କବି ଡ. ପ୍ରଫୁଲ୍ଲ ଦାସଙ୍କ ୯୮ତମ ଜୟନ୍ତୀ ସମାରୋହ ସୋମବାର ରାଜକନିକା ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଗ୍ରନ୍ଥକାର ପ୍ରାଧ୍ୟାପକ ଅଭିରାମ ବିଶ୍ୱାଳ ଯୋଗଦେଇ ଡ. ଦାସ ସମାଜର ଅସହାୟ, ନିଷ୍ପେଷିତ ଓ ଦଳିତମାନଙ୍କ ତ୍ରାଣକର୍ତ୍ତା ଭାବେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। କନିକା ରାଜାଙ୍କ ଶୋଷଣ କଷଣ ବିରୋଧରେ ପ୍ରଜାମେଳି ଓ ପ୍ରଜା ଆନ୍ଦୋଳନକରି ତତ୍କାଳୀନ ରାଜାଙ୍କ ଦ୍ୱାରା ବିତାଡ଼ିତ ହୋଇଥିବା ବିପ୍ଳବୀ କବିଙ୍କ ରଚିତ ଭାରତର ସଶସ୍ତ୍ର ମୁକ୍ତି ସଂଗ୍ରାମ, କଳାପାଣିରେ ଅଗ୍ନିଶିଖା, ଭୂଦାନ, ଶହୀଦ ବାସୁ ବିସୁନୀ, ମାଳତୀ ଚୌଧୁରୀଙ୍କ ଜୀବନୀ ଉପରେ ଆଧାରିତ ବହ୍ନିମାନ ଭଳି ସଂସ୍କାର ଧର୍ମୀ ପୁସ୍ତକ ଉପରେ ଆଲୋକପାତ କରିଥିଲେ।

ରାଜକନିକାର ଅନନ୍ୟ ଅନୁଷ୍ଠାନ କନିକା ପୂଜ୍ୟପୂଜା ପରିଷଦ ଓ ଡ. ପ୍ରଫୁଲ୍ଲ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ଏହି ଜୟନ୍ତୀ ସମାରୋହରେ ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପରିଷଦର ସମ୍ପାଦକ କପିଳ ଚରଣ ମିଶ୍ର ବାର୍ଷିକ ବିବରଣୀ ପାଠ ସହ ଜୟନ୍ତୀ ସମାରୋହର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ବିଧାନ ଦାସ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଦୁର୍ଯ୍ୟୋଧନ ମହାନ୍ତି ଓ କାଳିପ୍ରସାଦ ନାୟକ ଅତିଥିଦ୍ୱୟଙ୍କୁ ଉପାୟନ ପ୍ରଦାନ କରିଥିଲେ। ସବିତା ବରଜଙ୍କ ଦ୍ୱାରା ରଚିତ ଡ. ଦାସଙ୍କ ଉପରେ ଆଧାରିତ ଏକ ସଙ୍ଗୀତ ଗାନ କରିଥିଲେ। ସୁରେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରମରେ ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍‌ରେ ଏ-୧ ଗ୍ରେଡ୍ ରଖି ପାସ୍ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦେଇ ପ୍ରୋତ୍ସାହିତ କରିଥିଲେ। ବିଧାନ ଦାସ ମାନପତ୍ର ପାଠ କରିଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ବେଣୁଧର ପରିଡ଼ା, ଦାମୋଦର ଧଳ, ନବକିଶୋର ସୂତାର, ବିପିନ ବିହାରୀ ରାଉତ, ଶରତ ରାଉତ, ଯୋଗେଶ୍ୱର ପ୍ରଧାନ, ରବୀନ୍ଦ୍ର ତ୍ରିପାଠୀ, ସାବିତ୍ରୀ ମାହୁନ୍ତ, ସୀତାରାଣୀ ଦାସ, ରତ୍ନମାଳା ବିଶ୍ୱାଳ, ଝରଣା ରାଉତ, ବିଜୟ ସେନାପତି, ରଞ୍ଜନ ଦଳେଇ, ବେଣୁଧର ଜେନା, ବିଶ୍ୱନାଥ ନାୟକ, ଝରଣା ରାଉତ, ସରୋଜିନୀ ବିଶ୍ୱାଳ, ଆଶାଲତା ସାହାଣୀ ପ୍ରମୁଖ ଯୋଗଦେଇଥିଲେ।

# ବଜ୍ରପାତରେ ନଡ଼ିଆ ଗଛରେ ନିଆଁ ଲାଗି ଜଳିଗଲା

ଡେରାବିଶ, ୩୦।୯ (ବେବର୍ତ୍ତା ଅଜୟ ଦାସ)

ସୋମବାର ମଧ୍ୟାହ୍ନରେ ହଠାତ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ବଜ୍ରପାତ ହୋଇଥିଲା। ଏହି ଅବସରରେ ହଠାତ ବଜ୍ରପାତର ଏକ ଭୀଷଣ ଶବ୍ଦ ଡେରାବିଶ ହାଇସ୍କୁଲର ଶ୍ରେଣୀ ଗୃହରେ ବସି ପଢୁଥିବା ଛାତ୍ରୀଛାତ୍ର ଓ ପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଭୟଭୀତ କରି ପକାଇଥିଲା। ପରେ ଏହି ବଜ୍ରପାତ ପାଖରେ କେଉଁଠି ପଡ଼ିଥିବା ନେଇ ସମସ୍ତେ ଚୁପୁରୁ ଚାପୁର ହେଉଥିବା ସମୟରେ ବିଦ୍ୟାଳୟ ପରିସରରେ ଥିବା ଏକ ନଡ଼ିଆ ଗଛର ପତ୍ର ହୁତୁହୁତୁ ହୋଇ ଜଳୁଥିବା ଦେଖି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଆତଙ୍କିତ ହୋଇ ଉଠିଥିଲେ। ଖବର ପାଇ ଡେରାବିଶ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ତେବେ ଏହି ବଜ୍ରପାତ ଯୋଗୁ ଖାଲି ନଡ଼ିଆ ଗଛ ଜଳି ନ ଥିଲା ବରଂ ତା' ନିକଟରେ ଥିବା ଏକ ଚାକୁଣ୍ଡା ଗଛର ଡାଳ ଫାଟି ଆଁ କରିଥିବା ଦେଖାଯାଇଥିଲା। ତେବେ ଏହି ବଜ୍ରପାତ ସମୟରେ ବିଦ୍ୟାଳୟରେ ପାଠପଢ଼ା ଚାଲିଥିବାରୁ ସମସ୍ତ ଛାତ୍ରୀଛାତ୍ର ଏହି ବିପଦରୁ ରକ୍ଷା ପାଇଯାଇଛନ୍ତି।



# ୬୦ ଅଭିଯୋଗ ମଧ୍ୟରୁ ୭ ସାମୂହିକ

## ମାର୍ଶାଘାଇରେ ମିଳିତ ଜନଶୁଣାଣି ଶିବିର

ମାର୍ଶାଘାଇ,୩୦।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ୍ ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବିଡିଓ ରଶ୍ମିରେଖା ମଲ୍ଲିକ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ ଓ ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତି ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୬୦ଟି ଅଭିଯୋଗ ମଧ୍ୟରୁ ୭ଟି ସାମୂହିକ ଥିବାବେଳେ ୫୩ଟି ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡ, ଆବାସ ଯୋଜନାରେ ଘର, ଭତ୍ତା, ଚିକିତ୍ସା ପାଇଁ ସହାୟତା, ବିଦ୍ୟୁତ୍ ସଂଯୋଗ ଆଦି ରହିଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ପରକୁଳା ଗାଁରେ ସରକାରୀ ଜମିରୁ ଜବରଦଖଲ ମୁକ୍ତ, ପଞ୍ଚାୟତ ସମିତିର ସଭ୍ୟମାନେ ୧୫ ସିଏଫ୍‌ସି ଓ ୫ ଏସ୍‌ଏଫ୍‌ସିର ଶତକଡା ୭୫ ଭାଗ ଫଣ୍ଡ ସେମାନଙ୍କୁ ଦେବା ପାଇଁ, ବେରୁହାଁ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କ ନାଁରେ ଅଭିଯୋଗ, ଗିରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଓ ଆଖୁଆ ଓ ନଛିପଡ଼ା ଗ୍ରାମରେ ପାନୀୟ ଜଳର ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀ, ବ୍ଲକ୍ ସହକାରୀ ଯନ୍ତ୍ରୀ ଶ୍ରେୟାଂଶୁ କର ଓ ବ୍ଲକ୍ ଜିପିଡିଓ ସୋନାଲି ବେଉରା ଉପସ୍ଥିତ ଥିଲେ।

# ଗାଁରେ ମିଳିବ ସ୍ୱଚ୍ଛ ପାନୀୟ ଜଳ

## ୨ ଉଚ୍ଚ ପାଣିଟାଙ୍କି ଲୋକାର୍ପିତ

ମହାକାଳପଡ଼ା,୩୦।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁ ଗାଁରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବିପୁଳ ପରିମାଣରେ ଅର୍ଥ ମଞ୍ଜୁର କରିଛନ୍ତି। ଗାଁର ମହିଳାମାନେ ହାଣ୍ଡିଶାଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ଏହି ଅବସରରେ ମହାକାଳପଡ଼ା ବ୍ଲକ୍ ଅଧୀନ ନାଙ୍ଗୁରା ପଞ୍ଚାୟତ ଦୋଳି ଗାଁଠାରେ ୬୦ ହଜାର ଲିଟର ଉଚ୍ଚ ପାଣିଟାଙ୍କି ୧୭୦ ପରିବାରକୁ ଜଳ ଯୋଗାଣ ଓ ଗୋଗୁଆ ପଞ୍ଚାୟତ ଗୁଲଦିଆ ଗାଁଠାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଉଚ୍ଚ ପାଣିଟାଙ୍କି ୧୯୫ ପରିବାର ଉପକୃତ ହେବେ। ସୋମବାର ସ୍ଥାନୀୟ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ହାଣ୍ଡିଶାଳ ଟ୍ୟାପ୍‌ରେ ଉପଲବ୍ଧ ହୋଇପାରିବ ବୋଲି ବିଧାୟକ ନାୟକ ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ବସନ୍ତ କୁମାର ସେଠୀ, ସୁବ୍ରତ କୁମାର ସାହୁଙ୍କ ସମେତ ପ୍ରଶାନ୍ତ କୁମାର ସେଠୀ, ଏମ୍‌ପିଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ମୁକୁନ୍ଦ ମହାମାତ୍ର, ସରପଞ୍ଚ ସଫଳା ମଲିକ, ସମିତିସଭ୍ୟ ସଂଗ୍ରାମ ମଲିକ, ପ୍ରତାପ ଚନ୍ଦ୍ର ଦାସ, ରଞ୍ଜନ ଚୌଧୁରୀ, ପ୍ରଶାନ୍ତ କୁମାର ସେଠୀ, ବାରେଣି ଭୂୟାଁ, ଶିଶିର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗୁଲଦିଆଠାରେ ଭାଜପା ସଦସ୍ୟ ଅଭିଯାନରେ ବିଧାୟକ ନାୟକ ଯୋଗଦେଇ ମୋଦି ସରକାରରେ ଗ୍ରାମାଞ୍ଚଳରେ ବିକାଶର ଡବଲ ଇଞ୍ଜିନ ଖୁବ୍ ଦ୍ରୁତଗତିରେ ଆଗକୁ ମାଡ଼ି ଚାଲୁଛି ବୋଲି ମତବ୍ୟକ୍ତ କରିଥିଲେ। ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ସବୁସ୍ତରର ଗରିବ, ଖଟିଖିଆ, କୃଷକ, ଆଦିବାସୀମାନଙ୍କୁ ସାମିଲକରି ନୂଆ ସଦସ୍ୟା ଅଭିଯାନକୁ ଜୋର୍‌ଦାର କରାଯାଇଛି ବୋଲି ବିଧାୟକ ନାୟକ କହିଛନ୍ତି।



ଦୋଳି ଗାଁଠାରେ ପାନୀୟ ଜଳ ପ୍ରକଳ୍ପକୁ ବିଧାୟକ ଲୋକାର୍ପିତ କରୁଛନ୍ତି।

# ଭସାଣିରେ ଡିଜେ ବାଜିବନି କି ବାଣ ଫୁଟିବନି

## ଶାରଦୀୟ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ରାଜନଗର, ୩୦।୯ (ଭାସ୍କର ରାଉତରାୟ)

ରାଜନଗରର ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ କରିବାକୁ ସୋମବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟିର ସଭାପତି ତଥା ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ଆଇଆଇସି ଅଜୟ କୁମାର ଜେନା, ବିଡିଓ ନିଶାନ ମିଶ୍ର ଏବଂ ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ବଣିକ ସଂଘ ଓ ସରକାରୀ ଅଧିକାରୀମାନେ ଯୋଗଦେଇ ଦୁର୍ଗାପୂଜାକୁ କିପରି ଶାନ୍ତି ଶୃଙ୍ଖଳାର ସହ କରାଯିବ ସେ ନେଇ ପ୍ରସ୍ତାବ ରଖିଥିଲେ। ରାଜନଗର ଦେବୀ ଘରେ ଥାନପତି ମା' ଦୁର୍ଗାଙ୍କ ସମେତ ରାଜନଗର, ସାନବଡ଼ଗୋପାଳପୁର ଓ ଜରିମୂଳରେ ୨୮ଟି ମେଢ଼ ଚଳିତବର୍ଷ ହେବ। ଭସାଣି ଉତ୍ସବରେ ଡିଜେ ବାଜିବନି କି ବାଣ ଫୁଟିବନି ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଚଳିତବର୍ଷ ଭକ୍ତଙ୍କ ଗହଳି ମଧ୍ୟରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବାରୁ ଭିଡକୁ ଆଖି ଆଗରେ ରଖି ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଦ୍ରୁତଗତିରେ ବାଇକ୍ ଚାଳନା ସହ ଉଚ୍ଚସ୍ୱରରେ ହର୍ଣ୍ଣ ବଜାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ବିଦ୍ୟୁତ୍, ଆବର୍ଜନା ସଫା, ରାସ୍ତା ମରାମତି, ପାଣି ଜମୁଥିବା ସ୍ଥାନରୁ ଜଳ ନିଷ୍କାସନ, ଆଇନଶୃଙ୍ଖଳା ଓ ଟ୍ରାଫିକ୍ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂଜା ୪ଦିନ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଜାର ମଧ୍ୟକୁ ଗାଡ଼ି ଚଳାଚଳ ବନ୍ଦ ସହ ଚୋରା ମଦ ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ଜେନା କହିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଶୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବେଡ଼ ରଖାଯିବ। ଚଳିତବର୍ଷ ୧୪ ଓ ୧୫ ତାରିଖ ୨ଦିନ ଧରି ଭସାଣି ଉତ୍ସବ ଅନୁଷ୍ଠିତ ହେବ। ରାତି ୧୧ଟା ପର୍ଯ୍ୟନ୍ତ ଭସାଣି ଉତ୍ସବ ଚାଲିବ। ଭସାଣି ସମୟରେ କୌଣସି ପୂଜା କମିଟି ଡିଜେ ବଜାଇ ପାରିବେ ନାହିଁ କିମ୍ବା ବାଣ ଫୁଟାଇବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶାରଦୀୟ ଦୁର୍ଗାପୂଜା କମିଟିର ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର ମା'ଦୁର୍ଗାଙ୍କର ଚାପଖେଳ ବେଳେ ନଦୀରେ ଭସାଣି ସମୟରେ କର୍ମକର୍ତ୍ତା ଓ ମେଢ଼ ବାଦେ ଅଧିକାଂଶ ବାହାର ବୋଟ ଚାଲୁଥିବାରୁ ଅଘଟଣର ଆଶଙ୍କା ରହୁଥିବାରୁ ଏଥିପ୍ରତି ପ୍ରଶାସନ ଯତ୍ନବାନ ହେବାକୁ କହିଥିଲେ। ପୂଜା ମଣ୍ଡପଗୁଡ଼ିକ ଅନୁମତି ପତ୍ର ନେବାକୁ କୁହାଯାଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ମହାନ୍ତି, ଯତିକୃଷ୍ଣ ମିଶ୍ର, ବିଚିତ୍ର ମଲିକ, ବିଭୂତି ନାୟକ, ବିଜୟ ଗୁପ୍ତା, ଶ୍ରୀନିବାସ ରାଉଳ, ଗୋଲେଖ ପ୍ରଧାନ, ସତ୍ୟବାନ ସେଠୀ, ମନୋଜ ରାଉତ, ଧ୍ରୁବ ଲେଙ୍କା, ଅଭିରାମ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

# ସଚଳ ହେଉନି ଅଚଳ ମହାପ୍ରୟାଣ ଗାଡ଼ି

ନୟାଗଡ଼,୩୦।୯(ଲୋକନାଥ ମିଶ୍ର)

- ୩ ଲକ୍ଷ ଟଙ୍କା ଅପବ୍ୟୟ ହୋଇ ସାରିଲାଣି
- ମୃତଦେହକୁ ବେସରକାରୀ ଆମ୍ବୁଲାନ୍ସ ଭରସା
- ମୃତକ ପରିବାର ଅଯଥାରେ ହେଉଛନ୍ତି ଖର୍ଚ୍ଚାନ୍ତ
- ପ୍ରାଇଭେଟ ଆମ୍ବୁଲାନ୍ସ ନେଉଛନ୍ତି ମନଇଚ୍ଛା ଭଡ଼ା

ମୃତଦେହ ଘରେ ପହଞ୍ଚାଇବା ପାଇଁ ସରକାର ମହାପ୍ରୟାଣ ଗାଡ଼ି ଯୋଗାଇଛନ୍ତି। ହେଲେ ନୟାଗଡ଼ ଜିଲାରେ ମହାପ୍ରୟାଣ ଗାଡ଼ି ଅଚଳ ହୋଇ ରହିଥିବାରୁ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଅଚଳ ଗାଡ଼ିକୁ ସଚଳ କରିବାକୁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ତେବେ ମହାପ୍ରୟାଣ ଗାଡ଼ି ସଚଳ ହେବାର ନାଁ ଧରୁନାହିଁ। ଏବେ ପୁଣି ୨୦ ହଜାର ବ୍ୟୟ କରାଯାଇ ସଚଳ କରାଯିବାକୁ ଉଦ୍ୟମ ଚାଲିଛି। ପ୍ରଶ୍ନ ଉଠୁଛି ଯଦି ମହାପ୍ରୟାଣ ଗାଡ଼ି ସବୁବେଳେ ଖରାପ ତେବେ ମରାମତି କାହିଁକି କରାଯାଇ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅପବ୍ୟୟ କରିବାର କାରଣ ବୁଝାପଡୁନି। ଅପରପକ୍ଷେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରକୁ ନେବା ବେଳକୁ ସବୁବେଳେ ମୃତକ ପରିବାର ଅଯଥା ଖର୍ଚ୍ଚାନ୍ତ ହୋଇ ପ୍ରାଇଭେଟ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ମୃତଦେହକୁ ନେବାକୁ ପ୍ରାଇଭେଟ ଆମ୍ବୁଲାନ୍ସ ମନଇଚ୍ଛା ରେଟ ଫିକ୍ସ କରି ରୋଗୀଙ୍କ ପରିବାରକୁ ଶୋଷୁଛନ୍ତି।

ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଲେଖାଏ ମହାପ୍ରୟାଣ ଗାଡ଼ି ସରକାର ଯୋଗାଇ ଦେଇଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ମହାପ୍ରୟାଣ ଗାଡ଼ିର ତଦାରଖ ମ୍ୟୁନିସିପାଲିଟି କରୁଛି। ତେବେ ମହାପ୍ରୟାଣ ଗାଡ଼ି ସବୁବେଳେ ଅଚଳ ରହୁଛି। ମୃତ ଶରୀରକୁ ଘରକୁ ନେବାକୁ ମୃତକ ପରିବାର ମହାପ୍ରୟାଣ ଗାଡ଼ି ଡ୍ରାଇଭର ଗାଡ଼ିକୁ ଯୋଗାଯୋଗ କଲେ ଉତ୍ତର ମିଳୁଛି ଆଜ୍ଞା ଗାଡ଼ି ଖରାପ ଅଛି। ପ୍ରାଇଭେଟ ଆମ୍ବୁଲାନ୍ସ ଦେଖନ୍ତୁ। ସବୁବେଳେ ଖରାପ ଖରାପ ଶୁଣି ଲୋକେ ଆଉ ମହାପ୍ରୟାଣ ଗାଡି ଡ୍ରାଇଭରକୁ ଯୋଗାଯୋଗ କରୁନାହାନ୍ତି। ଏ ନେଇ ଗଣିଆର ଉମା ମଲ୍ଲିକ କହିଛନ୍ତି, ମୋର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହେଲା। ରାତିରେ ମହାପ୍ରୟାଣ ଗାଡ଼ି ଡ୍ରାଇଭରଙ୍କ ସହ ଯୋଗାଯୋଗ ପରେ ଗାଡ଼ି ଖରାପ ଅଛି କହିଥିଲେ। ପରେ ସରକାରୀ ଦେୟଠାରୁ ଦୁଇ ଗୁଣା ଅଧିକ ଦେଇ ବେସରକାରୀ ଆମ୍ବୁଲାନ୍ସରେ ମୃତଦେହକୁ ନେବାକୁ ପଡ଼ିଲା। ଯଦି ମହାପ୍ରୟାଣ ଗାଡ଼ି ସବୁବେଳେ ଖରାପ ଅଛି, ତେବେ ସରକାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ମହାପ୍ରୟାଣ ଗାଡ଼ି ରଖି ଲାଭ କ'ଣ ବୋଲି ପ୍ରଶ୍ନ କରିଛନ୍ତି। ରଣପୁରର ଗଣେଶ ନାୟକ, ବୋଲଗଡ଼ର ଉମା ବେହେରା, ଦଶପଲ୍ଲାର ସ୍ମିତା ସାହୁ, ଭାପୁରର ବିଜୟ ବେହେରା କହିଛନ୍ତି, ନୟାଗଡ଼ରେ ମହାପ୍ରୟାଣ ଗାଡ଼ିର ସେବା ମିଳୁନି। ଲୋକେ ମୃତଦେହ ଘରକୁ ଆଣିବାକୁ ସବୁବେଳେ ହଇରାଣ ହେଉଛନ୍ତି। ବେସରକାରୀ ଆମ୍ବୁଲାନ୍ସର ଜୁଲମ ଉପରେ ଲଗାମ ସ୍ୱାସ୍ଥ୍ୟ ବିଭାଗ ଅଥବା ଜିଲାପାଳଙ୍କ ରହୁନି। ଏଣୁ ମୃତଦେହ ଘରକୁ ଆଣିବାରେ ସବୁବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ହଇରାଣ ହେବାକୁ ପଡୁଛିୟ। ପ୍ରଶାସନ ପଦକ୍ଷେପ ନିହାତି ନେବା ଦରକାର।

## ଜିଲା ପରିଷଦ ବୈଠକରେ ନିର୍ଯାସ ବାହାରିଲାନି

ମୃତଦେହ ଆଣିବା ପାଇଁ ମହାପ୍ରୟାଣ ଗାଡ଼ି ୨ଟି ଅଛି। ଅଥଚ ସେଗୁଡ଼ିକ ଅଚଳ ଯୋଗୁ ମୃତଦେହ ନେବାରେ ସବୁବେଳେ ଅସୁବିଧା ହୋଉଛି ବୋଲି ସିଡିଏମ୍‌ଓ ଗତ ୨୧ ତାରିଖ ଜିଲା ପରିଷଦ ବୈଠକରେ ପ୍ରସଙ୍ଗ ଉଠାଇ ଥିଲେ। ସିଡିଏମଓ କହିଥିଲେ ୨ଟି ଗାଡିରୁ ଗୋଟିଏ ମ୍ୟୁନିସିପାଲିଟି ଦାୟିତ୍ୱରେ ଅଛି। ଏଥିରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ ପରେ ସଚଳ ହେଉନି। ଅନ୍ୟ ମହପ୍ରୟାଣ ଗାଡ଼ି ନେଇ କିଛି କହି ନ ଥିଲେ। ଏହା ପରେ ଜିଲା ପରିଷଦ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେବେ ମୃତଦେହ ବୋହିବା ପାଇଁ କ'ଣ କରାଯିବ ସେନେଇ ନିର୍ଯାସ ବାହାରି ପାରି ନ ଥିଲା। ଏଣୁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରେ ପହଞ୍ଚିବା ନେଇ ସବୁବେଳେ ଅସୁବିଧା ସୃଷ୍ଟି ହୋଇ ଆସୁଛି।

## ନୂଆ ମହାପ୍ରୟାଣ ଗାଡ଼ି କିଣାଯିବ

ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ପଚାରିବାରେ ନୂଆ ପ୍ରୟାଣ ଗାଡ଼ି କିଣାଯିବାକୁ ମ୍ୟୁନିସିପାଲିଟି ବୈଠକରେ ପ୍ରସ୍ତାବ ଗୃହିତ ହୋଇଛି। ତେବେ ୩ ଲକ୍ଷ ଟଙ୍କା ଯେହେତୁ ପୁରୁଣା ମହାପ୍ରୟାଣ ଗାଡ଼ିରେ ଖର୍ଚ୍ଚ ହୋଇଛି ଏଣୁ ଶେଷ ଥର ପାଇଁ ୨୦ ହଜାର ଖର୍ଚ୍ଚ କରାଯାଇ ତୁରନ୍ତ ମୃତଦେହ ବୋହିବା କାର୍ଯ୍ୟରେ ଲଗାଯିବାକୁ ପଦକ୍ଷେପ ନିଆଯାଇଛି। ଏବେ ଅଡିଟ୍ ଶେଷ ହୋଇଛି। ଫଣ୍ଡସ୍ ଆସିଲେ ନୂଆ ଗାଡ଼ି କିଣାଯିବ। ଯଦି ଫଣ୍ଡସ୍ ନ ଆସେ ତେବେ ନିଜସ୍ୱ ଫଣ୍ଡରେ କିଣାଯିବାକୁ ବ୍ୟବସ୍ଥା କରାଯାଉଛି। ଅପରପକ୍ଷେ ପୁରଣା ଗାଡ଼ିକୁ ନୟାଗଡ଼ ରୋଟାରୀକୁ ଦିଆଯିବାକୁ ଅନୁରୂପ ଭାବେ ପ୍ରସ୍ତାବ ଗୃହିତ ହୋଇଛି।

# ୨୩୬ଟି ଅଭିଯୋଗରୁ ୧୮୪ରୁ ଫଇସଲା



ଶିବିରରେ ଯୋଗଦାନ କରିଥିବା ଅଧିକାରୀ ବୃନ୍ଦ।

## ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଦଶପଲ୍ଲା ୩୦।୯( ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଗୃହଠାରେ ଜିଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଆହ୍ୱାନକ୍ରମେ ଆୟୋଜିତ ଶିବିରରେ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଏସ୍‌ପି ରାହୁଲ ଜୈନ,ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏବିଡିଓ ଶାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ମୋଟ ୨୩୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୨୩୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ସାମୂହିକ ୩ ଟି ରହିଥିଲା। ତୁରନ୍ତ ୧୮୪ ଟି ଅଭିଯୋଗର ସମାଧାନ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

# ସିଧାମୂଳାରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ



ରାସ୍ତାକୁ ସଫେଇ କରାଯାଉଛି।

ଖଣ୍ଡପଡ଼ା,୩୦।୯(ଅଜୟ କୁମାର ମହାରଣା)

ନୟାଗଡ଼ ବନ ବିଭାଗ ଦ୍ୱାରା ପରିଚାଳିତ ସିଧାମୂଳା ଗୋକୁଳାନନ୍ଦ ପରିବେଶ ପର୍ଯ୍ୟଟନସ୍ଥଳ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବନପାଳ ବିଜୟ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋକୁଳାନନ୍ଦ ୟୁକୋ ଟ୍ୟୁରିଜିମ୍ ଗ୍ରୁପ୍‌ର ସମସ୍ତ ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ମିଳିତ ହୋଇ ପରିବେଶ ପର୍ଯ୍ୟଟନସ୍ଥଳ ପରିସରରୁ ଅଳିଆ ଆବର୍ଜନାଗୁଡ଼ିକୁ ସଫା କରିଥିଲେ। ସାମାଜିକ କର୍ମୀ ଚନ୍ଦ୍ରଶେଖର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପର୍ଯ୍ୟଟନସ୍ଥଳ ପରିବେଶକୁ ସରସ ସୁନ୍ଦର କରିବାକୁ ସିଧାମୂଳା ଗ୍ରାମବାସୀଙ୍କ ପକ୍ଷରୁ ସଦାସର୍ବଦା ପ୍ରୟାସ ଜାରି ରହିଥିବା ବେଳେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଏହାର ଏକ ଅଂଶ ବିଶେଷ ବୋଲି ଜଣାପଡ଼ିଛି।

# ଲୁକ୍କାୟିତ ପ୍ରତିଭାର ବିକାଶ ମହୋତ୍ସବର ଲକ୍ଷ୍ୟ

ଖଣ୍ଡପଡା,୩୦।୯(ଅଜୟ କୁମାର ମହାରଣା)

**ଖଣ୍ଡପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ**

ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବ ସୁରଭିର ମୁଖ୍ୟ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ଅଧୀନ ୧୧ଟି କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ଗ୍ରାମର ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ଓ ଗୁଣ୍ଠୁଣି ପଞ୍ଚାୟତ ଅଁଳାମଡ଼ାସ୍ଥିତ ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଭୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଅତିରିକ୍ତ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ସୁରଭି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ ବୋଲି ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରବନ୍ଧ, ବକ୍ତୃତା, ବିତର୍କ, ସାଧାରଣ ଜ୍ଞାନ, ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ଲଷ୍ଟରସ୍ତରରୁ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରମାନେ ଆସନ୍ତା ୮ତାରିଖରେ ଆୟୋଜିତ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସାମିଲ ହୋଇଥିଲେ।



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

# ଶିକ୍ଷକ, ଅଣଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୂଆଗାଁ ୩୦।୯(ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ୍ ମାଇଛେଳି ପଞ୍ଚାୟତ ସଂପଡ଼ା ଚିନ୍ତାମଣି ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦ, ଶିକ୍ଷକ, ସ୍କୁଲର ଶିକ୍ଷା କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିନ୍ତାମଣି ବିଦ୍ୟାପୀଠର ଶିକ୍ଷକ ପୁରୁଷୋତ୍ତମ ପରିଡ଼ା, ଶିକ୍ଷା କର୍ମଚାରୀ ଯୁଧିଷ୍ଠିର ନାୟକ, ଚରଣ ମାର୍ଥାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ସମ୍ପୃକ୍ତ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଶିକ୍ଷକ ଓ କର୍ମଚାରୀମାନଙ୍କ ଗୁଣଗାନ କରି କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା। ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପ୍ରଚେଷ୍ଟାରେ ସ୍କୁଲର ବହୁ ଉନ୍ନତି ହେବା ସହ ଅନେକ ଛାତ୍ରୀଛାତ୍ର ସ୍କୁଲ ପାଇଁ ସୁନାମ ଆଣିବାରେ ସମର୍ଥ ହୋଇଛନ୍ତି। କେବଳ ଯେ ସେମାନେ ନିଜର କର୍ତ୍ତବ୍ୟ କରୁଥିଲେ ତାହା ନୁହେଁ ବରଂ ସ୍କୁଲର ଉନ୍ନତି ପାଇଁ ସେମାନେ ପ୍ରଚେଷ୍ଟା କରୁଥିବା ପୁରାତନ ଛାତ୍ରୀଛାତ୍ରମାନେ କହିଥିଲେ। ଶିକ୍ଷକ ଓ ଶିକ୍ଷା କର୍ମଚାରୀ କେବଳ ନିଜ ଚାକିରି କ୍ଷେତ୍ରରୁ ଅବସର ନେଉଛନ୍ତି। କିନ୍ତୁ ଆମ ହୃଦୟରେ ସର୍ବଦା ରହିଥିବେ ବୋଲି ପୁରାତନ ଛାତ୍ର ଚିନ୍ମୟ କୁମାର ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ୍ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ , ବ୍ଲକ୍ ଚେୟାରମ୍ୟାନ, ଚିନ୍ତାମଣି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଭୀମସେନ ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ପ୍ରମୋଦ କୁମାର ଖଣ୍ଡୁଆଳ, ସମ୍ପାଦକ ସୁଧୀର କୁମାର ପ୍ରଧାନ, ପୁରାତନ ଛାତ୍ର ଶଙ୍କର୍ଷଣ ବେହେରା ସମେତ ସମ୍ପୃକ୍ତ ସ୍କୁଲର ଶିକ୍ଷକମାନେ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ।

# ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକଙ୍କ ବୈଠକ

ଖଣ୍ଡପଡ଼ା,୩୦।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ସୋମବାର ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର ତଥା ନିର୍ଦ୍ଦେଶକ ଉଚ୍ଚ ମାଧ୍ୟମିକ ଶିକ୍ଷାଙ୍କ ନିର୍ଦ୍ଦେଶକ୍ରମେ ଏହା ସମଗ୍ର ରାଜ୍ୟରେ ଅନୁଷ୍ଠିତ ହେଉଛି। ନିର୍ଦ୍ଦେଶାନୁଯାୟୀ ନିର୍ଦ୍ଧାରିତ ସମୟରେ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ରଣଜିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା କରିଥିଲେ। ଏଥିସହ ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ରାଜ୍ୟ ସରକାରଙ୍କ ଅପାର(ଏପିଏଆର୍)(ଅଟୋମାଟିକ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜେଷ୍ଟ୍ରି) ଆଇଡି ପ୍ରସ୍ତୁତ ସମ୍ପର୍କିତ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଶିକ୍ଷା ଓ ଶିକ୍ଷାୟତନର ମାନ ବୃଦ୍ଧି କରିବା ସଂକ୍ରାନ୍ତରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଅନୁଷ୍ଠାନର ପ୍ରାଧ୍ୟାପକ, ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କର ଅଭିଭାବକମାନଙ୍କୁ ଅପାର ଆଇଡି ଫର୍ମ ପୂରଣ କରିବାରେ ସାହାଯ୍ୟ କରିଥିଲେ। ପ୍ରାଧ୍ୟାପକ ଶରତ କୁମାର ସାହୁ ଓ ଅଧକ୍ଷ ତ୍ରିପାଠୀ ପିଲାମାନଙ୍କୁ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ସହ ଅଭିଭାବକଙ୍କୁ ଅନୁଷ୍ଠାନର ଶୃଙ୍ଖଳା କ୍ଷେତ୍ରରେ ସହଯୋଗ କରିବାକୁ ନିବେଦନ କରିଥିଲେ। ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସରଳା ବେହେରା ଧନ୍ୟବାଦ ଦେଇଥିଲେ।



ବୈଠକ ଯୋଗ ଦେଇଥିବା ଅଭିଭାବକ ଓ ଅନ୍ୟମାନେ।

# ୩ ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

ଓଡ଼ଗାଁ, ୩୦।୯ (ଆଦର୍ଶ କୁମାର ପଟ୍ଟନାୟକ)

**ବହୁ ଚର୍ଚ୍ଚିତ ରଞ୍ଜନଙ୍କୁ ମରଣାନ୍ତକ ଆକ୍ରମଣ ମାମଲା**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶଥାନା ଅନ୍ତର୍ଗତ ଓଡ଼ଗାଁ ଆଦର୍ଶ ଥାନା ଓ ଏନ୍‌ଏସି ଅଞ୍ଚଳରେ ଅକ୍ଟୋବର ୨୦୨୨ରେ ଘଟିଥିବା ବହୁ ଚର୍ଚ୍ଚିତ ରଞ୍ଜନ ଦଳବେହେରାଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୧ ଅକ୍ଟୋବର ୨୦୨୨ ସନ୍ଧ୍ୟା ୬ଟାରେ ରଞ୍ଜନ କ୍ଷୀର ବିକ୍ରି କରିବାକୁ ବଜାରକୁ ଯାଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଦର ଓଡ଼ଗାଁର ବଳିଆ ନାୟକ, କୁନା ନାୟକ ଓ ବୁଢ଼ିଆ ପ୍ରଧାନ ହାତରେ ମାରଣାସ୍ତ୍ର ଧରି ଅତର୍କିତ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମରଣାନ୍ତକ ଆକ୍ରମଣ ପରେ ଗୁରୁତର ରଞ୍ଜନଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ପରେ ଦୀର୍ଘଦିନ ଏମ୍ସ ଭୁବନେଶ୍ୱରରେ ସେ ଚିକିତ୍ସିତ ହୋଇଥିଲେ। ଏ ନେଇ ରଞ୍ଜନଙ୍କ ସ୍ତ୍ରୀ ଅଶାନ୍ତି ଦଳବେହେରା ୨୩ ତାରିଖରେ ସ୍ଥାନୀୟ ଥାନାରେ ହାଜିର ହୋଇ ସମସ୍ତ ୩ ଅଭିଯୁକ୍ତଙ୍କ ସମେତ ଅନ୍ୟ ୨ ଅପରିଚିତଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ନଂ. ୧୬୩/୨୨ ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ତଦନ୍ତ ପୂର୍ବକ ଚାର୍ଜସିଟ ଫ୍ରେମ କରି ଅଦାଲତକୁ ପଠାଇଥିଲା। ଏହି ମାମଲାଟି ଏସ୍‌ଟି ନଂ. ୬୭/୨୩ରେ ଅଦାଲତରେ ପଞ୍ଜୀକୃତ ହୋଇ ଅତିରିକ୍ତ ଜିଲା ଦୌରାଜଜ୍ ମାନସ ରଞ୍ଜନ ରଥଙ୍କ ଅଦାଲତରେ ବିଚାର ପ୍ରକ୍ରିୟା ଚାଲିଥିଲା। ଏହିକ୍ରମରେ ୭ଜଣ ସରକାରୀ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ରଥ ସମସ୍ତ ୩ ଅଭିଯୁକ୍ତଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଲେଖା ଜରିମନା ଆଦେଶ ପ୍ରଦାନ କରିଛନ୍ତି। ପରେ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଏଭଳି ତ୍ୱରିତ ନ୍ୟାୟ ପ୍ରଦାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏ ସମ୍ପର୍କରେ ଏହି ମାମଲାକୁ ପରିଚଳନା କରୁଥିବା ସରକାରୀ ଓକିଲ ଇନ୍ଦୁଭୁଷଣ ମିଶ୍ର ସୂଚନା ଦେଇଛନ୍ତି।

# ମହିଳା ମହାବିଦ୍ୟାଳୟରେ ଅଧାପକ-ଅଭିଭାବକଙ୍କ ବୈଠକ

ଖଣ୍ଡପଡା,୩୦।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ-ଅଭିଭାବକଙ୍କ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଟିଏ ଦେଶ, ଛାତ୍ରୀମାନଙ୍କର ଗୋଟିଏ ପରିଚୟପତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ। ବୈଠକରେ ଉପସ୍ଥିତ ଥିବା ଅଭିଭାବକମାନେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଏକକ ପରିଚୟପତ୍ର ପ୍ରଦାନ ନିମନ୍ତେ ସମ୍ମତି ପ୍ରଦାନ କରିବା ସହ ନିର୍ଦ୍ଧାରିତ ଫର୍ମରେ ସ୍ୱାକ୍ଷର କରିଥିଲେ। ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଛାତ୍ରୀଙ୍କ ୨୬୧ ଜଣ ଅଭିଭାବକ ବୈଠକରେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ଅନ୍ୟ ଅଧ୍ୟାପିକା ଓ କର୍ମଚାରୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଅନୁରୂପ ଭାବେ ଅଧ୍ୟାପକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଥିବା ଅନୁଷ୍ଠାନର ଅଧକ୍ଷ ବଳରାମ ସାହୁଙ୍କଠାରୁ ପ୍ରକାଶ।



ବୈଠକରେ ଯୋଗ ଦେଇଥିବା ଅଭିଭାବକମାନେ।

# ସେମିଫାଇନାଲରେ ୫ ପ୍ରତିଯୋଗୀ

ନୟାଗଡ଼,୩୦।୯(ଲୋକନାଥ ମିଶ୍ର)



- ଷ୍ଟାର ଅଫ୍ ନୟାଗଡ଼ର ପ୍ରଥମ ଅଡିଶନ
- ୧୮ଜଣ ଦ୍ୱିତୀୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ

ନୟାଗଡ଼ ଜିଲାରେ ସଙ୍ଗୀତ ପ୍ରତିଭାମାନଙ୍କୁ ଅନ୍ୱେଷଣକରିବା ସହ ସଙ୍ଗୀତ କ୍ଷେତ୍ରରେ ସୁଯୋଗ ସୃଷ୍ଟିକରିବାର ଉଦ୍ଦେଶ୍ୟରେ ଷ୍ଟାର ଅଫ୍ ନୟାଗଡ଼ କାର୍ଯ୍ୟକ୍ରମର ପ୍ରଥମ ଅଡିସନ ସ୍ଥାନୀୟ ନୟାଗଡ଼ ସହରର ସତ୍ୟମ କମ୍ପ୍ୟୁଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶୁଚିସ୍ମିତା ଦୋରା, ଲିପ୍ସାରାଣୀ ପଣ୍ଡା, ସେଖ୍ ତୌଫିକ ଅଲ୍ଲୀ, ଇପ୍ସିତା ପ୍ରିୟଦର୍ଶିନୀ ଓ ଅମ୍ରିତା ରଥ ପ୍ରମୁଖ ୫ ପ୍ରତିଯୋଗୀ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟକୁ ଲକ୍ଷ୍ମୀପ୍ରିୟା ନାୟକ, ଆଦିତ୍ୟ ଗୁମାନ ସିଂ, ଆଶୁତୋଷ ବେହେରା, ଅଂଶୁମାନ ମହାପାତ୍ର, ଗାୟତ୍ରୀ ଦଳବେହେରା, ପିଙ୍କିନା ନାୟକ, ଅନ୍ନପୂର୍ଣ୍ଣା ପାତ୍ର, ଜଗନ ବେହେରା, ଗୁଡୁ ମହାନ୍ତି, ମିଳନ କୁମାର ସ୍ୱାଇଁ, ବର୍ଷାରାଣୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସୁଶ୍ରୀ ସୁଚରିତା ସାହୁ, ଶୁଭସ୍ମିତା ବେହେରା, ପ୍ରୀତିପ୍ରଜ୍ଞା ସାହୁ, ସ୍ନେହା ପ୍ରିୟଦର୍ଶିନୀ ଓ ତପସ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଧନେଶ୍ୱର ପ୍ରଧାନ ଓ ସସ୍ମିତା ପଟ୍ଟନାୟକ ପ୍ରମୁଖ ୧୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷେ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟକ୍ରମେ ଅଡିସନ କରାଯିବ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି ପର୍ଯ୍ୟଟନ କ୍ଷେତ୍ର

ଖଣ୍ଡପଡ଼ା,୩୦।୯(ଅଜୟ କୁମାର ମହାରଣା)

**ନୀଳମାଧବ ମନ୍ଦିରର ବିଭିନ୍ନ ସମସ୍ୟା ନେଇ ସ୍ଥିତି ପରଖିଲେ ତହସିଲଦାର**

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ଏହି ପୀଠକୁ ବର୍ଷର ସବୁ ସମୟରେ ରାଜ୍ୟ ତଥା ବାହାରର ପର୍ଯ୍ୟଟକମାନଙ୍କ ଭିଡ଼ ଲାଗି ରହିଥିବାବେଳେ ଏଠାରେ ଖୁଲମଖୁଲା ନିଶା ବେପାର ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ନିକଟ ଏବଂ ଦକ୍ଷିଣଦ୍ୱାର ନଦୀକୂଳରେ କିବା ଦିନ ଅବା ରାତିରେ ନିଶା ବେପାରୀଙ୍କ ସହ ନିଶା ସେବନକାରୀ ବ୍ୟକ୍ତିମାନଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି। ତେବେ ଖଣ୍ଡପଡ଼ା ଭାରପ୍ରାପ୍ତ ତହସିଲଦାର ତଥା ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜାରାମ ଛତ୍ରିଆ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ପରେ ଶନିବାର ଅଚାନକ ନୀଳମାଧବ ମନ୍ଦିରକୁ ପରିଦର୍ଶନରେ ଯାଇ ଏହାର ସ୍ଥିତି ପରଖିଥିଲେ। ମନ୍ଦିର ମଧ୍ୟରେ ଅନେକ କିଛି ରକ୍ଷଣାବେକ୍ଷଣ କାର୍ଯ୍ୟ ସହ ଅଚଳ ଅବସ୍ଥାରେ ଥିବା ସିସି କ୍ୟାମେରା ସମ୍ପର୍କରେ ଅବଗତ ହୋଇଥିଲେ । ମନ୍ଦିର ମଧ୍ୟରେ ନୂତନ ସିସି କ୍ୟାମେରା ସ୍ଥାପନ କରିବା, ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ନୂତନ ସ୍ଥାପନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଛତ୍ରିଆ ସୂଚନା ଦେଇଥିଲେ।

ମନ୍ଦିର ରୋଷଘର ଓ ଅନ୍ୟ କାର୍ଯ୍ୟର ମରାମତି ଦିଗରେ ନୀଳମାଧବ ବିକାଶ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରୁଥିବା କାର୍ଯ୍ୟନିର୍ବାହୀ ଓବିସିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ସେ ସୂଚନା ଦେଇଥିଲେ। ବିଶେଷକରି ଛତ୍ରିଆ ନୀଳମାଧବ ମନ୍ଦିର ଦକ୍ଷିଣ ପାର୍ଶ୍ୱ ମହାନଦୀ କୂଳରେ ଥିବା ମ୍ୟୁଜିୟମ ପରିଦର୍ଶନରେ ଯାଇଥିବା ବେଳେ ଏକାଧିକ ବ୍ୟକ୍ତି ସେଠାରେ ନିଶା ସେବନ କରୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ନିଶା ବେପାର ଏଠାରେ ଖୁଲମଖୁଲା ଚାଲୁଥିବା ସେ ଅନୁଭବକରି ଏ ଦିଗରେ ପୋଲିସ ପ୍ରଶାସନକୁ ଅବଗତ କରିବେ ବୋଲି ତହସିଲଦାର କହିଥିଲେ। ଏହାଛଡ଼ା ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ନୀଳମାଧବ ପୀଠକୁ ଦର୍ଶନରେ ଆସୁଥିବା ବେଳେ ସେମାନଙ୍କ ସୁବିଧା ପାଇଁ ମ୍ୟୁଜିୟମ ନିକଟରେ ଏକ ଟଏଲେଟ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ତହସିଲଦାର ସୂଚନା ଦେଇଥିଲେ।

## ସଂକ୍ଷେପରେ

### ସର୍ପାଘାତରେ ଜଣେ ମୃତ

ବ୍ରହ୍ମବରଦା,୩୦।୯(ଯଯାତି କେଶରୀ ବେହେରା):

ସୋମବାର ସକାଳେ ସର୍ପାଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବ୍ରହ୍ମବରଦା ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତ ବାଲିକାନ୍ଥିଆ ଗ୍ରାମ ୨ନଂ. ୱାର୍ଡର ବାସିନ୍ଦା ନିରଞ୍ଜନ ଷଡ଼ଙ୍ଗୀ( ୫୬) । ବ୍ରହ୍ମବରଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୋମବାର ଭୋରରୁ ନିରଞ୍ଜନ ନିଜ ଘର ନିକଟରେ ଫୁଲ ତୋଳୁଥିବା ସମୟରେ ତାଙ୍କ ଡାହାଣ ଗୋଡର ବୁଢ଼ା ଆଙ୍ଗୁଠିକୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଏହାପରେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବ୍ରହ୍ମବରଦା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ–୯/ ୨୪) ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ କରାଇବା ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରିଣୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।

# ସାହିତ୍ୟ ଭବିଷ୍ୟତର ବାର୍ତ୍ତା ଦେଇଥାଏ

### ଗୋକର୍ଣ୍ଣିକା, ମିଳନୀ ସାହିତ୍ୟ ସଂସଦର ସାହିତ୍ୟ ଉତ୍ସବ

ଧର୍ମଶାଳା,୩୦।୯(ବଟକୃଷ୍ଣ ପରିଡା):

ସମାଜକୁ ଆଲୋକିତ କରିବାରେ ସୃଜନଶିଳ୍ପୀଙ୍କ ଭୂମିକା ଅପରିସୀମ ବୋଲି ବହୁ ବିଶିଷ୍ଟ ସାହିତ୍ୟକାର ମତବ୍ୟକ୍ତ କରିଛନ୍ତି । କେନ୍ଦୁଝର ଜିଲା ମିଳନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସୁବର୍ଣ୍ଣ ଜୟନ୍ତୀ ସମ୍ବତ୍ସରର ଏକ ସ୍ୱତନ୍ତ୍ର ସାହିତ୍ୟ ଉତ୍ସବ ରୋଟାରୀ କ୍ଲବ ସଭାକକ୍ଷଠାରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦିବଂଗତ କବି ହରିହର ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଉତ୍ସବରେ ଉଦ୍‌ଘାଟକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ମୁଖ୍ୟଅତିଥି ଭାବେ କବି ଦେବାଶିଷ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସୁମନ୍ତ କୁମାର ନାୟକ ଯୋଗଦେଇ ସାହିତ୍ୟ ଭବିଷ୍ୟତର ବାର୍ତ୍ତା ଦେଇଥାଏ ବୋଲି କହିଥିଲେ । ମିଳନୀ ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଚିତ୍ତ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସମ୍ପାଦକ ମହେଶ୍ୱର ପାଢ଼ୀ ସୁବର୍ଣ୍ଣ ଜୟନ୍ତୀ ସମ୍ପର୍କରେ ସୂଚନା ଦେଇଥିଲେ। ସାହିତ୍ୟ ସାଧନା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପ୍ରାବନ୍ଧିକ ଡ. ସୁନୀଲ କୁମାର ରଥ, ଗାଳ୍ପିକ ଡ. ଅନୀଲ କୁମାର ଦାସ, କବି ଡ. ସୁଧା ଦାଶ, କବୟିତ୍ରୀ ଶୋଭନା ଜେନା ଓ କବୟିତ୍ରୀ ଇନ୍ଦୁମତି ପାତ୍ରଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କବୟିତ୍ରୀ ବୀଣାପାଣି ଜେନାଙ୍କ ପୁସ୍ତକ 'ଜଗତଜିତା' ଓ ଶୋଭନା ଜେନାଙ୍କ ପୁସ୍ତକ 'ଫୁଲପରି ଫୁଟିବା' ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ କବି ଚିନ୍ତାମଣି ମହାଳିକ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ କବି ଡକ୍ଟର ତୁହିନାଂଶୁ ରଥ, ମୁଖ୍ୟବକ୍ତା ଭାବେ କବି ପିନାକୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଜଗନ୍ନାଥ ଜେନା ଯୋଗ ଦେଇଥିଲେ । କବି ଦେବଦର୍ଶନ ଦାଶ ଓ କବୟିତ୍ରୀ ମନ୍ଦାକିନୀ କର କବିତାଗୁଡ଼ିକ ସଂଯୋଜନା କରିଥିଲେ । ଅତିଥି କବି ଭାବେ ସ୍ମୃତିଲିପି ସମ୍ପାଦକ ଭୁବନମୋହନ ମହାନ୍ତି, ରୀତାଞ୍ଜଳି ସାହୁ, ଶୁଭସ୍ମିତା ଦାଶ ପ୍ରମୁଖ ବହୁ କବି କବିତା ପାଠ କରିଥିଲେ । ସନ୍ତୋଷିନୀ ଦାଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।



ଗୋକର୍ଣ୍ଣିକା ଓ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିଗଣ ।

## ତତ୍କାଳ ୩୨ଅଭିଯୋଗର ସମାଧାନ

### ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବିଞ୍ଝାରପୁର,୩୦।୯(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତରକୂଳ ଗ୍ରାମ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି ସୋମବାର ପୂର୍ବାହ୍ନରେ ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଧର୍ମେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣିରେ, ବିଞ୍ଝାରପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ସରପଞ୍ଚ ପ୍ରୀତିକ୍ରିଷ୍ଟା ଜେନା, ବ୍ଲକ ଯୋଗାଣ ଅଧିକାରିଣୀ ଶୁଭାଙ୍ଗୀ ରାୟ, ଅଳଗୁଣ୍ଡ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ ଦାଶଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ପଞ୍ଚାୟତରୁ ସମୁଦାୟ ୩୫୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୩୪୩ଟି ବ୍ୟକ୍ତିଗତ ଓ ୧୪ଟି ଅଭିଯୋଗ ସାମୁହିକ ହୋଇଥିଲାବେଳେ ତତ୍କାଳ ୩୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟତଃ ଆବାସ, ଶୌଚାଳୟ,ଭତ୍ତା ଓ ରାଶନ କାର୍ଡ଼ ପାଇଁ ଆସିଥିଲା ।



ମିଳିତ ଅଭିଯୋଗ ଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀ ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଯାଜପୁର ସଦର,୩୦।୯(ସମର ବିଜୟ ଶରଣ):ଯାଜପୁର ସହରସ୍ଥିତ ଦେବୀଦ୍ୱାର ଗ୍ରାମରେ ମହାଲକ୍ଷ୍ମୀ ସ୍ପୋର୍ଟିଂ ଯୁବକ ସଂଘ ଓ ଯାଜପୁର ନେହେରୁ ଯୁବ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣା ଅନୁସାରେ ସାରା ଦେଶରେ ଏହି କାର୍ଯ୍ୟକ୍ରମ ଚାଲିଛି । ଦୀପକ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ । ଯାଜପୁରସ୍ଥିତ ମା'ବିରଜା ମନ୍ଦିର ପରିସର ସଫେଇ କରାଯାଇଥିଲା । ଏହି ଅବସରରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମହାଲକ୍ଷ୍ମୀ ସ୍ପୋର୍ଟିଂ ଯୁବକ ସଂଘର ସମସ୍ତ ସଦସ୍ୟ ଓ ଯାଜପୁର ନେହେରୁ ଯୁବ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଯୁବକ ସଂଘର ସଭାପତି ରାଜକିଶୋର ବେହେରା, ସମ୍ପାଦକ ଦୀପକ ବେହେରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚିନ୍ମୟ ପତି ଧନ୍ୟବାଦ ଅର୍ପଣ କରିଥିଲେ ।




ଯାଜପୁର ବିରଜା ମନ୍ଦିର ପରିସରକୁ ସଫେଇ କରିଥିବା ଯୁବକ ସଂଘ ସଦସ୍ୟ ।

## ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା, ୪ ଗୁରୁତର

ରସୁଲପୁର,୩୦।୯(ରଞ୍ଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ସତ୍‌ସଙ୍ଗ ବିହାର ଛକ ନିକଟରେ ସୋମବାର ଅପରାହ୍ନରେ ଏକ ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ୩ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଆହତମାନଙ୍କ ମଧ୍ୟରୁ ୨ଜଣଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରି ନାହିଁ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆହତମାନେ କେନ୍ଦୁଝର ଜିଲା କାଇମାଟିଆ ଅଞ୍ଚଳର ଅମର ନାୟକ(୨୨), ସାଉଡିଆ ଅଞ୍ଚଳର ସୁଧାଂଶୁ ଶେଖର ପ୍ରଧାନ(୨୦)।

ସୂଚନା ଅନୁଯାୟୀ, ଏକ ମେଡିସିନ ବୋଝେଇ ଡାଲା ଅଟୋ (ନଂ.ଓଆର–୦୪କେ–୩୬୩୧) କୁଆଖିଆରୁ ପାଣିକୋଇଲି ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍(ନଂ.ଓଡି–୦୯ଏଏ–୫୯୮୦) ଅଟୋକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଅଟୋର ଚାଳକ ସମେତ ୨ଜଣ ଓ ବାଇକ୍‌ରେ ଥିବା ୨ଜଣଙ୍କୁ ମିଶାଇ ମୋଟ ୪ଜଣ ଯୁବକ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ପକ୍ଷରୁ ଆହତକମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ ୩ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । କୁଆଖିଆ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି ।



ଦୁର୍ଘଟଣାଗ୍ରସ୍ତ ଅଟୋ ଓ ବାଇକ୍ ।

## ପଲେଇ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି ଶିବିର




ଜନଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିବା ବିଧାୟକ ଅମର କୁମାର ନାୟକ ଓ ଅନ୍ୟମାନେ ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୩୦।୯ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ପଲେଇ ପଞ୍ଚାୟତର ଓଳାଶୁଣୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣିରେ ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଯାଜପୁର ଏମ୍‌ପି ରବି ନାରାୟଣ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଶିବିରରେ ସାମିଲ ହୋଇଥିଲେ। ଏଥିରେ ସମୁଦାୟ ୯୭୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ରାଜସ୍ୱ ବିଭାଗର ୭୩, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ୩୦, ପ୍ରଧାନମନ୍ତ୍ରୀ ଆବାସ ପାଇଁ ୭୦୦, ରାଶନ କାର୍ଡ ପାଇଁ ୫୨, ପାନୀୟ ଜଳ ସମସ୍ୟା ୨୧, ନିର୍ମାଣ ଶ୍ରମିକ କାର୍ଡ ବାବଦରେ ୭୫, ବିଦ୍ୟୁତ୍ ସମସ୍ୟା ୫ ଓ ଅନ୍ୟାନ୍ୟ ୧୫ ଅଭିଯୋଗ ଗ୍ରହଣ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

## ୬ରେ ବ୍ୟାସ ପ୍ରିଣ୍ଟମିଡିଆ ସଂଘର ବାର୍ଷିକ ଉତ୍ସବ

ଯାଜପୁରରୋଡ଼,୩୦।୯(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ବ୍ୟାସନଗର ସହରର ଅଗ୍ରଣୀ ସାମ୍ବାଦିକ ସଂଘ ବ୍ୟାସ ପ୍ରିଣ୍ଟ ମିଡିଆ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ଆସନ୍ତା ଅକ୍ଟୋବର ୬ରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ଏଥି ନିମନ୍ତେ ସୋମବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଉମାପଦାସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ବରିଷ୍ଠ ଖବରଦାତା ବାବୁରାମ ଜେନା, ଉଦୟନାଥ ଖଣ୍ଡାଇ, ସଭାପତି ଶରତ ପଥାଳ, ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ, ଉପସଭାପତି ପ୍ରଦ୍ୟୁମ୍ନ ବୋଇତେଇ, ଯଜ୍ଞଦତ୍ତ ତ୍ରିପାଠୀ,କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ, ସଙ୍ଗଠନ ସମ୍ପାଦକ ଉମାକାନ୍ତ ରାଉତ, ସହ ସମ୍ପାଦକ ଭରତ ରାଉତ, କୈଳାସ ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ବିଜୟ କୁମାର ସାହୁ, ପବିତ୍ର ରଞ୍ଜନ ମହାନ୍ତି, ସୁଦୀପ କୁମାର ମିଶ୍ର, ଦୁଷ୍ମନ୍ତ କୁମାର ରାଉତ,ଜ୍ଞାନରଞ୍ଜନ ରାଉତ,ପ୍ରଶାନ୍ତ କୁମାର ପାତ୍ର ଓ ବିଶ୍ୱରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଖବରଦାତାମାନେ ।

## ଅମାନୁଷିକ ଭାବେ ଷଣ୍ଢ ଚାଲାଣ

### ଜବତ ଭ୍ୟାନକୁ ପୋଲିସ ଜିମା



ଅଚେତ ଷଣ୍ଢମାନଙ୍କୁ ସୁସ୍ଥ କରାଯାଉଛି।

ଖଇରା, ୩୦।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ବୁଲା ଷଣ୍ଢକୁ ଏକ ପିକଅପ ଭ୍ୟାନରେ ଜବତ କରି ଶାରୀଶୁଆ ଘାଟି ରାସ୍ତା ଦେଇ ପଶ୍ଚିମବଙ୍ଗ ଚାଲାଣ କରିବାକୁ ନେଉଥିବା ଭ୍ୟାନକୁ ଗ୍ରାମବାସୀ ଜବତ କରି ପୋଲିସ ଜିମା ଦେଇଛନ୍ତି। ଖଇରା ପୋଲିସ ଷଣ୍ଢଗୁଡିକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ୧୦ଜଣ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ସୋମବାର ପୂର୍ବାହ୍ନରେ ଏକ ପିକ୍‌ଅପ୍(ନଂ.ଓଡି ୨୨ୱାଇ୭୫୩୪)ରେ କେତେଜଣ ବ୍ୟକ୍ତି ପ୍ରବଳ ଖରାରେ ୯ଟି ଷଣ୍ଢକୁ ଅମାନୁଷିକ ଭାବେ ବୋଝେଇ କରି ଘାଟି ରାସ୍ତାରେ ପଶ୍ଚିମବଙ୍ଗ ଚାଲାଣ ପାଇଁ ନେଉଥିବା ବେଳେ ଗ୍ରାମବାସୀଙ୍କ ଆଖିରେ ପଡିଥିଲା। ପୋଲିସକୁ ଖବର ଦିଆଯିବା ପରେ ପୋଲିସ ଗାଡିକୁ ଥାନାକୁ ଆଣି ଅଚେତ ଅବସ୍ଥାରେ ପଡିଥିବା ଷଣ୍ଢଗୁଡିକୁ ତଳକୁ ଆଣି ସୁସ୍ଥ କରାଇଥିଲେ। ପ୍ରତ୍ୟେକ ଦିନ ଏଭଳି ଷଣ୍ଢ ଗୋରୁ ଆଦି ଖଇରା ଅଞ୍ଚଳରୁ ବ୍ୟାପକ ଚାଲାଣ ହେଉଥିବା ବେଳେ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

**ଇ-ନିଲାମ ସୂଚନା ସଂଖ୍ୟା ଏସ୍‌ଆର୍/ଏକ୍ସ୍ୟୁ-ଏସ୍‌ଟିଓଆର୍‌ଂସେଲ୍(ଡିଏସ୍‌ପିଏଲ୍)/୪/୨୦୨୪-ସେଲ୍/୩। ତାରିଖ: ୩୦।୦୯।୨୦୨୪।** ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ମୁଖ୍ୟାଳୟ, ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ପାଇଁ ଅତିରିକ୍ତ ଇ-ନିଲାମ ତାରିଖ **ତା୦୪।୧୦।୨୦୨୪ରିଖ**ରେ ଆମନ୍ତ୍ରିତ କରୁଛନ୍ତି । **ନୋଟ୍:** ଇ-ନିଲାମ କାର୍ଯ୍ୟକ୍ରମ ଓ ସୂଚୀର ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।

(PR-664) ବରିଷ୍ଠ ମଣ୍ଡଳ ଆୟୁକ୍ତ ପ୍ରବନ୍ଧକ/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ସେବାରତ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା, କେନ୍ଦୁଝର ଅଞ୍ଚଳ, କେନ୍ଦୁଝର**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ତା.୦୨.୦୫.୨୦୨୩ରିଖରେ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପୃଷ୍ଟି ଏଣ୍ଟରପ୍ରାଇଜର୍ସ,** ଲକ୍ଷ୍ମୀବଜାର, ପୋ/ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୦୧, **ସ୍ୱତ୍ୱାଧିକାରୀ: ଶ୍ରୀ ସମିର ପୃଷ୍ଟି,** ପିତା: ୰ ପ୍ରାଣବନ୍ଧୁ ପୃଷ୍ଟି, ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ / **ଗ୍ୟାରେଣ୍ଟିଦାତା: ୧) ୰ପ୍ରାଣବନ୍ଧୁ ପୃଷ୍ଟି, ୨) ୰ ସରୋଜ ପୃଷ୍ଟିଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଦୂର୍ଗାବତୀ ପୃଷ୍ଟି,** ସ୍ୱାମୀ: ୰ପ୍ରାଣବନ୍ଧୁ ପୃଷ୍ଟି, **୨) ଶ୍ରୀମତୀ କଳ୍ପନା ପୃଷ୍ଟି,** ସ୍ୱାମୀ: ୰ସରୋଜ ପୃଷ୍ଟି, **୩) ଶ୍ରୀ ସଲିଳ ପୃଷ୍ଟି (ଗ୍ୟାରେଣ୍ଟିଦାତା),** ପିତା: ୰ପ୍ରାଣବନ୍ଧୁ ପୃଷ୍ଟି, ସମସ୍ତଙ୍କ ଠିକଣା- ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ | ଟ.୨୫,୧୦,୦୦୦.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୫.୨୦୨୩ / ୨୬.୦୯.୨୦୨୪ | ୰ **ପ୍ରାଣବନ୍ଧୁ ପୃଷ୍ଟି**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୭, ପ୍ଲଟ୍ ନଂ.: ୩୫୯ (ମ୍ୟୁଟେସନ୍ କେସ୍), କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ସିମିଳିଆ, ଥାନା: ସଦର, ଏସ୍‌ଆରଓ: ଢେଙ୍କାନାଳ, ତହସିଲ/ଜିଲ୍ଲା: ଢେଙ୍କାନାଳ, ପଞ୍ଜିକୃତ ଦଲିଲ୍ ନଂ.: ୧୦୫୦୧୨୦୦୮୪୫, ପଞ୍ଜିକୃତ ତାରିଖ: ୧୦.୦୨.୨୦୧୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରଘୁନାଥ ଜୀଉ, ପୂର୍ବ: ଶ୍ରୀ ଅଚ୍ୟୁତାନନ୍ଦ ବେହେରା, ପଶ୍ଚିମ: ଶ୍ରୀ କେଶବ ପାତ୍ର |

ସ୍ଥାନ : କେନ୍ଦୁଝର
ତାରିଖ : ୩୦.୦୯.୨୦୨୪

ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

GOVERNMENT OF ODISHA No.B-344

**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**

Mail ID : sepwdsbp@rediffmail.com

**e-Procurement**

**Bid Identification No. CCENC (R AND B)/07/2024-25**

No. 3409 Dtd. : 24.09.2024

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Bridge works** as detailed in the DTCN from the eligible class of contractors.
2. No. of works : **07 NOS. (SEVEN NOS. ROAD WORKS)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special"**
5. Date & Time of available in website & receipt of Bids from **03.10.2024 to 17.00 Hours of 18.10.2024**.
6. Date of opening of Technical Bid **19.10.2024 at 11.00 Hours**.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/Addendum will be displayed in the website www.tendersodisha.gov.in

Sd./- Chief Construction Engineer
Northern (R&B) Circle, Sambalpur

OIPR-34035/11/0008/2425

**OFFICE OF THE PANCHAYAT SAMITI, GAISILET**

AT/PO/PS : Gaisilet, Dist. : Bargarh (Odisha), PIN : 768037
E-Mail ID : ori-gaisilet@nic.in
No. 3909/Dt.26.09.2024

**"e"-procurement Notice**

**Bid Identification No. BDO/Gaisilet/01/2024-25**

**No.i-210** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. www.tendersodisha.gov.in

| | | |
|---|---|---|
| 1 | Nature of work | : Civil works |
| 2 | No. of works | : 2 |
| 3 | Estimated cost | : As per NIT |
| 4 | Period of completion | : As per NIT |
| 5 | Date and time of availability of the Documents in the Portal | : From 01.10.2024, 11.00 A.M. to 15.10.2024, 5.00 P.M. |
| 6 | Last date/time for receipt of Bids in the portal | : Dt. 15.10.2024 up to 5.00 P.M. |
| 7 | Bids received online shall be opened on | : Dt. 17.10.2024 at 11 A.M. |
| 8 | Name and address of the Officer inviting Bid | : Block Development Officer Gaisilet |

Further, the details can be seen from the procurement Portal www.tendersodisha.gov.in

Sd./- Block Development Officer,
Gaisilet

OIPR-19191/11/0001/2425

## ସଂକ୍ଷେପରେ

### ମା' ସିଦ୍ଧିଦାତ୍ରୀଙ୍କ ଇନ୍ଦ୍ରାଣୀ ବେଶ



ନାଉଗାଁ,୩୦।୯(ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାମ୍ବୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ସୋମବାର ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜାର ଷଷ୍ଠ ଦିବସରେ ମା'ଙ୍କୁ ଇନ୍ଦ୍ରାଣୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସମେତ ଆଶ୍ରମବାସୀ ପରିଚାଳନା କରିଥିଲେ। ମା'ଙ୍କର ଶାରଦୀୟ ପୂଜା ଓ ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

### କବି ସୁରେଶ ପ୍ରଧାନଙ୍କୁ ଡକ୍ଟରେଟ ଉପାଧି

କୁଜଙ୍ଗ, ୩୦।୯(ମନୋଜ ପ୍ରଧାନ)

ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁସନ କ୍ଲବ ଅଫ୍ ଇଣ୍ଡିଆ ପରିସରରେ ସେପ୍ଟେମ୍ବର ୨୮ ସନ୍ଧ୍ୟାରେ କୁଜଙ୍ଗ ଗଣ୍ଡକିପୁରର କବି ସୁରେଶ କୁମାର ପ୍ରଧାନଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଏଥିସହ ନୀତି ଆୟୋଗ ଦ୍ୱାରା ପଞ୍ଜୀକୃତ ମାନବିକ ଅଧିକାର କର୍ମୀ ହିସାବରେ ମାନ୍ୟତା ଦିଆଯାଇଛି। ସାମାଜିକ ସେବା କ୍ଷେତ୍ରରେ ନିରନ୍ତର ପ୍ରୟାସ ନିମନ୍ତେ ତାଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି। ଦିଲ୍ଲୀ ସରକାର ତଥା ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ସହ ଅନୁବନ୍ଧିତ ଥିବା ୱେଲ ଏଜୁକେଶନାଲ ଆଣ୍ଡ ପିସ୍ କାଉନ୍‌ସିଲ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ସେ ଯୋଗଦେଇଥିଲେ। ଏହି ଅବସରେ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କର ଏହି ସଫଳତା ପାଇଁ କୁଜଙ୍ଗ ଅଞ୍ଚଳର ସମସ୍ତ ସାହିତ୍ୟିକ ବନ୍ଧୁମାନେ ଶୁଭେଚ୍ଛା ଜଣାଇଛନ୍ତି।

### ପ୍ରଶାନ୍ତ ତରାଇ ହେଲେ ନୂଆ ଉପଜିଲାପାଳ

ଜଗତ୍‌ସିଂହପୁର, ୩୦।୯ (ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଉପଜିଲାପାଳ ଭାବେ ନୂଆକରି ପ୍ରଶାନ୍ତ କୁମାର ତରାଇ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଉପଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲାପାଳ ବିବୁଧ ଗଡ଼ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଆଠଗଡ଼ ଉପଜିଲାପାଳ ଥିଲେ। ତା'ପୂର୍ବରୁ କ୍ରୀଡ଼ା ବିଭାଗରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ନେଲା ପରେ ଉପଜିଲାପାଳ ଧରିତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ କହିଛନ୍ତି, ସେ ଜଗତ୍‌ସିଂହପୁର ଜିଲାର ବିକାଶକୁ ପ୍ରାଥମିକତା ଦେବେ। ଏଥିସହ ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ଦାୟିତ୍ୱବାନ ହେବେ। ଲୋକଙ୍କ ପାଇଁ ଯାହା କିଛି ତାଙ୍କ ପକ୍ଷେ ସମ୍ଭବ ତାହା କରିବାକୁ ଆଦୌ ପଛାଇବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଦୀପ କୁମାର ସାହୁଙ୍କ ବଦଳି ପରେ ଗତ ୧୧ ତାରିଖରୁ ସ୍ଥାୟୀ ଉପଜିଲାପାଳ ପଦବୀ ଖାଲି ପଡ଼ିଥିଲା। ଅତିରିକ୍ତ ଉପଜିଲାପାଳ ବିବୁଧ ଗଡ଼ନାୟକ ଅସ୍ଥାୟୀ ଭାବେ ଉପଜିଲାପାଳ ଦାୟିତ୍ୱ ତୁଲାଉଥିଲେ।

# ସୁସ୍ଥ ପରିବେଶ ହିଁ କୁପୋଷଣକୁ ଦୂରେଇପାରିବ

ଜଗତ୍‌ସିଂହପୁର, ୩୦।୯ (ପ୍ରମୋଦ କୁମାର ନାୟକ)



ଜିଲାସ୍ତରୀୟ ପୋଷଣ ମାସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ସମ୍ପ୍ରତି ମା' ଓ ଶିଶୁମାନଙ୍କ ଉପଯୁକ୍ତ ପୋଷଣ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ତାହା ନ ହେଲେ ପରିସ୍ଥିତି ଜଟିଳ ରୂପ ନେଇପାରେ। ତେଣୁ ପ୍ରତ୍ୟେକେ ଏଥିପ୍ରତି ଦାୟିତ୍ୱବାନ ହେବା ଜରୁରୀ। ବିଶେଷକରି ସୁଷମ ଖାଦ୍ୟ, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସାଙ୍ଗକୁ ଉତ୍ତମ ଜୀବନ ଶୈଳୀ ଓ ସୁସ୍ଥ ପରିବେଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିପାରିଲେ କୁ-ପୋଷଣରୁ ମୁକ୍ତ ରହିପାରିବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପୋଷଣ ମାସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ଏଥିରେ ଅତିରିକ୍ତ ଉପଜିଲାପାଳ ବିବୁଧ ଗଡ଼ନାୟକ ପୌରୋହିତ୍ୟ କରି କହିଥିଲେ, ଜିଲାର କୌଣସି ସ୍ଥାନରେ ଯେପରି ମା କିମ୍ବା ଶିଶୁ କୁ-ପୋଷଣର ଶିକାର ନ ହୁଅନ୍ତି ସେନେଇ ଦାୟିତ୍ୱବାନ ହେବାକୁ ପଡିବ। ଏହି ଉଦ୍ଦେଶ୍ୟରେ ହିଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅର୍ଥାତ୍ ସୁସ୍ଥ ଜୀବନ ପାଇଁ ଉତ୍ତମ ପୋଷଣ ଆବଶ୍ୟକ। ପାରିପାର୍ଶ୍ୱିକ ସୁରକ୍ଷା ପାଇଁ ମାଟି, ପାଣି ଓ ପରିବେଶର ଯତ୍ନ ନେବାକୁ ହେବ। ଆଶା ଓ ଅଙ୍ଗନୱାଡି କର୍ମୀମାନେ ନିଜ ଦାୟିତ୍ୱ ପ୍ରତି ଯଥେଷ୍ଟ ଯତ୍ନବାନ ନ ହେଲେ ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ। ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହିତ ପରିଷ୍କାର ପରିଚ୍ଛନ୍ନତା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଡିସିପିୟୁର ଲ-ଅଫିସର ଜଗନ୍ନାଥ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ପୋଷଣ ମାସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରକ୍ତହୀନତା, ଏହାର ପରୀକ୍ଷା ଓ ଚିକିତ୍ସା ବିଷୟରେ ଆଲୋଚନା ହୋଇଥିଲା।

**ଜିଲାସ୍ତରୀୟ ପୋଷଣ ମାସ**

■ମା, ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱାରୋପ

ଏଥିସହ ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଞ୍ଚଳିକ ଯଥା ମିଲେଟ୍ ବା କ୍ଷୁଦ୍ର ଖାଦ୍ୟ ଶସ୍ୟ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାବାଦ୍ ଶିଶୁର ଅଭିବୃଦ୍ଧି ନିରୀକ୍ଷଣ ସହ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ ହେବା ଉପରେ ଆଲୋଚନା ହୋଇଥିଲା। ପୋଷଣ ମାସ ପାଇଁ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଥିବା ଟାର୍ଗେଟ୍ ପୂରଣ ହୋଇପାରିଥିବାରୁ ଅଙ୍ଗନୱାଡି କର୍ମୀମାନେ ଶୁଭେଚ୍ଛା ପାଇବା ହକଦାର ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ) ସ୍ପଷ୍ଟ କରିଥିଲେ। ଏହି ଅବସରରେ ସିଡିପିଓମାନଙ୍କୁ ଅତିରିକ୍ତ ଉପଜିଲାପାଳ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଡିପିସି, ଜିଲାର ସମସ୍ତ ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ପୋଷଣ ଜିଲା କୋ-ଅର୍ଡିନେଟର, ବ୍ଲକ କୋ-ଅର୍ଡିନେଟରଙ୍କ ସମେତ ଜିଲା ସମାଜମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ଓ ତପସ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ଅସମ୍ପୂର୍ଣ୍ଣ ପାଣି ଟାଙ୍କି ତୁରନ୍ତ ସମ୍ପୂର୍ଣ୍ଣ କର

ଜଗତ୍‌ସିଂହପୁର, ୩୦।୯ (ପ୍ରମୋଦ କୁମାର ନାୟକ)

**ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଚିଠି**

■ ପଦକ୍ଷେପ ଉପରେ ତୁରନ୍ତ ଉତ୍ତର ରଖିବାକୁ ନିର୍ଦ୍ଦେଶ

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍ଏସ୍) ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଅଞ୍ଚଳରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କାମ ଚାଲିଛି। ଏହି ଅନୁଯାୟୀ ବାଲିକୁଦା ବ୍ଲକ ଅନ୍ତର୍ଗତ ଥାଇଲୋ ପଞ୍ଚାୟତ ଏବଂ ନାଉଗାଁ ବ୍ଲକ ବଛାଲୋ ଗ୍ରାମରେ ପାଣି ଟାଙ୍କି କରାଯାଉଛି। କିନ୍ତୁ ଏହି କାମ ଶେଷ ହୋଇନାହିଁ। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ ଏହା ଉପରେ ଅଭିଯୋଗ କଲାପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଜଗତ୍‌ସିଂହପୁର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି କରି ଏହା ଉପରେ କି ପଦକ୍ଷେପ ନିଆଯାଇଛି ତା'ଉପରେ ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅସମ୍ପୂର୍ଣ୍ଣ ପାଣି ଟାଙ୍କି ତୁରନ୍ତ ଶେଷ କରିବାକୁ ଉଲ୍ଲେଖ କରିଛନ୍ତି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ସୁରଭି ମହୋତ୍ସବ



ମହୋତ୍ସବରେ ସାମିଲ ହୋଇଥିବା ପ୍ରତିଯୋଗୀମାନେ।

କୁଜଙ୍ଗ,୩୦।୯(ମନୋଜ ପ୍ରଧାନ)

ଏରସମା ବ୍ଲକ ତଥା କୁଜଙ୍ଗ ଥାନା ଅନ୍ତର୍ଗତ ସିଂହପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ସାଧନ କେନ୍ଦ୍ର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ୧୨୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ୧୬ଟି ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନ ଶିକ୍ଷକ ସଞ୍ଜୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ନନ୍ଦ, ରଞ୍ଜନ ଲେଙ୍କା, ଅରବିନ୍ଦ ପଟ୍ଟନାୟକ,ଦମୟନ୍ତୀ ଜେନା, ଚିନ୍ମୟ ସାହୁ, ସୁବାସ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରୂପା ସ୍ୱାଇଁ, ସସ୍ମିତା ରାଉତ, ସୂର୍ଯ୍ୟକାନ୍ତ ନାୟକ, ଯସ୍ମିନ ସାଇଁ, ସ୍ନେହସ୍ମୃତି ମଳିକ, ଶୁଭସ୍ମିତା ରାଉତ, ରୋଜାଲିନ ମଳିକ, ବିଜୟଲକ୍ଷ୍ମୀ ସ୍ୱାଇଁ ଓ ପ୍ରଜ୍ଞାଶ୍ରୀ ମଳିକଙ୍କ ସମେତ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସାଧନ କେନ୍ଦ୍ର ସଂଯୋଜିକା ମେନକା ମଞ୍ଜରୀ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ବିକାଶ ନାୟକ ସଂଯୋଜନା କରିଥିଲେ।

# ପ୍ରତ୍ୟେକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବା ହିଁ ପ୍ରକୃତ ଶିକ୍ଷା

**ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪**

ଏରସମା,୩୦।୯ ( ଦୀପ୍ତି ଖଣ୍ଡୁଆଳ )



ପ୍ରତିଯୋଗୀମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରୁଛନ୍ତି।

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଏରସମା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସିହା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସନ୍ଦୀପ୍ତ ଅଧିକାରୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଶିଶୁ ପ୍ରତ୍ୟେକ କ୍ଷେତ୍ରରେ ନିଜର ପାରଦର୍ଶିତା ଅର୍ଜନ କରିବା ହିଁ ପ୍ରକୃତ ଶିକ୍ଷା। ଏରସମା ସାଧନ କେନ୍ଦ୍ରର ୯ଟି ବିଦ୍ୟାଳୟରୁ ଆସିଥିବା ୧୩୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ସୃଜନଶୀଳ ଲିଖନ, ଚିତ୍ରାଙ୍କନ, କୁଇଜ୍, ବକ୍ତୃତା, ସଙ୍ଗୀତ, ପ୍ରବନ୍ଧ, ସମବେତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ୧୦ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ୩୦ ଓ କନିଷ୍ଠ ୩୦ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲିଆକତ ଅଲ୍ଲୀ ଖାଁ, ଗୋପବନ୍ଧୁ ନାୟକ, ସିଆରସିସି ବୈଷ୍ଣବ ଚରଣ ବିଶ୍ୱାଳ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନା କୁମାରୀ ଦେଇଙ୍କ ସହ ବିଜୟ କୁମାର ଦାସ, ସରୋଜ କୁମାର ବେହେରା, ସୁଧୀର କୁମାର ଭୋଇ ଓ ସୀମାରାଣୀ ମଲ୍ଲିକ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ମଇଁଷି ଆକ୍ରମଣ: ୩ ଛାତ୍ରୀ ଗୁରୁତର



**ନାଉଗାଁ,୩୦।୯ (ସୁଧା ବେହୁରା):** ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଚାଲିଥିବାବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ମଇଁଷି ଆକ୍ରମଣରେ ୩ ଛାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଅନ୍ୟ ଛାତ୍ରୀଛାତ୍ରମାନେ ଉଦ୍ଧାର କରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ସେବା ଯୋଜନାର ଜିଲା ଅଧିକାରିଣୀ ଅଧ୍ୟାପିକା ବିଜୟିନୀ ପଢ଼ିହାରୀଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ର ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଫେଇ କରିବାକୁ ଯାଇଥିଲେ। ସେମାନଙ୍କ ସହ ଜଗତ୍‌ସିଂହପୁର ନେହେରୁ ଯୁବକେନ୍ଦ୍ରର କର୍ମଚାରୀ ପବିତ୍ରମୋହନ ସୁବୁଦ୍ଧି, ପୁରାତନ ବ୍ଲକ ଜାତୀୟ ଯୁବ ସଂଯୋଜକ ତପନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମୁଖ ପାଚେରି ପାର୍ଶ୍ୱକୁ ସଫେଇ କରୁଥିବାବେଳେ ରାସ୍ତାରେ ଯାଉଥିବା ଏକ ମଇଁଷି ସେମାନଙ୍କୁ ଅଚାନକ ଆକ୍ରମଣ କରିଥିଲା। ଫଳରେ ଉପରୋକ୍ତ ୩ ଛାତ୍ରୀ ଗୁରୁତର ହୋଇଥିଲେ।

**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

**ଇ-ନିଲାମ ସୂଚନା ସଂଖ୍ୟା ଏସ୍‌ଆର୍/ଏଡବ୍ଲ୍ୟୁ-ଏସ୍‌ଟିଓଆର୍‌ଂସେଲ୍(ଡିଏସ୍‌ପିଏଲ୍)/୪/୨୦୨୪-ସେଲ୍/୩। ତାରିଖ: ୩୦।୦୯।୨୦୨୪।** ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ମୁଖ୍ୟାଳୟ, ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ପାଇଁ ଅତିରିକ୍ତ ଇ-ନିଲାମ ତାରିଖ **ତା୦୪।୧୦।୨୦୨୪ରିଖ**ରେ ଆମନ୍ତ୍ରିତ କରୁଛନ୍ତି । **ନୋଟ୍:** ଇ-ନିଲାମ କାର୍ଯ୍ୟକ୍ରମ ଓ ସୂଚୀର ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।

(PR-664) ବରିଷ୍ଠ ମଣ୍ଡଳ ଆୟୁକ୍ତ ପ୍ରବନ୍ଧକ/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ସେବାରତ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା, କେନ୍ଦୁଝର ଅଞ୍ଚଳ, କେନ୍ଦୁଝର**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ତା.୦୨.୦୫.୨୦୨୩ରିଖରେ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପୃଷ୍ଟି ଏଣ୍ଟରପ୍ରାଇଜର୍ସ,** ଲକ୍ଷ୍ମୀବଜାର, ପୋ/ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୦୧, **ସ୍ୱତ୍ୱାଧିକାରୀ: ଶ୍ରୀ ସମିର ପୃଷ୍ଟି,** ପିତା: ୰ ପ୍ରାଣବନ୍ଧୁ ପୃଷ୍ଟି, ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ / **ଗ୍ୟାରେଣ୍ଟିଦାତା: ୧) ୰ପ୍ରାଣବନ୍ଧୁ ପୃଷ୍ଟି, ୨) ୰ ସରୋଜ ପୃଷ୍ଟିଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଦୁର୍ଗାବତୀ ପୃଷ୍ଟି,** ସ୍ୱାମୀ: ୰ପ୍ରାଣବନ୍ଧୁ ପୃଷ୍ଟି, **୨) ଶ୍ରୀମତୀ କଳ୍ପନା ପୃଷ୍ଟି,** ସ୍ୱାମୀ: ୰ସରୋଜ ପୃଷ୍ଟି, **୩) ଶ୍ରୀ ସଲିଳ ପୃଷ୍ଟି (ଗ୍ୟାରେଣ୍ଟିଦାତା),** ପିତା: ୰ପ୍ରାଣବନ୍ଧୁ ପୃଷ୍ଟି, ସମସ୍ତଙ୍କ ଠିକଣା- ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ | ଟ.୨୫,୧୦,୦୦୦.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୫.୨୦୨୩ / ୨୬.୦୯.୨୦୨୪ | ୰ **ପ୍ରାଣବନ୍ଧୁ ପୃଷ୍ଟି**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୭, ପ୍ଲଟ୍ ନଂ.: ୩୫୯ (ମ୍ୟୁଟେସନ୍ କେସ୍), କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ସିମିଳିଆ, ଥାନା: ସଦର, ଏସ୍‌ଆରଓ: ଢେଙ୍କାନାଳ, ତହସିଲ/ଜିଲ୍ଲା: ଢେଙ୍କାନାଳ, ପଞ୍ଜିକୃତ ଦଲିଲ୍ ନଂ.: ୧୦୫୦୧୨୦୦୮୪୫, ପଞ୍ଜିକୃତ ତାରିଖ: ୧୦.୦୨.୨୦୧୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରଘୁନାଥ ଜୀଉ, ପୂର୍ବ: ଶ୍ରୀ ଅଚ୍ୟୁତାନନ୍ଦ ବେହେରା, ପଶ୍ଚିମ: ଶ୍ରୀ କେଶବ ପାତ୍ର |

ସ୍ଥାନ : କେନ୍ଦୁଝର
ତାରିଖ : ୩୦.୦୯.୨୦୨୪

ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସହକାରୀ ସମ୍ପାଦକ ପଦରେ ବେଆଇନ ନିଯୁକ୍ତି

ବାଲିକୁଦା,୩୦।୯(ତାପସ ସ୍ୱାଇଁ)

**ତଣ୍ଡିକୂଳ କୃଷି ସେବା ସମବାୟ ସମିତି**

■ସମବାୟ ସମିତି କମିଶନରଙ୍କ ନିକଟରେ ଅଭିଯୋଗ କଲେ ଚାଷୀ,ବୋର୍ଡ ସଦସ୍ୟ

ତଣ୍ଡିକୂଳ କୃଷି ସେବା ସମବାୟ ସମିତି ସହକାରୀ ସମ୍ପାଦକ ପଦ ପାଇଁ ବେଆଇନଭାବେ ନିଯୁକ୍ତି ହୋଇଛି। ଏନେଇ ସମବାୟ ସମିତି କମିଶନରଙ୍କ ନିକଟରେ ସୋମବାର ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀ ଓ ବୋର୍ଡ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଅନୁଧ୍ୟାନ କରିବା ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ସେବା ସମବାୟ ସମିତିରେ ୨୦୧୦ରୁ ସହକାରୀ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ କାହାକୁ ଜଣାଯାଇ ନ ଥିବା ବେଳେ କୌଣସି ବିଧିବଦ୍ଧ ପଦ୍ଧତି ଅବଲମ୍ବନ କରାଯାଇ ନାହିଁ। କେବଳ ସେତିକି ନୁହେଁ, ନିଯୁକ୍ତ କର୍ମଚାରୀ ୨୦୧୫ ପର୍ଯ୍ୟନ୍ତ କୌଣସି ଅଡିଟ୍ ରିପୋର୍ଟ ମଧ୍ୟ ଦେଇନାହାନ୍ତି। ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲା। ଏହି ତଥ୍ୟ ଅନୁସାରେ ସହକାରୀ ସମ୍ପାଦକ ପଦବୀର ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ବେଆଇନ ବୋଲି ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ବୋର୍ଡ ସଦସ୍ୟ ଗୌରାଙ୍ଗ ଚରଣ ଦାସ, ରଞ୍ଜନ ପ୍ରଧାନ, ଦାମୋଦର ସ୍ୱାଇଁ, ଜ୍ଞାନରଞ୍ଜନ ମନ୍ତ୍ରୀ, ପ୍ରତିଭା ମହାନ୍ତି ପ୍ରମୁଖ ଅସନ୍ତୋଷ ବ୍ୟକ୍ତକରି ପୂର୍ବରୁ କୃଷକ ନେତା ବୈକୁଣ୍ଠ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ପରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଇଥିଲେ। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କ ସମବାୟ ସମିତି କମିଶନର କମ୍ ସେକ୍ରେଟାରୀଙ୍କ ସମେତ ସେବା ସମବାୟ ସମିତିର ରେଜିଷ୍ଟ୍ରାର, ଜଗତ୍‌ସିଂହପୁର ଜିଲାପାଳ, ଅତିରିକ୍ତ ରେଜିଷ୍ଟ୍ରାର, ଏଆରସିଏସ୍ ଜଗତ୍‌ସିଂହପୁରଙ୍କୁ ମଧ୍ୟ କପି ପ୍ରଦାନ କରାଯାଇଛି। ଏନେଇ ଏରିଆ ଅଫିସର ରାଖାଲ ସାମଲଙ୍କୁ ପଚାରିବାରେ ଚାଷୀ ଅଭିଯୋଗ କରିଥିବା ସମ୍ପର୍କରେ ସେ ଜାଣିଛନ୍ତି। ଅଧିକାରୀମାନେ ତଦନ୍ତ କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

GOVERNMENT OF ODISHA No.B-344
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com
**e-Procurement**
**Bid Identification No. CCENC (R AND B)/07/2024-25**
No. 3409 Dtd. : 24.09.2024

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Bridge works** as detailed in the DTCN from the eligible class of contractors.
2. No. of works : **07 NOS. (SEVEN NOS. ROAD WORKS)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special"**
5. Date & Time of available in website & receipt of Bids from **03.10.2024 to 17.00 Hours of 18.10.2024**.
6. Date of opening of Technical Bid **19.10.2024 at 11.00 Hours**.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/Addendum will be displayed in the website www.tendersodisha.gov.in

**Sd./- Chief Construction Engineer**
**Northern (R&B) Circle, Sambalpur**
OIPR-34035/11/0008/2425

**OFFICE OF THE PANCHAYAT SAMITI, GAISILET**
AT/PO/PS : Gaisilet, Dist. : Bargarh (Odisha), PIN : 768037
E-Mail ID : ori-gaisilet@nic.in
No. 3909/Dt.26.09.2024
**"e"-procurement Notice**
**Bid Identification No. BDO/Gaisilet/01/2024-25**

**No.i-210** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. www.tendersodisha.gov.in

| | | |
|---|---|---|
| 1 | Nature of work | : Civil works |
| 2 | No. of works | : 2 |
| 3 | Estimated cost | : As per NIT |
| 4 | Period of completion | : As per NIT |
| 5 | Date and time of availability of the Documents in the Portal | : From 01.10.2024, 11.00 A.M. to 15.10.2024, 5.00 P.M. |
| 6 | Last date/time for receipt of Bids in the portal | : Dt. 15.10.2024 up to 5.00 P.M. |
| 7 | Bids received online shall be opened on | : Dt. 17.10.2024 at 11 A.M. |
| 8 | Name and address of the Officer inviting Bid | : Block Development Officer Gaisilet |

Further, the details can be seen from the procurement Portal www.tendersodisha.gov.in

**Sd./- Block Development Officer, Gaisilet**
OIPR-19191/11/0001/2425

## କଲଭର୍ଟ ତଳକୁ ଖସିଲା ଅଟୋ, ୮ ଗୁରୁତର

ଭଞ୍ଜନଗର,୩୦।୯(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବାଇବାଲି ପଞ୍ଚାୟତ ତଡ଼ମା ରାସ୍ତାରେ ସୋମବାର ଅପରାହ୍ନରେ ଏକ ଅଟୋ ଭାରସାମ୍ୟ ହରାଇ କଲଭର୍ଟ ତଳକୁ ଖସି ପଡିବାରୁ ୮ ଜଣ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ଚଢିଆପଲ୍ଲୀ ଗ୍ରାମର କୁନି ନାୟକ(୫୦),ଜୟନ୍ତୀ ନାୟକ(୪୨), ଶେସବତି ମଲିକ(୩୩), ରେଜିନାଦିଗାଲ(୪୦), ହୀନ ନାୟକ(୪୩), ବଞ୍ଜରା ଗାଁର କାତାରିନା ପ୍ରଧାନ(୫୦), ପ୍ରମିଳା ନାୟକ(୬୨) ଓ ନର୍ମଦା ନାୟକ(୩୨)। ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ରବିବାର ତଡ଼ମା ଗ୍ରାମର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଖବରପାଇ ମହିଳାମାନେ ସେଠାକୁ ଯାଇଥିଲେ। ଅନ୍ତିମ ସତ୍କାର ସାରି ସୋମବାର ସକାଳେ ସେମାନେ ଅଟୋ ଯୋଗେ ଗାଁକୁ ଫେରୁଥିଲେ। ହେଲେ ତଡମାରୁ ଚଢିଆପଲ୍ଲୀ ଆସିବା ରାସ୍ତାରେ ଚାଳକ ଭାରସାମ୍ୟ ହରାଇବାରୁ ଅଟୋଟି କଲଭର୍ଟ ତଳକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଅଟୋରୁ ମହିଳାମାନଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ୩ ଜଣଙ୍କ ଆକାଉଣ୍ଟରୁ ୧୪ ଲକ୍ଷ ଠକେଇ

### ବିନା ଓଟିପିରେ ଆକାଉଣ୍ଟ ଖାଲି

ଭଞ୍ଜନଗର,୩୦।୯(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବଡ଼କୋଦଣ୍ଡା ଏବଂ ଜଗନ୍ନାଥପ୍ରସାଦ ବିଡିପୁର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୩ଜଣ ଜମାକାରୀଙ୍କ ଆକାଉଣ୍ଟରୁ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି। ସେଥିମଧ୍ୟରୁ ୨ ଜଣଙ୍କ ଆକାଉଣ୍ଟରୁ ଗତ ମାର୍ଚ୍ଚ ୧ ତାରିଖରେ ୫ ଲକ୍ଷ ୩୮ ହଜାର ଟଙ୍କା ଠକେଇ ହୋଇଥିଲା। ସେହିଭଳି ବଡକୋଦଣ୍ଡା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଗତ ୧୯ ତାରିଖରେ ବାଉଁଶଲୁଣ୍ଡିର ସୀମାଞ୍ଚଳ ସାହୁଙ୍କ ୨ଟି ଆକାଉଣ୍ଟରୁ ୯ ଲକ୍ଷ ୩ ହଜାର ଟଙ୍କା ଠକେଇ ହୋଇଥିଲା। ଏହାପରେ ୨୦ ତାରିଖରେ ପୁଣି ତାଙ୍କ ସିସି ଆକାଉଣ୍ଟକୁ ୨ଲକ୍ଷ ଟଙ୍କା ଫେରି ଆସିଥିଲା। ବିନା


ଠକେଇର ଶିକାର ଦୁଇ ଗ୍ରାହକ।

ଓଟିପିରେ ଏତେ ଟଙ୍କା ହଠାତ୍ ଠକେଇ ହେବା ନେଇ ସୀମାଞ୍ଚଳ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଏଥିସହ ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସେ ଟଙ୍କା ଫେରସ୍ତ ପାଇ ପାରିନାହାନ୍ତି । ଏଭଳି ଘଟଣା ପରେ ଜମାକାରୀମାନେ ଆତଙ୍କିତ ହୋଇ ପଡିଛନ୍ତି। ପ୍ରକାଶ ଯେ, ଗତ ୧୯ ତାରିଖରେ ସୀମାଞ୍ଚଳଙ୍କ ସି ସି ଆକାଉଣ୍ଟକୁ ୧ ଟଙ୍କା ଆସିଥିଲା। ଏହାପରେ ତାଙ୍କର ସି ସି ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ଉକ୍ତ ଦିନ ହିଁ ୮ ଲକ୍ଷ ୪୦ ହଜାର ଟଙ୍କା ବିନା ଓଟିପିରେ ଗାଏବ ହୋଇଯାଇଥିଲା। ଏଥିସହ ସେଭିଂ ଆକାଉଣ୍ଟରୁ ୬୩ ହଜାର ଟଙ୍କା କଟି ଯାଇଥିଲା। ୨୦ ତାରିଖରେ ସିମାଞ୍ଚଳ ଅଭିଯୋଗ କରିବା ପରେ ତାଙ୍କ ଆକାଉଣ୍ଟକୁ ୨ ଲକ୍ଷ ଟଙ୍କା ଫେରି ଆସିଥିଲା। କିନ୍ତୁ ବଳକା ଟଙ୍କା ଆଉ ଆସିନାହିଁ। ଏ ନେଇ ବଡକୋଦଣ୍ଡା ଶାଖା ପରିଚାଳକ କଳିଙ୍ଗ ବେହେରା ଗଣମାଧ୍ୟମକୁ କହିଛନ୍ତି ଯେ ଗ୍ରାହକଙ୍କ କିଛି ତ୍ରୁଟି ଯୋଗୁଁ ଏହି ସମସ୍ୟା ହୋଇଥିବା ଆଶଙ୍କା କରାଯାଉଛି । ମାମଲା ସାଇବର ଥାନାରେ ଅଛି। ତଦନ୍ତ ପରେ ଯାହାକିଛି ହେବ।

## ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

ଗୋପାଳପୁର,୩୦।୯(ନବୀନ ରାଜ ଆଚାରୀ)–ଗୋଳନ୍ଥରା ଥାନା ଅଞ୍ଚଳରେ ଡକାୟତି ଯୋଜନା ବେଳେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଜୁଗୁଡ଼ି ଗ୍ରାମର ଶଙ୍କର ଗୌଡ଼। ଏହି ଘଟଣାରେ ପୂର୍ବରୁ ୪ ଜଣ ଗିରଫ ହୋଇଛନ୍ତି। ହଳଦିଆପଦର ବସଷ୍ଟାଣ୍ଡ ପଛପଟେ ଗତ ଏପ୍ରିଲ ୨୬ ତାରିଖ ଭୋରରେ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିଲେ। ଖବରପାଇ ଗୋଳନ୍ଥରା ଥାନା ପୋଲିସ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିବା ବେଳେ ଶଙ୍କର ଚମ୍ପଟ ମାରିଥିଲେ। ସେ କେ ନୂଆଗାଁ ଥାନା ଦେଖାଳି ଗ୍ରାମରେ ଥିବା ସୂଚନା ପାଇ ରବିବାର ରାତିରେ ପୋଲିସ ଚଢ଼ାଉ କରି ଶଙ୍କରଙ୍କୁ ଉଠାଇ ଆଣିଥିଲା। ଶଙ୍କର ନାଁରେ ଗୋଳନ୍ଥରା ଥାନାରେ ୮ଟି ମାମଲା ରହିଥିବା ଜଣାପଡିଛି।

## ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ପଣ୍ଡ

### ସନ୍ଦେହରେ ଜଣଙ୍କୁ ଉଠାଇନେଲା ପୋଲିସ

ହିଞ୍ଜିଳିକାଟୁ,୩୦।୯(ଧ୍ରୁତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ସହର ସାହେବ କମ୍ପ୍ଲେକ୍ସରେ ଥିବା ୟୁନିଅନ ବ୍ୟାଙ୍କ ଶାଖାରୁ ରବିବାର ବିଳମ୍ବିତ ରାତିରେ ଲୁଟ ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କର ମୁଖ୍ୟ ଗେଟ ତାଲାଭାଙ୍ଗି ଲୁଟ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ହିଞ୍ଜିଳିକାଟୁ ପୁରୁଣା ସିନେମା ହଲ ଛକସ୍ଥିତ ସାହେବ କମ୍ପ୍ଲେକ୍ସର ପ୍ରଥମ ମହଲାରେ ୟୁନିଅନ ବ୍ୟାଙ୍କ ଶାଖା – ୨ ଅଛି। ସୋମବାର ସକାଳେ ବ୍ୟାଙ୍କ ସୁରକ୍ଷା କର୍ମୀ ମୁଖ୍ୟ ଗେଟର ଏକ ତାଲା ଭାଙ୍ଗିବା ଉଦ୍ୟମ ହୋଇଥିବା ଦେଖିଥିଲେ। ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ତାର ମଧ୍ୟ ଛିଡ଼ି ତଳେ ପଡ଼ିଥିଲା। ସୁରକ୍ଷା କର୍ମୀ ଏ ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଥିଲେ। ଖବରପାଇ ହିଞ୍ଜିଳି ପୋଲିସର ଏକ ଟିମ୍ ଘଟଣାସ୍ଥଳରେ



ପହଞ୍ଚି ଯାଞ୍ଚ କରିଥିଲା। ସେଠାରେ ଥିବା ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନର ସିସିଟିଭି ଫୁଟେଜରେ ରାତି ପ୍ରାୟ ୨ଟା ୧୫ ମିନିଟରେ ବ୍ୟାଙ୍କ ଉପର ମହଲାରୁ କେତେଜଣ ଯୁବକ ଆସୁଥିବା ଦେଖାଯାଇଥିଲା। ସେମାନଙ୍କ ଗତିବିଧି ସନ୍ଦେହଜନକ ଥିଲା। ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ପୋଲିସ ଜଣେ ଯୁବକଙ୍କୁ ଥାନାକୁ ଉଠାଇ ନେଇଛି। ତେବେ ରାତି ସୁଦ୍ଧା ଘଟଣା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ ।

## ୨୫୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଖଲ୍ଲିକୋଟ,୩୦।୯(ପ୍ରଶାନ୍ତ କୁମାର ମିଶ୍ର) ଗଞ୍ଜାମ ଜିଲା ଖଲ୍ଲିକୋଟ ସ୍ଥିତ ମର୍ଦ୍ଦରାଜ କଲ୍ୟାଣମଣ୍ଡପଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜୋତି ପରିଡା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଉପଜିଲାପାଳ ଭବତୋଷ ମଲ୍ଲିକ, ଛତ୍ରପୁର ଅତିରିକ୍ତ ଉପଜିଲାପାଳ ପାର୍ଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଶୁଣାଣି ପାଇଁ ୨୫୮ଟି ଅଭିଯୋଗ ଆସିଥିଲା। ସେଥିରୁ ଆବାସ ଯୋଜନା (ଗ୍ରାମୀଣ)୧୩୧, ଭତ୍ତା ୩୩, ରାଶନ କାର୍ଡ଼ସମ୍ପର୍କିତ ୭୩ଟିଅଭିଯୋଗ ଥିଲା। ସେହିପରି ପେନସନ, ଜଳଯୋଗାଣ, ଶୌଚାଳୟ, ଧାନମଣ୍ଡି ଉପରେ ଅଭିଯୋଗମାନ ଆସିଥିଲା। ଶିବିରରେ ୪୧୮ ଜଣ ନୂତନ ହିତାଧିକାରୀଙ୍କୁ ଜିଲାପାଳ ଭତ୍ତା ପ୍ରଦାନ କରିଥିଲେ।


ଉପସ୍ଥିତ ଜିଲାପାଳ, ବିଧାୟକ ଓ ହିତାଧିକାରୀ

୧୩ ଜଣଙ୍କୁ ଘରବାରି ପଟ୍ଟା ଓ ୪ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଡ଼ିମିରିଆ ପଞ୍ଚାୟତର ଗୁହାରିଆପାଟ ଗ୍ରାମ ଆବାସ ଯୋଜନା (ଗ୍ରାମୀଣ) ଅଗ୍ରାଧିକାର ତାଲିକାରୁ ବାଦ ପଡ଼ିଥିବା ସମ୍ପର୍କରେ ସରପଞ୍ଚ ସବିତା ଗୌଡ଼ ଶୁଣାଣି ବେଳେ ଅଭିଯୋଗ କରିଥିଲେ। କେଶପୁର ଛକରେ ଥିବା ଶୌଚାଳୟ ଦୀର୍ଘ ଦିନ ହେଲା ଅବ୍ୟବହୃତ ହୋଇ ପଡିଛି। ଏହାକୁ କାର୍ଯ୍ୟକ୍ଷମ କରିବାକୁ ଶିବିରରେ ଦାବି କରାଯାଇଥିଲା। ଶିବିରରେ ଗଞ୍ଜାମ ଏସ୍‌ପି ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଖଲ୍ଲିକୋଟ ତହସିଲଦାର ଡି.ଆର୍ଯ୍ୟ କୁମାର ସର୍ବଦମନ, ବିଡ଼ିଓ ଦେବାଶିଷ ସାମଲ, ଆଇଆଇସି ନରେଶ ସାହୁ ଉପସ୍ଥିତ ଥିଲେ।

## ପ୍ରକଳ୍ପ ଆଧାରିତ ଶିକ୍ଷାଦାନ ପ୍ରଶିକ୍ଷଣ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୩୦।୯ (ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରକଳ୍ପ ଆଧାରିତ ଶିକ୍ଷାଦାନ ପ୍ରଶିକ୍ଷଣ ଶିବିରକୁ ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସୋମବାର ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲ୍ଲୀପ ବେହେରା, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା, ଜିଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ୟାମଘନ ଭୂୟାଁ, ଗଜପତି ଜିଲା ଶିକ୍ଷା ନିରୀକ୍ଷକ ରମେଶ ଚନ୍ଦ୍ର ଦାସ, ପ୍ରଧାନ ଶିକ୍ଷକ ସୁରେଶ ସାହୁ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ଦୁଇ ଦିନ ଧରି ଚାଲିବ। ରାୟଗଡ଼ା ଜିଲାରୁ ୬୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ଗଜପତି ଜିଲାରୁ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିବିରରେ ଯୋଗ ଦେଇଛନ୍ତି। ପ୍ରକଳ୍ପ ଆଧାରିତ ଶିକ୍ଷଣ ହେଉଛି ଏକ ଶିକ୍ଷାଦାନ ପ୍ରଣାଳୀ, ଯେଉଁଥିରେ ଛାତ୍ରୀଛାତ୍ରମାନେ ବାସ୍ତବ ଦୁନିଆଁ ଏବଂ ଅର୍ଥ ପୂର୍ଣ୍ଣ ପ୍ରକଳ୍ପର ସକ୍ରିୟ ଭାବରେ ଯୋଡ଼ି ହୋଇ ଶିଖିଥାନ୍ତି।

## ଗଞ୍ଜାମ ଏନ୍‌ଏସି : ୬.୬୦ କୋଟିର ବଜେଟ ଉପସ୍ଥାପନ

ଗଞ୍ଜାମ,୩୦।୯(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସିର ସାଧାରଣ ବୈଠକ ନୂତନ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଏନ୍‌ଏସିରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ଏନ୍‌ଏସି ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆଙ୍କ ସହ ୧୦ କାଉନ୍‌ସିଲର ଉପସ୍ଥିତ ଥିଲେ। ୱାର୍ଡ ନଂ. ୪,୯ କାଉନ୍‌ସିଲର ସବିତା ବେହେରା ଓ ସ୍ୱାଗତ ଆଶିଷ ନାୟକ ବୈଠକରେ ଅନୁପସ୍ଥିତ ଥିଲେ। କନିଷ୍ଠଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା ଚଳିତବର୍ଷ ପାଇଁ ୬ କୋଟି ୬୦ ଲକ୍ଷ ଟଙ୍କାର ବଜେଟ ଅନୁମୋଦନ ଲାଗି ବୈଠକରେ ଉପସ୍ଥାପନ କରିଥିଲେ। ଏହି ବଜେଟରେ ୱାର୍ଡ ନଂ. ୮ ପୁଇଁତୋଳା ଗ୍ରାମକୁ ଟଙ୍କାଟିଏ ଅନୁଦାନ ମିଳି ନ ଥିବାରୁ କାଉନ୍‌ସିଲର ମହାଲକ୍ଷ୍ମୀ ନାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ୱାର୍ଡର ବାରିକି ସାହିଠାରୁ ତ୍ରିବେଣୀ ମଠ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସହରର ଅନ୍ୟ ୱାର୍ଡରେ ଭଲ ରାସ୍ତା ଥାଇ ମଧ୍ୟ ସେହି ୱାର୍ଡକୁ ବଜେଟରେ ଅନୁଦାନ ମିଳିଥିବା ବେଳେ ୮ନଂ. ୱାର୍ଡ ପୁଇଁତୋଳାକୁ ଟଙ୍କାଟିଏ ଅନୁଦାନ ନ ମିଳିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ସହରର ମୁଖ୍ୟ ରାସ୍ତାରେ ଗୋରୁଙ୍କ ଉପଦ୍ରବରୁ ଲୋକଙ୍କୁ ରକ୍ଷା ପାଇଁ ମାଳି ଜଗନ୍ନାଥପୁରଠାରେ ନିର୍ମିତ କାଞ୍ଜିଆହୁଦାକୁ ସ୍ଥାନାନ୍ତର କରିବା, କାଞ୍ଜିଆହୁଦାର ଆଲୋକୀକରଣ, ନଳକୂପ ଖନନ, ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ହିଲ୍‌ଟପ୍ କଲେଜରେ ଚାରା ରୋପଣ କାର୍ଯ୍ୟକ୍ରମ

ମୋହନା,୩୦।୯(ମନ୍ମଥ ମିଶ୍ର)– ଜାତୀୟ ସେବା ଯୋଜନା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମୋହନା ସ୍ଥିତ ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ସ୍ଥାନୀୟ ବ୍ଲକ୍ ଅନ୍ତର୍ଗତ ମେରାପଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ଗ୍ରାମର ଉଭୟ ସଡ଼କ ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଏକ ସଭାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମେରାପଲ୍ଲୀ ସରପଞ୍ଚ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟବକ୍ତା ମୋହନା ବନ ବିଭାଗର ବନରକ୍ଷୀ ବନ୍ଧ୍ୟା ଗମାଙ୍ଗ ଓ ସମ୍ମାନୀତ ଅତିଥି ବନରକ୍ଷୀ ଗଙ୍ଗାଧର ଭୂୟାଁ, ବରିଷ୍ଠ ଅଧ୍ୟାପକ ପ୍ରଣବାନନ୍ଦ ପାଟୋସୀ, ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀଣୀ ଅଧ୍ୟାପିକା ରୀତାକୁମାରୀ ଶତପଥୀଙ୍କ ନେତୃତ୍ୱରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## କୃଷକଙ୍କୁ ସବୁ ସୁବିଧା ଯୋଗାଇ ଦେଉଛି ମହାସଂଘ

### ଉପଖଣ୍ଡସ୍ତରୀୟ କୃଷକ କର୍ମଶାଳା

କବିସୂର୍ଯ୍ୟନଗର,୩୦।୯(କୃପାସିନ୍ଧୁ ସ୍ୱାଇଁ)

ଛତ୍ରପୁର ଉପଖଣ୍ଡସ୍ତରୀୟ ଋଷିକୁଲ୍ୟା ରଇତ ମହାସଂଘ ଏବଂ ମା' ବ୍ରାହ୍ମଣୀଦେବୀ କୃଷକ ସଂଘ (ବଡ଼ଆଗୁଳ) ମିଳିତ ଆନୁକୂଲ୍ୟରେ ଶତାଧିକ କୃଷକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଆର୍ମି ଅଧିକାରୀ ତଥା ଦନ୍ତ ଚିକିତ୍ସକ ଡ଼ା. କଂଗ୍ରେସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା କର୍ମଶାଳାରେ ଦନ୍ତ ବିଶେଷଜ୍ଞ ଡା. ବୀଣାଦେବୀ, ଚକ୍ଷୁ ବିଶେଷଜ୍ଞ ଡ଼ା. ରୀତୁ ଗୌଡ଼, ଡା. ଜିତେନ୍ଦ୍ର ଗୌଡ଼ ଏବଂ ସ୍ୱାସ୍ଥ୍ୟକର୍ମୀ ଲିପିକା, ଲୁସି, ମନୀଷା ଉପସ୍ଥିତ ଥିଲେ। ୭୮ ଜଣଙ୍କ ଦନ୍ତ ଓ ଚକ୍ଷୁ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା।

ଋଷିକୁଲ୍ୟା ରଇତ ମହାସଂଘ କବିସୂର୍ଯ୍ୟନଗର ବ୍ଲକରେ ଶାଖା କାର୍ଯ୍ୟାଳୟ ଖୋଲି ବ୍ଲକର ପ୍ରତି ପଞ୍ଚାୟତ ଓ ଗ୍ରାମର କୃଷକଙ୍କୁ ନେଇ ସେମାନଙ୍କ ଜମିକୁ ଜଳସେଚନ ସୁବିଧା, ଚାଷ ଉପକରଣ ସାମଗ୍ରୀ ଓ ସୁଲଭ ଦରରେ ସାର ଯୋଗାଇ ଦେଉଛି। ରବି ଫସଲ ପାଇଁ ଶୀତଳଭଣ୍ଡାର, କାଳିଆ ଯୋଜନା, କିଷାନ ଯୋଜନାରେ ସବୁ କୃଷକ ଯେପରି ସୁବିଧା ପାଇପାରିବେ ସେ ଦିଗରେ ମହାସଂଘ ପଦକ୍ଷେପ ନେଉଛି। ସୋମବାର ହୋଇଥିବା ସମାବେଶରେ ପ୍ରତ୍ୟେକ କୃଷକଙ୍କୁ ସେମାନଙ୍କ ପରିଚୟପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। କବିସୂର୍ଯ୍ୟନଗର ଏନଏସିରୁ ସଭ୍ୟ ସଂଗ୍ରହ ଲାଗି ଏକ କମିଟି ଗଠନ କରାଯାଇଛି। ଅକ୍ଟୋବର ୨୫ରେ ପୁଣି ଏକ ଚାଷୀ ସମାବେଶ କରାଯିବାକୁ ନିଷ୍ପତ୍ତି ହୋଇଛି। ସିମାଞ୍ଚଳ ନାୟକ, ଶରତଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଜେନା, ଲକ୍ଷ୍ମୀ ନାରାୟଣ ପାଇକରାୟ, ପୀତାମ୍ବର ସେଠୀ, ରଞ୍ଜନ ଗୌଡ଼, ବାଉରୀବନ୍ଧୁ ସ୍ୱାଇଁ, ଶ୍ରୀକାନ୍ତ ମହାପାତ୍ର, କୈଳାସ ସିଂ ଓ ବାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକଙ୍କୁ ନେଇ ବୈଠକ

ନୂଆଗଡ଼,୩୦।୯ (ଯୋଗ୍ୟବନ୍ତ ପରିଛା)

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରୀପଦା ବାବା ସାହେବ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଭାରତ ସରକାରଙ୍କ ନିର୍ଦ୍ଦେଶିତ ନିୟମାବଳି ଅନୁଯାୟୀ ଛାତ୍ରୀଛାତ୍ରମାନେ ଆପାର ଆଇଡିରେ ପଞ୍ଜୀକରଣ କରିବା ସମ୍ପର୍କରେ ଏବଂ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ବିଷୟ ବସ୍ତୁ ଉପରେ ଅଭିଭାବକମାନଙ୍କ ସହ ଆଲୋଚନା ହୋଇଥିଲା। ଖଜୁରୀପଦା କ୍ଲଷ୍ଟର ସିଆରସିସି ମନୋଜ ମଣ୍ଡଳ ବୈଠକରେ ଯୋଗ ଦେଇଥିଲେ। ବୈଠକକୁ କଲେଜ ଅଧ୍ୟକ୍ଷ ପ୍ରେମ ଚନ୍ଦ୍ର ସିଂ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଫୁଲବାଣୀ, ୩୦।୯(ରାକେଶ କୁମାର ରାଉତ): ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ମୁତୁଙ୍ଗିଆ ଗ୍ରାମରେ ନିରୁପମା କହଁର(୪୬) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। କିଛି ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ପରଲୋକ ହୋଇଥିଲା । ଦୁଇ ପୁଅଙ୍କୁ ଧରି ନିରୁପମା ଚଳୁଥିଲେ। ଘରେ ସର୍ବଦା ଅଶାନ୍ତି ଲାଗିରହିବାରୁ ନିରୁପମା ଶନିବାର ରାତି ସାଢେ ୮ଟାରେ ବିଷ ପିଇଦେଇଥିଲେ।

**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

**ଇ-ନିଲାମ ସୂଚନା ସଂଖ୍ୟା ଏସ୍‌ଆର୍/ଏକ୍ସ୍‌-ଏସ୍‌ଟିଓଆର୍‌ସେଲ୍(ଡିଏସ୍‌ପିଏଲ୍)/୪/୨୦୨୪-ସେଲ୍/୩। ତାରିଖ: ୩୦।୦୯।୨୦୨୪।** ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ମୁଖ୍ୟାଳୟ, ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ପାଇଁ ଅତିରିକ୍ତ ଇ-ନିଲାମ ତାରିଖ **ତା୦୪।୧୦।୨୦୨୪ରିଖ**ରେ ଆମନ୍ତ୍ରିତ କରୁଛନ୍ତି । **ନୋଟ୍:** ଇ-ନିଲାମ କାର୍ଯ୍ୟକ୍ରମ ଓ ସୂଚୀର ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।
(PR-664) ବରିଷ୍ଠ ମଣ୍ଡଳ ଆୟୁକ୍ତ ପ୍ରବନ୍ଧକ/ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ସେବାରତ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା, କେନ୍ଦୁଝର ଅଞ୍ଚଳ, କେନ୍ଦୁଝର**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ତା.୦୨.୦୫.୨୦୨୩ରିଖରେ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପୁଷ୍ଟି ଏଣ୍ଟରପ୍ରାଇଜର୍ସ,** ଲକ୍ଷ୍ମୀବଜାର, ପୋ/ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୦୧, **ସ୍ୱତ୍ୱାଧିକାରୀ: ଶ୍ରୀ ସମିର ପୁଷ୍ଟି,** ପିତା: ୰ ପ୍ରାଣବନ୍ଧୁ ପୁଷ୍ଟି, ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ / **ଗ୍ୟାରେଣ୍ଟିଦାତା: ୧) ୰ପ୍ରାଣବନ୍ଧୁ ପୁଷ୍ଟି, ୨) ୰ ସରୋଜ ପୁଷ୍ଟିଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଦୁର୍ଗାବତୀ ପୁଷ୍ଟି,** ସ୍ୱାମୀ: ୰ପ୍ରାଣବନ୍ଧୁ ପୁଷ୍ଟି, **୨) ଶ୍ରୀମତୀ କଳ୍ପନା ପୁଷ୍ଟି,** ସ୍ୱାମୀ: ୰ସରୋଜ ପୁଷ୍ଟି, **୩) ଶ୍ରୀ ସଲିଳ ପୁଷ୍ଟି (ଗ୍ୟାରେଣ୍ଟିଦାତା),** ପିତା: ୰ପ୍ରାଣବନ୍ଧୁ ପୁଷ୍ଟି, ସମସ୍ତଙ୍କ ଠିକଣା- ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡିଶା - ୭୫୯୦୧୩ | ଟ.୨୫,୧୦,୦୦୦.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୫.୨୦୨୩ / ୨୬.୦୯.୨୦୨୪ | ୰ **ପ୍ରାଣବନ୍ଧୁ ପୁଷ୍ଟି**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୭, ପ୍ଲଟ୍ ନଂ.: ୩୫୯ (ମ୍ୟୁଟେସନ୍ କେସ୍), କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ସିମିଳିଆ, ଥାନା: ସଦର, ଏସ୍‌ଆରଓ: ଢେଙ୍କାନାଳ, ତହସିଲ/ଜିଲ୍ଲା: ଢେଙ୍କାନାଳ, ପଞ୍ଜିକୃତ ଦଲିଲ୍ ନଂ.: ୧୦୫୦୧୨୦୦୮୪୫, ପଞ୍ଜିକୃତ ତାରିଖ: ୧୦.୦୨.୨୦୧୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରଘୁନାଥ ଜୀଉ, ପୂର୍ବ: ଶ୍ରୀ ଅଚ୍ୟୁତାନନ୍ଦ ବେହେରା, ପଶ୍ଚିମ: ଶ୍ରୀ କେଶବ ପାତ୍ର |

ସ୍ଥାନ : କେନ୍ଦୁଝର
ତାରିଖ : ୩୦.୦୯.୨୦୨୪
ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସୁରଭି: ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

ରମ୍ଭା,୩୦।୯(ବନବାସୀ ସେଠୀ) ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆର. ନୂଆଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଏସଏମସି ସଭାପତି ସୁବାଷ ଚନ୍ଦ୍ର ପତି ପ୍ରମୁଖ ମଞ୍ଚ ଉଦଘାଟନ କରିଥିଲେ। ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ।

**କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ବିଇଓ ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ଓ କ୍ଲଷ୍ଟର ସିଆରସିସି ରବୀନ୍ଦ୍ର ବିଶ୍ୱାଳ ସଂଯୋଜନାରେ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲଠାରେ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ପୁରସ୍କାର କାର୍ଯ୍ୟକ୍ରମରେ ସଭାପତି ଭାବେ ମିହିର


ଛେଲାଗଡ କ୍ଲଷ୍ଟରସ୍ତରୀୟ ସୁରଭିରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

କୁମାର ଶତପଥୀ, ମୁଖ୍ୟ ଅତିଥି ବିଇଓ ଅଭିମନ୍ୟୁ ସାହୁ, ମୁଖ୍ୟବକ୍ତା ଏବିଇଓ ରବିନାରାୟଣ ବେହେରା, ଜଜ୍ ଭାବେ ଦୁର୍ଗାଚରଣ ପାଣି, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**–ଗାଙ୍ଗପୁର କ୍ଲଷ୍ଟରରେ କ୍ଲଷ୍ଟର୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଖଲ୍ଲିକୋଟ ସ୍ଥିତ ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ନବୀନ ଚନ୍ଦ୍ର ପରମାଣିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଜିଲାପରିଷଦ ଅଧ୍ୟକ୍ଷ ସୁଧୀର କୁମାର ଜେନା ଉପସ୍ଥିତ ଥିଲେ।

**ଆର.ଉଦୟଗିରି(ମନୋଜ ପାଢ଼ୀ):** ଛେଲାଗଡ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କାନିକିପଦର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ମଙ୍ଗଳ ବିଭାଗର ଛେଲାଗଡସ୍ଥିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧର୍ମରାଜ ସାମଲ, ବରିଷ୍ଠ ଶିକ୍ଷକ କେ. ଅଭିନାଶ, ଡ଼ାବରାଗୁଡ଼ା ସମିତିସଭ୍ୟ, କାନିକିପଦର୍ ପ୍ରଧାନ ଶିକ୍ଷକ ମହେଶ୍ୱର ଦଳାଇ, ସିଆର୍‌ସିସି ପଦ୍ମଲୋଚନ ବଡନାୟକ, ପୂର୍ବତନ ସିଆର୍‌ସିସି ହେମନ୍ତ ନାୟକ ଉପସ୍ଥିତ ଥିଲେ।

**ମୋହନା,(ମନ୍ମଥ ମିଶ୍ର):** ମୋହନା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଆଞ୍ଚଳିକ ସମ୍ବଳ ସାଧନ କେନ୍ଦ୍ରର ସଂଯୋଜକ ସିଦ୍ଧାର୍ଥ ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି। ବିଇଓ ନରେନ୍ଦ୍ର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମୋହନା ଏସଏସଡ଼ି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ କର ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ମଣ୍ଡଳ, ହେବେଲ ଗମାଙ୍ଗ, ବାବୁଲା ସେଠୀ, ବଳରାମ ତିଆଡ଼ି, ସୁମନ୍ତ ପ୍ରଧାନ, ସୀମାଞ୍ଚଳ ସାହୁ, ବୁଲୁ ବେହେରା ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗ ଦେଇଥିଲେ ।

GOVERNMENT OF ODISHA No.B-344
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com
**e-Procurement**
**Bid Identification No. CCENC (R AND B)/07/2024-25**
No. 3409 Dtd. : 24.09.2024

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Bridge works** as detailed in the DTCN from the eligible class of contractors.
2. No. of works : **07 NOS. (SEVEN NOS. ROAD WORKS)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special"**
5. Date & Time of available in website & receipt of Bids from **03.10.2024 to 17.00 Hours of 18.10.2024**.
6. Date of opening of Technical Bid **19.10.2024 at 11.00 Hours**.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/Addendum will be displayed in the website www.tendersodisha.gov.in

**Sd./- Chief Construction Engineer Northern (R&B) Circle, Sambalpur**
**OIPR-34035/11/0008/2425**

**OFFICE OF THE PANCHAYAT SAMITI, GAISILET**
AT/PO/PS : Gaisilet, Dist. : Bargarh (Odisha), PIN : 768037
E-Mail ID : ori-gaisilet@nic.in
No. 3909/Dt.26.09.2024
**"e"-procurement Notice**
**Bid Identification No. BDO/Gaisilet/01/2024-25**

**No.i-210** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. www.tendersodisha.gov.in

1 Nature of work : Civil works
2 No. of works : 2
3 Estimated cost : As per NIT
4 Period of completion : As per NIT
5 Date and time of availability of the Documents in the Portal : From 01.10.2024, 11.00 A.M. to 15.10.2024, 5.00 P.M.
6 Last date/time for receipt of Bids in the portal : Dt. 15.10.2024 up to 5.00 P.M.
7 Bids received online shall be opened on : Dt. 17.10.2024 at 11 A.M.
8 Name and address of the Officer inviting Bid : Block Development Officer Gaisilet

Further, the details can be seen from the procurement Portal www.tendersodisha.gov.in

**Sd./- Block Development Officer, Gaisilet**
**OIPR-19191/11/0001/2425**

# କରୋନା ଡ୍ୟୁଟି ନ କରି ପ୍ରୋତ୍ସାହନ ରାଶି ଆତ୍ମସାତ

**ଡେରାବିଶ, ୩୦।୯(ବେବର୍ତ୍ତା ଅଜୟ ଦାସ)**

- ମୁଖ୍ୟମନ୍ତ୍ରୀଙ୍କ ପାଖେ ଫେରାଦ ହେଲେ ଡାକ୍ତର
- ଡେରାବିଶ ସିଏଚ୍‌ସି, ବୀରନୀଳକଣ୍ଠପୁର ପିଏଚ୍‌ସିରେ ଅନିୟମିତତା
- ଆରଟିଆଇରେ ତଥ୍ୟ ମଗିବାରୁ ଡାକ୍ତରଙ୍କୁ ଟାର୍ଗେଟ କରୁଛନ୍ତି ଅଧିକାରୀ




ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଅଧୀନ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏସସି)ରେ ମହା ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ (ପିଏଚସି) ଡାକ୍ତର ଧର୍ମେନ୍ଦ୍ର ସିଂହ ତାଙ୍କ ଉପରିସ୍ଥ ସିଏଚସି ଅଧିକାରୀ ଡାକ୍ତରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ କରିଛନ୍ତି। କରୋନା କାଳରେ କୌଣସି ଡ୍ୟୁଟି ନ କରି ଏହା ବାବଦ ପ୍ରୋତ୍ସାହନ ରାଶିକୁ ନିଜ କ୍ଷମତାର ଅପବ୍ୟବହାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଅଧିକାରୀ ଡାକ୍ତର ଆତ୍ମସାତ କରି ଦେଇଛନ୍ତି ବୋଲି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗୁହାରୀ କରି ନିରାଶ ହୋଇଥିଲେ। ଶେଷରେ ଡା.ସିଂହ ଏହି ଦୁର୍ନୀତି ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ହଇରାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇ ନ୍ୟାୟ ଭିକ୍ଷା କରିଥିବା ଜଣାଯାଇଛି। ଅପରପକ୍ଷରେ ସୂଚନା ଅଧିକାର ଆଇନ ବଳରେ ଏହି ଦୁର୍ନୀତି ସମ୍ପର୍କରେ ତଥ୍ୟ ମଗାଇଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସିଂହଙ୍କୁ ଟାର୍ଗେଟ କରି ହଇରାଣ କରୁଛନ୍ତି। ଏପରିକି ଡାକ୍ତର ସିଂହଙ୍କୁ ତାଙ୍କ ଉପରିସ୍ଥ ଅଧିକାରୀ ବିଭିନ୍ନ କାର୍ଯ୍ୟରେ ବ୍ୟକ୍ତିଗତ ଭାବେ ହଇରାଣ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନତିମୂଳକ କାମରେ ବାଧକ ସାଜୁଥିବାରୁ ଏଠାରେ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ଡା. ସିଂହ ଅଭିଯୋଗ କରିଛନ୍ତି। ଡା. ସିଂହଙ୍କ ଅଭିଯୋଗ ଅନୁଯାୟୀ, କରୋନା ବେଳେ ଅର୍ଥାତ ୨୦୨୧ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ତାଙ୍କର ଉପରିସ୍ଥ ଅଧିକାରୀ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ରୋଗୀ ସେବା ନ କରି ଏହା ବାବଦରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରୋତ୍ସାହନ ବାବଦ ଅର୍ଥକୁ ଚଞ୍ଚକତା କରି ହଡ଼ପ କରି ନେଇଛନ୍ତି। ଏ ନେଇ ଡା. ସିଂହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଏହାର ତଦନ୍ତ ପାଇଁ ଗୁହାରୀ କରିଥିଲେ ମଧ୍ୟ ଏ ଦିଗରେ ସମସ୍ତେ ନିରବତା ଅବଲମ୍ବନ କରି ଆସିଛନ୍ତି। ଏପରିକି ଏହି ଦୁର୍ନୀତି ବାବଦରେ ସୂଚନା ଅଧିକାର ଆଇନ ବଳରେ ବିଭିନ୍ନ ତଥ୍ୟ ସେ ଅଗଷ୍ଟରୁ ମାଗିଥିଲେ ସୁଦ୍ଧା ତାଙ୍କୁ ସମସ୍ତ ସରକାରୀ ନିୟମ କାନୁନକୁ ଉଲ୍ଲଂଘନ କରାଯାଇ ଏଯାବତ ତାଙ୍କୁ ଠିକ୍ ତଥ୍ୟ ଦିଆଯାଉନାହିଁ।

ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ୧୯୯୧ ମସିହାରେ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଥିଲା। ବିଗତ ଦିନରେ ଏଠାରେ ଡାକ୍ତର ରହୁ ନ ଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଚାଲି ଆସିଥିଲା। ହେଲେ ଡା. ସିଂହଙ୍କ ଯୋଗଦାନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ଧୀରେ ଧୀରେ ସୁଧୁରିବା ସହ ସ୍ୱାସ୍ଥ୍ୟ ସେବାରେ ମଧ୍ୟ ସୁଧାର ଆସିଥିଲା। ଜଣେ ମାତ୍ର ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟଙ୍କ ଦ୍ୱାରା ଚାଲୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ବର୍ତ୍ତମାନ ସ୍ୱାସ୍ଥ୍ୟ ସେବା ପାଇବାକୁ ଡେରାବିଶ ବ୍ଲକ ଅଧୀନ ନହଙ୍ଗ, କୁରୁଜଙ୍ଗା, ବାରିମୂଳ, ଛୋଟି, ମଙ୍ଗଳପୁର, ରଘୁଦେଇପୁର ସମେତ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ନିକିରାଇ, ଢୋଲ ଓ କୁତରଙ୍ଗ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁର ଲୋକ ନିର୍ଭର କରୁଛନ୍ତି। ଏଠାକୁ ଦୈନିକ ଶତାଧିକ ସଂଖ୍ୟାରେ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଆସୁଥିଲେ ମଧ୍ୟ ଏଠାକାର ସମସ୍ୟା ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ କିମ୍ବା ବିଭାଗୀ ଉଚ୍ଚ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉନାହାନ୍ତି। ଫଳରେ ଡା. ସିଂହ ସେବା ଦେବାକୁ ଚାହୁଁଥିଲେ ସୁଦ୍ଧା ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହେଉଛି। ତେବେ ଉପରିସ୍ଥ ଅଧିକାରୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପ୍ରତି ଦେଖାଉଥିବା ବୈମାତୃକ ମନଭାବ ପାଇଁ ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନୀ ଓଝା, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲକ ଚନ୍ଦ୍ର ମହାଭୋଇଙ୍କ ସମେତ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଡା. ସିଂହଙ୍କ ଦ୍ୱାରା ତାଙ୍କ ଉପରିସ୍ଥ ଅଧିକାରୀଙ୍କ ବିରୋଧରେ ଅଣାଯାଇଥିବା ଦୁର୍ନୀତି ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଡେରାବିଶ ସିଏଚସିର ଅଧିକାରୀ ଡା. ଚିତରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କୌଣସି ଦୁର୍ନୀତିରେ ସମ୍ପୃକ୍ତ ନ ଥିବା କହିବା ସହ ତାଙ୍କ ଉପରେ ଲଗାଯାଇଥିବା ସମସ୍ତ ଅଭିଯୋଗର ଖଣ୍ଡନ କରିଛନ୍ତି।

## ଟ୍ରକ୍ ପଛରେ ପିଟି ହେଲା ବସ୍: ଜଣେ ମୃତ, ୨୦ ଆହତ

**ଧର୍ମଶାଳା/କାଏମା,୩୦।୯ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଜାରକା ଛକ ନିକଟ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ ପଛରେ ଏକ ଯାତ୍ରୀବାହୀ ବସ୍ ପିଟି ହେବାରୁ ଘଟଣାସ୍ଥଳରେ ହେଲପରଙ୍କ ମୃତ୍ୟୁ ଘଟିଛି। ୨୦ ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ରାଜା ନାମକ ଏକ ବସ୍(ନଂ.ଓଡି୧୧ପି୬୩୯୯) ୫୦ ଜଣ ଯାତ୍ରୀଙ୍କୁ ନେଇ ୧୬ନଂ.ଜାତୀୟ ରାଜପଥରେ ବାରିପଦାରୁ ଭୁବନେଶ୍ୱର ଯାଉଥିଲା। ରବିବାର ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଜାରକା ଓଭରବ୍ରିଜ ପୂର୍ବରୁ ରାସ୍ତା କଡରେ ଛିଡା ହୋଇଥିବା ଏକ ସାର ବୋଝେଇ ଟ୍ରକ(ନଂ. ଓଡି ଜେ୨୫୭୯)ପଛକୁ ବସ୍‌ଟି ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବସ ହେଲପର ତଥା ଉଦଳା ଲୁଣିବାରୀ ଅଞ୍ଚଳର ସାରଦା ସତୀଶ ହାଂସଦା (୩୬)ର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏଥିରେ ୨୦ ଜଣ ଯାତ୍ରୀ ଆହତ ହୋଇଥିଲେ । ଖବର ପାଇ ଧର୍ମଶାଳା ଥାନା ପୋଲିସ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ୨ ଗୁରୁତର ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି । ମୃତ ହେଲପରଙ୍କ ସ୍ତ୍ରୀ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୭୧୮/୨୪) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବସ୍‌କୁ ପୋଲିସ ଜବତ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ତପନ କୁମର ନାୟକ ସୂଚନା ଦେଇଛନ୍ତି ।

ଧର୍ମଶାଳା ଥାନା ଅଧୀନ ୧୬ ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଢାବା ଓ ଗ୍ୟାରେଜ ଯୋଗୁ ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ି ଛିଡା କରାଯାଉଛି। ଏଥିପାଇଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଅନେକ ଜୀବନହାନୀ ଘଟୁଛି । ରାସ୍ତା ପାର୍ଶ୍ୱରେ ଗାଡ଼ି ରଖୁଥିବା ଡ୍ରାଇଭରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ଦୁର୍ଘଟଣାଗ୍ରସ୍ତ ବସ୍ ।

## ଶିକ୍ଷକଙ୍କ ଘରୁ ସଶସ୍ତ୍ର ଡକାୟତି, ଆକ୍ରମଣରେ ୨ ଆହତ

**ମାର୍ଶାଘାଇ,୩୦।୯(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):**

- ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍
- ୩ ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ପାଟକୁରା ଥାନା ତଥା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ଶିକ୍ଷକଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଯାଇଛି। ଡକାୟତଙ୍କ ଆକ୍ରମଣରେ ଶିକ୍ଷକ ଓ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି। ଘରେ ଥିବା ସମସ୍ତ ସୁନାଗହଣାକୁ ଡକାୟତମାନେ ନେଇଯାଇଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖିଛି।

ନାରାୟଣପୁର ଗ୍ରାମର ଶିକ୍ଷକ ବଂଶୀଧର ରାଉତରାୟ ପାଟକୁରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୨ଟାରେ ସେ ଓ ତାଙ୍କ ସ୍ତ୍ରୀ ଶୋଇଥିବା ଘର କବାଟ ଠକ୍ ଠକ୍ ହେବାରୁ ଅନ୍ୟ ଘରେ ଶୋଇଥିବା ଶାଶୁ ବୋଧେ ଡାକୁଥିବା ଭାବି ସ୍ତ୍ରୀ ସ୍ୱର୍ଣ୍ଣପ୍ରଭ କବାଟ ଖୋଲିଥିଲେ। ହଠାତ୍ ୪ଜଣ ଯୁବକ ଘରକୁ ପଶି ଆସି ସ୍ୱର୍ଣ୍ଣପ୍ରଭାଙ୍କୁ ଧକ୍କା, ମୁହ ମାରି ବେକରେ ପିନ୍ଧିଥିବା ସୁନାଚେନ୍, ମଙ୍ଗଳସୂତ୍ର ନେଇଯାଇଛନ୍ତି। ଭୟରେ ସେ କାନରେ ପିନ୍ଧିଥିବା କାନଫୁଲକୁ ଖୋଲି ଦେଇଥିଲେ। ଆଉ ଜିନିଷ କେଉଁଠି ଅଛି ବୋଲି ଧମକାଇବାରୁ ଭୟରେ ସ୍ତ୍ରୀ ଏକ ଦସ୍ତା ଟ୍ରଙ୍କରେ ଥିବା ୧୬ ଗ୍ରାମର ଏକ ସୁନାହାର, ୨ଟି ସୁନାମୁଦି, ଲକେଟ ୨ଟା, ପାଉଁଜି ଏକ ହଳ ନେବା ପରେ ତାଙ୍କ ଇଜ୍ଜତ ନେବା ପାଇଁ ଚେଷ୍ଟା କରିବାରୁ ସେ ତୀବ୍ର ବିରୋଧ କରିଥିଲେ। ଡକାୟତମାନେ ତାଙ୍କୁ ଭୁଜାଲିରେ ହାଣିବାକୁ ଉଦ୍ୟମ କରିବା ବେଳେ ସ୍ତ୍ରୀ ଅଟକାଇବାରୁ ତାଙ୍କ ହାତପାପୁଲିରେ ଚୋଟ ବସିଥିଲା। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କୁ କହିଲା ଯେ, ତୋ ଭାଇ ମୋ ଭାଇକୁ ମାରିଥିଲା, ଆଜି ତୋତେ ମୁଁ ମାରିଦେବି କହି ମୋ ଆଡ଼କୁ ଉଦ୍ୟତ ହେଉଥିବାବେଳେ ହାତ ଦେଖାଇଦେବାରୁ ମୋ ପାପୁଲି ଓ ଆଙ୍ଗୁଠିରେ ଗଭୀର ଆଘାତ ଲାଗିଛି। ଜୀବନ ବଞ୍ଚାଇବାକୁ ଯାଇ ମୋ ଖଟ ପାଖରେ ଥିବା ଏକ ଚାପଡ଼କୁ ଧରି ସେମାନଙ୍କ ଉପରକୁ ଫୋପାଡ଼ିବାକୁ ଉଦ୍ୟମ କରିବାରୁ ସେମାନେ ଦୌଡ଼ି ପଳାଇଥିଲେ। ଖବରପାଇ ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ମଧ୍ୟାହ୍ନରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ପାଟକୁରା ଥାନା ଅଧିକାରୀ ପ୍ରଦୀପ୍ତ ପ୍ରଧାନ, କୁଦାନଗରୀ ଥାନା ଅଧିକାରିଣୀ ଅମ୍ବିକା ଦାସ ଓ ଡଗ୍ ସ୍କ୍ୱାଡ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସନ୍ଦେହରେ ୩ ଜଣଙ୍କୁ ଥାନାରେ ରଖି ପଚରାଉଚରା କରୁଥିବା ତଦନ୍ତକାରୀ ଅଧିକାରିଣୀ ଏସ୍ଆଇ ଦୀପ୍ତିମୟୀ ରାଉତ ପ୍ରକାଶ କରିଛନ୍ତି। ଏନେଇ ଥାନାରେ ନଂ.୨୧୯/୨୪ରେ ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଗ୍ରାମରେ ଆଲୋଚନା ହେଉଛି।

## ଟ୍ରେନରେ କଟି ଜଣେ ମୃତ

**ଯାଜପୁରରୋଡ଼,୩୦।୯(ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ଼ କେନ୍ଦୁଝର ଷ୍ଟେଶନର ପୂର୍ବପଟ ଲେଭଲ କ୍ରସିଂ ନିକଟରେ ଟ୍ରେନରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ସୂଚନା ପାଇ ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ. ୭୧/୨୪) ରୁଜି କରି ତଦନ୍ତ ଆରମ୍ଭ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ଲେଭଲ କ୍ରସିଂ ଗେଟ ପଡ଼ିଥିବା ସମୟରେ ତଳେ ଗଳି ଟ୍ରେନ ଲାଇନ ପାର ହେଉଥିଲେ । ଏହି ସମୟରେ ସେହି ଲାଇନରେ ଆସୁଥିବା ଏକ ମାଲଗାଡି ସେହି ବ୍ୟକ୍ତିଙ୍କୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଥିବାରୁ ଚିହ୍ନି ହେଉନାହିଁ। ରେଳବାଇ ପୋଲିସ ମୃତଦେହ ଜବତ କରିବା ତାଙ୍କ ପରିଚୟ ଖୋଜୁଛି ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଗୋବର୍ଦ୍ଧନ



@ ଜ୍ୟୋତି



@ କାହ୍ନୁ



@ ରବି



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଯାଜପୁରରୋଡ଼, ୩୦।୯(ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ଼ ସହରରେ ଦିନ ଦ୍ୱିପହରରେ ଲୁଟ୍ ଘଟଣା ବୃଦ୍ଧିପାଉଛି। ଅଧିକାଂଶ ଘଟଣାରେ ପୋଲିସ ଲୁଟେରାମାନଙ୍କୁ ଧରିବାରେ ବିଫଳ ହେଉଛି । ଲୁଟେରାମାନେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏଭଳି ଘଟଣା ଘଟାଇ ପୋଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି । ସୋମବାର ଏଭଳି ଘଟଣା ଦେଖିବାକୁ ମିଳିଛି ସହରର କହେଁଇପୁର ଅଞ୍ଚଳରେ । କହେଁଇପୁର ତ୍ରିପାଠୀ ଲେନ୍ ଲକ୍ଷ୍ମୀ ନାରାୟଣ ମନ୍ଦିର ସମ୍ମୁଖ ରାସ୍ତାରେ ଲୁଟେରାମାନେ ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଏକ କଳା ରଙ୍ଗର ବାଇକ୍‌ରେ ଦ୍ରୁତଗତିରେ ଫେରାର ହୋଇଯାଇଛନ୍ତି ।

ସୂଚନା ମୁତାବକ, ସୋମବାର ଅପରାହ୍ନ ପ୍ରାୟ ୧ ଘଟିକା ମଧ୍ୟରେ ଶାଶ୍ୱତୀ ପରିଡ଼ା ନାମକ ଜଣେ ଶିକ୍ଷୟିତ୍ରୀ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ପାପୁ ବାବୁଙ୍କ ଘର କେଉଁଠି ବୋଲି ପଚାରିଥିଲେ । ଶିକ୍ଷୟିତ୍ରୀ ଜଣକ ଜାଣି ନ ଥିବା କହିଥିଲେ। ଏହି ସମୟରେ ଜଣେ ଯୁବକ ବାଇକ୍ ଷ୍ଟାର୍ଟ ରଖି ବସିଥିବା ବେଳେ ଅନ୍ୟଜଣେ ଯୁବକ ଶିକ୍ଷୟିତ୍ରୀଙ୍କ ବେକରୁ ୨ ଭରି ଓଜନର ସୁନାଚେନ୍‌କୁ ଝାମ୍ପି ନେଇ ଦ୍ରୁତଗତିରେ ପଳାଇଥିଲେ। ଶିକ୍ଷୟିତ୍ରୀ ଜଣକ ଭୟଭୀତ ହୋଇ ଖୁବ୍‌ଜୋରରେ ପାଟି କରିବାରୁ ସ୍ଥାନୀୟ ଲୋକମାନେ ପହଞ୍ଚି ଲୁଟେରାମାନଙ୍କୁ ଧରିବାକୁ ଉଦ୍ୟମ କରିଥିଲେ । ହେଲେ ସେତେବେଳେକୁ ଲୁଟେରାମାନେ ଫେରାର ହୋଇଯାଇଥିଲେ । ଏ ସଂକ୍ରାନ୍ତରେ ଶିକ୍ଷୟିତ୍ରୀ ଜଣକ କୋରେଇ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ସିସି ଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି। ଲୁଟେରାମାନେ ଖୁବ୍‌ଶୀଘ୍ର ଧରାପଡିବେ ବୋଲି କୋରେଇ ଥାନାଧିକାରୀ ସଞ୍ଜୟ ପରିଡ଼ା ସୂଚନା କହିଛନ୍ତି ।



ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଲୁଟେରାଙ୍କ ଫଟୋ।

# ପ୍ରଦୂଷିତ ଜଳ ଉଜାଡ଼ିବ ଭିତରକନିକା ଆର୍ଦ୍ରଭୂମି

- ଜିଲାର ୩ ନଦୀ ସିଷ୍ଟମରେ ଅସୁନାହିଁ ପର୍ଯ୍ୟାପ୍ତ ଜଳ
- ହେନ୍ତାଳବଣ ସଂରକ୍ଷଣ ପାଇଁ ମଧୁରଜଳ ଆବଶ୍ୟକ

**କେନ୍ଦ୍ରାପଡ଼ା, ୩୦।୯(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ସାମୁଦ୍ରିକ ଝଡ଼ ଓ ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେନ୍ତାଳବଣ ସାମୁଦ୍ରିକ ପ୍ରାଚୀର ଭାବେ ସୁରକ୍ଷା ଯୋଗାଏ। ଏହାକୁ ଅଧିକ ଘଞ୍ଚ କରିବା ପାଇଁ ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସ୍‌ଇସି) ପକ୍ଷରୁ ବିଭିନ୍ନ ସମୟରେ ବୈଠକ ହୋଇ ଯୋଜନା ପ୍ରଣୟନ ହୁଏ। ତେବେ ଭିତରକନିକା ଆର୍ଦ୍ରଭୂମିରେ ପର୍ଯ୍ୟାପ୍ତ ପରିମାଣରେ ମଧୁରଜଳ ପହଞ୍ଚୁପାରୁ ନ ଥିବାରୁ ହେନ୍ତାଳବଣ ନଷ୍ଟ ହେଉଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ପ୍ରଦୂଷିତ ନଦୀଜଳ ଆର୍ଦ୍ରଭୂମିର ଜୈବବିବିଧତାକୁ ନଷ୍ଟ କରିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ଉପକୂଳ କେନାଲ ଏହାର ସମାଧାନ କିଛି ମାତ୍ରାରେ ହୋଇପାରିବ ବୋଲି ମତ ଦେଉଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ସତ୍ୟପ୍ରକାଶ ସାମଲ, ଅଧ୍ୟାପକ କ୍ଷିତୀଶ କୁମାର ସିଂହ ପ୍ରମୁଖ କହିଛନ୍ତି, ହେନ୍ତାଳବଣ ସୃଷ୍ଟି ପାଇଁ ୬୦ ପ୍ରତିଶତ ଲୁଣି ସହ ୪୦ ପ୍ରତିଶତ ମଧୁରଜଳର ସମ୍ମିଶ୍ରଣ ଆବଶ୍ୟକ। ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ଆଶାନୁରୂପକ ବର୍ଷା ହୋଇନାହିଁ। ଫଳରେ ଜିଲାରେ ଜଳାଭାବ ଏବେଠାରୁ ଦେଖାଦେଇଛି। ଏପରିକି ଭିତରକନିକା ଆର୍ଦ୍ରଭୂମିକୁ ସଂଲଗ୍ନ ଥିବା ୩ ନଦୀ ସିଷ୍ଟମ ଜଳାଭାବରୁ ଶୁଖିଲା ହେବାକୁ ଯାଉଛି। ଏହାବ୍ୟତୀତ ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ୭ ନଦୀରେ ଏବେ ପ୍ରଦୂଷିତ ଜଳ ପ୍ରବାହିତ ହେଉଛି। ଏହି ଜଳ ଜାତୀୟ ଉଦ୍ୟାନର ବହୁ କ୍ଷତି ଘଟାଇବ। ଶିଳ୍ପରୁ ନିର୍ଗତ ରାସାୟନିକ ପଦାର୍ଥ ମହାନଦୀ, ବ୍ରାହ୍ମଣୀ ନଦୀକୁ ପ୍ରଦୂଷିତ କରୁଛି। ଭିତରକନିକା ଜଳ ପ୍ରଦୂଷଣ ଓ ହେନ୍ତାଳବଣ ନଷ୍ଟରେ ବେଆଇନ ଚିଙ୍ଗୁଡ଼ି ଘେରି, ଅବାଧ ନୌଚଳାଚଳ, ବେଆଇନ ଭାବେ ରହିଥିବା ବାଂଲାଦେଶୀଙ୍କ ଦ୍ୱାରା ବନ କ୍ଷୟ ଓ ଚିଙ୍ଗୁଡ଼ି ଘେରି ଆଦି ନିର୍ମାଣ ସହ ନଦୀ ଜଳ ପ୍ରଦୂଷଣର କାରଣ ହୋଇଛି। ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ନଦୀ ଓ ୨୭ନାଳ ଭିତରକନିକାର ହେନ୍ତାଳବଣକୁ ବଞ୍ଚାଇ ରଖୁଛି। ଭିତରକନିକାର ହେନ୍ତାଳବଣକୁ ମଧୁରଜଳ ଯୋଗାଉଥିବା ମୁଖ୍ୟତଃ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତା ଏବେ ଅକାମୀ ହେବାକୁ ଯାଉଛି। ଛତିଶଗଡ଼ ରାଜ୍ୟରେ ବନ୍ଧ ନିର୍ମାଣ ପରେ ମହାନଦୀ ଜଳକୁ ନେଇ ଓଡ଼ିଶା ସରକାରଙ୍କ ସହ ଦ୍ୱନ୍ଦ୍ୱ ଦେଖାଯାଇଛି। ଅଣମୌସୁମୀରେ ମହାନଦୀର ତଳ ମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲାରେ ଜଳସ୍ରୋତ କମିଯାଇଛି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ସନ୍ତରାଠାରେ ମହାନଦୀରେ ଏକ ବୃହତ୍ ଜଳାଶୟ ନିର୍ମାଣ, ଯାଜପୁର ସହର ନିକଟ ନିର୍ମାଣାଧୀନ ଜଳାଶୟରେ ରଖିବାକୁ ଯୋଜନା ହୋଇଛି। ଫଳରେ ମହାନଦୀ ଓ ବୈତରଣୀର ସ୍ରୋତ କମିବ। ବ୍ରାହ୍ମଣୀ ସିଷ୍ଟମରେ ବ୍ରାହ୍ମଣୀ ଓ ଶାଖାନଦୀ ଖରସ୍ରୋତା ଅଛି। ଖରସ୍ରୋତାରେ କେନ୍ଦ୍ରାପଡ଼ା ଜିଲାର ୨ଟି ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ ଓ ୨ଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିସହ ଭଦ୍ରକ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ନିଆଯାଉଛି, ଯାହା ମଧୁରଜଳ ନିଅଣ୍ଟକୁ ଅଧିକ କରିବ। ଉପକୂଳ କେନାଲ ପ୍ରସ୍ତୁତି ହୋଇପାରିଲେ, ଏହାର ସମାଧାନ କିଛି ମାତ୍ରାରେ ହୋଇପାରିବ। ସମୁଦ୍ର ତଟଠାରୁ ୧୦ କି.ମି. ଦୂରରେ କେନାଲ ମାଧ୍ୟମରେ ଜିଲାର ନଦୀ ସମୂହକୁ ସଂଯୋଗ କରାଯାଉ। ଏହି କେନାଲରୁ ହେନ୍ତାଳବଣ ସୃଷ୍ଟି ପାଇଁ ଯୋଜନାବଦ୍ଧ ଭାବେ ପାଣି ଛଡ଼ାଯିବା ସହ ଜିଲାର କ୍ଷେତକୁ ଜଳ ଓ ପାନୀୟ ଜଳ ଅଭାବର ସମାଧାନ ହୋଇପାରିବ ବୋଲି ସେମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଉପକୂଳ କେନାଲ ଯୋଜନା ସମ୍ପର୍କରେ ଅନୁଧ୍ୟାନ ହୋଇନାହିଁ। ଏ ନେଇ ଜିଲାସ୍ତରୀୟ ବୈଠକରେ ଆଲୋଚନା ହେବ ବୋଲି ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲାର ୪୮ କି.ମି. ସମୁଦ୍ର ତଟରୁ ପ୍ରାୟ ୨୮ କି.ମି. ହେନ୍ତାଳବଣର ସାନ୍ଦ୍ରତା କମ୍ ଥିବାରୁ ସାମୁଦ୍ରିକ ଜୁଆର ମାଡ଼ରେ ତଟ କ୍ଷୟହୋଇଚାଲିଛି।



ଭିତରକନିକାରେ ଥିବା ହେନ୍ତାଳବଣ।

# ଗୋଳଗୋଳା ସିରିଜ ଚୋରିର ମିଳିଲାନି ଟେର୍

- ଡାକ୍ତର ମିଳନଙ୍କ ମୃତ୍ୟୁ ଘଟଣା ଲୁଚିଗଲା
- ରାତ୍ର ପାଟ୍ରୋଲିଂ ଓ ବ୍ଲକିଂ ହେଲାନି କି ସୁଧୁରିଲାନି ଟ୍ରାଫିକ ସମସ୍ୟା
- ୧୩ ମାସ ରହଣି ପରେ ବଦଳିଲେ ଏସ୍‌ପି

ନୟାଗଡ଼,୩୦।୯(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବା ଆଳରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ ନିଜର ପ୍ରଚାର, ପ୍ରସାର କରି ବାହାବା ନେବାରେ ସମୟ ବିତାଇ ଦେଲେ ବୋଲି ଅଭିଯୋଗ ଉଠିଛି। ଏସ୍‌ପିଙ୍କ ୧୩ମାସର ରହଣି ସମୟରେ ଗୋଳଗୋଳା ସିରିଜ ଚୋରି, ଡାକ୍ତର ମିଳନଙ୍କ ମୃତ୍ୟୁ, ଡିମିରିପାଟଣା ଚୋରି ପରି କେତେଗୋଟି ପ୍ରମୁଖ ଘଟଣା ଶୀତଳଭଣ୍ଡାରରେ ରହିଯିବାକୁ ଅନୁଧ୍ୟାନ କଲେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି। ସେହିପରି ୨ ଜିଲା ଖବରଦାତାଙ୍କୁ ବାନ୍ଧିବି, ପିଟିବି, ମାରିବି, ମିଥ୍ୟା ମାମଲା କରି ଫସେଇ ଦେବା ପରି ଧମକ ଘଟଣା, ଜିଲାରେ ରାତ୍ର ପାଟ୍ରୋଲିଂ ଓ ବ୍ଲକିଂକୁ ଭୁଲିଯିବା ତାଙ୍କ ବିଫଳତାକୁ ପଦାରେ ପକାଇଛି। ଏସ୍‌ପିଙ୍କ ବଦଳି ପରେ ସାଧାରଣରେ ଓ ସୋସିଆଲ ମିଡ଼ିଆରେ ସମାଲୋଚନା ଆରମ୍ଭ ହୋଇଛି। ତେବେ ସମାଲୋଚନାକୁ ଏଡ଼ାଇବା ପାଇଁ କେତେଜଣ ଲୋକଙ୍କୁ ଆୟୁଧ କରି ସଫଳତାର ବାର୍ତ୍ତା ବଦଳି ପରେ ପ୍ରଚାର ହେବା ଅନୁରୂପ ସମାଲୋଚନା କରିବାକୁ ସୁଯୋଗ ଦେଇଛି।

ନୟାଗଡ଼ ସଦର ଥାନା ଗୋଳଗୋଳା ଗାଁରୁ ଜୁନ ୩୦ ରାତିରେ ୪ଜଣଙ୍କ ଘରୁ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ହୋଇଥିଲା। ସମ୍ପୃକ୍ତ ଚୋରିର ତ ଟେର ମିଳିଲାନି ତେବେ ଏହି ଘଟଣାରେ ଅଭିଯୋଗକାରୀଙ୍କୁ ଅଣଦେଖା କରିବା ଅଭିଯୋଗରେ ୩ଜଣ ପୋଲିସଙ୍କୁ ଏସ୍‌ପି ନିଲମ୍ବନ କରିଥିଲେ। ଅନ୍ୟପକ୍ଷେ ନିଲମ୍ବିତ ହୋଇଥିବା ଜଣେ ମହିଳା ଏଏସ୍‌ଆଇଙ୍କୁ ପୋଲିସ ଉଠାଇ ଆଣିବା ଘଟଣା ଓ ଚୋରି ପ୍ରସଙ୍ଗ ଶୀତଳଭଣ୍ଡାରକୁ ଚାଲିଯିବା ନେଇ ଏସ୍‌ପିଙ୍କୁ ସମାଲୋଚନା କରାଯାଇଥିଲା। ସେହିଭଳି ଖଣ୍ଡପଡ଼ା ଥାନା ଶିଖରପୁର ପଞ୍ଚାୟତ ବରପଲ୍ଲୀ ଛକ ନିକଟରେ ପୋଲିସ ଭ୍ୟାନ ଧକ୍କାରେ ୨୦୨୩ ଅଗଷ୍ଟରେ ଯୁବ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଓରଫ ମିଳନଙ୍କ ମୃତ୍ୟୁ ହୋଇଥିଲା। ସେହି ସମୟରେ ଏସ୍‌ପିଙ୍କ ଗାଡ଼ି ଧକ୍କା ହୋଇଥିଲା ବୋଲି ଚର୍ଚ୍ଚା ହୋଇଥିଲା। ତେବେ ଏସ୍‌ପିଙ୍କ ଗାଡ଼ି ନା କେଉଁ ପୋଲିସ ଗାଡ଼ି ଧକ୍କା ହୋଇଥିଲା ସେହି ଘଟଣାରେ ଏସ୍‌ପି ମୁହଁ ନ ଖୋଲି ଚୁପ ରହିଥିଲେ, ଯାହାକି ତାଙ୍କୁ ବିବାଦୀୟ କରି ରଖିଥିଲା। ରଥଯାତ୍ରା ଉଦ୍ଦେଶ୍ୟରେ ଜୁଲାଇ ୬ରେ ନୟାଗଡ଼ ଏସ୍‌ପି ଖବରଦାତା ସମ୍ମିଳନୀ ଡକାଇ ନିଜେ ଆସି ନ ଥିଲେ। ଖବରଦାତା ହଟହଟା ହୋଇ ଫେରିଥିଲେ। ଖବର ପ୍ରକାଶନ ପରେ ୨ ଖବରଦାତାଙ୍କୁ ଡକାଇ ନିଜ ଚାମ୍ବରରେ ବାନ୍ଧିବେ, ପିଟିବେ, କେସ୍ କରିବେ କହି ଧମକଚମକ ଦେଲେ। ଖବରଦାତାଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ ଏବେ ଜାତୀୟ ମାନବାଧିକାର କମିଶନରଙ୍କ ପାଖରେ ବିଚାର ଅବସ୍ଥାରେ ରହିଛି। ପୁଣି ନୟାଗଡ଼ ସଦର ଥାନା ଡ଼ିମିରିପାଟଣା ଗାଁରେ ୨୦୨୩ ଜୁନ ୧୪ ରାତିରେ ପ୍ରଦୀପ୍ତ ଖଟେଇଙ୍କ ଘରୁ ୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା। ସେହିପରି ନୟାଗଡ଼ ଟାଉନ ଥାନା ଲକ୍ଷ୍ମଣ ନଗରର ପ୍ରିୟଦର୍ଶିନୀ ଦାସଙ୍କ ଘରୁ ଜୁନ ୧୫ରେ ୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା। ଏହାର ବି ଟେର ମିଳିଲାନି। ଜିଲା ସଦର ମହକୁମା ସମେତ ପ୍ରତି ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଛି। ଜିଲା ସଦର ମହକୁମାରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ରହିଛି। ପ୍ରତ୍ୟହ ରାଜପଥରେ ଗଞ୍ଜେଇ ଓ ଗୋଚାଲାଣ ବଢ଼ିଥିଲେ ମଧ୍ୟ ଲଗାମ ନାହିଁ। ପୁଣି ଲୁଟ୍, ଚୋରି ଓ ମୋବାଇଲ ଫୋନ୍ ଚୋରି ବଢ଼ି ଚାଲିଛି। ରାତ୍ର ପାଟ୍ରୋଲିଂ ଓ ବ୍ଲକିଂକୁ ପୋଲିସ ପୂରା ଭୁଲିଯାଇଛି। ଏସ୍‌ପି ଏ ଦିଗରେ ପଦକ୍ଷେପ ନ ନେବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ବିଗଡ଼ିବାରେ ଲାଗିଛି। ଏ ନେଇ ନୟାଗଡ଼ ବାର ଆସୋସିଏଶନର ରଣଜିତ୍ ଦାଶ କହିଛନ୍ତି, ଜିଲାରେ ବ୍ରାଉନସୁଗାର, କଫ ସିରଫ, ଗଞ୍ଜେଇ କାରବାର ବଢ଼ିଛି। ବ୍ରାଉନସୁଗାର ଧରପଗଡ଼ ଉପରେ ପୋଲିସର ଯେତିକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ହୋଇପାରିନାହିଁ। ଗୋଚାଲାଣ ବଢ଼ିଥିଲେ ମଧ୍ୟ ରୋକାଯାଇ ପାରିଲାନାହିଁ। ପୋକ୍‌ସୋ କେସ୍‌ରେ ନୟାଗଡ଼ ଜିଲା ରାଜ୍ୟରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ପୀଡ଼ିତା ନାବାଳିକା ଉଦ୍ଧାର କରିବାରେ ରାଜ୍ୟ ଅନୁପାତରେରେ ନୟାଗଡ଼ ଜିଲା ପଛରେ ରହିଛି।

## ରାମାୟଣ ଆଧାରିତ ବିଶ୍ୱସ୍ତରୀୟ ସମ୍ମିଳନୀରେ ସମ୍ମାନିତ ହେଲେ ୩ ପ୍ରତିଭା



ସମ୍ମିଳନୀରେ ୩ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଣ୍ଡପଡ଼ା,୩୦।୯ (ଅଜୟ କୁମାର ମହାରଣା)

ଆନ୍ଧ୍ର ପ୍ରଦେଶର ବିଜୟନଗରସ୍ଥିତ ପ୍ରସିଦ୍ଧ ରାମନାରାୟଣ ଟ୍ରଷ୍ଟରେ ବିଶ୍ୱସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୪ଦିନ ବ୍ୟାପୀ ଅନୁଷ୍ଠିତ ଏହି ସମ୍ମିଳନୀକୁ ଭାରତର ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ନୟାଗଡ଼ ଜିଲା ଅଞ୍ଚଳର ୩ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମିଳନୀରେ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ରାମ ନାରାୟଣ ଟ୍ରଷ୍ଟ ଦ୍ୱାରା ବାଲ୍ମୀକି ରାମାୟଣ ଅଧାରିତ ଏକ ଗବେଷଣା କେନ୍ଦ୍ରର ଶୁଭାରମ୍ଭ ହୋଇଥିଲା। ଏହି ଗବେଷଣା କେନ୍ଦ୍ରରେ ରାମାୟଣର ଆଧ୍ୟାତ୍ମିକ, ଧାର୍ମିକ, ବୈଜ୍ଞାନିକ ଏବଂ ସାମାଜିକ ମୂଲ୍ୟବୋଧର ଗବେଷଣା ହେବ। ଦେଶ ବିଦେଶର ଅନେକ ବିଦ୍ୱାନ ଏହି ସମ୍ମିଳନୀରେ ଯୋଗଦେଇ ରାମାୟଣର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଜି.ଏସ୍‌ଆର୍ କୃଷ୍ଣମୂର୍ତ୍ତୀ ରାମାୟଣକୁ ଏକ ଆଦର୍ଶ ଗ୍ରନ୍ଥ ଭାବରେ ବିବେଚିତ କରି ସମାଜ ପାଇଁ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶାରୁ ଏବଂ ନୟାଗଡ଼ ଜଲାରୁ ବିଦ୍ୱାନମାନେ ଯୋଗଦେଇ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳାନୁଶାସନ ତଥା ଖଣ୍ଡପଡ଼ା ବ୍ଲକ ଅଧିନ ନଟବରପୁର ଶାସନ ଗ୍ରାମର ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ଭାପୁର ବ୍ଲକ ଅଧୀନ କେନ୍ଦୁପଲ୍ଲୀ ଗ୍ରାମର ତଥା ବିଶ୍ୱବିଦ୍ୟାଳୟର ଦୂର ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥ, ବେଦ ବିଦ୍ୱାନ ଡ. ନିରଞ୍ଜନ ମିଶ୍ର ଓ ପୁରାଣଶାସ୍ତ୍ର ବିଦୁଷି ଡ. ପାରମିତା ପଣ୍ଡା ଯୋଗଦେଇ ବିଶେଷ ସମ୍ମାନରେ ସମ୍ମାନୀତ ହୋଇଥିଲେ।

## ୧୨୦ କେଜି ଭାଙ୍ଗ ସହ ଗାଡ଼ି ଜବତ, ଚାଳକ ଗିରଫ

### ଭାଙ୍ଗ ବୋଝେଇ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

ଓଡ଼ଗାଁ, ୩୦।୯ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଏକ ଦୁର୍ଘଟଣାଗ୍ରସ୍ତ ଭାଙ୍ଗ ବୋଝେଇ ଗାଡ଼ି ସହ ଭାଙ୍ଗ ଜବତ କରିଛି। ଜବତ ଗାଡ଼ିରଚାଳକଙ୍କୁ କୋର୍ଟ ଚାଲାଣ କରିଛି। ରବିବାର ଅପରାହ୍ଣରେ ଏହି ଥାନା ଅନ୍ତର୍ଗତ ଗିରିଡିପଲ୍ଲୀ ସୋଲବନ୍ଧ ପୋଖରୀ ତଳେ ଏକ ଭାଙ୍ଗ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏ ସମ୍ପର୍କରେ ପୋଲିସ ଏସ୍‌ଆଇ ରମେଶ କୁମାର ଜେନା ସୂଚନା ପାଇ ଘଟଣାସ୍ଥଳରୁ ଭ୍ୟାନ୍‌କୁ ଉଦ୍ଧାର କରି ଥାନା ଆଣିବାରେ ଦେଖିଲା ବେଳକୁ ସେଥିରେ ୪ ବସ୍ତା ଭାଙ୍ଗ ରହିଥିବା ଥିଲା। ପୋଲିସ ସମସ୍ତ ଭାଙ୍ଗ ସହ ପିକ୍ ଅପ୍ ଭ୍ୟାନ ନଂ. ଓଡି ୦୫ ଏଇ ୦୫୩୯କୁ ଜବତ କରିବା ସହ ଚାଳକ ପ୍ରଭୁରଞ୍ଜନ ପଣ୍ଡା (୫୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜବତ ଭାଙ୍ଗର ପରିମାଣ ୧୨୦ କେଜି ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ ପ୍ରକାଶ କରିଛି। ଗିରଫ ଚାଳକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଜବତ ଭାଙ୍ଗ ବୋଝେଇ ଭ୍ୟାନି ଗଜପତି ଜିଲାରୁ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ, କୁରାଳ ଦେଇ ଗ୍ରାମାଞ୍ଚଳ ରାସ୍ତାରେ ଖୋର୍ଦ୍ଧାର ଜଟଣୀକୁ ଚାଲାଣ ହେଉଥିଲା। ହେଲେ ସେ ପୋଖରୀ ତଳ ରାସ୍ତାରେ ଭାରସାମ୍ୟ ହରାଇବାରୁ ଭ୍ୟାନଟି ଓଲଟି ପଡ଼ିଥିଲା। ଗିରଫ ଚାଳକଙ୍କ ଘର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମୁ ଗ୍ରାମର ବୋଲି ଜଣାଯାଇଛି।




ଜବତ ହୋଇଥିବା ପିକ୍‌ଅପ୍ ଭ୍ୟାନ।

## ନଳକୂପରୁ ବାହାରୁଛି ଦୂଷିତ ପାଣି

### ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଧ୍ୟାନ ଦେଉନି

ନୂଆଗାଁ, ୩୦।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବଡ଼ଗୋଠ ପଞ୍ଚାୟତ ଡିମିରିଝରୀ ଗାଁର ନଳକୂପରୁ ଦୂଷିତ ପାଣି ନିଷ୍କାସିତ ହେଉଛି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଧ୍ୟାନ ଦେଉ ନ ଥିବା ଡିମିରିଝରୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ କଡ଼କୁ ଲାଗି ରହିଛି ଡିମିରିଝରୀ ଗାଁ। ଉକ୍ତ ସାହିରେ ପ୍ରାୟ ୩୦ଟି ପରିବାର ବସବାସ କରୁଛନ୍ତି। ସେମାନଙ୍କ ବ୍ୟବହାର ନିମନ୍ତେ ସରକାରଙ୍କ ପକ୍ଷରୁ ୨ଗୋଟି ନଳକୂପ ଖୋଳାଯାଇଛି। ରାସ୍ତାକଡ଼କୁ ଲାଗି ରହିଥିବା ନଳକୂପ ଖୋଳାଯିବା ପରେ ସେଠାରେ ଗୋଟିଏ ପ୍ଲାଟ୍‌ଫର୍ମ ନିର୍ମାଣ କରାଯାଇଥିଲା। ହେଲେ ଦୀର୍ଘବର୍ଷ ପରେ ଉକ୍ତ ପ୍ଲାଟ୍‌ଫର୍ମଟି ଭାଙ୍ଗି ନଷ୍ଟ ହୋଇଯାଇଥିଲେ ମଧ୍ୟ ପାନୀୟ ଜଳ ଯୋଗାଣ ବିଭାଗ କିମ୍ବା ପଞ୍ଚାୟତ ତାହାକୁ ମରାମତି କରିବାର ନାଁ ଧରୁନାହିଁ। ବ୍ୟବହାର ପରେ ନଳକୂପର ବଳକା ପାଣି ଯିବା ପାଇଁ ଡ୍ରେନ୍‌ର ବ୍ୟବସ୍ଥା କରାଯାଇନାହିଁ। ଫଳରେ ନଳକୂପ ପାଣି ନିଷ୍କାସନ ହେବା ବଦଳରେ ରାସ୍ତାର ମଇଳା ପାଣି ନଳକୂପ ନିକଟକୁ ଆସୁଛି। ସେହି ଦୂଷିତ ପାଣି ଯୋଗୁ ଗ୍ରାମର ଲୋକମାନେ ନାନା ରୋଗରେ ପଡୁଛନ୍ତି। ତେବେ ଜନସାଧାରଣଙ୍କୁ ନୀରୋଗ ରଖିବା ପାଇଁ ସୁସ୍ଥ ଓ ପରିମଳ ପରିବେଶର ଆବଶ୍ୟକତା ରହିଥିବା କଥା ସ୍ୱାସ୍ଥ୍ୟ ବିଭାଗ କହୁଥିବା ବେଳେ ପରିମଳ ପାଇଁ ଦୃଷ୍ଟି ନ ଦେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି। ନଳକୂପରୁ ବଳକା ପାଣି ନିଷ୍କାସନ ପାଇଁ ଡ୍ରେନ୍ ସହ ପ୍ଲାଟ୍‌ଫର୍ମ ନିର୍ମାଣ ବାବଦରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଅଭିଯୋଗ ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।



ନଳକୂପ ନିକଟରେ ଦୂଷିତ ପାଣି ଜମିରହିଛି।

## ଶିଖରପୁର ନୋଡାଲ ହାଇସ୍କୁଲରୁ ଗଛ କାଟି ବିକ୍ରି ଅଭିଯୋଗ

### ତଦନ୍ତ କରି ଫେରିଲା ବନ ବିଭାଗ

ନୟାଗଡ,୩୦।୯(ଲୋକନାଥ ମିଶ୍ର)

ନୟାଗଡ ବନଖଣ୍ଡ ଖଣ୍ଡପଡ଼ା ରେଞ୍ଜର ଶିଖରପୁର ନୋଡାଲ ହାଇସ୍କୁଲରୁ ଶାଗୁଆନ ଗଛ ସହ ଅନ୍ୟ ଗଛ କଟାଯାଇ ବିକ୍ରି କରାଯାଇଥିବା ଅଭିଯୋଗ ଉଠିଛି। ଏ ନେଇ ଖଣ୍ଡପଡ଼ା ରେଞ୍ଜରେ ଅଭିଯୋଗ ପରେ ବନ ବିଭାଗର କମଚାରୀ ସୋମବାର ପହଞ୍ଚି ଘଟଣାର ତଦନ୍ତ କରି ଫେରିଛନ୍ତି। କିଛିଦିନ ତଳେ ସ୍କୁଲ ପରିସରରୁ ଗଛ କଟାଯାଇଛି। ପରେ କିଛି କାଠକୁ ବାହାରେ ବିକ୍ରି କରାଯାଇଛି ଥିବା ଅଭିଯୋଗ ରହିଛି। ଗଛ ଯୋଗୁ ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକ ଉପକୃତ ହେଉଥିବାବେଳେ କେଉଁଥିପାଇଁ ଗଛ କଟା ହେଲା ସେନେଇ ପ୍ରଶ୍ନ ଉଠିଛି। ଏ ନେଇ ରେଞ୍ଜ ଅଫିସର ଉଦିତ କୁମାର ପ୍ରଧାନଙ୍କ ଫୋନ ନଂ. ୮୯୧୭୨୮୭୫୨୫କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।



## ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ନୟାଗଡ଼/ଦଶପଲ୍ଲା,୩୦।୯ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବାଣିଗୋଛା ଥାନା ଜାମୁସାହି ନିକଟସ୍ଥ ଦୁଡୁକିପାଳୁରେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକ ମହିଳାଙ୍କର ପରିଚୟ ଓ ବୟସ ଜଣାପଡ଼ିନାହିଁ। ତେବେ ମହିଳା ଜଣଙ୍କ ବାଣିଗୋଛା ଥାନା ଅଞ୍ଚଳରେ ଘୂରି ବୁଲୁଥିଲେ। ସେ ମାନସିକ ବିକାରଗସ୍ତ ବୋଲି ଜଣାପଡ଼ିଛି। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ଦେବୋତର କଲୋନୀରୁ ଚୋରି

ନୟାଗଡ଼,୩୦।୯(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଦେବୋତର କଲୋନୀର ୫ମ ଲେନର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ସୋମବାର ମଧ୍ୟାହ୍ନରେ ସୁନା ଅଳଙ୍କାର, ଲାପ୍‌ଟପ ଚୋରାଇ ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

## ପ୍ରତିବାଦରେ ରାସ୍ତା ଅବରୋଧ କଲା ବଜାର ସଂଘ

### ଜନଗହଳିପୂର୍ଣ୍ଣ ବଜାର ରାସ୍ତାରେ ବେଧଡ଼କ ହାଇୱା ଚଳାଚଳ

ଖଣ୍ଡପଡା,୩୦।୯ (ଅଜୟ କୁମାର ମହାରଣା)

ବାରମ୍ବାର ଅଭିଯୋଗ ସତ୍ତ୍ୱେ ମୁଖ୍ୟ ରାସ୍ତା ଉପରେ ହାଇୱା ବେପରୁଆ ତଥା ବେଧଡ଼କ ଭାବେ ଚାଳନା କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ଏହାର ପ୍ରତିବାଦ ସ୍ୱରୂପ ସୋମବାର ସନ୍ଧ୍ୟାରେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଯାତ୍ରାବଜାର ସଂଘ ପକ୍ଷରୁ ହାଇୱା ଚଳାଚଳକୁ ନେଇ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଯାତ୍ରାପଦା ବଜାର କମିଟିର ସଭାପତି ଅଞ୍ଜନ କୁମାର ମହାରଣାଙ୍କ ନେତୃତ୍ୱରେ ବଜାର ସଂଘର ସଦସ୍ୟମାନେ ସନ୍ଧ୍ୟାରେ ମୁଖ୍ୟ ରାସ୍ତାକୁ ଅବରୋଧ କରି ଚଳାଚଳ କରୁଥିବା ହାଇୱାଗୁଡ଼ିକୁ ବିରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ହାଇୱାଗୁଡ଼ିକ ଅଟକି ରହିଥିଲା।

ସମ୍ପ୍ରତି ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାବେଳେ ଏବେ ବଜାର ଘାଟରେ ଶହ ଶହ ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଚଳପ୍ରଚଳ କରୁଛନ୍ତି। ଏହାଛଡ଼ା ନୀଳମାଧବ ପର୍ଯ୍ୟଟନ କ୍ଷେତ୍ରରକୁ ପ୍ରତ୍ୟେହ ଶହ ଶହ ଭାରିଯାନ ଚଳାଚଳ କରୁଥିବାରୁ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଖଣ୍ଡପଡ଼ା ଓ ଭାପୁର ତହସିଲ ଅଧୀନ ବିଭିନ୍ନ ବାଲି ଘାଟରୁ ପ୍ରତ୍ୟେହ ହାଇୱା ଯୋଗେ ଟ୍ରିପ୍ ଟ୍ରିପ୍ ବାଲି ଚାଲାଣ ହେଉଥିବାବେଳେ ଏସବୁ ଦିନ ଓ ରାତିରେ ଖୁଲମ ଖୁଲା ବାଲି ଚାଲାଣ କରୁଛନ୍ତି। ଏସବୁ ଗାଡିମାନ ପ୍ରତ୍ୟେହ ନୀତି ନିୟମକୁ ଉଲ୍ଲଂଘନ କରି ମନଇଚ୍ଛା ବାଲି ଚାଲାଣ କରୁଥିବାରୁ ରାସ୍ତା ଘାଟରେ ଚଳ ପ୍ରଚଳ କରୁଥିବା ପଥିକ, ଛାତ୍ରୀଛାତ୍ର, ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ବିଭିନ୍ନ ସମୟରେ ଏହି ହାଇୱା ଯୋଗୁ ଦୁର୍ଘଟଣା ଘଟି ମୃତାହତ ହୋଇଥିବା ନଜୀର ରହିଛି। ତେବେ ବହୁ ଅମାନିଆ ହାଇୱା ଚାଳକମାନେ ନୀତି ନିୟମକୁ ବେଖାତିର କରି ଚାଳନା କରୁଛନ୍ତି। ତେବେ ରାସ୍ତାରେ ଗାଡ଼ି ସବୁ ରହି ସମସ୍ୟା ସୃଷ୍ଟି କରୁଥିବାରୁ ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ପରେ ଅବସ୍ଥା ସ୍ୱାଭାବିକ ହୋଇଥିବା ଜଣାଯାଇଛି।




ରାସ୍ତାରେ ହାଇୱାଗୁଡ଼ିକ ଅଟକି ରହିଛି।



ବଜାର ସଂଘର ସଦସ୍ୟମାନେ ରାସ୍ତାରୋକୋ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୋବର୍ଦ୍ଧନ



@ ଜ୍ୟୋତି



@ କାହ୍ନୁ



@ ରବି



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉମ୍ରାହ ଯାତ୍ରା କରାଇନେବାକୁ କହି ୧.୨ କୋଟି ଠକେଇ

**ମୁମ୍ବାଇରୁ ଟ୍ରାଭେଲ ଏଜେନ୍ସି ପ୍ରୋପ୍ରାଇଟର ଗିରଫ**

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଭିଯୁକ୍ତଙ୍କୁ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ
- ଓଡ଼ିଶାର ୧୮୯ ମୁସ୍‌ଲିମ୍ ଶ୍ରଦ୍ଧାଳୁ ଠକେଇର ଶିକାର
- ଅନ୍ୟ ରାଜ୍ୟରେ ବି ଠକେଇ, ପାକିସ୍ତାନୀ ନାଗରିକଙ୍କ ସହ ଟଙ୍କା କାରବାର

ଭୁବନେଶ୍ୱର, ୩୦।୯(ସତ୍ୟଜିତ୍ ରାଉତ)

ସାଉଦି ଆରବକୁ ଉମ୍ରାହ ଯାତ୍ରା କରାଇନେବା ଆଳରେ ମୁମ୍ବାଇର ଦୁଇ ଟ୍ରାଭେଲ୍ ଏଜେନ୍ସି ଓଡ଼ିଶାର ମୁସ୍‌ଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କୁ ଠକେଇ କରିଛି। ଓଡ଼ିଶାର ୧୮୯ ଶ୍ରଦ୍ଧାଳୁଙ୍କଠାରୁ ୧.୨ କୋଟି ଠକିବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏକ ଟ୍ରାଭେଲ୍ ଏଜେନ୍ସି ସଂସ୍ଥାର ପ୍ରୋପ୍ରାଇଟରଙ୍କୁ ମୁମ୍ବାଇରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନବୀଲ ଅବଦୁଲ୍ ମୁବିନ ଶେଖ୍। ଗିରଫ ପରେ ତାଙ୍କୁ ମୁମ୍ବାଇ ଅନ୍ଧେରୀସ୍ଥିତ ଜେଏମ୍ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲା। ବିଚାରପତିଙ୍କ ଅନୁମତିକ୍ରମେ ନବୀଲ ଅବଦୁଲ୍‌ଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ସୋମବାର ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁ ଟିମ୍ ନବୀଲ ଅବଦୁଲ୍‌ଙ୍କଠୁ ମୋବାଇଲ, ମନି ରିସିପ୍ଟ ଆଦି ଜବତ କରି ଅଧିକ ତଦନ୍ତ ଚଳାଇଛି।

ୱେଷ୍ଟ ମୁମ୍ବାଇସ୍ଥିତ 'ଅଲ୍-ଆଦାମ୍ ଟୁର ଆଣ୍ଡ୍ ଟ୍ରାଭେଲ୍ସ' ପ୍ରୋପ୍ରାଇଟର ଫିର୍‌ଦୋସ ବି.ଅବଦୁଲ ମୁବିନ ଶେଖ୍, ତାଙ୍କ ପୁଅ ନବୀଲ ଅବଦୁଲ ମୁବିନ ଶେଖ୍, ଝିଅ ସାଇମା ଅଞ୍ଜୁମ୍ ଶେଖ୍ ଏବଂ 'ଅଲ-ଇଜ୍‌ମା ଟୁର ଆଣ୍ଡ୍ ଟ୍ରାଭେଲ୍ସ'ର ପ୍ରୋପ୍ରାଇଟର ଏମ୍‌ଡି ବିସମିଲ୍ଲହା ଶେଖ୍‌ଙ୍କ ବିରୋଧରେ ଭଦ୍ରକ ଜିଲା ଧାମନଗରର ମିର ଖୁର୍ସିଦ୍ ଠକେଇର ଶିକାର ହେବା ସମ୍ପର୍କରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ଗତ ସେପ୍ଟେମ୍ବର ୧୨ରେ ଇଓଡବ୍ଲ୍ୟୁ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୧/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ୨୦୧୯ରୁ ୨୦୨୩ ମଧ୍ୟରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଏବଂ ରାଜ୍ୟର ଅନ୍ୟାନ୍ୟ ଜିଲାର ୧୮୯ ମୁସ୍‌ଲିମ୍ ଶ୍ରଦ୍ଧାଳୁ ଅଭିଯୁକ୍ତଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ। ଅଲ୍-ଆଦାମ୍ ଟୁର ଆଣ୍ଡ ଟ୍ରାଭେଲ୍ ଏଜେନ୍ସି ଉମ୍ରାହ ଯାତ୍ରା ବୁଲାଇନେବାକୁ ବିଭିନ୍ନ ସୋସିଆଲ ମିଡିଆରେ ଲିଫ୍‌ଲେଟ୍ସ ପୋଷ୍ଟ କରିଥିଲା। ଦୁଇ ଟ୍ରାଭେଲ୍ ସଂସ୍ଥା ଦ୍ୱାରା ୪୫ ହଜାର ୭୮୬ ଟଙ୍କା ଓ ୫୦ ହଜାର ୭୮୬ ଟଙ୍କାର ଦୁଇଟି ପ୍ୟାକେଜ୍‌ରେ ଶ୍ରଦ୍ଧାଳୁମାନେ ଆରବ ଦେଶର ମକ୍କା ମଦିନା ଆଦିକୁ ଉମ୍ରାହ ଯାତ୍ରା କରିପାରିବେ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଥିଲା। ଏପରିକି ଅଳ୍ପ ଖର୍ଚ୍ଚ ଓ ସୁରକ୍ଷିତ ତୀର୍ଥଯାତ୍ରା କରେଇନେବାକୁ ଅଭିଯୁକ୍ତମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ବିଜ୍ଞାପନରେ


ଗିରଫ ଅଭିଯୁକ୍ତ।

ଆକର୍ଷିତ ହୋଇ ମୁସ୍‌ଲିମ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଉମ୍ରାହ ଯାତ୍ରା ପାଇଁ ଟ୍ରାଭେଲ ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ଆଗୁଆ ଟଙ୍କା ପଠାଇଥିଲେ। ଏହାପରେ ଅଭିଯୁକ୍ତମାନେ ସେମାନଙ୍କ ଫୋନ୍ ସୁଇଚ୍ ଅଫ୍ କରି ଟ୍ରାଭେଲ୍ ଅଫିସକୁ ମଧ୍ୟ ବନ୍ଦ କରିଦେଇଥିଲେ। ଅଭିଯୁକ୍ତମାନେ ଉକ୍ତ ଟଙ୍କାକୁ ନିଜ ଆକାଉଣ୍ଟ ଏବଂ ଅନ୍ୟାନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିବା ସହ ଏଟିଏମ୍ ଜରିଆରେ ଟଙ୍କା ଉଠାଇ ନେଇଥିଲେ। ଅଭିଯୁକ୍ତମାନେ ମହାରାଷ୍ଟ୍ର, ଦିଲ୍ଲୀ ଆଦି ରାଜ୍ୟର ମୁସ୍‌ଲିମ୍ ଶ୍ରଦ୍ଧାଳଙ୍କୁ ମଧ୍ୟ ଏଭଳି ଠକେଇ କରିଥିବା ଇଓଡବ୍ଲ୍ୟୁ ପ୍ରମାଣ ପାଇଛି। ଏପରିକି ଏହି ଟୁର୍ ପାକେଜ୍ ଭିତରେ କାଟେରିଂ ପାଇଁ ଅଭିଯୁକ୍ତମାନେ ଏକ ପାକିସ୍ତାନୀ ନାଗରିକଙ୍କ ସହ ଟଙ୍କା କାରବାର କରିଥିବା ବେଳେ ଏନେଇ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

# ଏଏସ୍ଆଇଙ୍କୁ ନିଲମ୍ବନ କଲେ ଏସ୍‌ପି

**ପୋଲିସ ଆକ୍ରମଣରେ ଦୋକାନୀ ଆହତ ଘଟଣା**

ରାଜନଗର, ୩୦।୯
(ଭାସ୍କର ରାଉତରାୟ)

ବିନା କାରଣରେ ଜଣେ ଦୋକାନୀଙ୍କୁ ଦୋକାନରୁ ଭିଡ଼ି ଆଣି ମାଡ଼ ମାରିବା ଘଟଣା କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନାର ଏଏସ୍ଆଇଙ୍କୁ ମହଙ୍ଗା ପଡ଼ିଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ନରେନ୍ଦ୍ର କୁମାର ସିଂଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବାବେଳେ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି।

ଅଭିଯୋଗ ମୁତାବକ, ଗତ ୨୮ତାରିଖ ରାତିରେ ଏଏସ୍ଆଇ ନରେନ୍ଦ୍ର ସିଂ ପାଟ୍ରୋଲିଂ କରୁଥିଲେ। ପାଟ୍ରୋଲିଂ ଭ୍ୟାନ୍ କଣ୍ଡିରା ପଞ୍ଚାୟତ ଜଳିଛକରେ ପହଞ୍ଚିବା ପରେ ସେଠାରେ ଚା'ପାନ ଦୋକାନ କରିଥିବା ପ୍ରମୋଦ ବିଶ୍ୱାଳଙ୍କୁ ଏଏସ୍ଆଇ ନରେନ୍ଦ୍ର ଜଣେ ଯୁବକଙ୍କ ଠିକଣା ପଚାରିଥିଲେ। ତେବେ ଉକ୍ତ ଠିକଣା ଭୁଲ୍ ବୋଲି ନରେନ୍ଦ୍ର ଜାଣିବାକୁ ପାଇଥିଲେ। କାହିଁକି ଠିକଣା ଭୁଲ ଦେଲ ବୋଲି କହି ପ୍ରମୋଦଙ୍କୁ ଏଏସ୍ଆଇ ନରେନ୍ଦ୍ର ଦୋକାନ ଭିତରୁ ଟାଣି ଆଣି ନିସ୍ତୁକ ମାଡ଼ ମାରିବା ସହ ରାସ୍ତା ଉପରେ ଫୋପାଡ଼ି ଦେଇ ଚାଲି ଯାଇଥିଲେ। ପୋଲିସ ମାଡ଼ରେ ଗୁରୁତର ପ୍ରମୋଦଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୋଲିସ ଏଏସ୍ଆଇଙ୍କ ଏଭଳି ଆକ୍ରମଣ ବିରୋଧରେ ପ୍ରମୋଦ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ପ୍ରମୋଦଙ୍କ ଅଭିଯୋଗ ଆଧାରରେ ରବିବାର ରାତିରେ ଏଏସ୍ଆଇ ନରେନ୍ଦ୍ରଙ୍କ ନାମରେ ରାଜନଗର ଥାନାରେ ବିଏନ୍‌ଏସ୍ ଦଫା ୨୯୬, ୩୫୧, ୧୧୫(୨)ରେ ଏକ ମାମଲା(ନଂ.୩୭୭/୨୪) ରୁଜୁ ହୋଇଥିଲା। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ସୋମବାର ସକାଳେ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ଓ ଆଇଆଇସି ଅଜୟ କୁମାର ଜେନା ତଦନ୍ତ କରିଥିଲେ। ଏସ୍‌ଡିପିଓ ପଣ୍ଡା ମାଡ଼ ମାରିଥିବା ଏଏସ୍ଆଇଙ୍କ ସମେତ ପୋଲିସ ଭ୍ୟାନରେ ଯାଇଥିବା ଅନ୍ୟ କର୍ମଚାରୀଙ୍କୁ ପଚରା ଉଚରା କରିଥିଲେ। ପରେ ଏ ସମ୍ପର୍କିତ ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଏସ୍‌ପି ସିଦ୍ଧାର୍ଥ କଟରିଆ ଏଏସ୍ଆଇ ନରେନ୍ଦ୍ରଙ୍କୁ ନିଲମ୍ବିତ କରିଥିବା ଆଇଆଇସି ଜେନା ସୂଚନା ଦେଇଛନ୍ତି।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

କୋଦଳା,୩୦।୯
(ଅମିତ କୁମାର ପଟ୍ଟନାୟକ)

ଏକ ହତ୍ୟା ମାମଲାର ବିଚାର କରି କୋଦଳା ଅତିରିକ୍ତ ଜିଲା ବିଚାରପତି ବିଶ୍ୱରଞ୍ଜନ ବେହେରା ସୋମବାର ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ସ୍ୱାମୀ ହେଲେ ଧରାକୋଟ ଥାନା ଅନ୍ତର୍ଗତ ପୋଡ଼ାପଲ୍ଲୀ ଗ୍ରାମର ଶଙ୍କର ନାୟକ। ତାଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏଥିରେ ସମ୍ପୃକ୍ତ ଅନ୍ୟଜଣେ ମହିଳା ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ମାମଲାର ବିବରଣୀରୁ ଜଣାପଡିଛି, ଶଙ୍କର ଏବଂ ତାଙ୍କ ସ୍ତ୍ରୀ ଲିଲି କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅର୍ଜ୍ଜୁନପଲ୍ଲୀ ଗ୍ରାମରେ ଏକ ଇଟାଭାଟିରେ କାମ କରିବାକୁ ଆସିଥିଲେ। ସେଠାରେ ଗତ ୧୦।୨।୨୦୨୧ରେ ଶଙ୍କର ଏବଂ ଅନ୍ୟଜଣେ ମହିଳା ମିଶି ଲିଲିଙ୍କୁ ହତ୍ୟା କରି ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ କବିସୂର୍ଯ୍ୟନଗର ଥାନାରେ (ନଂ.୩୮/୨୧) ଆଇପିସି ଦଫା ୩୦୨, ୨୦୧, ୩୪ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସେବେଠାରୁ ଉକ୍ତ ମାମଲା କୋଦଳା ଅତିରିକ୍ତ ଜିଲା ବିଚାରାଳୟରେ ବିଚାରାଧୀନ ଥିଲା। ମାମଲା ଏସ୍‌ଟି ୩୬/୨୧ ଅନୁସାରେ ୧୮ଜଣଙ୍କ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଅଭିଯୁକ୍ତ ଶଙ୍କରଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ସୁବାସଚନ୍ଦ୍ର ସାହୁ ମାମଲା ପରିଚାଳନା କରୁଥିଲେ।

# ସନ୍ଦେହ ଘେରରେ ପୋଲିସ କାର୍ଯ୍ୟାନୁଷ୍ଠାନ

**ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ ଘଟଣା**

ଫୁଲବାଣୀ, ୩୦।୯(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଡାଙ୍ଗଣାମୁ ଘାଟି ରାସ୍ତାରେ ଗତ ୨୬ ତାରିଖରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବେହେରାପଡ଼ା ଗ୍ରାମର ଜ୍ୟେଷ୍ଠ ବଣ୍ଡିଙ୍କୁ ହତ୍ୟା କରାଯିବା ଏବଂ ୨ଦିନ ପରେ ତାଙ୍କ ମୃତଦେହ ରାସ୍ତା ପାର୍ଶ୍ୱରୁ ଜବତ କରାଯିବା ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହି ଘଟଣାରେ ପୋଲିସର ସମ୍ପୃକ୍ତି ଥିବା ମୃତକଙ୍କ ସ୍ତ୍ରୀ ସୁମନ୍ତି ବଣ୍ଡକି ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ମଚାରୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୋଲିସ ଉଦ୍ୟମ କରୁଥିବା ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ହାତରୁ ଖସି ଯାଇଥିବା ଦାଶରଥି ଦିଗାଲଙ୍କ ବୟାନ ରେକର୍ଡ ହୋଇପାରି ନାହିଁ। ତାଙ୍କ ବୟାନ ନେବା ପରେ ଘଟଣାର ତଦନ୍ତ ସରିବ। ଘଟଣାରେ ଯାହାର ସମ୍ପୃକ୍ତି ଥିବ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କହିଛନ୍ତି।

ଜ୍ୟେଷ୍ଠ ତାଙ୍କର ଜଣେ ସହଯୋଗୀ ମାର୍ଡୋଲ ଗ୍ରାମର ଦାଶରଥିଙ୍କ ସହ ଗତ ୨୬ ତାରିଖ ସକାଳ ୭ଟାରେ ଗୋଛାପଡା ଆସିଥିଲେ । ଦିନ ପ୍ରାୟ ସାଢ଼େ ୧୨ଟାରେ ତାଙ୍କ ସ୍ତ୍ରୀ ସୁମନ୍ତି ଫୋନ କରିବାରୁ ମୋତେ ପୋଲିସ ଧରିଛି କହି ଜ୍ୟେଷ୍ଠ ଫୋନ କାଟି ଦେଇଥିଲେ । ସମ୍ପର୍କୀୟମାନେ ଏ ସମ୍ପର୍କରେ ଗୋଛାପଡ଼ା ଥାନାକୁ ପଚାରିବାରୁ ସେମାନେ କାହାରିକୁ ଗିରଫ କରି ନ ଥିବା କହିଥିଲେ । ତେବେ ସନ୍ଧ୍ୟାରେ ଥାନାକୁ ଯିବାରୁ ଗାଡ଼ି ଜବତ କରିଥିବା ପୋଲିସ କହିଥିଲା । ଦାଶରଥିଙ୍କୁ ଧରି ପୋଲିସ ଅଟକାଇଥିବା ସ୍ଥାନକୁ ଯାଇ ଖୋଜାଖୋଜି କରିବାରୁ ଜ୍ୟେଷ୍ଠଙ୍କ ମୃତଦେହ ମିଳିଥିଲା। ପରେ ସ୍ତ୍ରୀ ସୁମନ୍ତି ପୋଲିସ ତାଙ୍କ ସ୍ୱାମୀଙ୍କୁ ମାରି ଦେଇଥିବା ନେଇ ଗୋଛାପଡା ଥାନାରେ ଏତଲା ଦେଇଥିଲେ। ପୋଲିସର ସମ୍ପୃକ୍ତି ଆସିବାରୁ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଡିଏସ୍‌ପି କମଳ ପଣ୍ଡା ପ୍ରମୁଖ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ମଧ୍ୟ ଶନିବାର ରାତିରେ ଗୋଛାପଡା ଥାନାକୁ ଯାଇ ଘଟଣାର ତଦନ୍ତ କରିଥିଲେ।

ଏବେ ତଦନ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍‌ଶୀଘ୍ର ସତ ପଦାକୁ ଆସିବ ବୋଲି ଏସ୍‌ପି ପାତ୍ର କହିଛନ୍ତି।

# ବ୍ୟାଙ୍କ ଆକାଉଣ୍ଟରୁ ୭.୭୮ ଲକ୍ଷ ଗାଏବ

**ସାଇବର ଠକେଇ ଅଭିଯୋଗ**

ପାପଡାହାଣ୍ଡି, ୩୦।୯
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ଅନ୍ତର୍ଗତ ପାଇକ କୋଡ୍ରା ଗ୍ରାମର କିଶୋର ଚନ୍ଦ୍ର ହରିଜନଙ୍କ ୨ଟି ବ୍ୟାଙ୍କ ଆଉଣ୍ଟରୁ ୭ ଲକ୍ଷ ୭୮ ହଜାର ଟଙ୍କା ଗାୟବ ହୋଇଯାଇଛି। ସୋମବାର କିଶୋର ପାପଡାହାଣ୍ଡି ବ୍ୟାଙ୍କକୁ ଯାଇ ଖାତା ଯାଞ୍ଚ କରିବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣି ମୈଦଲପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଏହା ସାଇବର ସମ୍ବନ୍ଧୀୟ ଘଟଣା ହୋଇଥିବା ଯୋଗୁ କୋରାପୁଟ ଯାଇ ମାମଲା ଦେବାକୁ କହିଥିଲେ। ସେ ମଙ୍ଗଳବାର ସାଇବର ଥାନାରେ ଜଣାଇବେ ବୋଲି କହିଛନ୍ତି। ଅଭିଯୋଗ ପ୍ରକାରେ କିଶୋରଙ୍କ ପାପଡାହାଣ୍ଡି ଏସ୍‌ବିଆଇ ଓ ୟୁନିୟନ ବ୍ୟାଙ୍କରେ ଦୁଇଟି ଆକାଉଣ୍ଟ ରହିଛି ।ଏହି ଦୁଇ ଆକାଉଣ୍ଟରୁ ଚଳିତ ମାସ ୨୨ରୁ ୨୯ ତାରିଖ ଭିତରେ ୭ ଲକ୍ଷ ୭୮ ହଜାର ଟଙ୍କା କଟିଥିବା ଅଭିଯୋଗ ହୋଇଛି । ଏସ୍‌ବିଆଇ ଖାତାରୁ ୪୮୯୭୬୩୧୬


ଠକେଇ ଶିକାର ହୋଇଥିବା କିଶୋର ।

୨୦୯୧/୯୨/୯୩ ନମ୍ବରରେ ୩ ଲକ୍ଷ ୭୮ ହଜାର ଟଙ୍କା ପ୍ରାୟ ୩୦ ଥର ଉଠାଯାଇଛି ଏବଂ ୟୁନିୟନ ବ୍ୟାଙ୍କ ଖାତାରୁ ୟୁପିଆଇଏଆର/୪୨୭୦୦୪୫୫୭/ଓଆର ନଂରେ ୮ ଥର ପ୍ରାୟ ୪ ଲକ୍ଷ ଟଙ୍କା ଉଠାଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ଲକ୍ଷାଧିକ ଟଙ୍କା ସାଇବର ଠକେଇ ହୋଇଥିବାରୁ କିଶୋର ଚିନ୍ତାରେ ରହିଛନ୍ତି ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ କଳା କୋଇଲି କଳା**
**କଳା କଜଳପାତି**
**ହାଣ୍ଡି କଳା ବୋଇତ କଳା**
**କଳା ରାଜାଙ୍କ ହାତୀ।**

ପ୍ରତ୍ୟେକ ରଙ୍ଗର କିଛି ନା କିଛି ବିଶେଷତ୍ୱ ରହିଛି। କଳା ରଙ୍ଗରେ ବିମଣ୍ଡିତ କେତେକ ପଶୁପକ୍ଷୀ, ବ୍ୟବହାର୍ଯ୍ୟ ଦ୍ରବ୍ୟ ଏବଂ ଯାନର ସୂଚନା ଏଠାରେ ପ୍ରଦାନ କରାଯିବା ସହ କଳା ରଙ୍ଗର ଶ୍ରେଷ୍ଠତ୍ୱକୁ ଏଠାରେ ପ୍ରତିପାଦନ କରାଯାଇଛି।

**କେତେ ଥାନାବାଲା ଗଲେଣି**
**ଫାଣ୍ଡି ପଡ଼ି ରହିଛି,**
**କେତେ ରାଜା ଏଠୁ ଗଲେଣି**
**ସିଂହାସନ ପଡ଼ିଛି ।**

ପଦ ଓ ଆସନ ଖାଲି ପଡ଼େ ନାହିଁ। ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଙ୍କୃତ କରିଥାନ୍ତି। ପଦବୀଧାରୀ ପରିବର୍ତ୍ତିତ ହୁଏ, କିନ୍ତୁ ପଦାସନ ଯେମିତି ଅଛି ସେମିତି ପଡ଼ିରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଦୋଷୀଙ୍କୁ ୨୦ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

**ପୀଡ଼ିତାଙ୍କୁ ୫ ଲକ୍ଷ ଦେବାକୁ ନିର୍ଦ୍ଦେଶ**

ବ୍ରହ୍ମପୁର,୩୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତୀ ପଟ୍ଟନାୟକ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଖଲ୍ଲିକୋଟ ଥାନା କେନ୍ଦୁପାଟ ଗାଁର ପ୍ରଶାନ୍ତ ନାହାକ(୩୦)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ଖଲ୍ଲିକୋଟ ଅଞ୍ଚଳର ଏକ ପରିବାର ଆନ୍ଧ୍ର ପ୍ରଦେଶରେ କାମ କରି ସେଠାରେ ରହୁଥିଲେ। ସେଠାରେ କେନ୍ଦୁପାଟ ଗ୍ରାମର ଛଇଳ ନାହାକ ଓ ତାଙ୍କ ପୁଅ ପ୍ରଶାନ୍ତ ମଧ୍ୟ ରହୁଥିଲେ। ପ୍ରଶାନ୍ତ ସମ୍ପୃକ୍ତ ପରିବାରର ଜଣେ ନାବାଳିକାଙ୍କ ସହ ସମ୍ପର୍କ ରଖିଥିଲେ। ପୀଡିତାଙ୍କ ପରିବାର ଏହା ଜାଣିପାରି ନ ଥିଲେ। ୨୦୨୨ ମେ ୩ ତାରିଖରେ ଉକ୍ତ ପରିବାର ନିଜ ଗାଁକୁ ଫେରିଥିଲେ। ସେହି ମାସ ୧୪ ତାରିଖରେ ଗାଁରେ ଯଜ୍ଞ ଚାଲିଥିବାବେଳେ ନାବାଳିକା ଜଣକ ଘରେ ଏକାକୀ ଥିଲେ। ପ୍ରଶାନ୍ତ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପରିବାର ଲୋକଙ୍କୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରିଲା ପରେ ପୀଡିତା ସବୁକଥା ତାଙ୍କ ମା'ଙ୍କୁ କହିଥିଲେ। ପରେ ପୀଡିତାଙ୍କ ବାପା ପ୍ରଶାନ୍ତଙ୍କ ଘରକୁ ଯାଇ ତାଙ୍କ ଝିଅକୁ ବିବାହ କରିବାକୁ କହିଥିଲେ। ହେଲେ ସେଠାରେ ପ୍ରଶାନ୍ତ ଓ ପରିବାର ଲୋକ ବିଭିନ୍ନ ଧମକ ଦେଇ ଫେରାଇ ଦେଇଥିଲେ। ପୀଡିତାଙ୍କ ମା' ୨୦୨୨ ଜୁନ ୧ ତାରିଖରେ ଖଲ୍ଲିକୋଟ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୯/୨୨ରେ ମାମଲା ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ତତ୍କାଳୀନ ଥାନା ଏସ୍ଆଇ ତଥା ତଦନ୍ତ ଅଧିକାରୀ ଦେବାଶିଷ ମିଶ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୧୦ ମାସ ପରେ ପ୍ରଶାନ୍ତଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୨ ଶ୍ରମିକଙ୍କୁ ଉଲଗ୍ନ କରି ମାଡ଼ ଅଭିଯୋଗ

## ୩ଦିନ ହେଲା ମାମଲା ରୁଜୁ, ଅଭିଯୁକ୍ତ ଗିରଫ ହେଲେନି

ଢେଙ୍କାନାଳ,୩୦।୯(ରତନ ନାୟାର)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳରେ ଥିବା ଏକ କମ୍ପାନୀ ପରିସରରେ ୨ ଜଣ ଶ୍ରମିକଙ୍କୁ ଉଲଗ୍ନ କରି ନିସ୍ତୁକ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ୩ଦିନ ତଳେ ଏ ନେଇ ଥାନାରେ ଅଭିଯୋଗ ଓ ମାମଲା ରୁଜୁ ହୋଇଥିଲେ ହେଁ ଏଯାଏ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ଅଭିଯୋଗରୁ ପ୍ରକାଶ, କମ୍ପାନୀର ଜଣେ ସୁରକ୍ଷା କର୍ମଚାରୀ ଓ ଗାଡ଼ି ଚାଳକ ମିଶି ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକ ନିମିଧା ଗ୍ରାମର ନିଲୁ ନାଏକ ଓ ଦିଲୁ ନାଏକଙ୍କୁ ପ୍ୟାଣ୍ଟ, ସାର୍ଟ ଖୋଲି ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ୨ ଶ୍ରମିକ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ସମ୍ପର୍କୀୟ ଅଶେଷ ନାଏକ ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ଅଭିଯୋଗ କରିବା ପରେ ଥାନାରେ ନଂ. ୩୯୦।୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ କହିଛନ୍ତି, ୩ଦିନ ତଳେ ଅଭିଯୋଗକୁ ଭତ୍ତିକରି ଥାନାରେ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇନି। ମାଡ଼ ମରାଯିବାର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମିତି ସଭ୍ୟ, ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ

**ବ୍ଲକ କାର୍ଯ୍ୟାଳୟ ପାଲଟିଲା ରଣକ୍ଷେତ୍ର**

ପୁରୁଷୋତ୍ତମପୁର,୩୦।୯(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟ ସୋମବାର ରଣକ୍ଷେତ୍ର ପାଲଟିଛି। ଭୀମପୁର ପଞ୍ଚାୟତ ଚାଟମୁଣ୍ଡୁଳୀ ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣକୁ ନେଇ ଯନ୍ତ୍ରୀଙ୍କ ପ୍ରକୋଷ୍ଠରେ ସମିତିସଭ୍ୟ ଜଗନ୍ନାଥ ପାତ୍ର ଓ ତାଙ୍କ ବିପକ୍ଷ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। କାର୍ଯ୍ୟାଳୟ ଭିତରେ ଏପରି ଅଭାବନୀୟ ଘଟଣାକୁ ଦେଖି ଦୂରଦୂରାନ୍ତରୁ ନିଜ କାମ ପାଇଁ ଆସିଥିବା ଲୋକେ ଭୟଭୀତ ହୋଇ ନିରାଶରେ ଫେରି ଯାଇଛନ୍ତି। ଏଭଳି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ତୁରନ୍ତ ପ୍ରଶାସନ ଏବଂ ପୋଲିସ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଉଭୟ ପକ୍ଷର ଅଭିଯୋଗକ୍ରମେ ପୃଥକ ଦୁଇଟି ମାମଲା ରୁଜୁ ହୋଇଛି।

କୋଳାସିଙ୍ଗିର ନିଗମାନନ୍ଦ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ବ୍ଲକରେ ତାଙ୍କୁ ସମିତି ସଭ୍ୟ ଜଗନ୍ନାଥ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହା ଦେଖି ପାଖରେ ଥିବା ଲୋକେ ତାଙ୍କୁ ରକ୍ଷା କରିଥିଲେ। ଏ ନେଇ ପୋଲିସ ନଂ. ୬୩୧/୨୪ରେ ମାମଲା ରୁଜୁ କରିଛି। ସେହିପରି ସମିତି ସଭ୍ୟ ଜଗନ୍ନାଥ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ କନିଷ୍ଠ ଯନ୍ତ୍ରୀଙ୍କ ନିକଟକୁ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ଲାଗି ଯାଇଥିବାବେଳେ ସେଠାରେ ନିଗମାନନ୍ଦଙ୍କ ସମେତ କୋଳାସିଙ୍ଗିର ଭଗବାନ ସାହୁ ଓ ଚାଟମୁଣ୍ଡୁଳୀ ଗ୍ରାମର ପଙ୍କଜ ପ୍ରଧାନ, ସୁରେନ୍ଦ୍ର ପଣ୍ଡା ଥିଲେ। ଚାଟମୁଣ୍ଡୁଳୀ ପ୍ରାଥମିକ ବିଦ୍ୟାଳୟ କାମ କରିଥିବାରୁ ନିଗମାନନ୍ଦ ଗାଳି କରି ହଠାତ ମାଡ଼ ମାରିଥିଲେ। ତାଙ୍କ ସହ ଥିବା ଅନ୍ୟମାନେ ମଧ୍ୟ ଆକ୍ରମଣ କରିଛନ୍ତି ବୋଲି ଜଗନ୍ନାଥ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସ ନଂ. ୬୩୨/୨୪ରେ ମାମଲା ରୁଜୁ କରିଛି। ଉଭୟ ପକ୍ଷଙ୍କ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୁଷୋତ୍ତମପୁର ଥାନା ଏସ୍ଆଇ ରାଜେଶ କୁମାର ଛତ୍ରିୟା କହିଛନ୍ତି।

# ଆଣ୍ଟି ରାଗିଂ ସେଲ୍, ପୋଲିସର ତଦନ୍ତ ଆରମ୍ଭ

**କଲେଜ ଛାତ୍ରଙ୍କୁ ୩ ମହଲା କୋଠାରୁ ଠେଲିଦେବା ଘଟଣା**

ଭବାନୀପାଟଣା,୩୦।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନିପୁର ନିକଟ ବିନାୟକ ଆବାସିକ କଲେଜର ଜଣେ ଛାତ୍ରଙ୍କୁ ୩ମହଲା କୋଠାରୁ ଠେଲିଦେବା ଘଟଣାର ଆଣ୍ଟି ରାଗିଂ ସେଲ୍ ଓ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ରବିବାର ରାତିରେ ଏହି ଘଟଣା ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଆହତ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଗୋଡ଼ ଓ ଅଣ୍ଟାରେ ଆଘାତ ଲାଗିଛି। ଛାତ୍ରଙ୍କ ନାମ ଅଙ୍କେଶ ବାଗ ଓ ସେ ଯୁକ୍ତ ୨ ଦ୍ୱିତୀୟ ବର୍ଷର (କଳା) ଛାତ୍ର ବୋଲି ଜଣାପଡ଼ିଛି। ଖବର ପାଇ କଲେଜ କର୍ମଚାରୀ ପହଞ୍ଚିବା ପରେ ଗୁରୁତର ଛାତ୍ରଙ୍କ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ହେବାରୁ ଚିକିତ୍ସାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଙ୍କେଶଙ୍କ କହିବା ଅନୁଯାୟୀ ସହପାଠୀମାନେ ବିଭିନ୍ନ ସମୟରେ ରାଗିଂ କରି ମାଡ଼ ମାରନ୍ତି। ରବିବାର ରାତିରେ ମଧ୍ୟ ୯ ଜଣ ଛାତ୍ର କ୍ଲାସ୍‌ରେ ମାଡ଼ ମାରି ତିନିମହଲା କୋଠାରୁ ଠେଲି ଦେଇଥିବା ସେ କହିଛନ୍ତି। ସେହିପରି ପୂର୍ବରୁ ମଧ୍ୟ ତାଙ୍କ ପୁଅକୁ ଉକ୍ତ ଛାତ୍ରମାନେ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ମା' ବିମଳା ବାଗ। ତଦନ୍ତ କରି ସଂପୃକ୍ତ ଛାତ୍ରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ ନଳିନୀ କାନ୍ତ ଦାଶଙ୍କୁ ପଚାରିବାରୁ କଲେଜର ଆଣ୍ଟି ରାଗିଂ ସେଲ ଏହାର ତଦନ୍ତ କରୁଛି। ଏଥିରେ ଦୋଷୀ ଜଣାପଡିଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ, ଛାତ୍ରଙ୍କ ବାପା କମଳ ବାଗ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ଏକ ମାମଲା (ନଂ.୪୦୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଥାନା ଆଇଆଇସି ନରେଶ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବିନାୟକ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ତଦନ୍ତ କରିଛି। ଏହି ସମୟରେ କଲେଜ ଛାତ୍ର, କର୍ମଚାରୀଙ୍କ ସହ ଟିମ୍ ଆଲୋଚନା କରିଛି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଙ୍କେଶଙ୍କ ଚିକିତ୍ସା ଚାଲିଛି।

# ଦିନକରେ ନିବେଶକ ହରାଇଲେ ୩.୫ ଲକ୍ଷ କୋଟି

■ସେନ୍‌ସେକ୍ସ ୧୩୦୦ ପଏଣ୍ଟ
■୨୫,୮୦୦ ଅଙ୍କ ଉପରେ ନିଫ୍ଟି



ମୁମ୍ବାଇ,୩୦।୯

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ସାଙ୍ଗକୁ ଦରବୃଦ୍ଧି ଜନିତ ମାନ୍ଦାବସ୍ଥାର ପ୍ରଭାବ ଭାରତୀୟ ପୁଞ୍ଜି ବଜାରର କାରବାର ଉପରେ ବଡଧରଣର ପଡିଛି। ଫଳରେ ଘରୋଇ ଶେୟାର ବଜାରର ନିବେଶକମାନେ ଏକ ବୃହତ କ୍ଷତି ସହିଛନ୍ତି। ଏପରିକି ଦିନକରେ ଶେୟାର ବଜାର ନିବେଶକ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୭୭.୯ ଲକ୍ଷ କୋଟି ଥିଲା। ସୋମବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୩.୫ ଲକ୍ଷ କୋଟି ହ୍ରାସ ହୋଇ ୪୭୪.୪ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ବଡ ହ୍ରାସ ଘଟିଛି। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସ ପ୍ରାୟ ୧୩୦୦ ( ୧୨୭୨.୦୭) ପଏଣ୍ଟ ହ୍ରାସ ଘଟି ୮୪, ୨୯୯,୭୮ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ମଧ କାରବାର ୧.୪୧% କମି ୨୫,୮୧୧ (୨୫,୮୧୦.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ମିଡକ୍ୟାପର କାରବାର ୦.୮୧% କମି ୪୯,୦୮୬.୭୮ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପର କାରବାର ୦.୭୫% ହ୍ରାସ ଘଟି ୫୬,୬୬୨.୪୬ ଅଙ୍କରେ ରହିଛି। ସେହିଭଳି ନିଫ୍ଟି ମିଡକ୍ୟାପ କାରବାର ୦.୩୮% କମି ୬୦,୧୫୩.୮୦ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୦.୨୬% ହ୍ରାସ ଘଟି ୯୨୦୬.୮୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୧.୫୯% କମି ୫୨,୯୭୮.୧୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୨୭୨ (୧୨୭୨.୦୭) ପଏଣ୍ଟ କମି ୮୪,୩୦୦(୮୪,୨୯୯.୭୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୬୮ (୩୬୮.୧୦) ପଏଣ୍ଟ ହ୍ରାସ ଘଟି ୨୫,୮୧୧ (୨୫,୮୧୦.୮୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## କଳାମନ୍ଦିରକୁ ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା ପୁରସ୍କାର



ଭୁବନେଶ୍ୱର,୩୦।୯

ରାଜ୍ୟର ଅଗ୍ରଣୀ ଫ୍ୟାଶନ ଶୋ'ରୁମ୍ କଳାମନ୍ଦିରକୁ ନିକଟରେ ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା-୨୦୨୪ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାମନ୍ଦିରର ପରିଚାଳନା ନିର୍ଦ୍ଦେଶକ ରାଜିନ୍ଦର ସିଂଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, କଳାମନ୍ଦିର ଫ୍ୟାଶନ ଶୋ'ରୁମ୍ ଗ୍ରାହକମାନଙ୍କ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

## ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ଓପୋ ୧ନମ୍ବର

ଭୁବନେଶ୍ୱର,୩୦।୯

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଭାରତର ଶୀର୍ଷ ସ୍ମାର୍ଟଫୋନ୍ ବ୍ରାଣ୍ଡଗୁଡିକ ମଧ୍ୟରେ ଏକ ସର୍ବେକ୍ଷଣ କରିଥିଲାବେଳେ ସେମାନଙ୍କର ବିକ୍ରି-ପରବର୍ତ୍ତୀ ସେବା ଅନୁଭୂତିକୁ ଜାଣିବା ପାଇଁ ୨୦୦୦ରୁ ଅଧିକ ଗ୍ରାହକଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା। ଏହି ସର୍ଭେ ଚଳିତ ବର୍ଷ ଅଗଷ୍ଟରେ ଦେଶର ପ୍ରମୁଖ ୧୩ଟି ଟିୟର-୧ ଓ ଟିୟର୨ ସହରର ଓପୋ ଇଣ୍ଡିଆ, ରିଅଲ୍‌ମି, ସାମ୍‌ସଙ୍ଗ, ଭିଭୋ ଓ ସାଓମିର ଗ୍ରାହକଙ୍କ ମଧ୍ୟରେ ପରିଚାଳନା କରାଯାଇଥିଲା। ସେହିଭଳି ଅତୁଳନୀୟ ବିକ୍ରି ପରବର୍ତ୍ତୀ ସେବା ଅନୁଭୂତି ଓ ପ୍ରତିବଦ୍ଧତା ପାଇଁ ଓପୋ ଇଣ୍ଡିଆ ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ୧ନମ୍ବର ସ୍ଥାନ ହାସଲ କରିଥିବାବେଳେ ବ୍ରାଣ୍ଡର ୬୨% ଗ୍ରାହକ ନିଜର ଇନ୍ ଷ୍ଟୋର୍ ବିକ୍ରି ପରବର୍ତ୍ତୀ ସେବାକୁ 'ଅତ୍ୟଧିକ ସନ୍ତୋଷଜନକ'ବୋଲି ରେଟିଂ ଦେଇଛନ୍ତି। ସେହିପରି ଓପୋ ଇଣ୍ଡିଆ ମରାମତି ଗୁଣବତ୍ତା, ଖର୍ଚ୍ଚ, ସମସ୍ୟା ସମାଧାନର ବେଗ, ସ୍ୱଚ୍ଛତା, କର୍ମଚାରୀ ଅଭିଜ୍ଞତା ଓ ବହୁଭାଷୀୟ ଯୋଗାଯୋଗ ଭଳି ପ୍ରମୁଖ କ୍ଷେତ୍ରଗୁଡିକରେ 'ଅତ୍ୟଧିକ ସନ୍ତୁଷ୍ଟ' ଗ୍ରାହକଙ୍କ ସହିତ ଏକ ଫ୍ରଣ୍ଟ ରନର୍ ଭାବେ ଉଭା ହୋଇଛି। ଏପରିକି ବିକ୍ରି ପରବର୍ତ୍ତୀ ସେବା କ୍ଷେତ୍ରରେ ଭିଭୋ ଓ ସାମ୍‌ସଙ୍ଗର ସ୍ଥାନ ଯଥାକ୍ରମେ ୫୮% ଓ ୫୭% ରହିଥିଲା। ଏପରିକି ୭୮% ମରାମତି କାର୍ଯ୍ୟ ଗ୍ରାହକଙ୍କ ଉପସ୍ଥିତିରେ କରାଯିବା ସହିତ ସ୍ୱଚ୍ଛତା କ୍ଷେତ୍ରରେ ଓପୋ ଇଣ୍ଡିଆ ଆଗରେ ଥିଲାବେଳେ ୭୭% ସହ ସାଓମି ୨ୟ ସ୍ଥାନରେ ରହିଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆ ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡି'ସୁଜା କହିଛନ୍ତି, ଆମେ ସର୍ଭିସ୍ ସେଣ୍ଟର ୩.୦ ଓ ଓପୋ ସେଲ୍ଫ-ହେଲ୍ପ ଆସିଷ୍ଟାଣ୍ଟ ଭଳି ପଦକ୍ଷେପଗୁଡିକ ମାଧ୍ୟମରେ ଆମର ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମର ବିକ୍ରି ପରବର୍ତ୍ତୀ ସେବା ମଡେଲକୁ ପରିବର୍ତ୍ତନ କରିଛୁ। ଏପରିକି ବିକ୍ରି ପରବର୍ତ୍ତୀ ସେବା ପାଇଁ ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ଭାରତରେ ଏକ ନମ୍ବର ବ୍ରାଣ୍ଡ ଭାବେ ସ୍ୱୀକୃତି ପାଇବା, ଆମର ଉପଭୋକ୍ତାଙ୍କୁ ଏକ ସମୟାନୁବର୍ତ୍ତୀ, ସ୍ୱଚ୍ଛତା, ନିର୍ଭରଯୋଗ୍ୟ ଓ ମୂଲ୍ୟ ସାପେକ୍ଷ ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ପ୍ରୟାସଗୁଡିକର ଏକ ବୈଧତା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଗ୍ରାହକଙ୍କୁ ଉତ୍କୃଷ୍ଟ ସେବା ଯୋଗାଇବ ବ୍ୟାଙ୍କ



ଭୁବନେଶ୍ୱର, ୩୦।୯ (ଅଭୟ ଦାଶ)

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ବା ପିଏନ୍‌ବି ସମ୍ବଲପୁର ମଣ୍ଡଳ ପକ୍ଷରୁ ଏକ ଗ୍ରାହକ ସମ୍ମିଳନୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ରାଜେଶ କୁମାର ବ୍ୟାଙ୍କର ଗ୍ରାହକମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବାର ଗୁଣବତ୍ତା, ଗ୍ରାହକଙ୍କ ସୁବିଧା, ଅସୁବିଧା ଏବଂ ଭବିଷ୍ୟତରେ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ କରାଇବା ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ବ୍ୟାଙ୍କର ପୁରୁଣା ଓ ପ୍ରତିଷ୍ଠିତ ଗ୍ରାହକମାନଙ୍କୁ ସମ୍ମାନ ଜଣାଇ ରାଜେଶ କୁମାର ବ୍ୟାଙ୍କ ତା'ର ଗ୍ରାହକମାନଙ୍କୁ ଉତ୍କୃଷ୍ଟ ଗ୍ରାହକ ସେବା ଯୋଗାଇ ଦେବା (ଉପଲବ୍ଧ କରାଇବା) ପାଇଁ ପ୍ରତିବଦ୍ଧ ରହିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ସମାଜର ସମସ୍ତ ବର୍ଗର ଗ୍ରାହକଙ୍କ ପାଇଁ ନାନା ପ୍ରକାରର ଉତ୍ପାଦ ଉପଲବ୍ଧ ରହିଛି,ଯାହାର ଉପଯୋଗ ଦ୍ୱାରା ଶିକ୍ଷାର୍ଥୀ, କୃଷକ, ଉଦ୍ୟୋଗୀ ଓ ମହିଳା ଉଦ୍ୟୋଗୀମାନେ ଦେଶର ଆର୍ଥିକ ପରିସ୍ଥିତିକୁ ସୁଦୃଢ କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ପିଏନବି ଭୁବନେଶ୍ୱର ଅଞ୍ଚଳରଆଞ୍ଚଳିକପ୍ରବନ୍ଧକରାଜେଶକୁମାର ନିକଟରେ ଝାରସୁଗୁଡ଼ା ଗସ୍ତ କରିଥିଲେ।

## ସିଜେ ଡାର୍ସଲ୍ ସହ ଜେଏସ୍‌ଏଲ୍‌ର ବୁଝାମଣା

ଭୁବନେଶ୍ୱର,୩୦।୯



ଅଭ୍ୟୁଦୟ ଜିନ୍ଦଲ

ଭାରତର ଅନ୍ୟତମ ଅଗ୍ରଣୀ ଲଜିଷ୍ଟିକ୍ ପ୍ରଦାନକାରୀ ସିଜେ ଡାର୍ସଲ୍ ଲଜିଷ୍ଟିକ୍ ଲିମିଟେଡ୍ ଏବଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ (ଜେଏସ୍‌ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଚ୍ଚ ଶକ୍ତି ବିଶିଷ୍ଟ ଜେଟି ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲରେ (ବିଆଇଏସ୍ ୬୯୯୧ ସ୍ପେସିଫିକେଶନ୍ ଅନୁଯାୟୀ ଏନ୍୭ ନାମରେ ପରିଚିତ) ନିର୍ମିତ ଏହି କଣ୍ଟେନରଗୁଡ଼ିକ ପଲିମର ବ୍ୟାଟେରି ଏବଂ ରବର ସମେତ ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଡିଜାଇନ୍ କରାଯାଇଛି। ଏ ସମ୍ପର୍କରେ ଜେଏସଏଲର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି,ଭାରତର ଅଭିବୃଦ୍ଧିଶୀଳ ଅର୍ଥନୀତିର ମୂଳଦୁଆ ସାଜିଥିବା ଲଜିଷ୍ଟିକ୍ କ୍ଷେତ୍ରରେ ସ୍ଥାୟତ୍ୱର ଆବଶ୍ୟକତା ରହିଛି। ଲଜିଷ୍ଟିକ୍ସ ଏବଂ ଗତିଶକ୍ତିରେ ଷ୍ଟେନଲେସ୍ ଷ୍ଟିଲ୍ ସମାଧାନ ଏକ ସବୁଜ ଭବିଷ୍ୟତ ଦିଗରେ ଏକ ଆଶାଜନକ ମାର୍ଗ ପ୍ରଶସ୍ତ କରିଛି। ଜେଟି ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲର ବ୍ୟବହାର କେବଳ କଣ୍ଟେନରର ଓଜନ ହ୍ରାସ କରେ ନାହିଁ ବରଂ ଇନ୍ଧନ ଦକ୍ଷତାରେ ଉନ୍ନତି ଆଣିଥାଏ। ସର୍ବନିମ୍ନ ରକ୍ଷଣାବେକ୍ଷଣ ସହିତ ଏକ ଦୀର୍ଘ ଜୀବନକାଳ ସୁନିଶ୍ଚିତ କରେ ଏବଂ ସର୍ବନିମ୍ନ କାର୍ବନ ଫୁଟପ୍ରିଣ୍ଟ ସହିତ ସବୁଠାରୁ ସ୍ଥାୟୀ ସମାଧାନ ପ୍ରଦାନ କରିଥାଏ। ସେହିଭଳି ସିଜେ ଡାର୍ସଲ ଲଜିଷ୍ଟିକ୍ସ ଲିମିଟେଡର ଅଧ୍ୟକ୍ଷ ପ୍ରଦୀପ ବଂଶଲ୍ କହିଛନ୍ତି, ଏହି ପଦକ୍ଷେପ ଷ୍ଟେନଲେସ୍ ଷ୍ଟିଲର ଶକ୍ତି, ହାଲୁକା ଓଜନ ଏବଂ ସ୍ଥାୟିତ୍ୱକୁ ଉପଯୋଗ କରି ଲଜିଷ୍ଟିକ୍ ଶିଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ସବୁଜ ଲଜିଷ୍ଟିକ୍ସର ଚାହିଦା ବୃଦ୍ଧି ପାଉଥିବାରୁ ଭାରତୀୟ ଲଜିଷ୍ଟିକ୍ କ୍ଷେତ୍ର ସଷ୍ଟେନେବଲ୍ ଅଭ୍ୟାସକୁ ଅଧିକରୁ ଅଧିକ ଆପଣେଇବାରେ ଲାଗିଛି।

## ୨୧୦୦୦ ଛାତ୍ରୀଙ୍କୁ ଛାତ୍ରବୃତ୍ତି ଦେବ ମାଲାବାର

ଭୁବନେଶ୍ୱର,୩୦।୯

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମାଲାବାର ଗ୍ରୁପ୍‌ର ଅଗ୍ରଣୀ ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ବହୁ ପ୍ରତୀକ୍ଷିତ 'ଛାତ୍ର ବୃତ୍ତି' କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ଭାରତ ଡାଇମଣ୍ଡ ବୋର୍ସ ବିକେସିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାଲାବାର ଜାତୀୟ ସ୍କଲାରଶିପ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି ବାଳିକାମାନଙ୍କ ଶିକ୍ଷାକୁ ସମର୍ଥନ କରିବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିବଦ୍ଧତାକୁ ଏହା ଦର୍ଶାଉଛି। ସେହିଭଳି ଏହି କାର୍ଯ୍ୟକ୍ରମକୁ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟଷ ଗୋୟଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଇଣ୍ଡିଆ ଅପରେଶନ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ଏବଂ ମାଲାବାର ଗ୍ରୁପ୍‌ର ଉପାଧ୍ୟକ୍ଷ ଅବଦୁଲ ସଲାମ କେପିଙ୍କ ସମେତ ଗ୍ରୁପ୍‌ର ଶୀର୍ଷ ନେତୃତ୍ୱ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ବର୍ଷ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଦ୍ୱାରା ସମଗ୍ର ଭାରତରେ ୨୧,୦୦୦ରୁ ଅଧିକ ଛାତ୍ରୀଙ୍କ ଶିକ୍ଷା ସହାୟତା କରିବା ପାଇଁ ୧୬ କୋଟି ଟଙ୍କା ପ୍ରଦାନ କରାଯିବାର ଯୋଜନା କରାଯାଇଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମପି ଅହମ୍ମଦ କହିଥିଲେ, ଶିକ୍ଷା ହେଉଛି ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଏପରିକି ଆମର ଛାତ୍ରବୃତ୍ତି କାର୍ଯ୍ୟକ୍ରମ ହେଉଛି, ମାଲାବାର ଗ୍ରୁପ୍‌ର ଗଭୀର ମୂଳ ବିଶ୍ୱାସର ପ୍ରତ୍ୟକ୍ଷ ପ୍ରତିଫଳନ। ଶିକ୍ଷା ସୁଯୋଗ ଦ୍ୱାରା ଖୋଲିଥାଏ ଏବଂ ଜୀବନକୁ ପରିବର୍ତନ କରିଥାଏ। ଆମେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିବନ୍ଧକ ହଟାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯାହାଦ୍ୱାରା ସେମାନେ ସେମାନଙ୍କର ଶିକ୍ଷାଗତ ଆକାଂକ୍ଷାକୁ ପୂରଣ କରିପାରିବେ ଏବଂ ସମାଜ ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବେ। ଆରମ୍ଭରୁ ମାଲାବାର ଗ୍ରୁପ୍ ନିଜର ସାମାଜିକ କଲ୍ୟାଣ କାର୍ଯ୍ୟକଳାପ ଜାରି ରଖିଛି। ୧୯୯୯ରେ ଏହି ପ୍ରୟାସକୁ ଗଠନ ଏବଂ ବିସ୍ତାର କରିବା ପାଇଁ ମାଲାବାର ଚାରିଟେବୁଲ ଟ୍ରଷ୍ଟ (ଏମସିଟି) ଗଠନ କରାଯାଇଥିଲା। ଗ୍ରୁପ୍ ଏହାର ଲାଭର ୫% ସିଏସଆର ପଦକ୍ଷେପ ପାଇଁ ଆବଂଟନ କରିଥାଏ, ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବେଶ ସ୍ଥିରତା ଏବଂ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ। ୨୦୦୭ରେ ଆରମ୍ଭ ହୋଇଥିବା ମାଲାବାର ଜାତୀୟ ସ୍କଲାରସିପ ପ୍ରୋଗ୍ରାମ ଏହାର ସିଏସଆର କାର୍ଯ୍ୟକ୍ରମର ଫ୍ଲାଗସିପ ପଦକ୍ଷେପ। ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୬୦କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ହୋଇ ସମଗ୍ର ଭାରତରେ ୯୫,୦୦୦ରୁ ଅଧିକ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବାଳିକାମାନଙ୍କ ଶିକ୍ଷା ଉପରେ ଧ୍ୟାନ ଦେଇ ମାଲାବାର ଗ୍ରୁପ୍ କେବଳ ବ୍ୟକ୍ତିବିଶେଷ ନୁହେଁ ସମଗ୍ର ଗୋଷ୍ଠୀକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛି। ଭବିଷ୍ୟତ ପିଢ଼ିର ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ଆବଶ୍ୟକ ସାଧନକୁ ଏହା ନିଶ୍ଚିତ କରିଛି।

## ବେଦାନ୍ତ ଲାଞ୍ଜିଗଡ଼ର ନୂତନ ଅଭିଯାନ

ଭୁବନେଶ୍ୱର,୩୦।୯



ଭାରତର ସ୍ମେଲଟର ଗ୍ରେଡ୍ ଆଲୁମିନା ଏବଂ ବେଦାନ୍ତ ଆଲୁମିନିୟମ୍‌ର ଏକ ଉତ୍ପାଦନକାରୀ ୟୁନିଟ୍ ବେଦାନ୍ତ ଲାଞ୍ଜିଗଡର ନୂତନ ଅଭିଯାନ 'ରନ୍ ଫର ଜିରୋ ହଙ୍ଗର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ଜରିଆରେ କମ୍ପାନୀ ୪ଲକ୍ଷରୁ ଅଧିକ ମିଲ୍ସ ଯୋଗାଇ ଦେଇଛି, ଯାହାକି ଦେଶରୁ ପୁଷ୍ଟିହୀନତା ଦୂର କରିବା ଦିଗରେ କମ୍ପାନୀର ପ୍ରୟାସର ଏକ ଅଂଶ ପାଲଟିଛି। ସେହିଭଳି ୨୦୨୪ ଅକ୍ଟୋବର ୨୦ରେ ବେଦାନ୍ତ ଦିଲ୍ଲୀ ଅର୍ଦ୍ଧ ମାରାଥନର ତୃତୀୟ ସଂସ୍କରଣ ସହିତ ଏହି ଅଭିଯାନ ଶେଷ ହେବ। ଚଳିତ ସଂସ୍କରଣରେ ବେଦାନ୍ତର କର୍ମଚାରୀ, ସ୍ଥାନୀୟ ତଥା କ୍ରୀଡ଼ା ଉତ୍ସାହୀମାନଙ୍କୁ ଏକତ୍ର କରି ସମଗ୍ର ଦେଶରେ ଏକ କୋଟି ଭୋଜନରେ ଯୋଗଦାନ କରିବାକୁ ଲକ୍ଷ ରଖିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀ ଏକ ମୋବାଇଲ୍ ଆପ୍ଲିକେଶନ୍ ମାଧ୍ୟମରେ ସେମାନଙ୍କର ଚାଲିବା କିଲୋମିଟରକୁ ତଦାରଖ କରିବେ। ପ୍ରତ୍ୟେକ କିଲୋମିଟର ଗୋଟିଏ ଭୋଜନ ସହିତ ସମାନ ହୋଇଥାଏ। ଏହି ଅଭିଯାନ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସହଭାଗୀ ପ୍ରୟାସରେ ଏକ ହେବାର ସୁଯୋଗ ପ୍ରଦାନ କରିଥାଏ, ଯେଉଁଥିରେ ୱାକାଥନ୍, ମିନି-ମାରାଥନ୍, ଐତିହ୍ୟ ପଦଯାତ୍ରା ଇତ୍ୟାଦି କାର୍ଯ୍ୟକଳାପ ସହିତ ଜଡିତ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା ପାଇଁ ଆମର ପ୍ରତିବଦ୍ଧତା ବେଦାନ୍ତ ଦିଲ୍ଲୀ ଅର୍ଦ୍ଧ ମାରାଥନର 'ଭୋଜନ ସମସ୍ତଙ୍କ ପାଇଁ ' ଲକ୍ଷ୍ୟ ସହିତ ସମାନ ରହିଛି। ଏପରିକି ଆମର ଚେୟାରମ୍ୟାନ୍‌ଙ୍କ ସହିତ ଆମେ ଗଭୀର ଭାବେ ସମନ୍ୱିତ ରହିଛୁ, ସମାନ ଭବିଷ୍ୟତ ଗଠନ ପାଇଁ ଅନିଲ ଅଗ୍ରୱାଲଙ୍କ ମିଶନ ଯାହାକି ଏକ ବିକାଶ ଭାରତର ଦର୍ଶନକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଆଜି, ସ୍ଥାୟୀ ଜୀବିକା ସୁଯୋଗ ଯୋଗୁଁ କାଳାହାଣ୍ଡିର ଲୋକମାନେ ଉନ୍ନତ ସାମାଜିକ-ଅର୍ଥନୈତିକ ଅବସ୍ଥା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଅପରପକ୍ଷେ, ଏହି ଜିଲ୍ଲା ଏକଦା ଏହାର ଖରାପ ସ୍ୱାସ୍ଥ୍ୟ ସୂଚକାଙ୍କ ପାଇଁ ଜଣାଶୁଣା ଥିଲା, ବିଶେଷ କରି ମହିଳା ଏବଂ ଶିଶୁଙ୍କୁ ପ୍ରଭାବିତ କରିଥିଲା ।

ଫୁରସତ୍

# ପରିବାରରେ ୭୦୦ ସଦସ୍ୟ

**ମୁଖିଆଙ୍କ ୧୨ ସ୍ତ୍ରୀ, ୧୦୨ ପିଲା**

କାମ୍ପାଲା



ପୁରାତନ କାଳରେ ପ୍ରାୟ ସମସ୍ତଙ୍କର ପରିବାର ବଡ଼ ଥିଲା ଏବଂ ପରିବାରରେ ସମସ୍ତେ ମିଳିମିଶି ରହୁଥିଲେ। ସେତେବେଳେ ଘରର ବିଭିନ୍ନ କାର୍ଯ୍ୟକୁ ପରିବାର ସମସ୍ତ ସଦସ୍ୟ ମିଳିମିଶି କରୁଥିଲେ। ତେବେ ପରେ ଆର୍ଥିକ ବୋଝ କମାଇବା ଉଦ୍ଦେଶ୍ୟରେ ଧୀରେ ଧୀରେ ପରିବାରଗୁଡିକ ଛୋଟ ହେବା ଆରମ୍ଭ ହେଲା। ଲୋକମାନେ କମ୍ ସନ୍ତାନ ଜନ୍ମ କରିବା ଆରମ୍ଭ କଲେ, ଯାହାଦ୍ୱାରା ସେମାନଙ୍କ ଖର୍ଚ୍ଚ ହ୍ରାସ ପାଇଥିଲା। ସମ୍ପ୍ରତି ଅଧିକାଂଶ ଲୋକ କେବଳ ଗୋଟିଏ କିମ୍ବା ଅତିବେଶିରେ ୨ଟି ସନ୍ତାନ ହିଁ ଜନ୍ମ କରିବାକୁ ପସନ୍ଦ କରୁଛନ୍ତି। ଏପରି କରିବା ଦ୍ୱାରା ଅଭିଭାବକ ସେମାନଙ୍କ ପିଲାଙ୍କର ଉତ୍କୃଷ୍ଟ ଲାଳନପାଳନ ସହ ସୁଲଭ ମୂଲ୍ୟରେ ପର୍ଯ୍ୟାପ୍ତ ଶିକ୍ଷା ଯୋଗାଇବାକୁ ସକ୍ଷମ ହୋଇଥାନ୍ତି। ତେବେ ଆଫ୍ରିକୀୟ ଦେଶ ଉଗାଣ୍ଡାରେ ଏପରି ଏକ ପରିବାର ଅଛି, ଯେଉଁଥିରେ ପ୍ରାୟ ୭୦୦ ଲୋକ ବସବାସ କରନ୍ତି ।

ଭାରତୀୟ ଟ୍ରାଭେଲ ବ୍ଲଗର୍ ହର୍ଷ ରାୟ ସମ୍ପ୍ରତି ଉଗାଣ୍ଡାରେ ପହଞ୍ଚିଥିଲେ। ସେଠାରେ ସେ ମୁସା ହାସିୟା କାସେରା(୬୭)ଙ୍କୁ ଭେଟିଥିଲେ। ମୁସାଙ୍କ ପରିବାରରେ ୭୦୦ରୁ ଅଧିକ ସଦସ୍ୟ ରହିଛନ୍ତି। ତାଙ୍କର ୧୨ ଜଣ ସ୍ତ୍ରୀ, ୧୦୨ ପିଲା ଓ ୫୭୮ ଜଣ ନାତିନାତୁଣୀ ରହିଛନ୍ତି। ହର୍ଷଙ୍କ ଅନୁଯାୟୀ, ମୁସାଙ୍କ ପରିବାର ହେଉଛି ବିଶ୍ୱର ସବୁଠାରୁ ବଡ଼ ପରିବାର। ତେବେ ଏହି ବ୍ଲଗରେ ହର୍ଷ ମୁସାଙ୍କ ବାସସ୍ଥାନ ନିକଟକୁ ଯାଇ ତାଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ସ୍ଥାନରେ କେବଳ ମୁସାଙ୍କର ୩୦ରୁ ଅଧିକ ଘର ଥିବା ହର୍ଷ କହିଛନ୍ତି। ଏହି ସବୁ ଘରେ ମୁସାଙ୍କ ପୁଅ, ବୋହୂ, ନାତି ନାତୁଣୀମାନେ ରହୁଛନ୍ତି।

# ପ୍ରଥମ ପ୍ରଯୋଜିତ ଫିଲ୍ମକୁ ନେଇ ଆଶାବାଦୀ କ୍ରିତି



କ୍ରିତି ସାନନ

ମୁମ୍ବାଇ

ବଲିଉଡ ଅଭିନେତ୍ରୀ କ୍ରିତି ସାନନଙ୍କ ପାଇଁ ଚଳିତବର୍ଷ ବେଶ୍ ଆଶାଜନକ ରହିଛି। 'କ୍ରୁ' ଏବଂ 'ତେରି ବାତୋଂ ମେ ଏସା ଉଲଜା ଜିଆ' ଭଳି ହିଟ୍ ଚଳଚ୍ଚିତ୍ରରେ ନଜର ଆସିଥିବା କ୍ରିତି ବର୍ତ୍ତମାନ ପ୍ରଯୋଜକ ସାଜିଛନ୍ତି। ବର୍ତ୍ତମାନ ତାଙ୍କ ପ୍ରଡକ୍ସନ ହାଉସ୍‌ର ପ୍ରଥମ ଫିଲ୍ମ 'ଦୋ ପତି' ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଚଳଚ୍ଚିତ୍ର ଏକ କ୍ରାଇମ୍ ଥ୍ରୀଲର ଅଟେ, ଯେଉଁଥିରେ କାଜୋଲ ଜଣେ ପୋଲିସ ଭୂମିକାରେ ନଜର ଆସିବେ। ଶଶାଙ୍କ ଚତୁର୍ବେଦୀଙ୍କ ଏହି ଚଳଚ୍ଚିତ୍ରରେ କ୍ରିତି ଏବଂ କାଜୋଲଙ୍କ ସହ ଅଭିନେତା ଶାହିର ଶେଖ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଫିଲ୍ମର ଟିଜର ପୂର୍ବରୁ ପ୍ରକାଶ ପାଇଥିଲା ବେଳେ ଏବେ ଏହାର ରିଲିଜ ତାରିଖ ଘୋଷଣା କରାଯାଇଛି। ଅକ୍ଟୋବର ୨୫ରେ ଏହି ଫିଲ୍ମ ରିଲିଜ ହେବ।

# କାର୍ଯ୍ୟନିର୍ବାହୀ କମିଟିକୁ ଉଷାଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୩୦।୯ (ପି.ଟି.):** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପିଟି ଉଷା ଓ ଏହାର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନଙ୍କ ମଧ୍ୟରେ ଚାଲିଥିବା ବିବାଦ ଅବ୍ୟାହତ ରହିଛି। ବିଭିନ୍ନ ପ୍ରସଙ୍ଗରେ ଉଭୟ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରିବାରେ ଲାଗିଛନ୍ତି। ଆସୋସିଏଶନରେ ଉଷା ମନମୁଖି ଶାସନ ଚଳାଇଛନ୍ତି ବୋଲି ଦର୍ଶାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନେ ଇତିମଧ୍ୟରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)କୁ ଚିଠି ଲେଖିଛନ୍ତି। ଏଣେ ଉଷା ସୋମବାର ସେମାନଙ୍କୁ ସମାଲୋଚନା କରିଛନ୍ତି। କାର୍ଯ୍ୟନିର୍ବାହୀ କମିଟି ଅଲିମ୍ପିକ ପଦକ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବାରେ ବିଫଳ ହୋଇଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ୟାରିସ ଗେମ୍ସ ପାଇଁ ଭାରତୀୟ ଆଥ୍‌ଲେଟମାନଙ୍କୁ ସହାୟତା ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଆର୍ଥିକ କମିଟି ରୋକି ଦେଇଥିବା ଅଭିଯୋଗ ମଧ୍ୟ କରିଛନ୍ତି। ପ୍ୟାରିସ ଗେମ୍ସରେ ଶୁଟର ମନୁଭାକରଙ୍କ ଦ୍ୱାରା ଦୁଇଟି ଐତିହାସିକ ବ୍ରୋଞ୍ଜ ସମେତ ଭାରତ ୬ଟି ପଦକ ଜିତିବାରେ ସଫଳ



ହୋଇଥିଲା। ଏଥିପାଇଁ ସଫଳତା ଉତ୍ସବ ପାଳନ କରା ନ ଯିବା ତାଙ୍କୁ ବ୍ୟଥିତ କରିଛି। ପଦକ ଜିତି ଦେଶକୁ ଫେରିବା ପରେ ଆଥ୍‌ଲେଟମାନଙ୍କୁ ଆଇଓଏ ତରଫରୁ ସମ୍ମାନିତ କରାଯିବା ଉଚିତ। ମାତ୍ର କାର୍ଯ୍ୟନିର୍ବାହୀ କମିଟି ଏହି ପ୍ରସଙ୍ଗରେ କୌଣସି ଆଲୋଚନା କରି ନ ଥିଲା କିମ୍ବା ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି କୌଣସି ପଦକ୍ଷେପ ନେଇ ନ ଥିଲା। ଉଷା ସୂଚନା ଦେଇ କହିଥିଲେ, ଅଲିମ୍ପିକ୍ସରେ ଭାଗ ନେବାକୁ ଯିବା ପୂର୍ବରୁ ଆଥ୍‌ଲେଟମାନଙ୍କୁ ପ୍ରସ୍ତୁତି ସକାଶେ ଜଣ ପିଛା ୨ ଲକ୍ଷ ଟଙ୍କା ଏବଂ ପ୍ରତ୍ୟେକ କୋଚଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପାଇଁ ପ୍ରସ୍ତାବ ରହିଥିଲା। କିନ୍ତୁ ଆଇଓଏ କୋଷାଧ୍ୟକ୍ଷ ସହଦେବ ଯାଦବଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ କମିଟି ଏହାକୁ ରୋକି ଦେଇଥିଲା।

# ଟେଷ୍ଟରେ ଦ୍ରୁତତମ ୫୦, ୧୦୦, ୨୦୦ ରନ୍



ଚିତ୍ତାକର୍ଷକ କ୍ୟାଚ ନେବା ଅବସରରେ ମହମ୍ମଦ ସିରାଜ।

**କାନପୁର,୩୦।୯(ପି.ଟି.)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ବ୍ୟାଟର ମାନେ ଟି୨୦ ଷ୍ଟାଇଲରେ ବ୍ୟାଟିଂ କରିଥିବା ବେଳେ ଦଳ ଦ୍ରୁତତମ ୫୦, ୧୦୦ ଓ ୨୦୦ ରନ ରେକର୍ଡ କରିଛି। ବର୍ଷାରେ ୨ ଦିନ ଧୋଇ ଯାଇଥିବା ବେଳେ ସମ୍ପୂର୍ଣ୍ଣ ସକାରାତ୍ମକ ଭାବନା ସହ ଭାରତୀୟ ବ୍ୟାଟର ପଡିଆକୁ ଓହ୍ଲାଇଥିଲେ। ମାତ୍ର ୩ ଓଭରରେ ୫୦ ରନ୍ ସ୍କୋର କରିବା ସହ ଇଂଲଣ୍ଡର ରେକର୍ଡ ଭାଙ୍ଗିଥିଲା ଭାରତ। ଇଂଲଣ୍ଡ ଚଳିତବର୍ଷ ଟ୍ରେଣ୍ଟବ୍ରିଜ୍‌ରେ ୪.୨ ଓଭରରେ ୫୦ ରନ୍ ଅତିକ୍ରମ କରିଥିଲା। ରୋହିତ ଶର୍ମା ଆଉଟ ହୋଇଥିଲେ ମଧ୍ୟ ଯଶସ୍ୱୀ ଜୟସ୍ୱାଲ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖିଥିଲେ। ଫଳରେ ମାତ୍ର ୧୦.୧ ଓଭରରେ ଭାରତ ୧୦୦ ରନ୍ ପୂରଣ କରିଥିଲା। ପୂର୍ବରୁ ଦ୍ରୁତତମ ଶତକର ରେକର୍ଡ ଭାରତ ନାମରେ ରହିଥିଲା। ୨୦୨୩ରେ ପୋର୍ଟ ଅଫ୍ ସ୍ପେନ୍‌ରେ ଖେଳା ଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ଦଳ ୧୨.୨ ଓଭରରେ ଏହି ରେକର୍ଡ କରିଥିଲା।

ସେହିପରି ଜୟସ୍ୱାଲଙ୍କ ଉଇକେଟ ପତନ ପରେ ବିରାଟ କୋହଲି ଓ ଲୋକେଶ ରାହୁଲ ଦ୍ରୁତ ବ୍ୟାଟିଂ କରି ଦଳୀୟ ସ୍କୋର ୨୦୦ ରନ୍ ପାର କରାଇଥିଲେ। ୨୪.୨ ଓଭରରେ ଭାରତ ୨୦୦ ରନ୍ ପାର କରିବା ସହ ଅଷ୍ଟ୍ରେଲିଆର ରେକର୍ଡ ଭାଙ୍ଗିଥିଲା। ପାକିସ୍ତାନ ବିପକ୍ଷ ସିଡ୍‌ନୀ ଟେଷ୍ଟରେ ଦ୍ରୁତତମ ୨୦୦ ରନ୍‌ର ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଥିଲା।

## ୨୭୦୦୦ ରନ୍ କ୍ଲବରେ କୋହଲି

**କାନପୁର,୩୦।୯(ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ବିରାଟ କୋହଲି ଆଉ ଏକ ରେକର୍ଡ ନିଜ ନାମରେ କରିଛନ୍ତି। କୋହଲି ବିଶ୍ୱର ଚତୁର୍ଥ ଖେଳାଳି ଭାବରେ ୨୭ ହଜାର ରନ୍ ସ୍କୋର କରିଛନ୍ତି। ଚତୁର୍ଥ ଦିନରେ ବିରାଟ କୋହଲି ଦ୍ରୁତ ବ୍ୟାଟିଂ କରି ୪୭ ରନ୍ କରିଥିଲେ। କୋହଲି ୩୫ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିବା ବେଳେ ୨୭ ହଜାର ରନ୍‌ରେ ପହଞ୍ଚିଥିଲେ। ଏହି ତାଲିକାରେ ଭାରତୀୟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ୩୪,୩୫୭ ରନ୍ ସହ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର କୁମାର ସାଙ୍ଗାକାରା ୨୮,୦୧୬ ରନ୍ ସହ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୨୭,୪୮୩ ରନ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି। କୋହଲି ଟେଷ୍ଟରେ ୮୮୭୦ ରନ୍ ସ୍କୋର କରିଥିବା ବେଳେ ଦିନିକିଆରେ ୧୩୯୦୬ ରନ୍ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ଟି୨୦ରେ ସେ ୪୧୮୮ ରନ୍ ସ୍କୋର କରିଛନ୍ତି। ନିକଟରେ ଭାରତକୁ ବିଶ୍ୱକପ ଜିତାଇବା ପରେ ଟି୨୦ରୁ କୋହଲି ଅବସର ଘୋଷଣା କରିଥିଲେ। ବିସିସିଆଇ ସମ୍ପାଦକ ଜୟ ଶାହା ଏକ୍ସରେ ପୋଷ୍ଟ କରିବା ସହ ୨୭ ହଜାର ରନ୍ ପୂରଣ ପାଇଁ କୋହଲିଙ୍କୁ ବଧେଇ ଜଣାଇଛନ୍ତି।

## ଜାଡେଜାଙ୍କୁ ୩୦୦ ଉଇକେଟ୍

**କାନପୁର,୩୦।୯(ପି.ଟି.):** ସପ୍ତମ ଭାରତୀୟ ବୋଲର ଭାବରେ ୩୦୦ ଟେଷ୍ଟ ଉଇକେଟ ହାସଲ କରିଛନ୍ତି ରବୀନ୍ଦ୍ର ଜାଡେଜା। ବାଂଲାଦେଶର ଖାଲେଦ ମହମୁଦଙ୍କୁ ଆଉଟ କରି ସେ ଏହି ସଫଳତା ହାସଲ କରିଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଅନିଲ କୁମ୍ବଲେ ୬୧୯ ଉଇକେଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ(୫୨୪), କପିଳ ଦେବ(୪୩୪), ହରଭଜନ ସିଂ(୪୧୭), ଇଶାନ୍ତ ଶର୍ମା(୩୧୧) ଓ ଜାହିର ଖାନ୍ (୩୧୧) ପରବର୍ତ୍ତୀ ୫ ସ୍ଥାନରେ ରହିଛନ୍ତି।

## ରୋଚକ ସ୍ଥିତିରେ ଦ୍ୱିତୀୟ ଟେଷ୍ଟ

କାନପୁରର ଗ୍ରୀନପାର୍କରେ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ମ୍ୟାଚ ବେଶ୍ ରୋଚକ ସ୍ଥିତିରେ ରହିଛି। ଲଗାତର ଦୁଇ ଦିନ ବର୍ଷାରେ ଧୋଇଯିବା ପରେ ସୋମବାର ଚତୁର୍ଥ ଦିନର ଖେଳ ସମ୍ଭବ ହୋଇଥିଲା। ଭାରତ ଟି୨୦ ଫର୍ମାଟର ନିର୍ଭୀକ କ୍ରିକେଟ ଖେଳିଥିବା ବେଳେ ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବାଂଲାଦେଶ ହାତରେ ୮ ଉଇକେଟ ରହିଥିବା ବେଳେ ଏହା ୨୬ ରନ୍ ପଛରେ ରହିଛି। ପ୍ରଥମେ ବୋଲରମାନେ ବାଂଲାଦେଶକୁ ୨୩୩ ରନ୍‌ରେ ସୀମିତ ରଖିବା ପରେ ବ୍ୟାଟରମାନେ ୩୪ ଓଭର ଖେଳି ୨୮୫ ରନ୍ କରିଥିଲେ। ୫୨ ରନ୍‌ରେ ପଛୁଆ ରହିଥିବା ବାଂଲାଦେଶ ଚତୁର୍ଥ ଦିନର ଷ୍ଟମ୍ପସ୍ ଅପସାରଣ ବେଳକୁ ୨ ଉଇକେଟ ହରାଇ ୨୬ ରନ୍ ସ୍କୋର କରିଛି।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୦୭/୩ରୁ ଖେଳ ଆରମ୍ଭ କରିଥିଲା ବାଂଲାଦେଶ। ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ମଧ୍ୟ ପୂର୍ବଦିନର ଅନ୍ୟତମ ଅପରାଜିତ ବ୍ୟାଟର ମୋମିନୁଲ୍ ହକ୍ ଲଢୁଆ ଶତକ ହାସଲ କରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ମୋମିନୁଲ ୧୯୪ ବଲ୍ ଖେଳି ୧୦୭ ରନ୍ କରିଥିଲେ। ଏହି ଇନିଂସରେ ୧୭ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ମେହିଦୀ ହସନ ମିରାଜ ୨୦ ଓ ଲିଟନ୍ ଦାସ ୧୩ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା ସର୍ବାଧିକ ୩, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ଆକାଶ ଦୀପ ୨ଟି ଲେଖାଏ ଓ ଜାଡେଜାଙ୍କ ଖାତାକୁ ୧ ଉଇକେଟ ଆସିଥିଲା।

ଦୁଇ ଦିନର ଖେଳ ଧୋଇ ଯାଇଥିବା ବେଳେ ଭାରତ ଫଳାଫଳ ପାଇଁ ସମ୍ପୂର୍ଣ୍ଣ ଆକ୍ରମଣାତ୍ମକ କ୍ରିକେଟ ଖେଳିଥିଲା। ଅଧିନାୟକ ରୋହିତ ଶର୍ମା (୨୩) ଓ ଯଶସ୍ୱୀ ଜୟସ୍ୱାଲ(୭୨) ପ୍ରଥମ ଉଇକେଟରେ ୨୩ ବଲ୍ ଖେଳି ୫୬ ରନ୍ ଯୋଡି ଭାରତର ଅଭିମୁଖ୍ୟ ସ୍ପଷ୍ଟ କରିଥିଲେ। ରୋହିତ ୧୧ ବଲ୍ ଖେଳି ୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟପକ୍ଷରେ ଟପ୍ ସ୍କୋରର ରହିଥିବା



ଶଟ୍ ଖେଳୁଛନ୍ତି ଯଶସ୍ୱୀ ଜୟସ୍ୱାଲ।

ଜୟସ୍ୱାଲ ୫୧ ବଲ୍ ଖେଳି ୧୨ ଚୌକା ଓ ୨ ଛକା ମାରିଥିଲେ। ପରବର୍ତ୍ତୀ ବ୍ୟାଟର ଶୁବମାନ ଗିଲ୍ ୩୯ ଓ ରିଷଭ ପନ୍ତ ୯ ରନ୍ କରି ଆଉଟ ହୋଇଥିଲେ। ବିରାଟ କୋହଲି ଦ୍ରୁତ ବ୍ୟାଟିଂ କରି ୪୭ ରନ୍ କରିଥିଲେ। କୋହଲି ୩୫ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। କୋହଲି ଅର୍ଦ୍ଧଶତକ ପୂର୍ବରୁ ଆଉଟ ହୋଇଥିବା ବେଳେ ଲୋକେଶ ରାହୁଲ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ୪୩ ବଲ୍‌ରୁ ୬୮ ରନ୍ କରିଥିଲେ। ରାହୁଲଙ୍କ ଇନିଂସରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ଭାରତ ୯ ଉଇକେଟ ହରାଇ ୨୮୫ ରନ୍ କରିଥିବା ବେଳେ ଦଳ ଇନିଂସ ଘୋଷଣା କରିଥିଲା। ବାଂଲାଦେଶର ସମସ୍ତ ବୋଲରଙ୍କ ଇକୋନୋମି ୬ ଉପରେ ରହିଥିଲା। ମେହିଦୀ ହସନ ମିରାଜ ଓ ଶକିବ ଅଲ ହସନ ୪ଟି ଲେଖାଏ ଉଇକେଟ ନେଇଥିବା ବେଳେ ହସନ ମେହମୁଦ ଗୋଟିଏ ଉଇକେଟ ନେଇଥିଲେ।

୫୨ ରନ୍ ପଛରେ ରହିଥିବା ବାଂଲାଦେଶ ଦ୍ୱିତୀୟ ଇନିଂସ ସତର୍କତାର ସହ ଆରମ୍ଭ କରିଥିଲା। ୧୮ ଓଭର ଖେଳ ବାକି ରହିଥିବା ବେଳେ ଖରାପ ଆଲୋକ କାରଣରୁ ୧୧ ଓଭରର ଖେଳ ହୋଇପାରିଥିଲା। ଶଦମାନ ଇସଲାମ(୭*) ଓ ଜାକିର ହସନ(୧୦) ପ୍ରଥମ ଉଇକେଟରେ ୧୮ ରନ୍ ଯୋଡିଥିଲେ। ଜାକିରଙ୍କୁ ଆଉଟ କରି ଅଶ୍ୱିନ ଏହି ଯୋଡି ଭାଙ୍ଗିଥିଲେ। ହସନ ମେହମୁଦ ନାଇଟ ୱାଚମ୍ୟାନ ଭାବରେ ଆସି ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ ୭୪.୨ ଓଭରରେ ୨୩୩/୧୦ (ମୋମିନୁଲ ହକ୍ ୧୦୭*, ନଜମୁଲ ହୋସେନ ଶନ୍ତୋ–୩୧, ଶଦମାନ ଇସଲାମ–୨୪, ଯଶପ୍ରୀତ୍ ବୁମ୍ରା–୩/୫୦, ଆକାଶ ଦୀପ୍–୨/୪୩, ରବିଚନ୍ଦ୍ରନ ଅଶ୍ୱିନ–୨/୪୫)। ଭାରତ ପ୍ରଥମ ଇନିଂସ ୩୪.୪ ଓଭରରେ ୨୮୫/୯ (ଘୋଷଣା)(ଯଶସ୍ୱୀ ଜୟସ୍ୱାଲ–୭୨, ଲୋକେଶ ରାହୁଲ–୬୮, ବିରାଟ କୋହଲି–୪୭, ମେହିଦୀ ହସନ ମିରାଜ–୪/୪୧, ଶକିବ୍ ଅଲ ହସନ–୪/୭୮, ହସନ ମେହମୁଦ–୧/୬୬)। ବାଂଲାଦେଶ ଦ୍ୱିତୀୟ ଇନିଂସ ୧୧ ଓଭରରେ ୨୬/୨(ଜାକିର ହସନ–୧୦, ରବିଚନ୍ଦ୍ରନ ଅଶ୍ୱିନ–୨/୧୪)।

# ଗୋଟିଏ ମଞ୍ଚରେ ଅଲିମ୍ପିକ, ପାରାଲିମ୍ପିକ ଆଥଲେଟ୍



ଆଥଲେଟ୍‌ଙ୍କ ଗହଣରେ ନୀତା ଅମ୍ବାନୀ।

**ମୁମ୍ବାଇ, ୩୦।୯**

ନୀତା ଏମ୍ ଅମ୍ବାନୀଙ୍କ ନେତୃତ୍ୱରେ ରିଲାଏନ୍ସ ଫାଉଣ୍ଡେଶନ ତରଫରୁ ରବିବାର ରାତିରେ ଆଣ୍ଟିଲିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଥର ୧୪୦ ଅଲିମ୍ପିକ ଓ ପାରାଲିମ୍ପିକ ଆଥଲେଟ୍‌ମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଇଭେଣ୍ଟରେ ତାଙ୍କ ଅଭିଭାଷଣରେ ଭାରତୀୟ ଖେଳ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ନୀତା କହିଥିଲେ। ଗତ ଦୁଇମାସ ମଧ୍ୟରେ ଆମ ଅଲିମ୍ପିଆନ ଓ ପାରାଲିମ୍ପିଆନମାନେ ବିଶ୍ୱରେ ଜାତୀୟ ପତାକାର ଟେକ ରଖି ଆମକୁ ଗର୍ବିତ କରିଛନ୍ତି। ପ୍ରଥମ ଥର ସେମାନେ ଗୋଟିଏ ଛାତ ତଳେ ଏକାଠି ହୋଇଛନ୍ତି। ନୀତା କ୍ରୀଡ଼ାର ପରିବର୍ତ୍ତନଶୀଳ ଶକ୍ତି ଉପରେ ମଧ୍ୟ ତାଙ୍କର ବକ୍ତବ୍ୟ ରଖିଥିଲେ। ଦେଶର ଅଲିମ୍ପିକ ସଫଳତା ପଛରେ ଭାରତର ମହିଳା ଆଥଲେଟଙ୍କ ଭୂମିକାର ସେ ଉଚ୍ଚ ପ୍ରଶଂସା କରିଥିଲେ। ଜଣେ ପେଶାଦାର କ୍ରୀଡ଼ାବିତ୍ ହେବାଲାଗି ମହିଳାମାନଙ୍କୁ ବହୁ ବାଧାବିଘ୍ନ ଅତିକ୍ରମ କରିବାକୁ ପଡ଼ିଥାଏ। କେବଳ ଆର୍ଥିକ ଚ୍ୟାଲେଞ୍ଜ ନୁହେଁ ସେମାନଙ୍କ ପରିବାରରୁ ଅନୁମତି ନେବାକୁ ପଡ଼ିଥାଏ। ଉପଯୁକ୍ତ ଟ୍ରେନିଂ, ଫିଜିଓ, କୋଚ୍ ଅବା ରିହାବିଲିଟେଶନ କେନ୍ଦ୍ରର ସୁବିଧା ପାଇବା ପାଇଁ କେତେକଙ୍କୁ ନିଜ ଗ୍ରାମ ଛାଡ଼ିବାକୁ ହୋଇଥାଏ। ଏସବୁ ସତ୍ତ୍ୱେ ଆମ ମହିଳା ଆଥଲେଟମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି। ଛୋଟ ଛୋଟ ବାଳିକାଙ୍କ ଲାଗି ସେମାନେ ପ୍ରେରଣାର ଉତ୍ସ ପାଲଟିଯାଇଛନ୍ତି। ସେମାନଙ୍କ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଥଲେମାନଙ୍କୁ ଆକାଶ ଅମ୍ବାନୀ ରିଲାଏନ୍ସ ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। ଇଭେଣ୍ଟରେ ଯୋଗ ଦେଇଥିବା ପ୍ରମୁଖ ଆଥଲେଟମାନଙ୍କ ମଧ୍ୟରେ ନୀରଜ ଚୋପ୍ରା, ମନୁ ଭାକର ଓ ଭାରତର ପ୍ରଥମ ପାରାଲିମ୍ପିକ ସ୍ୱର୍ଣ୍ଣ ବିଜେତା ମୁରଲୀକାନ୍ତ ପେଟକର ଏବଂ ପ୍ରଥମ ଭାରତୀୟଭାବେ ପାରାଲିମ୍ପିକ୍ସରେ ୨ ସ୍ୱର୍ଣ୍ଣପଦକ ଜିତିଥିବା ଦେବେନ୍ଦ୍ର ଝାଝାରିଆ ଅନ୍ୟତମ ଥିଲେ।

## ଭିନୁ ମଙ୍କଡ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ):** ବିସିସିଆଇର ଘରୋଇ କ୍ରିକେଟ ସିଜନ ଅନ୍ତର୍ଗତ ଏକଦିବସୀୟ ଭିନୁ ମଙ୍କଡ ଟ୍ରଫି (୧୯ ବର୍ଷରୁ କମ୍) ପାଇଁ ସୋମବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଜୁନିୟର ଚୟନ କମିଟି ସଦସ୍ୟ ଶୁଭ୍ରଜିତ ସାହୁ ଓ ମୁଖ୍ୟ କୋଚ୍ ପ୍ରଭଞ୍ଜନ ମଲିକ କଟକରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୧୭ ଜଣିଆ ଦଳ ଘୋଷଣା କରିଛନ୍ତି। ଜୟପୁରଠାରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୪ରେ ମିଜୋରାମ ସହିତ ଖେଳିବ। ଏହାପରେ ୬ ତାରିଖରେ ପଞ୍ଜାବ, ୮ରେ ତାମିଲନାଡୁ, ୧୦ରେ ତ୍ରିପୁରା ଓ ୧୨ରେ ଜମ୍ମୁ–କଶ୍ମୀରକୁ ଭେଟିବ। ଓଡ଼ିଶା ଦଳ: ସମ୍ବିତ କୁମାର ବେଜ (ଅଧିନାୟକ), ଶ୍ରେୟାଂଶ ଭରଦ୍ୱାଜ, ହେମନ୍ତ ରାଠି, ସୟଦ ଟି. ଅହମଦ, ପନକାଲା ମୋକ୍ଷିତ, ଆକାଶ ମହାପାତ୍ର, ଆୟୁଷ ଚାନ୍ଦ, ସୌଭାଗ୍ୟ ଓଝା, ଅଭିନିତ ପଟ୍ଟନାୟକ, ଆୟୁଷ କୁମାର ସୂତାର, ପନକାଲା ଶଶାଙ୍କ, ରୁଦ୍ର ପ୍ରସାଦ ମଲିକ, ଉଦିତ ନାରାୟଣ ଜଟ, ଶ୍ରୀରାଜ ପଟ୍ଟନାୟକ, କ୍ରିଷ୍ଣା ମହାନ୍ତି, ଅର୍ନବ ପଟ୍ଟନାୟକ, ରୋହିତ ପ୍ରଧାନ।

## ଲକ୍ଷ୍ମୀ, ଅନିମେଶ, ଯଶ୍‌ବୀରଙ୍କୁ ସ୍ୱର୍ଣ୍ଣ







ସ୍ୱର୍ଣ୍ଣ ପଦକ ସହ ଲକ୍ଷ୍ମୀପ୍ରିୟା କିଶାନ, ଯଶ୍‌ବୀର ସିଂ ଓ ଅନିମେଶ କୁଜୁର।

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ)**

ବିହାରରେ ଚାଲିଥିବା ୨୩ ବର୍ଷରୁ କମ୍ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଲକ୍ଷ୍ମୀପ୍ରିୟା କିଶାନ, ଯଶବୀର ସିଂ ଓ ଅନିମେଶ କୁଜୁର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ସ୍ପ୍ରିଣ୍ଟର ଲକ୍ଷ୍ମୀପ୍ରିୟା ମହିଳା ୮୦୦ମି ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେହିପରି ଯଶବୀର ପୁରୁଷ ଡେକାଥଲନରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ୭୦୬୫ ପଏଣ୍ଟ ହାସଲ କରି ନୂତନ ମିଟ୍ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେହିପରି ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ୨୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ସେ ମଧ୍ୟ ନୂତନ ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ପୂର୍ବରୁ ଏହି ପ୍ରତିଯୋଗିତାର ୧୦୦ ମିଟର ବର୍ଗରେ ଅନିମେଶ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଲକ୍ଷ୍ମୀପ୍ରିୟା ୧୫୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଅର୍ଜନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ଆଥଲେଟ୍ ଗ୍ରେସନ ଜିଭା ୧୧୦ ମିଟ ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ସାହାଣୀ କପ୍: କନ୍ଧମାଳ, ବଲାଙ୍ଗୀର ବିଜୟୀ

**ବରଗଡ଼, ୩୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ବଲାଙ୍ଗୀର ଓ କନ୍ଧମାଳ ଦଳ ବିଜୟୀ ହୋଇଛନ୍ତି। ଏହି ମ୍ୟାଚ୍‌କୁ ବଲାଙ୍ଗୀର ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ଉଦ୍‌ଘାଟନ କରିଥିଲେ।

କନ୍ଧମାଳ ଓ ନୂଆପଡା ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ




ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ ଅବସରରେ ଅତିଥିବୃନ୍ଦ।

ମ୍ୟାଚ୍ ଅତି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ କନ୍ଧମାଳ ଦଳ ୨–୧ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଦଳ ପକ୍ଷରୁ ୭ ନମ୍ବର ଖେଳାଳି ଶଙ୍ଖଶେଖର ହେମ୍ବ୍ରମ ଦୁଇଟି ଗୋଲ ଦେଇଥିବା ବେଳେ ନୂଆପଡ଼ା ଦଳର ୧୦ ନମ୍ବର ଖେଳାଳି ତରୁଣ ମାଝୀ ଏକମାତ୍ର ଗୋଲ ସ୍କୋର କରିଥିଲେ। ନୂଆପଡ଼ା ଦଳର ପ୍ରଶାନ୍ତ ବାଗ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବଲାଙ୍ଗୀର ଓ କଳାହାଣ୍ଡି ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗୀର ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ବଲାଙ୍ଗୀର ଦଳ ପକ୍ଷରୁ ୧୨ ନମ୍ବର ଖେଳାଳି ସୁରେନ ମଲ୍ଲିକ ଏକମାତ୍ର ଗୋଲ ସ୍କୋର କରିଥିଲେ। ବଲାଙ୍ଗୀର ଦଳର ଶୁରେନ ମଲ୍ଲିକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## କ୍ୱାର୍ଟର ଫାଇନାଲରେ ଢେଙ୍କାନାଳ

**ବାରିପଦା,୩୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ଷ୍ଟାଡିୟମ ପଡ଼ିଆରେ ଚାଲିଥିବା ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ଚାମ୍ପିୟନସିପ୍–୨୦୨୪ର ୬ଷ୍ଠ ଦିନର ପ୍ରଥମ ମ୍ୟାଚରେ ଢେଙ୍କାନାଳ ଦଳ ୫–୧ ଗୋଲରେ ବାଲେଶ୍ୱରକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳର ପ୍ରଶାନ୍ତ ବାରି, ଅନିଲ ସ୍ୱାଇଁ, ସରୋଜ ବିଶ୍ୱାଳ ଏବଂ ବାଲେଶ୍ୱରର ମଧୁ ସୋରେନ ଗୋଲ କରିଥିଲେ। ଢଙ୍କାନାଳର ପ୍ରଶାନ୍ତ ବାରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କୁ ମହେଶ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବା ସହ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବରିଷ୍ଠ ଖେଳାଳି ସେଙ୍ଗେଲ ସିଂ ସୋରେନ, ଫାଓର ଉପ ସଭାପତି ପଦ୍ମଲୋଚନ ଲେଙ୍କା ଓ ପୂର୍ବତନ ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଦ୍ୱିତୀୟ ମ୍ୟାଚରେ ଯାଜପୁର ଟିମ୍ ୨–୧ ଗୋଲରେ ଦେବଗଡ଼କୁ ପରାସ୍ତ କରିଥିଲା। ଯାଜପୁରର ସାଲାଇ ଟୁଡୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଶିଷ୍ଟ ଶିଳ୍ପପତି ହୃଷିକେଶ ମହାପାତ୍ର ଓ ପୂର୍ବତନ ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷ ସୁବୋଧ କୁମାର ମାର୍ଣ୍ଡି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଇଣ୍ଡୋ ୱେଷ୍ଟର୍ନ ଡ୍ରେସ୍

**ପାର୍ବଣ ସମୟରେ ଷ୍ଟାଇଲିସ୍ ଦେଖାଯିବା ପାଇଁ ଚାହୁଁଥିଲେ ଇଣ୍ଡୋ ୱେଷ୍ଟର୍ନ ଡ୍ରେସ୍ ପିନ୍ଧିପାରିବେ। ଏହି ସବୁ ଷ୍ଟାଇଲ୍ ସମ୍ପର୍କରେ ଜାଣି ରଖନ୍ତୁ...**



-ଇଣ୍ଡୋ ୱେଷ୍ଟର୍ନ ଷ୍ଟାଇଲର ହ୍ୱାଇଟ୍ ଲେୟାର ଗାଉନ୍ ଜ୍ୟାକେଟ୍ ବେଶ୍ ସୁନ୍ଦର ଲାଗିବ। ଏହି ଡ୍ରେସ ସାଙ୍ଗକୁ ଝୁମ୍କା ପିନ୍ଧିଲେ ଏକ ସୁନ୍ଦର ଲୁକ୍ ମିଳିବ।

- ପେଷ୍ଟଲ ରଙ୍ଗର ୱାନ ସୋଲ୍ଡର ଡ୍ରେସ ମଧ୍ୟ ଫ୍ୟାଶନେବଲ ଓ ସୁନ୍ଦର ଲାଗିବ। ଏଭଳି ଡ୍ରେସ ଏକ ଗ୍ଲାମରସ୍ ଓ ଏଲିଗାଣ୍ଟ ଲୁକ୍ ଦେବ।
- ଫ୍ଲୋରାଲ୍ ପ୍ରିଣ୍ଟ ଲେହେଙ୍ଗା ସହିତ କଣ୍ଟ୍ରାଷ୍ଟ ଅରେଞ୍ଜ କଲରର ଟପ୍ ପିନ୍ଧନ୍ତୁ। ପାର୍ବଣ ସମୟରେ ଏହା ବହୁତ ସୁନ୍ଦର ଲାଗିବ।
- ଏଥେନିକ୍ ଲୁକ୍ ସହିତ ଷ୍ଟାଇଲିସ୍ ଦେଖାଯିବା ପାଇଁ ହେଲେ ଗୋଲ୍ଡେନ ଅନାରକଲି ଡ୍ରେସ ଖୁବ୍ ସୁନ୍ଦର ଅପସନ୍ ହୋଇପାରିବ। ପୁରୁଣା ଓ ନୂଆ ଫ୍ୟାଶନ୍ ଟ୍ରେଣ୍ଡରେ ଗାଉନ୍ ବହୁତ ସୁନ୍ଦର ଲାଗିବ। ବିଶେଷକରି ବିଭିନ୍ନ ଫ୍ଲୋରାଲ୍ ପ୍ରିଣ୍ଟର ଗାଉନ୍ ଅଧିକ ଭଲ ଲାଗିବ।
- କାଜୁଆଲ ୱେୟରରେ ଆପଣ ଯଦି କିଛି ଷ୍ଟାଇଲିସ୍ ପିନ୍ଧିବାକୁ ଚାହୁଁଛନ୍ତି ତେବେ ପେଷ୍ଟଲ ପିଙ୍କ ଜ୍ୟାକେଟ୍ ସହିତ କ୍ରପ-ଟପ୍ ଡ୍ରେସ ବହୁତ ଭଲ ଲାଗିବ। ଏହି ଡିଜାଇନ୍‌ର ବିଭିନ୍ନ ରଙ୍ଗର ପୋଷାକ ପିନ୍ଧିପାରିବେ।

# ଜଏଣ୍ଟ ପେନ୍ ଥିଲେ...

**ବୟସ ବଢ଼ିଲେ ପ୍ରାୟତଃ ହାଡ଼ ଦୁର୍ବଳ ହୋଇଥାଏ। ତେଣୁ କେତେଜଣଙ୍କ କ୍ଷେତ୍ରରେ ଆଣ୍ଠୁଗଣ୍ଠି ଦରଜ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାର ଅନ୍ୟ କାରଣ ବି ରହିଛି। ତେବେ ଦରଜ ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ହୋଇଥାଏ। ଅନେକ ସମୟରେ ଘରୋଇଭାବେ ମଧ୍ୟ ଏହି ସମସ୍ୟାର ଉପଚାର କରାଯାଇଥାଏ।**



- ଆଣ୍ଠୁଗଣ୍ଠି ଦରଜ ବା ଜଏଣ୍ଟ ପେନ୍ ସମସ୍ୟା ନ ହେବା ପାଇଁ ଆରମ୍ଭରୁ ସବୁବେଳେ ପୌଷ୍ଟିକ ଆହାର ଖାଆନ୍ତୁ ଓ ନିୟମିତ ବ୍ୟାୟାମ କରନ୍ତୁ। ଏପରି କଲେ ବୟସ ବଢ଼ିବା ବେଳକୁ ପ୍ରାୟତଃ ଆଣ୍ଠୁ ଦରଜ ସମସ୍ୟା ହୋଇ ନ ପାରେ।
- ଜଏଣ୍ଟ ପେନ୍ ହେଲେ ସେହି ସ୍ଥାନରେ ଗରମ ସେକ ଦିଅନ୍ତୁ। ଗରମ ପାଣିରେ କପଡ଼ା ବୁଡାଇ ବାମ୍ଫ ଦେଇପାରିବେ, ନଚେତ୍ ହିଟ୍ ପ୍ୟାଡ୍ ମଧ୍ୟ ଲଗାଇପାରିବେ। ସେହିଭଳି ଦରଜ ହେଉଥିବା ସ୍ଥାନରେ ବରଫ ଖଣ୍ଡର ଥଳି ରଖନ୍ତୁ, ଆରାମ ଲାଗିବ। କିନ୍ତୁ ଆର୍ଥ୍ରାଇଟିସ୍ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ କେଉଁ ସେକ ଦେବାକୁ ହେବ ଜାଣିବା ଦରକାର।
- ଭୋଜନରେ ଆଣ୍ଟି-ଇନ୍ଫ୍ଲାମେଟାରି ଖାଦ୍ୟ ସାମିଲ କରନ୍ତୁ। ହଳଦୀ ଓ ଅଦାରେ ଏଭଳି ଗୁଣ ରହିଛି। ଏହିସବୁ ଖାଦ୍ୟ ଦରଜ କମ୍ କରିଥାଏ। ଗରମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ।
- ନିୟମିତ ବ୍ୟାୟାମ ଓ ଯୋଗ କରନ୍ତୁ। ଅଧିକ ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ପ୍ରତିଦିନ କିଛି ସମୟ ଚାଲିବା ପରେ ଏହି ସମସ୍ୟାରୁ ଆରାମ ଲାଗିଥାଏ।

# ବିଶ୍ୱାସ ଜିତିବା ପାଇଁ...

**ସମ୍ପର୍କର ମୂଳ ଆଧାର ହେଉଛି ବିଶ୍ୱାସ। ପର୍ସନାଲ ହେଉ କି ପ୍ରଫେଶନାଲ ସବୁ ସ୍ଥାନରେ ବିଶ୍ୱାସ ହିଁ ସମ୍ପର୍କକୁ ମଜଭୁତ କରିଥାଏ। ତେବେ ଏହା ସମ୍ଭବ କେବଳ ନିଜର ବ୍ୟବହାରରେ। ବିଶ୍ୱାସ ଜିତିବା ପାଇଁ କ'ଣ କରିବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...**



ପରିବାରରେ ସବୁ ସମ୍ପର୍କରେ ବାନ୍ଧିହୋଇ ରହିବା ପାଇଁ ପ୍ରଥମେ ଦରକାର ବିଶ୍ୱାସ। ଥରେ ବିଶ୍ୱାସ ଭାଙ୍ଗିଲେ ତାହା ପୁଣି ଥରେ ଯୋଡ଼ିହେବା ଅତ୍ୟନ୍ତ କଷ୍ଟକର। ବିବାହ ପରେ ସମସ୍ତଙ୍କ ବିଶ୍ୱାସଭାଜନ ହେବା ପାଇଁ ଗୃହିଣୀମାନଙ୍କୁ ବହୁ କିଛି କରିବାକୁ ପଡ଼ିଥାଏ। ଆଉ ଯଦି ବିଶ୍ୱାସ ହରେଇଛନ୍ତି ତେବେ କଥା ସରିଲା। ସମ୍ପର୍କରେ ଫାଟ ସୃଷ୍ଟିହେବା ସହ ବହୁ କିଛି ସମସ୍ୟା ଦେଖାଦିଏ। ତେବେ କୌଣସି ଏକ ସମ୍ପର୍କରେ ଏତେ ସହଜରେ ହଠାତ୍ ବିଶ୍ୱାସ କରିହୁଏନି। ଏଥିପାଇଁ ଢେର ଦିନ ଆଗରୁ ସେଭଳି କାମ ସବୁ କରିବାକୁ ପଡ଼ିଥାଏ। ଜଣଙ୍କର ବିଶ୍ୱାସର ପାତ୍ରୀ ହେବାପାଇଁ କ'ଣ ସବୁ ନିହାତି କରିବାକୁ ହେବ ଜାଣିରଖନ୍ତୁ।

**ସମ୍ବେଦନଶୀଳ ସଚ୍ଚୋଟପଣିଆ:** ପ୍ରତି ସମ୍ପର୍କରେ ବିଶ୍ୱାସ ସୃଷ୍ଟିକରିବା ପାଇଁ ହେଲେ ପ୍ରଥମେ ନିଜେ ସଚ୍ଚୋଟ ହେବା ଦରକାର। ସଚ୍ଚୋଟପଣିଆ ହିଁ ବିଶ୍ୱାସଭାବକୁ ଦୃଢ଼ କରିଥାଏ। କିନ୍ତୁ ଛଳନାର ସମ୍ପର୍କ ଆଦୌ ବେଶି ଦିନ ତିଷ୍ଠି ରହିପାରେନାହିଁ। ଅର୍ଥାତ୍ ବାରମ୍ବାର ମିଛ କହିବା କିମ୍ବା ସେଭଳି ଆଚରଣ କରିବା ଫଳରେ ଆନ୍ତରିକ ଭାବ ସୃଷ୍ଟି ହୋଇପାରେନାହିଁ। ତେଣୁ କୌଣସି କଥାରେ ତାଙ୍କୁ ଭରସାକରି ହେବନାହିଁ। ଏହି ଦୃଷ୍ଟିରୁ ଯେଉଁ ପ୍ରକାରର ସମ୍ପର୍କ ହେଲେ ବି ସେଥିରେ ସଚ୍ଚୋଟପଣିଆ ରହିବା ଦରକାର।

**ଯାହା କହୁଛନ୍ତି ବୁଝନ୍ତୁ:** ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ପାଇଁ ହେଲେ ଶବ୍ଦ ହିଁ ମୁଖ୍ୟ ମାଧ୍ୟମ। ତେଣୁ ଆପଣଙ୍କୁ କିଏ କ'ଣ କହୁଛନ୍ତି ସେକଥାକୁ ଭଲଭାବେ ବୁଝିବା ଦରକାର। ବିଶେଷକରି ସାଥୀ ଯଦି ଆପଣଙ୍କୁ କିଛି କହୁଛନ୍ତି ତେବେ ସେ କେଉଁ ଅର୍ଥରେ କହୁଛନ୍ତି ବା ତାଙ୍କ କଥାର କ'ଣ ଉଦ୍ଦେଶ୍ୟ ସେକଥା ଜାଣିବାକୁ ଚେଷ୍ଟାକରନ୍ତୁ। କୌଣସି ନୂଆ ସମ୍ପର୍କରେ ପ୍ରତିଶ୍ରୁତି ଦେବା ହୁଏତ ବହୁ ସହଜ, କିନ୍ତୁ ତାହା ପୂରଣ କରିବା ବହୁତ କଷ୍ଟ। ତେଣୁ ସାଥୀଙ୍କ କଥା ପୂରଣ କରିବା ସହ ନିଜେ ଯାହା ବି କହୁଛନ୍ତି ତାହା ଠିକ୍ ଭାବେ ପାଳନ କରନ୍ତୁ। ଯଦି କୌଣସି ପ୍ରତିଶ୍ରୁତି ପୂରଣ କରିପାରିବେନାହିଁ ତେବେ ସେଭଳି କଥା ଦିଅନ୍ତୁ ନାହିଁ ଏବଂ ନିଜ କଥା ରଖିବା କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ଆସୁଥିଲେ ସେନେଇ ସାଥୀଙ୍କ ସହ ଖୋଲାଖୋଲି କଥା ହୁଅନ୍ତୁ।

**ନିଜ କଥା ସ୍ପଷ୍ଟ କୁହନ୍ତୁ:** ଉଭୟ ପ୍ରଫେସନାଲ ଓ ପର୍ସନାଲ ଲାଇଫ୍‌ରେ ନିଜ କଥାକୁ ସ୍ପଷ୍ଟଭାବେ ଜଣାଇବା ଜରୁରୀ। ବିଶେଷକରି ପ୍ରଫେସନାଲ କ୍ଷେତ୍ରରେ ଏହା ଅଧିକ ଗୁରୁତ୍ୱ ରଖେ। କାରଣ ନିଜ କଥା ସ୍ପଷ୍ଟଭାବେ ନ କହିଲେ ତାହାର କୌଣସି ମୂଲ୍ୟ ରହେ ନାହିଁ। କାରଣ ଅଫିସରେ କେହି ଆପଣଙ୍କ ମନ ବୁଝି କିଛି କାମ କରିବେ ନାହିଁ। ତେଣୁ ନିଜର କାମ କିମ୍ବା କୌଣସି ଇଚ୍ଛା ସମ୍ପର୍କରେ ନିଜକୁ ହିଁ ଜଣାଇବାର ମାଧ୍ୟମ ଖୋଜିବାକୁ ହେବ। ସେହିପରି ବ୍ୟକ୍ତିଗତ ଜୀବନରେ ପାରିବାରିକ ସମ୍ପର୍କରେ ନିଜ କଥାକୁ ଅବଶ୍ୟ ମାପିଚୁପି କହିବାକୁ ହୁଏ କିନ୍ତୁ ଏପରି ବୁଲାଇ ବଙ୍କାଇ କିଛି କୁହନ୍ତୁ ନାହିଁ ଯାହା ବିପରୀତ ପ୍ରଭାବ ପକାଇବ।

**ଭୁଲ୍ ମାନନ୍ତୁ:** ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ଯଦି ଆପଣ ଅନ୍ୟର ବିଶ୍ୱାସର ପାତ୍ରୀ ହେବାକୁ ଚାହୁଁଛନ୍ତି ତେବେ ନିଜ ଭୁଲ୍ ସ୍ୱୀକାର କରିବା ଶିଖନ୍ତୁ। ବିଶେଷକରି ନିଜ ସାଥୀଙ୍କ ପାଖରେ ଏହା ଅତ୍ୟନ୍ତ ଜରୁରୀ। ତେଣୁ କୌଣସି ଭୁଲ୍ କରିଥିଲେ ତାହା ସ୍ୱୀକାର କରନ୍ତୁ ଏବଂ ପୁଣି ଥରେ ସେପରି ଭୁଲ୍ କରିବେ ନାହିଁ ବୋଲି ନିଜେ କମିଟମେଣ୍ଟ କରନ୍ତୁ। କୌଣସି ଭୁଲ୍‌କୁ ଯଦି ବାରମ୍ବାର କରନ୍ତି ତେବେ ତାହା ଜାଣି ଜାଣି କରିବା ଭଳି ମନେହେବ ଓ ସାଥୀଙ୍କର ବିଶ୍ୱାସ ରହିବ ନାହିଁ।

**କଥା ହୁଅନ୍ତୁ:** ସବୁ ବିଷୟରେ ଖୋଲାଖୋଲି କଥାହେବା ହିଁ ସମ୍ପର୍କକୁ ମଜଭୁତ କରିଥାଏ। ତେଣୁ କୌଣସି ପ୍ରକାର ଚିନ୍ତା କିମ୍ବା ଅନୁଶୋଚନା ସମ୍ପର୍କରେ ଖୋଲାଖୋଲି କଥା ହେବା ଜରୁରୀ। ଯଦି କୌଣସି କାରଣରୁ ସାମ୍ନାରେ କହିବା ପାଇଁ ସୁଯୋଗ ମିଳୁନାହିଁ ତେବେ କଥା କହିବାର ବିଭିନ୍ନ ମାଧ୍ୟମକୁ ଆପଣାଇ ହେବ। ଏଥିପାଇଁ ଫୋନ୍ , ମେସେଜ୍, ଇମେଲ୍ କିମ୍ବା ଚିଠି ମାଧ୍ୟମରେ ବି କଥା କହିହେବ। ତେବେ ସାଥୀଙ୍କୁ କେଉଁ ମାଧ୍ୟମରେ କହିଲେ ଅଧିକ ଭଲ ଲାଗିବ ତାହା ନିଜେ ଅନୁଭବ କରିବାକୁ ହେବ। ପରିସ୍ଥିତି ଅନୁସାରେ ହିଁ ଏହି ନିଷ୍ପତ୍ତି ନିଅନ୍ତୁ। ଆପଣଙ୍କର ଏହି ପଦକ୍ଷେପ ସାଥୀଙ୍କୁ ନିଶ୍ଚୟ ଭଲ ଲାଗିବ ଓ ତାଙ୍କର ବିଶ୍ୱାସ ମଧ୍ୟ ରହିବ।

**ଚିନ୍ତା ଅନୁଶୋଚନା:** ନିଜର କୌଣସି ପ୍ରକାର ଚିନ୍ତା ବା ଅସୁବିଧା ଥିଲେ ତାହା ମଧ୍ୟ ନିଃସଙ୍କୋଚରେ ସାଥୀଙ୍କ ଆଗରେ ପ୍ରକାଶ କରନ୍ତୁ। ଏହା ତାଙ୍କୁ ବହୁତ ଭଲ ଲାଗିବ ଓ ତାଙ୍କ ଉପରେ ଆପଣ ବିଶ୍ୱାସ କରିପାରୁଛନ୍ତି ବୋଲି ସେ ଅନୁଭବ କରିପାରିବେ। ଆପଣ ତାଙ୍କ ଉପରେ ଭରସା କରିପାରୁଛନ୍ତି ବୋଲି ସାଥୀ ଅନୁଭବ କରିପାରିଲେ ତାଙ୍କର ମଧ୍ୟ ବିଶ୍ୱାସ ବଢ଼ିବ। ତେଣୁ ସବୁ କ୍ଷେତ୍ରରେ ଏସବୁ ଛୋଟ ଛୋଟ କଥାକୁ ଦୃଷ୍ଟିଦେଇପାରିଲେ ତାହା ଏକ ସୁନ୍ଦର ସମ୍ପର୍କ ଗଢ଼ିତୋଳିବାରେ ସାହାଯ୍ୟ କରିବ।







## ଏମାନେ କ'ଣ କରନ୍ତି...

### କଥାବାର୍ତ୍ତା ହୁଏ



ଘରେ ସମସ୍ତଙ୍କ ମନ ବୁଝି ସବୁ କାମ କରେ। ସ୍ୱାମୀଙ୍କ ସହ ସବୁ କଥା ଶେୟାରକରେ। କାହାକୁ କେଉଁ କଥା କହିବା ଦରକାର ସେନେଇ ବିଚାରକରି କଥା କହେ। ଘରେ କାହାର ମନ ଦୁଃଖ ଥିଲେ ଏକୁଟିଆ ତାଙ୍କ ସହ କଥା ହୁଏ। ଯଦି କିଛି ସମସ୍ୟା ଥାଏ ତେବେ ମୋ ଦ୍ୱାରା ସମ୍ଭବ ହେଲେ ସଜାଡ଼ିବା ପାଇଁ ବି ଚେଷ୍ଟାକରେ। କିନ୍ତୁ ସବୁ ଭଲ ମନ୍ଦ ବିଷୟରେ ସ୍ୱାମୀଙ୍କ ସହ କଥା ହୁଏ। ଯଦି ତାଙ୍କ ପାଖରେ ସମୟ ନ ଥାଏ ତେବେ ଏସ୍‌ଏମ୍‌ଏସ୍ କରି ନଚେତ୍ ଫୋନ୍ କରି କଥା ହୁଏ। ସବୁ ପରିବାରରେ ପରସ୍ପର ଉପରେ ବିଶ୍ୱାସ ରହିବା ଦରକାର।

*-ଲକ୍ଷ୍ମୀପ୍ରିୟା ନାୟକ, ଗୃହିଣୀ, ଭିଏସଏସନଗର, ଭୁବନେଶ୍ୱର*

### ଭଲପାଇବା ଦରକାର



ବାହାଘର ପରେ ମୋ ଶାଶୁଙ୍କ ମନ ଜିଣିବା ପାଇଁ ମତେ ଅନେକ ଦିନ ଲାଗିଥିଲା। ମୋର ବହୁତ କାମ ଭୁଲ୍‌ଭାଲ୍ ହୋଇଯାଉଥିଲା। ତାଙ୍କ ଘରେ କାହା ପାଇଁ କ'ଣ କରିବାକୁ ହେବ କେମିତି କଥା ହେବାକୁ ପଡ଼ିବ ଏସବୁ ଜାଣିବା ପାଇଁ ମତେ ଟିକେ ସମୟ ଲାଗିଥିଲା, ହେଲେ ଏବେ ସବୁ ଠିକ୍ ହୋଇଯାଇଛି। ମୋ ମତରେ ମନରେ ପବିତ୍ର ଭାବନା ଆଉ ଭଲପାଇବା ଥିଲେ ସବୁ କାମ ଠିକ୍ ହୋଇପାରିବ। ତା'ଛଡ଼ା ପରିବାର ପାଇଁ କିଛିଟା ତ୍ୟାଗକରିବାକୁ ତ ହେବ। ଆଉ ସମସ୍ତଙ୍କ ଭଲପାଇବା ମିଳିଲେ ବିଶ୍ୱାସ ବି ଆପେ ବଢ଼ିଯିବ।

*-ସୁରଶ୍ରୀ ପ୍ରିୟଦର୍ଶନୀ, ଗୃହିଣୀ, ସିଡିଏ, କଟକ*

ସୌନ୍ଦର୍ଯ୍ୟ

# ମୁଗଡ଼ାଲି ଫେସ୍ ପ୍ୟାକ୍

**ତ୍ୱଚାକୁ ଉଜ୍ଜ୍ୱଳ କରିବା ପାଇଁ ବିଭିନ୍ନ ପ୍ରକାରର ଫେସ୍ ପ୍ୟାକ୍ ବ୍ୟବହାର କରାଯାଏ। ତେବେ ମୁଗ ଡାଲିକୁ ବ୍ୟବହାର କରି ବେଶ୍ ସହଜରେ ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରି ହେବ।**



- ମୁଗ ଡାଲିକୁ ରାତି ସାରା ଭିଜାଇ ସକାଳୁ ଏହାର ପେଷ୍ଟ ତିଆରି କରି ଦିଅନ୍ତୁ। ଏହି ପେଷ୍ଟରେ କିଛି ବାଦାମ ତେଲ ଓ ମହୁ ମିଶାଇ ମୁହଁରେ ଲଗାନ୍ତୁ। ପ୍ରାୟ ୨୦ ମିନିଟ୍ ପରେ ମୁହଁକୁ ଖାଲି ପାଣିରେ ଧୋଇ ଦିଅନ୍ତୁ।
- ମୁଗ ଡାଲିକୁ ରାତି ସାରା କଞ୍ଚା କ୍ଷୀରରେ ଭିଜାଇ ରଖନ୍ତୁ। ସକାଳୁ ଏହାର ପେଷ୍ଟ ତିଆରି କରି ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ।
- ୪ ଚାମଚ ମୁଗକୁ ରାତି ସାରା ଭିଜାଇ ତା'ର ପେଷ୍ଟ ତିଆରି କରନ୍ତୁ। ସେଥିରେ କମଳା ଚୋପାର ଗୁଣ୍ଡ ୨ ଚାମଚ ଏବଂ ୨ ଚାମଚ ଚନ୍ଦନ ପାଉଡର ମିଶାଇ ସ୍କ୍ରବ୍ ତିଆରି କରି ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ା ହୋଇଗଲେ ଏଥିରେ କିଛି କ୍ଷୀର ମିଶାନ୍ତୁ। ଏହାକୁ ଅତି କମରେ ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ସ୍କ୍ରବ କରି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ବାରମ୍ବାର ଏପରି ସ୍କ୍ରବ କରିବା ଫଳରେ ମୁହଁରେ ଥିବା ଅନାବଶ୍ୟକ ଲୋମ ସବୁ ବାହାରି ଯାଇଥାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।
- ମୁଗ ଡାଲିର ପେଷ୍ଟରେ ଦହି ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ମୁଗ ଡାଲିର ପେଷ୍ଟରେ ୨ ଚାମଚ ଘିଅ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ପ୍ରତିଦିନ ଏଭଳି ପେଷ୍ଟ ତିଆରି କରି ଲଗାଇବା ଫଳରେ ମୁହଁରେ ଥିବା ବ୍ରଣ ସମସ୍ୟା ରହି ନ ଥାଏ ଓ କିଛି ଦିନ ପରେ ତ୍ୱଚା କୋମଳ ତଥା ସୁନ୍ଦର ହୋଇଥାଏ।



# ଖାଦ୍ୟରୁଚି // ମସ୍‌ରୁମ୍ କୋଫ୍‌ତା କରି

**ଆବଶ୍ୟକ ସାମଗ୍ରୀ**

ଛତୁ (ମସ୍‌ରୁମ୍)- ୨ ରୁ ୩ କପ୍, ବେସନ-୧ କପ୍, ଅଦା- ଖଣ୍ଡେ, କଞ୍ଚାଲଙ୍କା- ୨ଟି, ଲଙ୍କାଗୁଣ୍ଡ-୧ ଚାମଚ, ଧନିଆଗୁଣ୍ଡ- ୧ ଚାମଚ, ଟମାଟୋ- ୨ଟି, ଜିରା- ଅଧା ଚାମଚ, ତେଜପତ୍ର- ଅଳ୍ପ, କ୍ରିମ୍- ଅଧା କପ୍, ଆବଶ୍ୟକ ଅନୁସାରେ ତେଲ, ଲୁଣ ଓ ହଳଦୀ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ମସ୍‌ରୁମ୍‌କୁ ଭଲଭାବେ ଧୋଇ ଛୋଟ ଛୋଟ ଖଣ୍ଡକରି କାଟିରଖନ୍ତୁ। ଅଦାକୁ ପେଷ୍ଟକରି ରଖନ୍ତୁ। କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ। ସେଥିରେ ୨ ଚାମଚ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଅଦା ପେଷ୍ଟ ଓ କଞ୍ଚାଲଙ୍କା ପକାଇ କଷନ୍ତୁ। କିଛି ସମୟ ପରେ ସେଥିରେ ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ ଓ ହଳଦୀ ପକାନ୍ତୁ। ଏହି ମସଲା ଭଲଭାବେ କଷିହୋଇଗଲେ ସେଥିରେ ଛତୁ ପକାନ୍ତୁ। କମ୍ ଆଞ୍ଚରେ ଏହାକୁ କିଛି ସମୟ ଭାଜିବା ପରେ ତଳକୁ ଓହ୍ଲାଇ ଦିଅନ୍ତୁ। ଥଣ୍ଡା ହେବା ପରେ ସେଥିରେ ବେସନ ଓ ଲୁଣ ମିଶାଇ ଚକଟି ଛୋଟ ଛୋଟ ଗୁଳା କରି ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମକରି ଏହାକୁ ଛାଣିନିଅନ୍ତୁ। ବର୍ତ୍ତମାନ ଟମାଟୋରେ ଖଣ୍ଡେ ଅଦା ଓ କଞ୍ଚାଲଙ୍କା ପକାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। କଡ଼େଇରେ ୨ ଚାମଚ ତେଲ ପକାଇ ସେଥିରେ ତେଜପତ୍ର ଓ ଜିରା ପକାନ୍ତୁ। ଏହାପରେ ମସଲା ପକାଇ ସେଥିରେ ଲଙ୍କାଗୁଣ୍ଡ, ହଳଦୀ, ଧନିଆ ଗୁଣ୍ଡପକାନ୍ତୁ। ମସଲା କଷି ହୋଇଗଲେ ସେଥିରେ ପାଣି ଦେଇ ଫୁଟାନ୍ତୁ। ଗ୍ରେଭି ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛତୁ କୋଫ୍‌ତାଗୁଡ଼ିକୁ ପକାନ୍ତୁ। ଏହାପରେ ଆଉ କିଛି ସମୟ ଫୁଟାଇ ଓହ୍ଲାଇ ଦିଅନ୍ତୁ।



# ଦ୍ୱିତୀୟ ଦିବସରେ ବଲାଙ୍ଗୀରର ସ୍ୱର୍ଣ୍ଣ ସୁଇପ୍



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ରାଜ୍ୟ ଲନ୍‌ବଲ୍**

ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ ସେଣ୍ଟରରେ ଚାଲିଥିବା ଓଡ଼ିଶା ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତାରେ ବଲାଙ୍ଗୀରର ପ୍ରାଧାନ୍ୟ ଜାରି ରହିଛି। ସୋମବାର ଦ୍ୱିତୀୟ ଦିବସରେ ଶେଷ ହୋଇଥିବା ୫ଟି ଇଭେଣ୍ଟରୁ ୫ଟି ଯାକ ସ୍ୱର୍ଣ୍ଣ ପଦକ ବଲାଙ୍ଗୀର ଜିଲାର ଖେଳାଳିମାନେ ପୋଛି ନେଇଛନ୍ତି। ଢେଙ୍କାନାଳ ୨ ରୌପ୍ୟ ଜିତି ଦ୍ୱିତୀୟ ସ୍ଥାନରେ ଏବଂ ସମ୍ବଲପୁର ୩ଟି ବ୍ରୋଞ୍ଜ ପଦକ ଜିତି ତୃତୀୟ ଶ୍ରେଷ୍ଠ ଦଳ ହୋଇଛି। ମଙ୍ଗଳବାର ଆଉ ୫ଟି ଇଭେଣ୍ଟର ଫାଇନାଲ୍ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସରେ ବଲାଙ୍ଗୀରର ଶ୍ୱେତଲାନା ବକ୍ସି, ଢେଙ୍କାନାଳର ରୋନାଲି ସାହୁ, ବଲାଙ୍ଗୀର କ୍ଲବର ସାଇନା ନାଏକ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ଫୋର୍‌ସରେ ବଲାଙ୍ଗୀର (ପଦ୍ମାସିନୀ ପୁଟେଲ୍, ବିଷ୍ଣୁପ୍ରିୟା ବହିଦାର, ରାଜେଶ୍ୱରୀ ସେଠ୍, ରୋଶନୀ ସାହୁ) ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଢେଙ୍କାନାଳ ପାଇଁ ହିମାଦ୍ରୀ ତନୟା ବାର୍ଗେ, ବେଷ୍ଟୋ ନନ୍ଦା ରଥ, ଶ୍ରାବଣୀ ସେଠୀ, ଶିବାନୀ ବେହେରା ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଚିନ୍ମୟୀ ମିଶ୍ର, ସାଇସରଣ୍ୟା ଦୋରା, ସୁଶ୍ରୀ ସ୍ୱପ୍ନଜା ପଣ୍ଡା, ଶ୍ରୀମନ୍ତିନୀ ମୁଣ୍ଡାଙ୍କୁ ନେଇ ଗଠିତ ସମ୍ବଲପୁର ଦଳ ବ୍ରୋଞ୍ଜ ପଦକ ପାଇଥିଲା। ପୁରୁଷ ପେୟାର୍ସରେ ବଲାଙ୍ଗୀର କ୍ଲବ୍ (ସିଦ୍ଧାର୍ଥ ଆର୍ଯ୍ୟନ ସାହୁ, ସୁଜ୍ଞାନେନ୍ଦ୍ର ଷଡ଼ଙ୍ଗୀ) ଓ ବଲାଙ୍ଗୀର ଜିଲା (କୈଳାସ ମାଝୀ, ସୌରଭ ରଞ୍ଜନ ମହାରଣା) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବାବେଳେ ଜେଏସ୍‌ଏମ୍ କ୍ଲବ୍ (ଅଜୟ ସାହୁ, ମହମ୍ମଦ ସାହିଲ) ବ୍ରୋଞ୍ଜ ପଦକ ସହ ବଲାଙ୍ଗୀର ପାଇଁ ଏହି ଇଭେଣ୍ଟରେ କ୍ଲିନ୍ ସୁଇପ୍ କରିଛନ୍ତି। ପୁରୁଷ ଟ୍ରିପଲରେ ବଲାଙ୍ଗୀର (ନରସିଂହ ରାଣା, ଦିନେଶ କୁମାର ମହାନନ୍ଦ, ପ୍ରମୋଦ ପୁଟେଲ୍), ବଲାଙ୍ଗୀର କ୍ଲବ୍ (ଆୟୁଷ୍ମାନ ବାଗ, ସୋଭିତ କୁମାର ସାହୁ, ସୁକାନ୍ତ ସେଠ୍) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛି। ବ୍ରୋଞ୍ଜ ପଦକ ପାଇଛି ସମ୍ବଲପୁର ଦଳ (ବିଜୟ କୁମାର ଦୋରା, ତନ୍ମୟ କୁମାର ସମ୍ପଦ, ସନ୍ଦୀପ କୁମାର ସାହାଣୀ)। ବାଳକ ସିଙ୍ଗଲ୍ସରେ ବଲାଙ୍ଗୀରର ଅଙ୍କିତ ନାଏକ, ବଲାଙ୍ଗୀର କ୍ଲବର ବାବୁଲା ଗଡ଼ତିଆ, ସମ୍ବଲପୁରର ସାଇ ପ୍ରୀତମ ପଟ୍ଟନାୟକ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ଜିତିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଏସ୍‌ଡି ଧୀରଜ ପଟ୍ଟନାୟକ, ଓଡ଼ିଶା ହକି ସଂଘ ସମ୍ପାଦକ ସନାତନ ସାହୁ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଛନ୍ତି।

## ଗ୍ରୀଜମ୍ୟାନଙ୍କ ଅବସର

ପ୍ୟାରିସ୍,୩୦।୯(ପି.ଟି.): ଫ୍ରାନ୍ସ ଫୁଟବଲ ଦଳର ଫରୱାର୍ଡ ଖେଳାଳି ଆଣ୍ଟୋନିଓ ଗ୍ରୀଜମ୍ୟାନ ସୋମବାର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟ ଗ୍ରୀଜମ୍ୟାନ୍ ଫ୍ରାନ୍ସ ପକ୍ଷରୁ ୧୩୭ ମ୍ୟାଚ୍ ଖେଳି ୪୪ ଗୋଲ ସ୍କୋର କରିଛନ୍ତି। ଜଣେ ଫରୱାର୍ଡ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଆଟାକିଂ ମିଡଫିଲ୍ଡର ଭୂମିକାରେ ଗ୍ରୀଜମ୍ୟାନଙ୍କୁ ଦେଖିବାକୁ ମିଳିଥିଲା। ବିଶ୍ୱର ଅନ୍ୟତମ ପ୍ରତିଭାବାନ ଫରୱାର୍ଡ କୋଚ୍ ଡିଡିଏର ଡେସଚାମ୍ପଙ୍କ



ପରାମର୍ଶ କ୍ରମେ ମିଡଫିଲ୍ଡରେ ଖେଳିବା ସହ ଆସିଷ୍ଟ କରୁଥିଲେ। ଅଲିଭର ଜିରୁଡ୍, ଥିଏରୀ ହେନରୀ ଓ କିଲିଆନ୍ ଏମ୍‌ବାପେଙ୍କୁ ସୁଯୋଗ ଦେବା ପାଇଁ ଗ୍ରୀଜମ୍ୟାନଙ୍କୁ ଫରୱାର୍ଡ ପୋଜିଶନ ଖାଲି କରିବାକୁ ପଡିଥିଲା। ୨୦୧୮ ବିଶ୍ୱକପ ବିଜୟୀ ଫ୍ରାନ୍ସ ଦଳର ସେ ସଦସ୍ୟ ରହିଥିଲେ। ସୋମବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଅବସର ସମ୍ପର୍କରେ ସୂଚନା ଦେଇଥିଲେ ଗ୍ରୀଜମ୍ୟାନ। ଦୀର୍ଘ ୧୦ ବର୍ଷ ଧରି ଜାତୀୟ ଦଳର ସଦସ୍ୟ ଭାବରେ ସେବା କରିଛି। ଏମିତି ଅଭୂତପୂର୍ବ ସମ୍ମାନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ସେ କ୍ଲବ୍ ଫୁଟବଲ ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି।

## ଓଡ଼ିଶାରେ ହେବ ଜାତୀୟ ସିନିୟର କବାଡ଼ି

ଭୁବନେଶ୍ୱର, ୩୦।୯ (ସରୋଜ ଜେନା): ଓଡ଼ିଶାରେ ୭୧ ତମ ସିନିୟର ଜାତୀୟ କବାଡି ଚାମ୍ପିୟନଶିପ୍ ଆୟୋଜନ ହେବ। ସୋମବାର ବାରବାଟୀ ଷ୍ଟାଡିୟମରେ ରାଜ୍ୟ କବାଡି ସଂଘ ସାଧାରଣ ପରିଷଦ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। କଟକର ଜବାହର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୦୨୫ ଫେବୃଆରୀ ୨୦ରୁ ୨୩ ଯାଏ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥି ନିମନ୍ତେ ୧.୦୫ କୋଟି ଟଙ୍କାର ବ୍ୟୟ ଅଟକଳ ମଧ୍ୟ କରାଯାଇଛି। ସାଧାରଣ ପରିଷଦ ବୈଠକରେ ସଭାପତି ଶରତ କୁମାର ସାହୁଙ୍କ ସ୍ୱାସ୍ଥ୍ୟଗତ କାରଣ ଦୃଷ୍ଟିରୁ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଜୟ କୁମାର ବେହେରା ବିବରଣୀ ପାଠ କରିବା ସହ ଆସନ୍ତା ବର୍ଷ ପାଇଁ ପ୍ରସ୍ତୁତ ୯ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରୀ ମିଳିଥିଲା। ନଭେମ୍ବର ୧୪ରୁ ୧୭ ମଧ୍ୟରେ ୭୨ ତମ ଆନ୍ତଃଜିଲା ସିନିୟର ପୁରୁଷ ଓ ମହିଳା କବାଡି ଟୁର୍ନାମେଣ୍ଟ ଆସିକାରେ ହେବ।

## କ୍ୟାପିଟାଲ୍ସ-ଟାଇଗର୍ସ ମ୍ୟାଚ୍ ବାତିଲ




**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

ସୁରଟ,୩୦।୯

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ସୁରଟ ସଂସ୍କରଣରେ କ୍ରମାଗତ ଚତୁର୍ଥ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଯାଇଛି। ସୋମବାର ଇଣ୍ଡିଆ କ୍ୟାପିଟାଲ୍ସ ଓ ମଣିପାଲ ଟାଇଗର୍ସ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଛି। ଲଗାଣ ବର୍ଷା କାରଣରୁ ଆଉଟଫିଲ୍ଡ ଓଦା ଥିବା କାରଣରୁ ମ୍ୟାଚ୍ ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଇଣ୍ଡିଆ କ୍ୟାପିଟାଲ୍ସ ୪ ମ୍ୟାଚ୍‌ରୁ ୧ ବିଜୟ ସହ ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ଥିବା ବେଳେ ମଣିପାଲ ୩ ମ୍ୟାଚରୁ ୨ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି। ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ସଦର୍ନ ସୁପରଷ୍ଟାର୍ସ ୩ ମ୍ୟାଚ୍‌ରୁ ୩ ବିଜୟ ସହ ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ୩ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି।

# ଭାରତୀୟ ଦଳର ଗସ୍ତ ନେଇ ନିଷ୍ପତ୍ତି ନେବେ ସରକାର

**ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ**

କାନପୁର, ୩୦।୯ (ପି.ଟି.)

ଆସନ୍ତା ବର୍ଷ ପାକିସ୍ତାନରେ ହେବାକୁଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରିବା ଲାଗି ଜାତୀୟ କ୍ରିକେଟ ଦଳ ପାକିସ୍ତାନ ଗସ୍ତ କରିବ କି ନା ତାହା ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପସଭାପତି ରାଜୀବ ଶୁକ୍ଲା ପ୍ରକାଶ କରିଛନ୍ତି। ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟ ପାକିସ୍ତାନରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ଲା ଏଠାରେ ଖବରଦାତାମାନଙ୍କୁ କହିଛନ୍ତି, କୌଣସି ଅନ୍ତର୍ଜାତୀୟ ଟୁର୍ ପାଇଁ ଆମେ ସରକାରଙ୍କଠାରୁ ଅନୁମତି ନେଇଥାଉ। କୌଣସି ଦେଶକୁ ଆମ ଦଳ ଗସ୍ତ କରିବ କି ନା ସେ ସମ୍ପର୍କରେ ସରକାର ନିଷ୍ପତ୍ତି ନେଇଥାନ୍ତି। ସୂଚନାଯୋଗ୍ୟ, ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୧୫୦ ଲୋକ ନିହତ ହେବାପରଠାରୁ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ବନ୍ଦ ରହିଛି। କେବଳ ଆଇସିସି ଇଭେଣ୍ଟଗୁଡ଼ିକରେ ଦୁଇ ଦେଶ ପରସ୍ପର ସହିତ ଖେଳୁଛନ୍ତି। ପାକିସ୍ତାନ ଦୀର୍ଘ ୭ ବର୍ଷ ବ୍ୟବଧାନରେ ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳିବା ଲାଗି ଭାରତ ଆସିଥିଲା ପାକିସ୍ତାନ। ଭାରତ ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ପାକିସ୍ତାନ ଯାଇ ନ ପାରେ ବୋଲି ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପାକିସ୍ତାନରେ ଟୁର୍ନାମେଣ୍ଟ ଆୟୋଜନ ନ କରି ଏହାକୁ ଶ୍ରୀଲଙ୍କା କିମ୍ବା ଦୁବାଇକୁ ସ୍ଥାନାନ୍ତର କରିବା ଲାଗି ବିସିସିଆଇ ହୁଏତ ପାକିସ୍ତାନକୁ ଅନୁରୋଧ କରିପାରେ।


**GANGADHAR MEHER UNIVERSITY**
AMRUTA VIHAR, SAMBALPUR (ODISHA)- 768004
Letter No.4298/GMU Date-30.09.2024

**WALK-IN-INTERVIEW**
**For empanelment of Contractual faculty and Guest faculty**

Interested eligible candidates are invited to attend **Walk-In-Interview at 10.00 AM on dt.07.10.2024** for empanelment of Contractual faculty and Guest faculty. Please visit the University website **www.gmuniversity.ac.in** for details.

**Sd./- Registrar**





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ